# ସକାଳ
THE SAKALA

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-329 ◆THURSDAY ◆28 MAY 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୩୨୯ ◆ଗୁରୁବାର ◆୨୮ ମେ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




କ୍ରିସ୍ ଗେଲଙ୍କୁ ଟପିଲେ ସୂର୍ଯ୍ୟବଂଶୀ

▶ପୃଷ୍ଠା-୧୨ ଦେଖନ୍ତୁ...

# ଆଶ୍ୱସ୍ତି

## ଅବରୋଧ ହଟାଇବ ଆମେରିକା
## ଇରାନ ଖୋଲିବ ହର୍ମୁଜ ପ୍ରଣାଳୀ

■ତେହେରାନ, ୨୭।୫ (ଏଜେନ୍ସି): ଇରାନ ଉପରେ ଆମେରିକା ଓ ଇସ୍ରାଏଲ୍‌ର ମିଳିତ ଆକ୍ରମଣ ସାରା ବିଶ୍ୱକୁ ପ୍ରଭାବିତ କରିଛି। ଗତ ୧୨ ସପ୍ତାହରୁ ଊର୍ଦ୍ଧ୍ୱକାଳ ଧରି ଚାଲିଥିବା ଯୁଦ୍ଧ ବିଶ୍ୱରେ ତୈଳ ସଙ୍କଟ ସୃଷ୍ଟି କରିଛି। ଏହି ସମୟରେ ଆମେରିକା ହର୍ମୁଜ ଅବରୋଧ ହଟାଇବାକୁ ସମ୍ମତ ହୋଇଛି ଓ ଇରାନ ମଧ୍ୟ ହର୍ମୁଜରେ ଅନ୍ୟ ଦେଶର ଜାହାଜର ଯାତ୍ରାକୁ ସ୍ୱାଭାବିକ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ରାଜି ହୋଇଛି ବୋଲି ସୂଚନା ମିଳିଛି।

ଇରାନ ସରକାରୀ ଟିଭିର ସୂଚନା ଅନୁସାରେ ଆମେରିକା ଓ ଇରାନ ମଧ୍ୟରେ ଏକ ନୂତନ ବୁଝାମଣାପତ୍ରର ଖସଡ଼ା ପ୍ରସ୍ତୁତ ହୋଇଛି। ଏହି ବୁଝାମଣା ଅନୁଯାୟୀ ଆମେରିକା ହର୍ମୁଜ ବାହାରେ କରିଥିବା ନୌସେନା ଅବରୋଧ ହଟାଇବ ଓ ଇରାନ ମଧ୍ୟ ହର୍ମୁଜ ବାଟ ଦେଇ ଅନ୍ୟ ଦେଶର




ଜାହାଜ ଚଳାଚଳ କ୍ଷେତ୍ରରେ ବାଧା ସୃଷ୍ଟି କରିବ ନାହିଁ ବୋଲି ସମ୍ମତ ହୋଇଛନ୍ତି। ପରିଣତି ସ୍ୱରୂପ ଏହି ପଥ ଦେଇ ବାଣିଜ୍ୟିକ ଜାହାଜ ଚଳାଚଳ ପୁନଃ ଆରମ୍ଭ ହେବା ରାସ୍ତା ସଫା ହୋଇଛି। ଏହି ସୂଚନା ଅନୁସାରେ ଆଗାମୀ ଏକ ମାସ ମଧ୍ୟରେ ହର୍ମୁଜ୍ ସମୁଦ୍ରପଥରେ ପୁରୁଣା ପରି ସାଧାରଣ ଜାହାଜ ଚଳାଚଳ ଆରମ୍ଭ ହେବ। ତେବେ ଏହି ଚୁକ୍ତିକୁ ନେଇ ଏପର୍ଯ୍ୟନ୍ତ ଆମେରିକା ପକ୍ଷରୁ କୌଣସି ଔପଚାରିକ ଘୋଷଣା ହୋଇନାହିଁ। ସମ୍ଭାବ୍ୟ ଚୁକ୍ତି ସୂଚନା ମିଳିବା ପରେ ବିଶ୍ୱ ବଜାରରେ ତେଲ ଦର ହ୍ରାସ ପାଇବା ଆରମ୍ଭ ହୋଇଛି ଓ ବିଶ୍ୱ ବଜାରରେ ମଧ୍ୟ ▶ପୃଷ୍ଠା-୭

## ରାଜ୍ୟସଭା ଉପନିର୍ବାଚନ: ଜୁନ୍ ୧୮ ରେ ଭୋଟ୍

**ଜୁନ୍ ୧ ରେ ବିଜ୍ଞପ୍ତି, ୮ ରେ ପ୍ରାର୍ଥିପତ୍ର ଦାଖଲ**

■ଭୁବନେଶ୍ୱର, ୨୭।୫ (ସମିସ): ଓଡ଼ିଶାରେ ଖାଲି ପଡ଼ିଥିବା ଗୋଟିଏ ରାଜ୍ୟସଭା ଆସନରେ ଉପନିର୍ବାଚନ ପାଇଁ ତାରିଖ ଘୋଷଣା କରିଛନ୍ତି ଭାରତୀୟ ନିର୍ବାଚନ ଆୟୋଗ। ସୂଚନା ଅନୁସାରେ, ଉପନିର୍ବାଚନ ବିଜ୍ଞପ୍ତି ଆସନ୍ତା ୧ ତାରିଖରେ ପ୍ରକାଶ ପାଇବ। ଜୁନ୍ ୮ ପ୍ରାର୍ଥିପତ୍ର ଦାଖଲ କରିବାର ଶେଷ ତାରିଖ ଓ ୯ ତାରିଖରେ ପ୍ରାର୍ଥିପତ୍ର ▶ପୃଷ୍ଠା-୭

## ପାରାଦ୍ୱୀପରେ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍‌ର ଶିଳାନ୍ୟାସ

# ଓଡ଼ିଶା ହେବ ଦେଶର ଇସ୍ପାତ ରାଜଧାନୀ: ମୁଖ୍ୟମନ୍ତ୍ରୀ



**୨୦୨୮ ସୁଦ୍ଧା ଉତ୍ପାଦନ ଆରମ୍ଭ**

■ ଭୁବନେଶ୍ୱର/ପାରାଦ୍ୱୀପ/ଏରସମା, ୨୭।୫ (ସମିସ): ଏରସମା ବ୍ଲକ୍ ଅନ୍ତର୍ଗତ ଢିଙ୍କିଆଠାରେ ଜେଏସ୍‌ଡବ୍ଲ୍ୟୁ (ଉତ୍କଳ) ସମନ୍ୱିତ ଇସ୍ପାତ କାରଖାନାର ଶିଳାନ୍ୟାସ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ ଓ ତାଙ୍କର ଜାପାନ ସହଯୋଗୀ କମ୍ପାନୀର ଉପସ୍ଥିତିରେ ଏହି ପ୍ରକଳ୍ପ ପାଇଁ ସବୁ ସରକାରୀ ସହଯୋଗ ଯୋଗାଇ ଦିଆଯିବ ଓ ୨୦୨୮ ସୁଦ୍ଧା ଇସ୍ପାତ ଉତ୍ପାଦନ ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ୨୪ ନିୟୁତ ଟନ୍ ଇସ୍ପାତ ଉତ୍ପାଦନକ୍ଷମ ପ୍ରସ୍ତାବିତ କାରଖାନା ପାଇଁ ଜେଏସ୍‌ଡବ୍ଲ୍ୟୁ ଦୁଇଟି ପର୍ଯ୍ୟାୟରେ ୧ ଲକ୍ଷ ୨୫ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ କରିବ। ଏହା ସହିତ କମ୍ପାନୀପକ୍ଷରୁ ଏଠାରେ ଏକ ସିମେଣ୍ଟ କାରଖାନା ଓ ୯୦୦ ମେଗାୱାଟ କ୍ଷମତାବିଶିଷ୍ଟ ତାପଜ ବିଦ୍ୟୁତ୍ ପ୍ରକଳ୍ପ, ଏକ ସ୍ୱତନ୍ତ୍ର ଜେଟି ନିର୍ମାଣ କରାଯିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କେବଳ ପାରାଦୀପ କିମ୍ବା ଝାରସୁଗୁଡ଼ା ନୁହେଁ, ଢେଙ୍କାନାଳ ଓ କେନ୍ଦୁଝରରେ ମଧ୍ୟ ▶ପୃଷ୍ଠା-୭


SIKSHA 'O' ANUSANDHAN
(DEEMED TO BE UNIVERSITY)

SAAT-2026

Empowering students for a brighter future

LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.B. (H) - 3 Years
- LL.M. - 1 Year

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 10th Best in Law Category
- 15th Best in University Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in



KIIT HIGHER SECONDARY SCHOOL
(Recognised by Government of Odisha and Affiliated to C.H.S.E., Odisha)
A Residential School with Difference ଭିନ୍ନ ଏକ ଅନୁଷ୍ଠାନ - ଭିନ୍ନ ଏକ ପ୍ରତିବଦ୍ଧତା
KIITHSS No.1 SCHOOL OF ODISHA

COUNCIL WINGS
2 yr. full time + 2 Science Programme
2 yr. full time +2 Commerce Programme

ADMISSION OPEN - 2026
for Class XI
+2 Science, Commerce
& 1Yr. Coaching for JEE/NEET
HURRY UP! BOOKING GOING ON

ENTRANCE WINGS
2 yr. Classroom Course (JEE/NEET)
1 yr. Achiever Batch (NEET)

SCHOOL TOPPER
RAJALAXMI NAYAK
KIIT Higher Secondary School XII Class -2026 Marks - 578 (96.33%)
BRIDGEWELL GLOBAL SCHOOL BALIANTA, KHURDA X Class Marks - 561 (93.5%)

PRIYABADINEE M. S. - 577, 96.16%
SURJEET M.S. - 576, 96%
MANEESH M.S. - 575, 95.83%
DEEPTISH M.S. - 574, 95.66
SAMBHIT M.S. - 573, 95.5%
PIYUSH M.S. - 570, 95%
BISWASWARUP M.S. - 565, 94.16%
SHOVANA M.S. - 561, 93.5%
PRATIKSHYA M.S. - 560, 93.33%
PADMASENI M.S. - 558, 93%
SMITASHREE M.S. - 557, 92.83%
SUSHRI PRANGYA M.S. - 556, 92.66%
BISWA PRIYA M.S. - 555, 92.5%
DIBYAJYOTI M.S. - 552, 92%
PRIYADARSANI M.S. - 552, 92%
AMARJYOTI M.S. - 551, 91.83%
SATYANARAYAN M.S. - 549, 91.5%
INKINI IPSITA M.S. - 547, 91.16%
RAKI DHAL M.S. - 547, 91.16%
SK REHAN M.S. - 546, 91%
SUBHASMITA M.S. - 546, 91%
BAISAKHI M.S. - 543, 90.5%
500 marks above 67 students
SCAN ME

NEET Achiever - 2025 (Out of 15 Students)
ARBINDA AIIMS(Kalyani)
SARTHAK VIMSAR(Burla)
JEET JENA SJMC, (Puri)
CHINMAY PRM(Baripada)
SOMESH SRMC(Bhawanipatna)
SUSHREE MARYADA BAMS, Berhampur

JEE Achiever - 2026 (Out of 30 Students)
KSHETRABASI 97.62%ile
SUBHALAXMI 97.03%ile
GOPINATH 94.12%ile
PRIYANKA 93.35%ile
SUMAYA 92.84%ile
TUSHAR 90.95%ile

KIITIANS IN CHSE RESULT-2026
Appeared - 234
1st Div. - 214, 2nd Div. - 12, Result - 97%, 90% above - 23
percentage of 1st Div. - 92%, Highest mark - 578
Students intake for XI - 384
Scholarship to the students on merit cum poverty basis

Visit us at: Kiit Science College, Campus - 8, KIIT, Patia, Bbubaneswar - 24
www.kiitsciencecollege.org, Contact : (Office) 9937133765, 9238592800, 9556383366 (24x7)

# କେରଳ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟନଙ୍କ ଘରେ ଇଡି ଚଢ଼ଉ

ନୂଆଦିଲ୍ଲୀ, ୨୭ ।୫(ଏଜେନ୍ସି): କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନଙ୍କ ବାସଭବନ ସମେତ ଅନ୍ୟ କେତେକ ସ୍ଥାନରେ ବୁଧବାର ଦିନ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ବ୍ୟାପକ ଚଢ଼ଉ କରାଯାଇଛି। ଏକ ପ୍ରତିଷ୍ଠିତ କମ୍ପାନୀ ସହ ଜଡ଼ିତ ଅର୍ଥ ହେରଫେର ମାମଲାର ଚଳିତ ତଦନ୍ତ ପ୍ରକ୍ରିୟାରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କେରଳର ରାଜଧାନୀରେ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଭଡ଼ା ଘର ସମେତ ରାଜ୍ୟର ପ୍ରାୟ ୧୦ଟି ସ୍ଥାନରେ ଏହି ଚଢ଼ଉ ଜାରି ରହିଛି। 'କୋଚିନ୍ ମିନେରାଲ୍ସ ଆଣ୍ଡ ରୁଟାଇଲ୍ ଲିମିଟେଡ୍' (ସିଏମଆରଏଲ) ନାମକ ଏକ ବେସରକାରୀ ସଂସ୍ଥା ପକ୍ଷରୁ ବିଜୟନଙ୍କ କନ୍ୟା ଟି. ବୀଣାଙ୍କ ମାଲିକାନାରେ ଥିବା ଆଇଟି କମ୍ପାନୀ 'ଏକ୍ସାଲୋଜିକ୍ ସଲ୍ୟୁସନ୍ସ'କୁ ୨୦୧୮ ରୁ ୨୦୧୯ ମସିହା ମଧ୍ୟରେ ବେଆଇନ ଭାବେ ୧.୭୨ କୋଟି ଟଙ୍କା ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଛି। ଆଇଟି କମ୍ପାନୀ ପକ୍ଷରୁ କୌଣସି ସେବା ଯୋଗାଇ ଦିଆଯାଇ ନଥିଲେ ମଧ୍ୟ ଏହି ବିପୁଳ ପରିମାଣର ଅର୍ଥ ଦିଆଯାଇଥିବାରୁ ଏହା ଏବେ କେନ୍ଦ୍ରୀୟ ସଂସ୍ଥାର ଯାଞ୍ଚ ପରିସରଭୁକ୍ତ ହୋଇଛି। ଏହି ଚଢ଼ଉର ମାତ୍ର ଦିନକ ପୂର୍ବରୁ ଅର୍ଥାତ୍ ମଙ୍ଗଳବାର ଦିନ କେରଳ ହାଇକୋର୍ଟ ସମ୍ପୃକ୍ତ କମ୍ପାନୀ (ସିଏମଆରଏଲ) ପକ୍ଷରୁ ଦାୟର କରାଯାଇଥିବା ଏକ ଆବେଦନକୁ ଖାରଜ କରିଦେଇଥିଲେ। ଇଡି ପକ୍ଷରୁ ଆରମ୍ଭ ହୋଇଥିବା ଏହି ଆଇନଗତ କାର୍ଯ୍ୟାନୁଷ୍ଠାନକୁ ରଦ୍ଦ କରିବା ପାଇଁ କମ୍ପାନୀ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲା। ୨୦୨୪ ମସିହାରେ ଏହି ମାମଲା ରୁଜୁ ହେବା ପରେ ଏବେ ଏହି ତଦନ୍ତ ପ୍ରକ୍ରିୟା ଜୋରଦାର ହୋଇଛି।

# ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲା: ଗିରଫ ସଂଖ୍ୟା ୧୩କୁ ବୃଦ୍ଧି

ନୂଆଦିଲ୍ଲୀ, ୨୭ ।୫(ଏଜେନ୍ସି): ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ବୁଧବାର ଦିନ ଆଉ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହାକୁ ମିଶାଇ ଏହି ମାମଲାରେ ଗିରଫ ସଂଖ୍ୟା ୧୩ରେ ପହଞ୍ଚିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଲାଟୁରର ଜଣେ ଡାକ୍ତର ମନୋଜ ଶିରୁରେ ଏବଂ ପୁଣେର ଏକ କୋଚିଂ ସେଣ୍ଟରର ପଦାର୍ଥ ବିଜ୍ଞାନ ଶିକ୍ଷକ ତେଜସ ହର୍ଷଦ କୁମାର ଶାହା ସାମିଲ ଅଛନ୍ତି। ସେମାନେ ଅନ୍ୟ ଅଭିଯୁକ୍ତମାନଙ୍କଠାରୁ ପ୍ରଶ୍ନପତ୍ର ଆଣି ଛାତ୍ରଛାତ୍ରୀମାନଙ୍କୁ ଯୋଗାଇଥିବା ଅଭିଯୋଗ ହୋଇଛି। ସିବିଆଇ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ୪୯ଟି ସ୍ଥାନରେ ଚଢ଼ାଉ କରାଯାଇ ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ଲାପଟପ୍ ଏବଂ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ତଦନ୍ତରୁ ଜଣାପଡ଼ିଛି ଯେ ଏହି ପ୍ରଶ୍ନପତ୍ର ଲିକ୍ ର୍ୟାକେଟ୍ ପ୍ରାୟ ୫ଟି ରାଜ୍ୟରେ ବ୍ୟାପିଥିଲା, ଯେଉଁଥିରେ ମହାରାଷ୍ଟ୍ର ଏହାର ମୁଖ୍ୟ କେନ୍ଦ୍ର ପାଲଟିଥିବାବେଳେ ରାଜସ୍ଥାନ ଅନ୍ୟତମ ପ୍ରମୁଖ କେନ୍ଦ୍ର ବୋଲି ଜଣାପଡ଼ିଛି। ବର୍ତ୍ତମାନ ସଂସ୍ଥା ପକ୍ଷରୁ ସେହି ଅଭିଭାବକମାନଙ୍କର ଏକ ତାଲିକା ପ୍ରସ୍ତୁତ କରାଯାଉଛି, ଯେଉଁମାନେ ପ୍ରଶ୍ନପତ୍ର ପାଇଁ ଅଭିଯୁକ୍ତମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପଠାଇଥିଲେ। ଗତ ମଇ ୩ ତାରିଖରେ ଦେଶବିଦେଶର ବିଭିନ୍ନ କେନ୍ଦ୍ରରେ ପ୍ରାୟ ୨୩ ଲକ୍ଷ ଛାତ୍ରଛାତ୍ରୀଙ୍କୁ ନେଇ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ମାତ୍ର ପ୍ରଶ୍ନପତ୍ର ଲିକ୍‌ର ପ୍ରମାଣ ମିଳିବା ପରେ ମେ ୧୨ରେ ପରୀକ୍ଷାକୁ ବାତିଲ କରାଯାଇ ପୁନଃପରୀକ୍ଷା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଜାତୀୟ ପରୀକ୍ଷା ସଂସ୍ଥା (ଏନଟିଏ) ପକ୍ଷରୁ ପରୀକ୍ଷାର୍ଥୀଙ୍କ ପରୀକ୍ଷା ଫି' ଫେରସ୍ତ କରିବା ପାଇଁ ଏକ ସ୍ୱତନ୍ତ୍ର ପୋର୍ଟାଲ୍ ଖୋଲାଯାଇଛି। ଛାତ୍ରଛାତ୍ରୀମାନେ ନିଜର ବ୍ୟାଙ୍କ ଆକାଉଣ୍ଟ ବିବରଣୀ ଦେବା ପାଇଁ ମଇ ୨୨ରୁ ମଇ ୨୭ (ଆଜି) ରାତି ୧୧ଟା ୫୦ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରାଯାଇଛି।

# ୯ ଘଣ୍ଟା ଆକାଶରେ ଉଡ଼ିବା ପରେ ଦିଲ୍ଲୀ ଫେରିଲା ବିମାନ

ନୂଆଦିଲ୍ଲୀ, ୨୭ ।୫(ଏଜେନ୍ସି): ଦିଲ୍ଲୀରୁ ପ୍ରାୟ ୨୫୦ ଯାତ୍ରୀଙ୍କୁ ନେଇ ଆମେରିକାର ସାନ୍ ଫ୍ରାନ୍ସିସ୍କୋ ଯାଉଥିବା ଏୟାର ଇଣ୍ଡିଆର ଏକ ବିମାନ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଆକାଶରେ ପ୍ରାୟ ୯ ଘଣ୍ଟା ଉଡ଼ିବା ପରେ ପୁଣି ଦିଲ୍ଲୀ ଫେରିଆସିଛି। ବିମାନର ମଧ୍ୟ-ଆକାଶ ସଂଘର୍ଷ ଏଡ଼ାଇବା ସୁରକ୍ଷା ପ୍ରଣାଳୀ (ଟିସିଏଏସ୍) ସଠିକ୍ ଭାବେ କାମ କରୁନଥିଲା। ଉତ୍ତର ଆଟଲାଣ୍ଟିକ ମହାସାଗରୀୟ ଅଞ୍ଚଳ ଉପରେ ଏହି ସୁରକ୍ଷା ବ୍ୟବସ୍ଥା ବାଧ୍ୟତାମୂଳକ ହୋଇଥିବାରୁ, ବିମାନଟି ଚୀନ୍ ଉପରେ ଉଡୁଥିବା ସମୟରେ ପାଇଲଟ୍‌ଙ୍କୁ ଦିଲ୍ଲୀ ଫେରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବିମାନଟି ଭୋର ୩:୦୯ ରେ ଉଡ଼ାଣ ଭରି ମଧ୍ୟାହ୍ନ ପରେ ଦିଲ୍ଲୀରେ ସୁରକ୍ଷିତ ଭାବେ ଅବତରଣ କରିଥିଲା। ଏହି ଦୀର୍ଘ ୯ ଘଣ୍ଟାର ଉଡ଼ାଣ ଯୋଗୁଁ ବିପୁଳ ପରିମାଣର ଇନ୍ଧନ ନଷ୍ଟ ହୋଇଛି ଓ ଏହା ଏୟାରଲାଇନ୍ସ ପାଇଁ ଏକ ବଡ଼ ଧକ୍କା ଓ ଆର୍ଥିକ କ୍ଷତି ସାବ୍ୟସ୍ତ ହୋଇଛି। ଏୟାର ଇଣ୍ଡିଆ ପକ୍ଷରୁ କୁହାଯାଇଛି ଯେ ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ଯାତ୍ରୀମାନଙ୍କ ପାଇଁ ବିକଳ୍ପ ବିମାନ, ରହିବା ଏବଂ ଖାଦ୍ୟପେୟର ବ୍ୟବସ୍ଥା କରାଯାଇଛି। ସୂଚନାଯୋଗ୍ୟ ଯେ, ଗତ ଦୁଇ ମାସ ମଧ୍ୟରେ ଏଭଳି ଘଟଣା ଦ୍ୱିତୀୟ ଥର ପାଇଁ ଘଟିଛି। ଏହାପୂର୍ବରୁ ଗତ ମାର୍ଚ୍ଚ ୧୯ ରେ ମଧ୍ୟ ଏକ ବିମାନ ଭୁଲ୍ ଅନୁମତି କାରଣରୁ ୯ ଘଣ୍ଟା ଉଡ଼ିବା ପରେ ଦିଲ୍ଲୀ ଫେରିଥିଲା।

# ଏସ୍‌ଆଇଆର୍‌ରେ ନା କଟିଲେ ବି ଯିବନି ନାଗରିକତ୍ୱ

ନୂଆଦିଲ୍ଲୀ, ୨୭ ।୫(ଏଜେନ୍ସି): ନିର୍ବାଚନ କମିଶନଙ୍କ ଦ୍ୱାରା ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟାକୁ ନେଇ ଦେଶର ସର୍ବୋଚ୍ଚ ଅଦାଲତ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଭୋଟର ତାଲିକାରୁ କାହାର ନାମ ବାଦ୍ ପଡ଼ିଲେ ସେ ଭାରତର ନାଗରିକତ୍ୱ ହରାଇବେ ନାହିଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ଏହି ନିଷ୍ପତ୍ତି ଫଳରେ ନାଗରିକତ୍ୱକୁ ନେଇ ସୃଷ୍ଟି ହୋଇଥିବା ବଡ଼ ବିବାଦ ଉପରେ ବିରାମ ଚିହ୍ନ ଲାଗିଛି। ପ୍ରଧାନ ବିଚାରପତି ଏବଂ ଅନ୍ୟ ଜଣେ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି କହିଛନ୍ତି ଯେ, ଏସ୍‌ଆଇଆର୍ ପ୍ରକ୍ରିୟା କେବଳ ନିର୍ବାଚନରେ ଭାଗ ନେବା ପାଇଁ ଉଦ୍ଦିଷ୍ଟ। ନିର୍ବାଚନ କମିସନ ଭୋଟର ତାଲିକାରୁ କାହାର ନାମ କାଟି ପାରିବେ, ମାତ୍ର ଏହାଦ୍ୱାରା ସେହି ବ୍ୟକ୍ତି ଜଣକ ଭାରତର ନାଗରିକ ନୁହନ୍ତି ବୋଲି ପ୍ରମାଣିତ ହେବ ନାହିଁ। ନିର୍ବାଚନ ସଂସ୍ଥାର ଏହି ଯାଞ୍ଚ ପ୍ରକ୍ରିୟା କେବଳ ଭୋଟର ତାଲିକାର ସଂଶୋଧନ ପାଇଁ ସୀମିତ, ଏହା ନାଗରିକତ୍ୱ ନିର୍ଦ୍ଧାରଣ କରେ ନାହିଁ। ଗତବର୍ଷ ବିହାରରୁ ଆରମ୍ଭ ହୋଇଥିବା ଏହି ଭୋଟର ତାଲିକା ଯାଞ୍ଚ ପ୍ରକ୍ରିୟା ଏବେ ଦେଶର ୧୬ଟି ରାଜ୍ୟ ଏବଂ ୩ଟି କେନ୍ଦ୍ରଶାସିତ ଅଞ୍ଚଳରେ ଚାଲିଛି। ଏହି ପ୍ରକ୍ରିୟାରେ ପୁରୁଣା ଭୋଟର ତାଲିକା ଆଧାରରେ ବଂଶଗତ ସମ୍ପର୍କ ପ୍ରମାଣ କରିବାକୁ କୁହାଯାଉଥିଲା। ଏହାକୁ ନେଇ କିଛି ଆବେଦନକାରୀ ଏବଂ ବିରୋଧୀ ଦଳ ଅଭିଯୋଗ କରିଥିଲେ ଯେ, ନିର୍ବାଚନ କମିଶନ ପଛ ଦୁଆର ଦେଇ ନାଗରିକତ୍ୱର ଯାଞ୍ଚ କରୁଛନ୍ତି, ଯାହା ସେମାନଙ୍କ କ୍ଷମତା ପରିସରଭୁକ୍ତ ନୁହେଁ। ଅଦାଲତ ନିର୍ବାଚନ କମିଶନଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁମାନଙ୍କ ନାମ ସନ୍ଦେହଜନକ ନାଗରିକତ୍ୱ ଯୋଗୁଁ ଭୋଟର ତାଲିକାରୁ କଟାଯାଇଛି, ସେହି ସବୁ ମାମଲାକୁ ଚାରି ସପ୍ତାହ ମଧ୍ୟରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ନିକଟକୁ ପଠାଇବାକୁ କୁହାଯାଇଛି। ନାଗରିକତ୍ୱ ଆଇନ ଆଧାରରେ ସମ୍ପୃକ୍ତ ସରକାରୀ ସଂସ୍ଥା ଏହାର ଚୂଡ଼ାନ୍ତ ଯାଞ୍ଚ କରିବେ। ଆସନ୍ତା ନିର୍ବାଚନ ପୂର୍ବରୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ନିଜର ପକ୍ଷ ରଖିବାକୁ ସୁଯୋଗ ଦେଇ ଏହି ପ୍ରକ୍ରିୟା ଶେଷ କରାଯିବ। ଯଦି ସେମାନେ ଭାରତୀୟ ନାଗରିକ ବୋଲି ପ୍ରମାଣିତ ହୁଅନ୍ତି, ତେବେ ସେମାନଙ୍କ ନାମ ପୁନର୍ବାର ଭୋଟର ତାଲିକାରେ ସାମିଲ କରାଯିବ। ନାଗରିକତ୍ୱର ପ୍ରମାଣ ପତ୍ରକୁ ନେଇ ପୂର୍ବରୁ ମଧ୍ୟ କୋର୍ଟ ଏବଂ ନିର୍ବାଚନ ସଂସ୍ଥା ସ୍ପଷ୍ଟ କରିଛନ୍ତି ଯେ, ସରକାରଙ୍କ ଦ୍ୱାରା ପ୍ରଦତ୍ତ ବାର ଅଙ୍କ ବିଶିଷ୍ଟ ପରିଚୟ ପତ୍ର ବା ଆଧାର ନାଗରିକତ୍ୱର ପ୍ରମାଣ ନୁହେଁ। ଏହି ଯାଞ୍ଚ ପ୍ରକ୍ରିୟା ସମୟରେ ଜନ୍ମ ପ୍ରମାଣ ପତ୍ର, ବାସଗୃହ ପ୍ରମାଣ ପତ୍ର, ବିଦ୍ୟାଳୟ ସମ୍ପର୍କିତ ନଥିପତ୍ର, ପାସପୋର୍ଟ ଏବଂ ଜମିବାଡ଼ିର କାଗଜପତ୍ରକୁ ପ୍ରମାଣ ଭାବେ ଗ୍ରହଣ କରାଯାଇଛି। ସୁପ୍ରିମକୋର୍ଟଙ୍କ ଏହି ଆଦେଶ ପରେ ଏବେ ସମ୍ପୂର୍ଣ୍ଣ ଦାୟିତ୍ୱ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଉପରେ ନ୍ୟସ୍ତ ହୋଇଛି। ନାଗରିକତ୍ୱ ନିର୍ଦ୍ଧାରଣ କରିବା ପାଇଁ କେନ୍ଦ୍ର ସରକାର ଆଗକୁ କିଭଳି ନିୟମାବଳୀ ଜାରି କରୁଛନ୍ତି, ତାହା ଉପରେ ଏବେ ସମସ୍ତଙ୍କର ନଜର ରହିଛି।

**ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ**

- ନିର୍ବାଚନ କମିସନ୍‌ର କ୍ଷମତା ଭୋଟର ତାଲିକାରେ ସୀମିତ
- ନାଗରିକତା ନିର୍ଦ୍ଧାରଣ କରିବାର କ୍ଷମତା କମିସନ୍‌ର ନାହିଁ



# ମୁକ୍ତ ଓ ନିରପେକ୍ଷ ନିର୍ବାଚନ ପାଇଁ ଏସ୍‌ଆଇଆର୍ ଜରୁରୀ

ନୂଆଦିଲ୍ଲୀ, ୨୭ ।୫(ଏଜେନ୍ସି): ଦେଶରେ ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନ ପରିଚାଳନା ଦିଗରେ ନିର୍ବାଚନ କମିସନଙ୍କ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା (ଏସ୍‌ଆଇଆର) ସପକ୍ଷରେ ଆଜି ରାୟ ଦେଇଛନ୍ତି ସୁପ୍ରିମକୋର୍ଟ। ଏହି ପ୍ରକ୍ରିୟା ସମ୍ବିଧାନ ସମ୍ମତ ଏବଂ ଏହା ନିର୍ବାଚନକୁ ସ୍ୱଚ୍ଛ କରିବାରେ ସହାୟକ ହେବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଆସନ୍ତା ମଇ ୩୦ ତାରିଖରୁ ଦେଶର ୧୬ଟି ରାଜ୍ୟ ଏବଂ ୩ଟି କେନ୍ଦ୍ରଶାସିତ ଅଞ୍ଚଳରେ ଏହି ସଂଶୋଧନ ପ୍ରକ୍ରିୟାର ତୃତୀୟ ତଥା ଚୂଡ଼ାନ୍ତ ପର୍ଯ୍ୟାୟ ଆରମ୍ଭ ହେବାକୁ ଯାଉଛି। ଏହାର ଠିକ୍ କିଛି ଦିନ ପୂର୍ବରୁ ପ୍ରଧାନ ବିଚାରପତିଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଶୁଣାଇଛନ୍ତି। ଅଦାଲତ କହିଛନ୍ତି ଯେ, କେବଳ ସାଧାରଣ ସଂଶୋଧନ ପ୍ରକ୍ରିୟା ଠାରୁ ଏହାର ନିୟମ ସାମାନ୍ୟ ଅଲଗା ହୋଇଥିବାରୁ ଏହାକୁ ବେଆଇନ କୁହାଯାଇପାରିବ ନାହିଁ।

ଭୋଟର ତାଲିକାରୁ ବହୁ ସଂଖ୍ୟାରେ ନାମ କଟାଯାଉଥିବାରୁ ବିରୋଧୀ ଦଳଗୁଡ଼ିକ ଏହି ପ୍ରକ୍ରିୟାକୁ ଜୋରଦାର ବିରୋଧ କରୁଥିଲେ। ଗତବର୍ଷ ବିହାର ନିର୍ବାଚନ ପୂର୍ବରୁ ଏହି ପ୍ରକ୍ରିୟା ଆରମ୍ଭ ହେବା ପରେ ପ୍ରାୟ ୬୦ ଲକ୍ଷ ଭୋଟରଙ୍କ ନାମ ତାଲିକାରୁ ବାଦ୍ ଦିଆଯାଇଥିଲା। ସେହିପରି ପଶ୍ଚିମବଙ୍ଗରେ ପ୍ରାୟ ୯୦ ଲକ୍ଷ ନାମ କଟାଯାଇଥିଲା। ଏସଂପର୍କରେ ସୁପ୍ରିମ କୋର୍ଟ ନିର୍ବାଚନ କମିସନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ନାଗରିକତ୍ୱ ପ୍ରସଙ୍ଗରେ ଯେଉଁମାନଙ୍କ ନାମ ଭୋଟର ତାଲିକାରୁ କଟିଛି ସେମାନଙ୍କ ମାମଲାକୁ ବିଚାର ପାଇଁ କ୍ଷମତାପ୍ରାପ୍ତ ସଂସ୍ଥା ନିକଟକୁ ପଠାଯାଉ। ନାଗରିକତା ଆଇନ ଅନୁଯାୟୀ ୪ ସପ୍ତାହ ମଧ୍ୟରେ ଏହି ପଦକ୍ଷେପ ନେବାଲାଗି ଅଦାଲତ ନିର୍ଦ୍ଦେଶଳ ଦେଇଛନ୍ତି।

**ନାଗରିକତା କାରଣରୁ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଲୋକଙ୍କ ମାମଲାର ବିଚାର କ୍ଷମତାପ୍ରାପ୍ତ ସଂସ୍ଥା କରିବ**

ସୂଚନାଯୋଗ୍ୟ ଯେ ବିରୋଧୀ ଦଳ ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ ଏସଆଇଆର ବାହାନାରେ ଭୋଟରଙ୍କ ନାମ ମନଇଚ୍ଛା ଭାବେ ତାଲିକାରୁ କଟାଯାଉଛି। ଏହି ପ୍ରକ୍ରିୟା ଅଧୀନରେ, ଯେଉଁ ଭୋଟରଙ୍କ ନାମ ୨୦୦୨ କିମ୍ବା ୨୦୦୩ ମସିହାର ପୁରୁଣା ଭୋଟର ତାଲିକାରେ ନଥିଲା, ସେମାନଙ୍କୁ ପୁରୁଣା ବଂଶଗତ ସମ୍ପର୍କର ପ୍ରମାଣ ଦେବାକୁ ପଡୁଥିଲା। ଏଥିପାଇଁ ନିର୍ବାଚନ କମିସନ ୧୧ଟି କାଗଜପତ୍ରକୁ ମାନ୍ୟତା ଦେଇଥିଲେ ମଧ୍ୟ ସେଥିରେ ବାର ଅଙ୍କ ବିଶିଷ୍ଟ ଜାତୀୟ ପରିଚୟ ପତ୍ର (ଆଧାର) ସାମିଲ ନଥିଲା। ମାତ୍ର ସାଧାରଣ ଜନତାଙ୍କ ସୁବିଧା ପାଇଁ ସୁପ୍ରିମକୋର୍ଟ ଏହି ପ୍ରମାଣ ପତ୍ରକୁ ମଧ୍ୟ ଗ୍ରହଣ କରିବାକୁ ନିର୍ବାଚନ କମିସନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଣ-ନାଗରିକ ଏବଂ ଜାଲ୍ ଭୋଟରଙ୍କୁ ଚିହ୍ନଟ କରି ଭୋଟର ତାଲିକାକୁ ସ୍ୱଚ୍ଛ ରଖିବା ପାଇଁ ଏହି ଅଭିଯାନ ଜରୁରୀ ବୋଲି କମିସନ ଯୁକ୍ତି କରିଥିଲେ।

# ଆଜି ଇସ୍ତଫା ଦେଇପାରନ୍ତି ସିଦ୍ଧରମୈୟା, ଶିବକୁମାର ହେବେ ମୁଖ୍ୟମନ୍ତ୍ରୀ !

**ସିଦ୍ଧରମୈୟାଙ୍କ ପୁତ୍ରଙ୍କୁ ମିଳିପାରେ ମନ୍ତ୍ରୀ ପଦ**



ବେଙ୍ଗାଲୁର, ୨୭ ।୫(ଏଜେନ୍ସି): କର୍ଣ୍ଣାଟକ ରାଜନୀତିରେ ଏକ ବଡ଼ ଧରଣର କ୍ଷମତା ପରିବର୍ତ୍ତନ ନେଇ ଚର୍ଚ୍ଚା ଜୋର ଧରିଛି। କଂଗ୍ରେସ ହାଇକମାଣ୍ଡ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ସ୍ଥାନରେ ଡି.କେ. ଶିବକୁମାରଙ୍କୁ ନୂଆ ମୁଖ୍ୟମନ୍ତ୍ରୀ କରିବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଏହି ନେତୃତ୍ୱ ପରିବର୍ତ୍ତନ ସହ ଦଳ ମଧ୍ୟରେ କ୍ଷମତା ଭାଗବଣ୍ଟାକୁ ନେଇ ରୁଦ୍ଧଦ୍ୱାର ବୈଠକରେ ଆଲୋଚନା ଚାଲିଛି। ଦଳର ସନ୍ତୁଳନ ରକ୍ଷା କରିବା ପାଇଁ ସିଦ୍ଧରମୈୟାଙ୍କ ଘନିଷ୍ଠ ସହଯୋଗୀ ସତୀଶ ଜାରକିହୋଲିଙ୍କୁ ପ୍ରଦେଶ କଂଗ୍ରେସ ସଭାପତି ଦାୟିତ୍ୱ ମିଳିପାରେ। ସେହିପରି ସିଦ୍ଧରମୈୟାଙ୍କ ପୁତ୍ର ଡାକ୍ତର ଯତୀନ୍ଦ୍ରଙ୍କୁ ଶିବକୁମାରଙ୍କ ନୂତନ ମନ୍ତ୍ରିମଣ୍ଡଳରେ ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ଦିଆଯିବାର ସମ୍ଭାବନା ରହିଛି। ଅନ୍ୟପଟେ, ଓବିସି ବର୍ଗର ଜଣେ ବଡ଼ ନେତା ଭାବେ ପରିଚିତ ସିଦ୍ଧରମୈୟାଙ୍କୁ ଜାତୀୟ ରାଜନୀତିକୁ ଅଣାଯାଇ ରାଜ୍ୟସଭା ଆସନ ସହ ଦିଲ୍ଲୀରେ ଏକ ବଡ଼ ସାଂଗଠନିକ ଦାୟିତ୍ୱ ଦିଆଯିବାର ଯୋଜନା ରହିଛି। ଦିଲ୍ଲୀରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ନୂତନ ସୂତ୍ର ଚୂଡ଼ାନ୍ତ ହୋଇଥିବା ସୂତ୍ରରୁ ପ୍ରକାଶ। ରାହୁଲ ଗାନ୍ଧୀ ଏହି ସୂଚନା ସିଦ୍ଧରମୈୟାଙ୍କୁ ଜଣାଇ ସାରିଛନ୍ତି। ଗୁରୁବାର ସିଦ୍ଧରମୈୟା ନିଜ ପଦରୁ ଇସ୍ତଫା ଦେଇପାରନ୍ତି ବୋଲି ଅନୁମାନ କରାଯାଉଛି। କ୍ଷମତା ହସ୍ତାନ୍ତର ପ୍ରକ୍ରିୟାକୁ ଶାନ୍ତିପୂର୍ଣ୍ଣ କରିବା ପାଇଁ ମଇ ୨୮ ତାରିଖ ସକାଳେ ଶିବକୁମାର ଏବଂ ସିଦ୍ଧରମୈୟାଙ୍କ ମଧ୍ୟରେ ଏକ ସୌଜନ୍ୟମୂଳକ ସାକ୍ଷାତକାର କାର୍ଯ୍ୟକ୍ରମ ମଧ୍ୟ ସ୍ଥିର ହୋଇଛି। ଏହି ସମସ୍ତ ଘଟଣାବଳୀକୁ ନେଇ ଉଭୟ ସିଦ୍ଧରମୈୟା ଏବଂ ଶିବକୁମାର ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ବୟାନ ଦେଇନାହାନ୍ତି। ସିଦ୍ଧରମୈୟା ପୂର୍ବରୁ କେବଳ କର୍ଣ୍ଣାଟକ ରାଜନୀତିରେ ରହିବାକୁ ଇଚ୍ଛା ପ୍ରକାଶ କରିଥିବାରୁ, ସେ ଏହି ନୂଆ ପ୍ରସ୍ତାବକୁ ସହଜରେ ଗ୍ରହଣ କରୁଛନ୍ତି କି ନାହିଁ, ତାହା ଦେଖିବାକୁ ବାକି ରହିଲା।

# ମମତାଙ୍କୁ ଅଡୁଆରେ ପକାଉଛନ୍ତି ଦଳୀୟ ନେତା

କୋଲକାତା, ୨୭ ।୫(ଏଜେନ୍ସି): ତୃଣମୂଳ କଂଗ୍ରେସର ବରିଷ୍ଠ ସାଂସଦ ତଥା ମମତା ବାନାର୍ଜୀଙ୍କ ଅତ୍ୟନ୍ତ ଘନିଷ୍ଠ ନେତ୍ରୀ କାକୋଲି ଘୋଷ ଦସ୍ତିଦାର ଦଳର ସମସ୍ତ ସାଂଗଠନିକ ପଦବୀରୁ ଇସ୍ତଫା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ସହ ଏକ ପ୍ରଶାସନିକ ବୈଠକରେ ଯୋଗଦେବାର କିଛି ଘଣ୍ଟା ମଧ୍ୟରେ ସେ ଏହି ନିଷ୍ପତ୍ତି ନେଇଛନ୍ତି, ଯାହା ତାଙ୍କର ବିଜେପି ସହ ଯୋଗାଯୋଗକୁ ନେଇ ଚର୍ଚ୍ଚା ବଢ଼ାଇ ଦେଇଛି। ସାଂସଦ କଲ୍ୟାଣ ବାନାର୍ଜୀଙ୍କ ଦୁର୍ବ୍ୟବହାର ଏବଂ ଏହା ବିରୋଧରେ ବରିଷ୍ଠ ନେତୃତ୍ୱଙ୍କ ନୀରବତାକୁ ନେଇ ସେ କ୍ଷୋଭ ପ୍ରକାଶ କରିଛନ୍ତି। ଚାରି ଦଶନ୍ଧିର ଆନୁଗତ୍ୟ ବଦଳରେ ତାଙ୍କୁ ଏଭଳି ପୁରସ୍କାର ମିଳିଛି ବୋଲି ସେ କହିଛନ୍ତି। ରାଜ୍ୟରେ ଶିକ୍ଷକ ନିଯୁକ୍ତି ଏବଂ ରାସନ ଦୁର୍ନୀତି ସହ ମେଡିକାଲ କଲେଜର ସେହି ଦୁଃଖଦ ଘଟଣା ତାଙ୍କ ବିବେକକୁ ଆନ୍ଦୋଳିତ କରିଛି ବୋଲି ସେ ନିଜ ଚିଠିରେ ଉଲ୍ଲେଖ କରିଛନ୍ତି। ଚଳିତ ନିର୍ବାଚନରେ ଦଳର ଖରାପ ପ୍ରଦର୍ଶନ ପାଇଁ ସେ ନିଜକୁ ଦାୟୀ କରିବା ସହ ନିର୍ବାଚନ ପରିଚାଳନା କରୁଥିବା ବାହ୍ୟ ସଂସ୍ଥାର ଭୁଲ୍ ନୀତିକୁ ସମାଲୋଚନା କରିଛନ୍ତି। ସୂଚନାଯୋଗ୍ୟ ଯେ, କାକୋଲି ସମସ୍ତ ସାଂଗଠନିକ ପଦ ଛାଡ଼ିଥିଲେ ମଧ୍ୟ ସାଂସଦ ପଦ କିମ୍ବା ଦଳର ପ୍ରାଥମିକ ସଦସ୍ୟତାରୁ ଏପର୍ଯ୍ୟନ୍ତ ଇସ୍ତଫା ଦେଇନାହାନ୍ତି।



- ସମସ୍ତ ଦଳୀୟ ପଦବୀରୁ ଇସ୍ତଫା ଦେଲେ କାକୋଲି ଘୋଷ ଦସ୍ତିଦାର
- ଟିଏମସି ଛାଡ଼ିବେ ୫୦ ବିଧାୟକ ଓ ୨୦ ସାଂସଦ: ବିଜେପି ନେତା

ପଶ୍ଚିମବଙ୍ଗ ରାଜନୀତିରେ ହଲଚଲ ଜାରି ରହିଥିବା ବେଳେ ବିଜେପି ସାଂସଦ ସୌମିତ୍ର ଖାନ୍ ହାଇଚଇ ସୃଷ୍ଟି କଲା ଭଳି ଏକ ବଡ଼ ଦାବି କରିଛନ୍ତି। ତୃଣମୂଳ କଂଗ୍ରେସର ପ୍ରାୟ ୫୦ ଜଣ ବିଧାୟକ ଏବଂ ୨୦ ଜଣ ସାଂସଦ ଦଳୀୟ ନେତୃତ୍ୱ ଉପରେ ଅସନ୍ତୁଷ୍ଟ ଅଛନ୍ତି ଏବଂ ବିଜେପିର କେନ୍ଦ୍ରୀୟ ନେତୃତ୍ୱ ସବୁଜ ସଙ୍କେତ ଦେଲେ ସେମାନେ ଦଳ ବଦଳ କରିବାକୁ ପ୍ରସ୍ତୁତ ବୋଲି ସେ କହିଛନ୍ତି। ଏହାସହ ସେ ଟିଏମସି ନେତା ଅଭିଷେକ ବାନାର୍ଜୀଙ୍କୁ ମଧ୍ୟ ତୀବ୍ର ସମାଲୋଚନା କରିଛନ୍ତି। ବିଜେପି ସାଂସଦଙ୍କ ଏହି ଦାବିକୁ ସମ୍ପୂର୍ଣ୍ଣ ମିଥ୍ୟା ଓ ଭ୍ରମାତ୍ମକ ବୋଲି କହି ପ୍ରତ୍ୟାଖ୍ୟାନ କରିଛନ୍ତି ଟିଏମସି ସାଂସଦ ସୌଗତ ରାୟ। ନିର୍ବାଚନୀ ବିପର୍ଯ୍ୟୟ ପରେ ଟିଏମ୍‌ସି ମଧ୍ୟରେ ବିବାଦ ବଢ଼ିବାରେ ଲାଗିଛି। ବରିଷ୍ଠ ନେତ୍ରୀ କାକୋଲି ଘୋଷ ଦସ୍ତିଦାର ବିଜେପି ନେତା ଶୁଭେନ୍ଦୁ ଅଧିକାରୀଙ୍କ ସହ ବୈଠକ କରିବା ଏବଂ କେନ୍ଦ୍ର ସରକାରଙ୍କ ତରଫରୁ ସୁରକ୍ଷା ପାଇବା ପରେ ଏହି ଚର୍ଚ୍ଚା ଆହୁରି ଜୋର ଧରିଛି। ବିଭିନ୍ନ ପୌରସଂସ୍ଥାର ପ୍ରାୟ ୧୦୦ ରୁ ଅଧିକ କାଉନସିଲର ଇସ୍ତଫା ଦେଇସାରିଛନ୍ତି। ଦୁର୍ନୀତି ଅଭିଯୋଗ ଏବଂ ଗିରଫଦାରୀ ଭୟରେ ଅନେକ ସ୍ଥାନରେ ପୌର ବୋର୍ଡ ଭାଙ୍ଗିବା ପରିସ୍ଥିତି ସୃଷ୍ଟି ହୋଇଛି। କୋଲକାତା ମେୟର ଫିରହାଦ୍ ହାକିମ୍ ମଧ୍ୟ ପଦ ଛାଡ଼ିବାକୁ ଇଚ୍ଛା ପ୍ରକାଶ କରିଥିବା ଜଣାପଡ଼ିଛି।

# ଭାରତରେ ନିର୍ମାଣ ହେବ ଷ୍ଟିଲ୍‌ଥ ବିମାନ

ନୂଆଦିଲ୍ଲୀ, ୨୭ ।୫(ଏଜେନ୍ସି): ଭାରତର ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ହେବାକୁ ଥିବା ପଞ୍ଚମ ପିଢ଼ିର (ଫିଫ୍‌ଥ ଜେନେରେସନ୍) ଯୁଦ୍ଧବିମାନ (ଷ୍ଟିଲ୍‌ଥ ବିମାନ) କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ 'ଆଡଭାନ୍ସଡ୍ ମିଡିୟମ୍ କମ୍ବାଟ୍ ଏୟାରକ୍ରାଫ୍ଟ' (ଏଏମ୍‌ସିଏ) ପ୍ରକଳ୍ପ ପାଇଁ ମନୋନୀତ ହୋଇଥିବା ତିନୋଟି ପ୍ରମୁଖ ଘରୋଇ ସଂସ୍ଥାକୁ ବିଧିବଦ୍ଧ ପ୍ରସ୍ତାବ ଆହ୍ୱାନ (ଆରଏଫ୍‌ପି) ଜାରି କରାଯାଇଛି। ନିର୍ମାଣ ଦୌଡ଼ରେ ଥିବା ପ୍ରମୁଖ ସଂସ୍ଥା ୩ଟି ଘରୋଇ କମ୍ପାନୀ ରହିଛନ୍ତି। ସେଗୁଡ଼ିକ ହେଲା-ଲାର୍ସେନ୍ ଆଣ୍ଡ ଟୁବ୍ରୋ (ଏଲ୍ ଆଣ୍ଡ ଟି) ଏବଂ ଭାରତ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍‌ର ମିଳିତ



ସଂଘ, ଟାଟା ଆଡଭାନ୍ସଡ୍ ସିଷ୍ଟମ୍ସ ଏବଂ ଭାରତ ଫୋର୍ଜ ଓ ବିଇଏମଏଲ୍'ର ସହଭାଗିତା। ଏହି ଯୁଦ୍ଧବିମାନ ୨୦୩୦ ଦଶକର ମଧ୍ୟଭାଗରୁ ଭାରତୀୟ ବାୟୁସେନାର ମୁଖ୍ୟ ଶକ୍ତି ପାଲଟିବ। ଏହା ଏକ ଦୁଇଟି ଇଞ୍ଜିନ ବିଶିଷ୍ଟ ଗୋପନୀୟ (ଷ୍ଟେଲ୍‌ଥ) ଯୁଦ୍ଧବିମାନ ହେବ, ଯେଉଁଥିରେ ଆଧୁନିକ ସେନ୍‌ସର, କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏବଂ ଶତ୍ରୁର ଆଖିରେ ଧୂଳିଦେଇ ଆକ୍ରମଣ କରିବାର କ୍ଷମତା ରହିବ। ଗତ ମଇ ୧୫ରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ. ଚନ୍ଦ୍ରବାବୁ ନାଇଡୁ ମିଳିତ ଭାବେ ଏହି ପ୍ରକଳ୍ପ ପାଇଁ ୧୬, ୦୦୦ କୋଟି ଟଙ୍କାର ଭିତ୍ତିଭୂମିର ଶିଳାନ୍ୟାସ କରିଛନ୍ତି। ସେହିପରି କୁର୍ଣ୍ଣୁଲଠାରେ ଏକ ଡ୍ରୋନ ସହର ମଧ୍ୟ ପ୍ରତିଷ୍ଠା କରାଯିବ। ଏହି ପ୍ରକଳ୍ପ ଭାରତୀୟ ପ୍ରତିରକ୍ଷା ନିର୍ମାଣ କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆଣିଛି। ପୂର୍ବରୁ ସରକାରୀ ସଂସ୍ଥା 'ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍' (ଏଚଏଏଲ)ର ଏଥିରେ ଏକଚାଟିଆ ଅଧିକାର ଥିବା ବେଳେ ଏବେ ଘରୋଇ ସଂସ୍ଥାଗୁଡ଼ିକ ଏହି ଦୌଡ଼ରେ ସାମିଲ ହୋଇଛନ୍ତି। ଭାରତୀୟ ବାୟୁସେନାର ଯୁଦ୍ଧବିମାନ ସଂଖ୍ୟା ହ୍ରାସ ପାଉଥିବା ବେଳେ ଚୀନ୍ ଏବଂ ପାକିସ୍ତାନ ଭଳି ପ୍ରତିବେଶୀ ଦେଶଗୁଡ଼ିକ ଆଧୁନିକ ଷ୍ଟେଲ୍‌ଥ ଯୁଦ୍ଧବିମାନ ସାମିଲ କରିବାକୁ ଯାଉଛନ୍ତି।

# ବାଇଜୁସ୍ ମାଲିକ ରବୀନ୍ଦ୍ରନଙ୍କୁ ୬ ମାସ ଜେଲ୍ ଦଣ୍ଡ

ନୂଆଦିଲ୍ଲୀ, ୨୭ ।୫(ଏଜେନ୍ସି): ଭାରତର ପ୍ରସିଦ୍ଧ ଶିକ୍ଷା ପ୍ରଦାନକାରୀ ବେସରକାରୀ ସଂସ୍ଥା 'ବାଇଜୁସ୍' (ବିଓ୍ୱାଇଜେୟୁଏସ୍)ର ପ୍ରତିଷ୍ଠାତା ବାଇଜୁ ରବୀନ୍ଦ୍ରନଙ୍କୁ ସିଙ୍ଗାପୁରର ଏକ ଅଦାଲତ ୬ ମାସ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ଅଦାଲତଙ୍କ ଆଦେଶ ଅମାନ୍ୟ କରିବା ଏବଂ ନିଜ ସମ୍ପତ୍ତିର ସଠିକ୍ ବିବରଣୀ ନଦେବା ଅଭିଯୋଗରେ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହା ସହିତ କେବେ ଦେଶର ସବୁଠାରୁ ବଡ଼ ଷ୍ଟାର୍ଟଅପ୍ କୁହାଯାଉଥିବା ବାଇଜୁସ୍‌ର ପତନ ଏବେ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ୨୦୧୧ରେ ଆରମ୍ଭ ହୋଇଥିବା ଏହି ସଂସ୍ଥାର ମୂଲ୍ୟ ୨୦୨୨ ସୁଦ୍ଧା ୨୨ ବିଲିୟନ ଡଲାରରେ ପହଞ୍ଚିଥିଲା। ମାତ୍ର ବିଦେଶରୁ ଆଣିଥିବା ୧.୨ ବିଲିୟନ ଡଲାର ଋଣର ହିସାବ ନଦେବା ଏବଂ ପ୍ରାୟ ୫୦୦ ମିଲିୟନ ଡଲାରରୁ ଅଧିକ ଅର୍ଥ ବେଆଇନ ଭାବେ ଅନ୍ୟତ୍ର ପଠାଇବା ଅଭିଯୋଗ ପରେ କମ୍ପାନୀର ସଙ୍କଟ ଆରମ୍ଭ ହୋଇଥିଲା। ଆର୍ଥିକ ଅନିୟମିତତା ଯୋଗୁଁ ପ୍ରସିଦ୍ଧ ଅଡିଟ୍ ସଂସ୍ଥା 'ଡେଲଏଟ୍' ବାଇଜୁସ୍‌ରୁ ଓହରି ଯାଇଥିଲା। ପରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ୧୫୮ କୋଟି ଟଙ୍କାର ବାକି ଅର୍ଥ ନ ଦେଇପାରିବାରୁ ଭାରତରେ ଏହାକୁ ଦେବାଳିଆ ଘୋଷଣା କରିବା ପ୍ରକ୍ରିୟା ଆରମ୍ଭ ହୋଇଥିଲା। କେବେ କୋଟି କୋଟି ଟଙ୍କାର ସମ୍ପତ୍ତିର ମାଲିକ ଥିବା ବାଇଜୁ ରବୀନ୍ଦ୍ରନଙ୍କ ବ୍ୟକ୍ତିଗତ ସମ୍ପତ୍ତିର ମୂଲ୍ୟକୁ ଜଣାଶୁଣା ପତ୍ରିକା 'ଫୋର୍ବସ' ଏବେ ଶୂନ୍ୟ ବୋଲି ଘୋଷଣା କରିଛି। କର୍ମଚାରୀମାନଙ୍କୁ ଦରମା ନମିଳିବା ଏବଂ ବିଦେଶୀ ଅଦାଲତଗୁଡ଼ିକରେ ମାମଲା ଚାଲିବା ଯୋଗୁଁ ଏହି ଶିକ୍ଷା ସାମ୍ରାଜ୍ୟ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଛି। ଅପରପକ୍ଷରେ ରବୀନ୍ଦ୍ରନ ନିଜକୁ ନିର୍ଦ୍ଦୋଷ ବୋଲି କହିବା ସହ ଋଣଦାତାମାନଙ୍କ ସହ ଆଲୋଚନା ଚାଲିଥିବା ପ୍ରକାଶ କରିଛନ୍ତି।



# ଆମେରିକାରେ ଭାରତୀୟ ଦମ୍ପତିଙ୍କୁ ବର୍ଣ୍ଣବୈଷମ୍ୟ ଆକ୍ଷେପ

ନୂଆଦିଲ୍ଲୀ, ୨୭ ।୫(ଏଜେନ୍ସି): ଆମେରିକାରେ ଏକ ଭାରତୀୟ ଦମ୍ପତିଙ୍କୁ ଜଣେ ଅଜଣା ବ୍ୟକ୍ତି ସର୍ବସାଧାରଣରେ ବର୍ଣ୍ଣବୈଷମ୍ୟ ଆକ୍ଷେପ ଏବଂ ଗାଳିଗୁଲଜ କରୁଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହେବା ପରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଭିଡିଓରେ କାର୍ ଭିତରେ ବସିଥିବା ଜଣେ ବ୍ୟକ୍ତି ଏହି ଦମ୍ପତିଙ୍କୁ 'ଆମେରିକା ଛାଡ଼ି ନିଜ ଦେଶକୁ ଚାଲିଯାଅ' ବୋଲି କହୁଥିବା ଶୁଣିବାକୁ ମିଳିଛି। ଏହି ଘଟଣା ସମୟରେ ଭାରତୀୟ ଦମ୍ପତି ଅତି ଧୈର୍ଯ୍ୟର ସହ ପରିସ୍ଥିତିକୁ ସମ୍ଭାଳିଥିଲେ। ଯେତେବେଳେ ସେମାନେ କହିଲେ ଯେ ସେମାନେ ଆମେରିକା ବୁଲିବାକୁ ଆସିଛନ୍ତି, ସେତେବେଳେ ସେହି ବ୍ୟକ୍ତିଜଣକ ଉତକ୍ଷିପ୍ତ ହୋଇ ଅଶ୍ଳୀଳ ଭାଷା ପ୍ରୟୋଗ କରିଥିଲେ। ଇଣ୍ଟରନେଟ୍ ବ୍ୟବହାରକାରୀମାନେ ଭାରତୀୟ ଦମ୍ପତିଙ୍କ ସଂଯମତାକୁ ପ୍ରଶଂସା କରିଥିବା ବେଳେ ଏଭଳି ଜେନୋଫୋବିଆ (ବିଦେଶୀଙ୍କ ପ୍ରତି ବିଦ୍ୱେଷ)କୁ ଦୃଢ଼ ନିନ୍ଦା କରିଛନ୍ତି। ସୋସିଆଲ ମିଡିଆରେ ଅନେକ ଲୋକ ଏହି ଭିଡିଓରେ ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓଙ୍କୁ ଟ୍ୟାଗ୍ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ତେବେ ଆମେରିକାର କେଉଁ ସ୍ଥାନରେ ଏଭଳି ଘଟଣା ଘଟିଛି ସେ ବିଷୟରେ ଜଣାପଡ଼ିନାହିଁ।

# ବ୍ରିଟେନରେ ଭାରତୀୟ ବଂଶୋଦ୍ଭବ ଡାକ୍ତର ନିଲମ୍ବିତ

ଲଣ୍ଡନ, ୨୭ ।୫(ଏଜେନ୍ସି): ଜଣେ ମହିଳା ରୋଗୀଙ୍କ ସହ ଶାରୀରିକ ସମ୍ପର୍କ ରଖିବା ଏବଂ ମେଡିକାଲ୍ ରେକର୍ଡରେ ବିବରଣୀ ନରଖି ତାଙ୍କୁ ମାରାତ୍ମକ ନିଶାଯୁକ୍ତ ପେନ୍‌କିଲର୍ ଲେଖିବା ଅଭିଯୋଗରେ ବ୍ରିଟେନରେ ଜଣେ ଭାରତୀୟ ବଂଶୋଦ୍ଭବ ପ୍ରସିଦ୍ଧ ଡାକ୍ତରଙ୍କୁ ୮ ମାସ ପାଇଁ ନିଲମ୍ବିତ କରାଯାଇଛି। ଅଭିଯୁକ୍ତ ଡାକ୍ତର ଚିରାଗ ପଟେଲ କାର୍ଡିଫ୍‌ର ୟୁନିଭର୍ସିଟି ହସ୍ପିଟାଲ୍ ଅଫ୍ ୱେଲ୍ସରେ କନ୍‌ସଲ୍ଟାଣ୍ଟ ନ୍ୟୁରୋସର୍ଜନ ଭାବେ କାର୍ଯ୍ୟ କରୁଥିଲେ। ଡାକ୍ତର ଚିରାଗ କୋର୍ଟରେ ଦାବି କରିଛନ୍ତି ଯେ, ସମ୍ପୃକ୍ତ ମହିଳା ଜଣକ ତାଙ୍କ ସହ ଥିବା ସମ୍ପର୍କକୁ ସର୍ବସାଧାରଣରେ ପ୍ରକାଶ କରିଦେବାକୁ ଧମକ ଦେଇ ବ୍ଲାକମେଲ୍ କରୁଥିଲେ। ଚାକିରି ହରାଇବା ଭୟରେ ସେ ମହିଳାଙ୍କୁ ଏଭଳି ପ୍ରତିବନ୍ଧିତ ଔଷଧ ଦେବାକୁ ବାଧ୍ୟ ହୋଇଥିଲେ। ଡାକ୍ତର ଚିରାଗ ୨୦୧୯ରୁ ୨୦୨୧ ମଧ୍ୟରେ ସେହି ମହିଳାଙ୍କ ମେରୁଦଣ୍ଡର ୩ ଥର ଅପରେସନ କରିଥିଲେ। ଦ୍ୱିତୀୟ ଅପରେସନ ପରେ ଉଭୟଙ୍କ ମଧ୍ୟରେ ବ୍ୟକ୍ତିଗତ ଏବଂ ପରେ ଶାରୀରିକ ସମ୍ପର୍କ ଗଢ଼ିଉଠିଥିଲା। ସମ୍ପର୍କ ଖରାପ ହେବା ପରେ ମଧ୍ୟ ମେ ୨୦୨୨ରୁ ଜାନୁଆରୀ ୨୦୨୩ ମଧ୍ୟରେ ସେ ମହିଳାଙ୍କୁ ମର୍ଫିନ ଏବଂ ଡାୟାଜେପାମ୍ ଭଳି ନିଶାଯୁକ୍ତ ବେଆଇନ ପ୍ରେସକ୍ରିପସନ ଦେଇଥିଲେ, ଯାହାର କୌଣସି ସରକାରୀ ରେକର୍ଡ ରଖାଯାଇନଥିଲା। ମହିଳା ଜଣକ ପୁଲିସ ନିକଟରେ ଅଭିଯୋଗ କରିବା ପରେ ଘଟଣା ସାମ୍ନାକୁ ଆସିଥିଲା। ୟୁକେର ମେଡିକାଲ୍ ଟ୍ରିବ୍ୟୁନାଲ୍ ଏହାକୁ ଡାକ୍ତରୀ ପେସାର ଚରମ ଅବମାନନା ଏବଂ ରୋଗୀଙ୍କ ସୁରକ୍ଷା ପ୍ରତି ବିପଦ ବୋଲି ଦର୍ଶାଇ ତାଙ୍କୁ ୮ ମାସ ପାଇଁ ନିଷିଦ୍ଧ କରିଛନ୍ତି। ବର୍ତ୍ତମାନ ସେ ହସ୍ପିଟାଲ୍ ବୋର୍ଡରୁ ମଧ୍ୟ ବାଦ୍ ପଡ଼ିଛନ୍ତି।



# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-329 ◆THURSDAY ◆28 MAY 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୩୨୯ ◆ଗୁରୁବାର ◆୨୮ ମେ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


**ଡେଣ୍ଟାଲ ସର୍ଜନ ନିଯୁକ୍ତି ବିଜ୍ଞପ୍ତି ପ୍ରତ୍ୟାହାର କଲା ଓପିଏସ୍‌ସି**

## ସମସ୍ତ ଆବେଦନ ରଦ୍ଦ, ଫେରସ୍ତ ହେବ ପରୀକ୍ଷା ଫି'

କଟକ,୨୭ ।୫(ସମିସ): ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ପକ୍ଷରୁ ୨୦୨୫-୨୬ ବର୍ଷ ପାଇଁ ପ୍ରକାଶିତ ଡେଣ୍ଟାଲ ସର୍ଜନ ନିଯୁକ୍ତି ବିଜ୍ଞପ୍ତିକୁ ପ୍ରତ୍ୟାହାର କରି ନିଆଯାଇଛି। ଆଜି ଓପିଏସସି ପକ୍ଷରୁ ଏନେଇ ଏକ ବିଜ୍ଞପ୍ତି ଜାରି କରାଯାଇଛି। ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଗତ ମେ ୧୯ ର ଚିଠି ଆଧାରରେ ଓପିଏସସି ଏହି ନିଷ୍ପତ୍ତି ନେଇଛି। ସ୍ୱାସ୍ଥ୍ୟ ବିଭାଗ ଏହି ପଦ ପାଇଁ ପୂର୍ବରୁ ପଠାଇଥିବା ନିଯୁକ୍ତି ଅନୁରୋଧକୁ ଫେରାଇ ନେଇଥିବାରୁ, କମିସନ ପକ୍ଷରୁ ବିଜ୍ଞପ୍ତିକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାହାର କରାଯାଇଛି। ଏହି ପଦ ନିମନ୍ତେ ବର୍ତ୍ତମାନ ସୁଦ୍ଧା ଗ୍ରହଣ କରାଯାଇଥିବା ସମସ୍ତ ଆବେଦନ ପତ୍ରକୁ ବାତିଲ୍ କରି ଦିଆଯାଇଛି। ଆବେଦନ କରିଥିବା ପ୍ରାର୍ଥୀମାନଙ୍କୁ ସେମାନଙ୍କର ପରୀକ୍ଷା ଫି' ସମ୍ପୂର୍ଣ୍ଣ ଭାବେ ଫେରସ୍ତ କରାଯିବ। ଆସନ୍ତା ୨୦ ଦିନ ମଧ୍ୟରେ ପ୍ରାର୍ଥୀମାନେ ଯେଉଁ ମାଧ୍ୟମରେ ଟଙ୍କା ପୈଠ କରିଥିଲେ, ସେହି ଆକାଉଣ୍ଟକୁ ଟଙ୍କା ଫେରିଯିବ ବୋଲି କମିସନର ଅତିରିକ୍ତ ସଚିବ ସୂଚନା ଦେଇଛନ୍ତି। ପ୍ରକାଶଥାଉକି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅନୁରୋଧକ୍ରମେ ଗତ ମାର୍ଚ୍ଚ ୯ ତାରିଖରେ ଖାଲିଥିବା ୧୨୪ଟି ଡେଣ୍ଟାଲ ସର୍ଜନ (ଗ୍ରୁପ ଏ ଜୁନିଅର) ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨୪୩୯ ଜଣ ଆବେଦନ କରିଥିଲେ।

# ତାତି କମାଇଲା କାଳବୈଶାଖୀ

## ଆସନ୍ତା ୪ଦିନ ପର୍ଯ୍ୟନ୍ତ ଜାରି ରହିବ ପ୍ରଭାବ



ଭୁବନେଶ୍ୱର,୨୭।୫(ସମିସ): ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ଆରମ୍ଭ ହୋଇଛି। ଉପକୂଳ ଓଡ଼ିଶାଠାରୁ ଆରମ୍ଭ କରି ଭୁବନେଶ୍ୱର-କଟକ ଓ ପଶ୍ଚିମ ଓଡ଼ିଶାର ଅନେକ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ହୋଇଛି। କାଳବୈଶାଖୀ ବର୍ଷା ଯୋଗୁଁ ରାଜ୍ୟରେ ଅଧିକାଂଶ ଅଞ୍ଚଳରେ ଲାଗି ରହିଥିବା ତାତି ଓ ଗୁଳୁଗୁଳିରୁ ମଧ୍ୟ ଆଶ୍ୱସ୍ତି ମିଳିଛି। ବୁଧବାର ଦିନ ତମାମ ରାଜ୍ୟର ଅଧିକାଂଶ ଅଞ୍ଚଳରେ ତାତି ଓ ଗୁଳୁଗୁଳି ଲାଗି ରହିଥିଲା। ମଧ୍ୟାହ୍ନ ପରେ ପରେ ରାଜ୍ୟକୁ ପ୍ରଚୁର ମାତ୍ରାରେ ଜଳୀୟବାଷ୍ପପୂର୍ଣ୍ଣ ବାୟୁର ପ୍ରବାହ ବଢ଼ିଥିଲା। ଏହି ବାୟୁ ଉତ୍ତପ୍ତ ଭୂପୃଷ୍ଠ ସଂସ୍ପର୍ଶରେ ଆସିବା ଯୋଗୁଁ କାଳବୈଶାଖୀ ସ୍ଥିତି ପାଇଁ ପାଗ ଅନୁକୂଳ ହୋଇଥିଲା। ଏହି କ୍ରମରେ ଇପରାହ୍ନ ପରେ ରାଜ୍ୟର ଅନେକ ସ୍ଥାନରେ ଭୀଷଣ ଝଡ଼ ପବନ ସହ ବଜ୍ରପାତ ଓ ବର୍ଷା ଆରମ୍ଭ ହୋଇଥିଲା। ରାଜଧାନୀରେ ସନ୍ଧ୍ୟାରେ ପ୍ରବଳ ପବନ ଯୋଗୁଁ ଧୂଳି ଝଡ଼ ସ୍ଥିତି ସୃଷ୍ଟି ହୋଇଥିଲା। ସନ୍ଧ୍ୟା ୬.୩୦ ରୁ ୭ ଟା ମଧ୍ୟରେ ରାଜଧାନୀ ଭୁବନେଶ୍ୱର ଏୟାରପୋର୍ଟ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ପବନର ସର୍ବାଧିକ ଝଟକା ଘଣ୍ଟାପ୍ରତି ବେଗ ୬୫କିମି ପହଞ୍ଚିଥିଲା। ଏହାସହ ବର୍ଷା ପ୍ରଭାବରେ ଦୃଶ୍ୟମାନ ଦୂରତା ୪୦୦୦ ମିଟରରୁ କମି ୧୫୦୦ମିଟର ହ୍ରାସ ହେବା ସହ ତାପମାତ୍ରା ମଧ୍ୟ ୩୧ ଡିଗ୍ରୀରୁ ୨୩ ଡିଗ୍ରୀକୁ ଖସିଆସିଲା।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗୁରୁବାରଠାରୁ ରାଜ୍ୟରେ କାଳବୈଶାଖୀର ପ୍ରଭାବ ବୃଦ୍ଧି ପାଇବ। ଏହାଦ୍ୱାରା ରାଜ୍ୟରେ ଆସନ୍ତା ୨ ଦିନ ମଧ୍ୟରେ ୩-୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ହେବ। ଗୁରୁବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, କେନ୍ଦୁଝର, ମୟୂରଭଞ୍ଜ ଜିଲ୍ଲାରେ ଭୀଷଣ କାଳବୈଶାଖୀ ଆଶଙ୍କା ରହିଛି। ଏହି ଜିଲ୍ଲାରେ ବର୍ଷା ଓ ବଜ୍ରପାତ ସାଙ୍ଗକୁ ପବନର ବେଗ ୫୦-୬୦ କିମି ପର୍ଯ୍ୟନ୍ତ ରହିବ ବୋଲି ପାଣିପାଗ କେନ୍ଦ୍ର ଆଶଙ୍କା କରି ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି। ସେହିପରି ସୁନ୍ଦରଗଡ଼, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, ବୌଦ୍ଧ, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଜିଲ୍ଲାରେ ମଧ୍ୟ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସାଙ୍ଗକୁ ପବନର ବେଗ ୪୦-୫୦ କିମି ପର୍ଯ୍ୟନ୍ତ ବହିବା ଆଶଙ୍କା ରହିଛି। ଏହି ଜିଲ୍ଲାଗୁଡ଼ିକ ପାଇଁ ପାଣିପାଗ କେନ୍ଦ୍ର ୟେଲୋ ଆଲର୍ଟ ଜାରି କରିଛି। ଆସନ୍ତା ୨୯ ଓ ୩୦ ତାରିଖରେ ପ୍ରବଳ ବର୍ଷା ସମ୍ଭାବନା ଥିବା ବେଳେ ୭ ଦିନ ଅର୍ଥାତ ୨ ତାରିଖ ଯାଏ ରାଜ୍ୟବ୍ୟାପୀ କାଳବୈଶାଖୀ ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି। ଏହି ସମୟରେ ଉତ୍ତର ଉପକୂଳ ଓଡ଼ିଶାର ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ୪୦ ରୁ ୫୦ ସର୍ବାଧିକ ୬୦ କିମି ପବନ ବହିବାର ସମ୍ଭାବନା ରହିଛି। ତେଣୁ ସମୁଦ୍ର ଅଶାନ୍ତ ରହିବ। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୨୮ ଓ ୨୯ ଦୁଇ ଦିନ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ଯିବାକୁ ବାରଣ କରାଯାଇଛି।

■ ଏସ୍‌ବିଆଇରେ ୫ କୋଟି ଟଙ୍କାର ସୁନା ଋଣ ଠକେଇ ମାମଲା

## ତତ୍କାଳୀନ ମ୍ୟାନେଜର, ଫିଲ୍ଡ ଅଫିସର୍ ଗିରଫ

ଭୁବନେଶ୍ୱର,୨୭।୫(ସମିସ): ବାଲିଚନ୍ଦ୍ରପୁର ଏସବିଆଇ ଶାଖାରେ ସୁନା ଋଣ ଠକେଇ ଘଟଣାରେ ଆଉ ଦୁଇ ଜଣଙ୍କୁ ଗିରଫ କରିଛି ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ)। ଗିରଫ ଅଭିଯୁକ୍ତ ହେଉଛନ୍ତି ତତ୍କାଳୀନ ଶାଖା ପରିଚାଳକ ଚନ୍ଦନ କୁମାର ମହଲ ଓ କ୍ଷେତ୍ର ଅଧିକାରୀ ଦେବେନ୍ଦ୍ର ନିରଞ୍ଜନ ସାହୁ। ଚନ୍ଦନ ଏବେ ଏସବିଆଇ ପ୍ରଶାସନିକ କାର୍ଯ୍ୟାଳୟର ମୁଖ୍ୟ ପରିଚାଳକ ଭାବେ କାମ କରୁଛନ୍ତି।

ସୂଚନା ଅନୁସାରେ, ୨୦୨୪-୨୫ ମସିହାରେ ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଏସବିଆଇ ଶାଖାରେ ଚନ୍ଦନ ମ୍ୟାନେଜର ଭାବେ କାମ କରୁଥିବା ବେଳେ ଦେବେନ୍ଦ୍ର କ୍ଷେତ୍ର ଅଧିକାରୀ ଭାବେ କାମ କରୁଥିଲେ। ସେହିପରି ପ୍ରଶାନ୍ତ କୁମାର ମଲ୍ଲିକ ସିନିଅର୍ ଆସୋସିଏଟ୍ ତଥା କ୍ୟାସ୍ ଇନଚାର୍ଜ ଭାବେ କାମ କରୁଥିଲେ। ପ୍ରଶାନ୍ତ ବଣିଆ ସହ ମିଶି ସୁନା ଓ ଆବଶ୍ୟକୀୟ କାଗଜପତ୍ର ଯାଞ୍ଚ କରିବା, ସୁନା ମୂଲ୍ୟାଙ୍କନ କରି ଋଣ ସୁପାରିଶ କରିବା ଦାୟିତ୍ୱରେ ଥିଲେ। ବାଲେଶ୍ୱର ଏସବିଆଇ ଶାଖାର ମୁଖ୍ୟ ପରିଚାଳକ ମନୋରମା ରାଉତ ଗତବର୍ଷ ନିୟମିତ ପରିଦର୍ଶନରେ ଆସିଥିବା ବେଳେ ପ୍ରଶାନ୍ତ ସୁନା ଋଣ ଫାଇଲ୍ ଦେଖାଇ ପାରିନଥିଲେ।

**■ ଜାଲିଆତି କରି ୧୦୩ ଜଣଙ୍କୁ ଋଣ ଦେଇଥିଲେ**

**■ କେଉଁ ଆକାଉଣ୍ଟରେ ନକଲି ସୁନା ତ କେଉଁଥିରେ ସୁନା ନାହିଁ**

ଏମିତିକି କାହାରିକୁ କିଛି ନ ଜଣାଇ ହଠାତ୍ ବ୍ୟାଙ୍କରୁ ଫେରାର ହୋଇ ଯାଇଥିଲେ। ବ୍ୟାଙ୍କ୍ ପକ୍ଷରୁ ଆଭ୍ୟନ୍ତରୀଣ ଅନୁସନ୍ଧାନ କରାଯିବା ପରେ ୧୦୫ଟି ସୁନା ଋଣ ଠକେଇ ହୋଇଥିବା କଥା ସାମ୍ନାକୁ ଆସିଥିଲା। ଋଣ ସମ୍ବନ୍ଧୀୟ କାଗଜପତ୍ର ଓ ବଣିଆ ରିପୋର୍ଟ ମଧ୍ୟ ନଥିବାବେଳେ କେତେକ କାଗଜପତ୍ରରେ ଋଣ ଗ୍ରହିତାଙ୍କର ଦସ୍ତଖତ ଜାଲିଆତି ହୋଇଥିବା କଥା ପଦାକୁ ଆସିଥିଲା। ଏମିତିକି ଋଣ ଟଙ୍କାକୁ ପ୍ରଶାନ୍ତ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ନିଜ ବ୍ୟାଙ୍କ୍ ଆକାଉଣ୍ଟକୁ ନେଇଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ୫ କୋଟି ୨୧ ଲକ୍ଷ ୪୨ ହଜାର ଟଙ୍କା ଋଣ ଠକେଇ ହୋଇଥିବା ନେଇ ଏସବିଆଇ ପାରାଦୀପ ଆଞ୍ଚଳିକ ଶାଖାର ପରିଚାଳକ ପିୟୁଷ ରଞ୍ଜନ ସ୍ୱାଇଁ ଇଓଡବ୍ଲୁରେ ଅଭିଯୋଗ କରିବା ପରେ ଡିଏସପି ବଧୂଲିକା ସ୍ୱାଇଁଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ଶ୍ରୀମତୀ ସ୍ୱାଇଁ ଗତମାସ ୨୨ ତାରିଖରେ ପ୍ରଶାନ୍ତଙ୍କୁ ଗିରଫ କରିଥିଲେ।





ତତ୍କାଳୀନ ଶାଖା ପରିଚାଳକ ଚନ୍ଦନ ଓ କ୍ଷେତ୍ର ଅଧିକାରୀ ଦେବେନ୍ଦ୍ର ଏହି ସୁନା ଋଣ ଠକେଇରେ ସାମିଲ ଥିବା ଅଧିକ ତଦନ୍ତରୁ ପ୍ରମାଣ ମିଳିଥିଲା। ଚନ୍ଦନ ସୁନା ୮୭ଟି ଆକାଉଣ୍ଟକୁ ୪ କୋଟି ୩୮ ଲକ୍ଷ ଟଙ୍କା ଋଣ ମଞ୍ଜୁର କରିଥିବା କଥା ସାମ୍ନାକୁ ଆସିଥିଲା। ସେହିପରି ଚନ୍ଦନ ଛୁଟିରେ ଥିବାବେଳେ ଶାଖା ଦାୟିତ୍ୱରେ ଥିବା କ୍ଷେତ୍ର ଅଧିକାରୀ ଦେବେନ୍ଦ୍ର ମଧ୍ୟ ୧୬ଟି ଆକାଉଣ୍ଟକୁ ୭୩ ଲକ୍ଷ ୮୫ ହଜାର ଟଙ୍କାର ଋଣ ମଞ୍ଜୁର କରିଥିଲେ। ହାତରେ ପ୍ରମାଣ ଲାଗିବା ପରେ ତଦନ୍ତକାରୀ ଅଧିକାରିଣୀ ଶ୍ରୀମତୀ ସ୍ୱାଇଁ ଆଜି ଚନ୍ଦନ ଓ ଦେବେନ୍ଦ୍ରଙ୍କୁ ଗିରଫ କରି ଓପିଆଇଡି କୋର୍ଟକୁ ଚାଲାଣ କରିଛନ୍ତି। ସେପଟେ ୧୦୫ଟି ଋଣ ମଧ୍ୟରୁ ୬୨ଟି ଆକାଉଣ୍ଟରେ ବିନା କୌଣସି ସୁନାରେ ଋଣ ଦିଆଯାଇଥିବା ବେଳେ ବାକିତକ ଆକାଉଣ୍ଟରେ ନକଲି ସୁନା ରଖି ଋଣ ଦିଆଯାଇଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

## କଲେଜ ଆକାଉଣ୍ଟରୁ ୨୭ ଲକ୍ଷ ନେଇଗଲେ ହଷ୍ଟେଲ ଅଧୀକ୍ଷକ

ରାଉରକେଲା,୨୭।୫(ସମିସ): ପାନପୋଷ ସ୍ଥିତ ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏକ ବଡ ଧରଣର ଆର୍ଥିକ ଅନୀୟମିତତା ହୋଇଥିବା ନଜରକୁ ଆସିଛି। ଛାତ୍ରାବାସର ସୁପରିଟେଣ୍ଡେଣ୍ଟ ତଥା ମନୋବିଜ୍ଞାନ ବିଭାଗ ମୁଖ୍ୟ ମହେନ୍ଦ୍ର ତନୟା ଟୁଡୁ ମହାବିଦ୍ୟାଳୟର ବ୍ୟାଙ୍କ ଆକାଉଣ୍ଟରୁ ୨୭ ଲକ୍ଷ ୫୦ ହଜାର ଟଙ୍କା ନିଜ ଆକାଉଣ୍ଟକୁ

**■ ଉଚ୍ଚଶିକ୍ଷା ବିଭାଗକୁ ଚିଠି ଲେଖି, ତଦନ୍ତ କମିଟି ଗଠନ କରି ଚୁପ୍‌ହୋଇ ବସିଛନ୍ତି ଅଧ୍ୟକ୍ଷା**

**■ କ୍ୟାସ୍ ବୁକ୍ ରେକର୍ଡ ଯାଞ୍ଚ କରି ମଧ୍ୟ ଚଞ୍ଚକତା ଧରିପାରିଲେନି ଉଚ୍ଚ ଶିକ୍ଷା ସଚିବ**

ଟ୍ରାନ୍ସଫର୍ କରିନେଇଥିବା ଅଭିଯୋଗ ଆସିଛି। ଏହି ଘଟଣା ପ୍ରଘଟ ପରେ କଲେଜ ଅଧ୍ୟକ୍ଷା କେବଳ ତଦନ୍ତ କମିଟି ଗଠନ କରି ଓ ଉଚ୍ଚ ଶିକ୍ଷା ବିଭାଗକୁ ଚିଠି କରି ଚୁପ୍ ବସିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ଘଟଣା ପ୍ରଘଟ ପରେ ବି ଏଯାଏଁ ଥାନାରେ କଲେଜ ଅଧ୍ୟକ୍ଷା ଏନେଇ କୌଣସି ଏତଲା ନ ଦେବା ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି।

ସୂଚାନୁଯାୟୀ, ଅଧ୍ୟାପକ ଶ୍ରୀ ଟୁଡୁ ଗତ ଡିସେମ୍ବର ୨୪ ତାରିଖରେ କଲେଜ ଆକାଉଣ୍ଟରୁ ୩ ଲକ୍ଷ ଟଙ୍କା ନିଜ ଆକାଉଣ୍ଟକୁ ଟ୍ରାନ୍ସଫର୍ମର କରିଥିଲେ। ପରେ ଜାନୁଆରୀ ୫ ତାରିଖରେ ଏକାଥରେ ୨୦ ଲକ୍ଷ ଟଙ୍କା ଏବଂ ଫେବୃଆରୀ ୨୭ ତାରିଖରେ ଦେଢ ଲକ୍ଷ ଟଙ୍କା ଛାତ୍ରାବାସ ଆକାଉଣ୍ଟରୁ ନିଜ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର କରିଥିଲେ। ଏପରି ତିନିଟି ପର୍ଯ୍ୟାୟରେ ଛାତ୍ରାବାସ ପାଣ୍ଠିରୁ ମୋଟ ୨୪ ଲକ୍ଷ ୫୦ ହଜାର ଟଙ୍କା ନିଜ ଆକାଉଣ୍ଟକୁ ବେଆଇନ ଭାବେ ଟ୍ରାନ୍ସଫର୍ମର କରିଥିବା ଜଣାପଡିଛି। ଏତଦବ୍ୟତୀତ ଛାତ୍ରାବାସର ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ଆକାଉଣ୍ଟକୁ ୩ ଲକ୍ଷ ଟଙ୍କା ଟ୍ରାନ୍ସଫର କରାଯାଇଥିବା ସୂଚନା ମିଳିଛି। ଏପରି ଭାବେ ମୋଟ ୨୭ ଲକ୍ଷ ଟଙ୍କା କଲେଜ ଆକାଉଣ୍ଟରୁ ଟ୍ରାନ୍ସଫର୍ମର କରାଯାଇ ଆତ୍ମସାତ କରାଯାଇଥିବା ସୂଚନା ମିଳିଛି। ସେପଟେ ଏହି ଘଟଣା ପ୍ରଘଟ ହେବା ପରେ ଅଧ୍ୟକ୍ଷା ଉଚ୍ଚ ଶିକ୍ଷା ବିଭାଗକୁ ଚିଠି ଲେଖି ଜଣାଇବା ସହ ଏକ ତଦନ୍ତ କମିଟି ଗଠନ କରି ତଦନ୍ତ କରୁଥିବା ସୂଚନା ମିଳିଛି। ଅଭିଯୁକ୍ତ ଅଧ୍ୟାପକ ମହେନ୍ଦ୍ର ତନୟା ଟୁଡୁ ତଦନ୍ତ କମିଟି ସମ୍ମୁଖରେ ହାଜର ହୋଇ ନିଜ ପକ୍ଷ ରଖି ଆଗାମୀ ୪୫ ଦିନ ଭିତରେ ସମସ୍ତ ଟଙ୍କା ଫେରସ୍ତ କରିବେ ବୋଲି କହିଛନ୍ତି ବୋଲି ଜଣାପଡ଼ିଛି। ସେପଟେ ତଦନ୍ତ କମିଟି ଉଚ୍ଚଶିକ୍ଷା ବିଭାଗକୁ ତଦନ୍ତ ରିପୋର୍ଟ ଦେଇଥିବା ମଧ୍ୟ ସୂଚନା ମିଳିଛି। ତେବେ ଏତେ ବଡ଼ ଦୁର୍ନୀତି ଘଟିଥିଲେ ମଧ୍ୟ ଅଧ୍ୟକ୍ଷା ଥାନାରେ ଏଯାଏଁ ଏତଲା ନଦେବା ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି। ଅପରାଧିଙ୍କୁ ଘଣ୍ଟ ଘୋଡ଼ାଇବା ସହ ଅପରାଧୀକୁ ସୁରକ୍ଷା ଦେବାକୁ ଚେଷ୍ଟା କରାଯାଉଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ଅପରପକ୍ଷେ ଗତ ଏପ୍ରିଲ ୧୧ ତାରିଖରେ ଉଚ୍ଚ ଶିକ୍ଷା ବିଭାଗ ସଚିବ ଅରବିନ୍ଦ ▶ପୃଷ୍ଠା-୭

## ଜୁଲାଇ ୨ରୁ ମାଟ୍ରିକ ସପ୍ଲିମେଣ୍ଟାରୀ

କଟକ,୨୭ ।୫(ସମିସ): ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ୨୦୨୬ ମାଟ୍ରିକ ସପ୍ଲିମେଣ୍ଟାରୀ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ପାଇଁ ବିଧିବଦ୍ଧ ଭାବେ ସୂଚୀ ପ୍ରକାଶ ପାଇଛି। ଜୁଲାଇ ୨ରୁ ଏହି ପରୀକ୍ଷା ଆରମ୍ଭ ହୋଇ ଜୁଲାଇ ୧୦ ପର୍ଯ୍ୟନ୍ତ ଚାଲିବ। ଉଭୟ ରେଗୁଲାର ଏବଂ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀଙ୍କ ପାଇଁ ଗୋଟିଏ ସିଟିଂ ଏବଂ ସମାନ ପ୍ରଶ୍ନପତ୍ରରେ ପରୀକ୍ଷା କରାଯିବ। ପରୀକ୍ଷା ପ୍ରତିଦିନ ସକାଳ ୯ ଟାରୁ ଆରମ୍ଭ ହୋଇ ୧୧ଟା ୩୦ ପର୍ଯ୍ୟନ୍ତ ଚାଲିବ। ଗଣିତ ପରୀକ୍ଷା ପାଇଁ ଅଧିକ ୧୫ ମିନିଟ୍ ଅର୍ଥାତ୍ ୧୧:୪୫ ପର୍ଯ୍ୟନ୍ତ ସମୟ ମିଳିବ। ଜୁଲାଇ ୨ ତାରିଖ ଦିନ ପ୍ରଥମ ଭାଷା ସାହିତ୍ୟ, ୪ ତାରିଖରେ ଦ୍ୱିତୀୟ ଭାଷା ଇଂରାଜୀ, ୫ ତାରିଖରେ ଟିଏଲଭି ପ୍ରାକ୍ଟିକାଲ୍, ୬ ତାରିଖରେ ଗଣିତ, ୮ ତାରିଖରେ ବିଜ୍ଞାନ, ୯ ତାରିଖରେ ସାମାଜିକ ବିଜ୍ଞାନ, ୧୦ ତାରିଖରେ ସଂସ୍କୃତ ପରୀକ୍ଷା ଅନୁଷ୍ଠିତ ହେବ। ଭୋକେସନାଲ୍ ଟ୍ରେଡ୍‌ଗୁଡ଼ିକର ପ୍ରାକ୍ଟିକାଲ୍ ପରୀକ୍ଷା ନିଜ ନିଜ ବିଦ୍ୟାଳୟରେ ଜୁନ ୨୧ରୁ ୨୭ ତାରିଖ ମଧ୍ୟରେ ଓସେପା ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ। ସେହିଭଳି ମୁକ୍ତବିଦ୍ୟାଳୟ ପରୀକ୍ଷା ବି ଅନୁରୂପ ୨ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ।

**ମହେନ୍ଦ୍ରଗିରି ସୁରକ୍ଷା ପ୍ରସଂଗ**

## ରାଜ୍ୟ ସରକାର ଓ ଏଏସ୍‌ଆଇକୁ ଜବାବ ତଲବ

କଟକ,୨୭ ।୫(ସମିସ): ବେଆଇନ ଭାବେ ମହେନ୍ଦ୍ରଗିରି ପର୍ବତରେ ଖନନ କରାଯିବା ସହିତ ଅନଧିକୃତ ନିର୍ମାଣ କାର୍ଯ୍ୟ କରାଯାଉଥିବା ଅଭିଯୋଗ ନେଇ ରୁଜୁ ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ମାମଲାର ଶୁଣାଣି କରି ରାଜ୍ୟ ସରକାର ଏବଂ ଏଏସଆଇ ନିକଟରୁ ଜବାବ ତଲବ କରିଛନ୍ତି ହାଇକୋର୍ଟ। କେ.ଭୂୟାଁ ଓ ଅନ୍ୟ ଦୁଇ ଜଣଙ୍କ ତରଫରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ଜଷ୍ଟିସ କୃଷ୍ଣରାମ ମହାପାତ୍ର ଓ ଜଷ୍ଟିସ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଗ୍ରୀଷ୍ମ ଅବକାଶ ପରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ମାମଲାର ବିବରଣୀରୁ ପ୍ରକାଶ ଯେ ଗଜପତି ଜିଲ୍ଲାର ମହେନ୍ଦ୍ରଗିରି ପର୍ବତ ଏକ ପବିତ୍ରସ୍ଥାନ ହୋଇଥିବା ବେଳେ ସ୍ଥାନୀୟ ଅନୁସୂଚିତ ଜନଜାତି ବର୍ଗ ଏହାର ପୂଜାର୍ଚ୍ଚନା କରିଥାନ୍ତି। ୨୦୨୨ରେ ରାଜ୍ୟ ସରକାର ମହେନ୍ଦ୍ରଗିରିକୁ ବାୟୋ-ଡାଇଭର୍ସିଟି ହେରିଟେଜ ସାଇଟ ଭାବେ ଘୋଷଣା କରିଥିଲେ। ଏହା ଏକ ସଂରକ୍ଷିତ ତଥା ନିଷିଦ୍ଧାଞ୍ଚଳ ହୋଇଥିଲେ ବି ବେଆଇନ ଭାବେ ଖନନ କାର୍ଯ୍ୟ କରାଯାଉଛି। ଏହା ପରିବେଶ ନିୟମ, ଜଙ୍ଗଲ ସୁରକ୍ଷା ସଂପର୍କିତ ଅଧିନିୟମ, ପ୍ରାଚୀନ ସ୍ମାରକୀ ଓ ପ୍ରତ୍ନତାତ୍ତ୍ୱିକ ସ୍ଥଳ ସୁରକ୍ଷା ପାଇଁ ରହିଥିବା ଆଇନର ସ୍ପଷ୍ଟ ଉଲ୍ଲଙ୍ଘନ ବୋଲି ଅଭିଯୋଗ କରାଯାଇଛି। ତୁରନ୍ତ ବେଆଇନ କାର୍ଯ୍ୟକଳାପ, ଜବରଦଖଲ ଓ ଅନଧିକୃତ ନିର୍ମାଣ ବନ୍ଦ କରାଯିବା ଉଚିତ ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା। ମାମଲାରେ ଗଜପତି ଜିଲ୍ଲାପାଳ, ଏସପି, ପାରଳାଖେମୁଣ୍ଡି ଡିଏଫଓ, ଏଏସଆଇ ଓ ଅନ୍ୟମାନଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଶିବଶଙ୍କର ମହାନ୍ତି ମାମଲା ପରିଚାଳନା କରୁଛନ୍ତି।




सत्यमेव जयते

**ପବିତ୍ର ଇଦ୍-ଉଜ୍-ଜୁହା-୨୦୨୬ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

ପବିତ୍ର ଇଦ୍-ଉଜ୍-ଜୁହା-୨୦୨୬ ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ସେବା, ସମର୍ପଣ, ତ୍ୟାଗ ଓ ତିତିକ୍ଷାର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ଉତ୍ସର୍ଗୀକୃତଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି।

(ହରି ବାବୁ କମ୍ଭମପାଟି)

OIPR-15001/15001/2/26-27/0046

15001/46/2627

**ଇଦ୍-ଉଜ୍-ଜୁହା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**



ପବିତ୍ର ଇଦ୍-ଉଜ୍-ଜୁହା ପର୍ବ ଉପଲକ୍ଷେ ରାଜ୍ୟବାସୀ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ପାରିବାରିକ ବିବାଦ ଲାଗି ପଡ଼ି ରହିଲା ମା'ର ଶବ

ରାଜଘାଟ, ୨୭।୫ (ସମିସ)

ଭାଇ ଭାଇ ମଧ୍ୟରେ ବିବାଦ ଲାଗି ରହିଥିବା ଯୋଗୁଁ ନିଜ ଜନ୍ମ କଲା ମା'ର ମୃତ୍ୟୁ ପରେ କଲେନି ଶବ ସତ୍କାର। ଫଳରେ ଘରେ ପଡି ରହିଲା ଶବ, ଖବର ପାଇ ଦୀର୍ଘ ୧୦ ଘଣ୍ଟା ପରେ ସ୍ଥାନୀୟ ପୋଲିସ ଅଧିକାରୀ ପହଞ୍ଚି ନିଜେ କାନ୍ଧରେ ବୋହି ନେଇ ମଶାଣି ରେ କଲେ ଶବ ସତ୍କାର। ଏହି ଘଟଣା ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟପାଲଟିଥିବା ବେଳେ ପୋଲିସ ଅଧିକାରୀଙ୍କ ଏଭଳି କାର୍ଯ୍ୟକୁ ପ୍ରଶଂସା କରିଛନ୍ତି ଲୋକେ। ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ସନ୍ତୋଷପୁର ପଞ୍ଚାୟତ ଲୋକନାଥପୁର ଗ୍ରାମରେ ଘଟିଛି ଅଭାବନୀୟ ଘଟଣା। ସୂଚନା ଅନୁଯାୟୀ



ଏହି ଗ୍ରାମର ସ୍ୱର୍ଗତ ବଂଶୀଧର ଦାସ ଙ୍କ ପତ୍ନୀ ତୁଳସୀ ଦାସ (୮୦)ଙ୍କ ତିନି ଜଣ ପୁଅ ଅଛନ୍ତି, ବଡ ପୁଅ ନିଖୋଜ ଥିବା ବେଳେ ତୁଳସୀ ସାନ ପୁଅ ପାଖରେ ରହୁଥିଲେ। ଗତକାଲି ସକାଳେ ତୁଳସୀଙ୍କ ମୃତ୍ୟୁ ହୋଇଥିଲା। ଶବସତ୍କାର କରିବାକୁ ନେଇ ମଝିଆ ଏବଂ ସାନ ପୁଅ ମଧ୍ୟରେ ବିବାଦ ଯୋଗୁଁ ରାତି ୯ ଟା ପର୍ଯ୍ୟନ୍ତ

**ସତ୍କାର କଲା ବସ୍ତା ପୁଲିସ**

ଘର ବାରଣ୍ଡାରେ ଶବ ପଡିରହିଥିଲା। ଖବର ପାଇ ଅମର୍ଦ୍ଦା ରୋଡ୍ ଫାଣ୍ଡି ଅଧିକାରୀ ବିଜୟ କୁମାର ବାରିକ ଏବଂ ଅନ୍ୟ ପୁଲିସ କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ଘରଠାରୁ ଦୁଇ କିଲୋମିଟର ପର୍ଯ୍ୟନ୍ତ ନିଜ କାନ୍ଧରେ ଶବ ବୋହିନେଇ ସୁବର୍ଣ୍ଣରେଖା ନଦୀ ପଠାରେ ଶବ ସତ୍କାର କରିଥିଲେ।ସ୍ୱାର୍ଥପର ଦୁନିଆରେ ନିଜର ମଣିଷ ପର ହୋଇ ଯାଉଥିବା ବେଳେ ପୋଲିସ ଅଧିକାରୀଙ୍କ ଏଭଳି ମହାନତା ଯୋଗୁଁ ସବୁ ମହଲରେ ପ୍ରଶଂସାର ସୁଅ ଛୁଟୁଛି।

# ବସ୍ତାରୁ ଶଙ୍ଖା ଭଙ୍ଗାକୁ ରେଳପଥ ସଂଯୋଗୀକରଣ ପାଇଁ ରେଳମନ୍ତ୍ରୀଙ୍କୁ ଚିଠି ଲେଖିଲେ ନଗର ଉନ୍ନୟନ ମନ୍ତ୍ରୀ

**ବସ୍ତା ବ୍ଲକ, ୨୭।୫ (ସମିସ):** ବାଲେଶ୍ୱର ସୀମାନ୍ତ ମୟୂରଭଞ୍ଜ ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ପାଇଁ ଏକ ନୂତନ ସମ୍ଭାବନା ଚେଇଁ ଉଠିଛି। ବାଲେଶ୍ୱର ଜିଲ୍ଲା ବସ୍ତା ରୁ ମୟୂରଭଞ୍ଜ ଜିଲ୍ଲା ଶଙ୍ଖା ଭଙ୍ଗାକୁ ରେଳ ସଂଯୋଗୀକରଣ ପାଇଁ ନଗର ନୂତନ ରେଳପଥ ନିର୍ମାଣ ପାଇଁ ଉନ୍ନୟନ ମନ୍ତ୍ରୀ ଓଡ଼ିଶା ସରକାର ତଥା ମୋରଡା ନିର୍ବାଚନ ମଣ୍ଡଳୀ ର ବିଧାୟକ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଙ୍କୁ ଚିଠି ଜରିଆରେ ନିବେଦନ କରିବା ପରେ ବାଲେଶ୍ୱର ମୟୂରଭଞ୍ଜ ଦୁଇ ଜିଲ୍ଲା ଅଞ୍ଚଳ ବାସୀଙ୍କ ନୂତନ ଆଶା ଦେଇଛି। ମନ୍ତ୍ରୀ ଶ୍ରୀ ମହାପାତ୍ର ଗତ ୨୫ ମେ ରେ ଚିଠି ନମ୍ବର ୩୨୬ ମୂଳେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱନୀ ବୈଷ୍ଣବଙ୍କୁ ଏହି ପ୍ରସ୍ତାବ କୁ ଅନୁମୋଦନ କରି ସର୍ଭେ ସହିତ ଅର୍ଥ ମଞ୍ଜୁର ପାଇଁ ନିବେଦନ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲାର ସୀମାନ୍ତ ରେଳ ଷ୍ଟେସନ୍ ବସ୍ତା ହୋଇଥିବା ବେଳେ ସେହିଠାରୁ ଶଙ୍ଖାଭଙ୍ଗା (ବାରିପଦା) ପର୍ଯ୍ୟନ୍ତ ୩୫ କିଲୋମିଟର ନୂତନ ରେଳପଥ ନିର୍ମାଣ ହେଲେ ରାସଗୋବିନ୍ଦପୁର, ଚିତ୍ରଡ଼ା, ଝିଙ୍କରିଆ, ମୋରଡା, ବାର ମାଇଲ ସଂଯୋଗ କରିବା ର ଚିଠି ରେ ଦର୍ଶା ଯାଇଛି। ଏହି ରେଳପଥ ମଞ୍ଜୁରୀ ମିଳିଲେ ଆଞ୍ଚଳିକ ବିକାଶ ହେବ। ଶିକ୍ଷା, ସ୍ୱାସ୍ଥ୍ୟ, ବଜାର, ବିଭିନ୍ନ ସରକାରୀ ବେସରକାରୀ କାର୍ଯ୍ୟାଳୟକୁ ଯୋଗାଯୋଗ, ବନ୍ୟ ଜାତ ସାମଗ୍ରୀ ର ପରିବହନ, କୃଷି ର ଉନ୍ନତି ସହିତ ଅର୍ଥନୀତି ସୁଦୃଢ଼ ହେବା ଆକଳନ କରାଯାଇଛି। ଅନ୍ୟପକ୍ଷେ ବାରିପଦା ରୁ ଏହି ରୁଟ୍ ଦେଇ ଅଧିକ ଟ୍ରେନ ମଧ୍ୟ ଚଳାଚଳ କରିପାରିବ। ଯାହା ଦ୍ୱାରା ଯାତ୍ରୀ ଉପକୃତ ହୋଇ ପାରିବେ। ଆଗକୁ ଯଦି ସରକାର ରାସଗୋବିନ୍ଦପୁର ସ୍ଥିତ ଅମର୍ଦ୍ଦା ଏୟାରଷ୍ଟ୍ରିପକୁ ପୁନରୁଦ୍ଧାନ ହୁଏ ତାହାଲେ ବିଶେଷ ଫଳପ୍ରଦ ହେବ। ସେହିପରି ବସ୍ତା ଷ୍ଟେସନ ଜଂସନ ମାନ୍ୟତା ଲାଭ କରିବ। ଯାହା ଦ୍ୱାରା ଦୁଇ ଜିଲ୍ଲା ର ସୀମାନ୍ତ ବାସୀଙ୍କ ବିକାଶ ର ଅଭିବୃଦ୍ଧି ହେବା ନେଇ ଆଲୋଚନା ହେଉଛି। ମନ୍ତ୍ରୀ ଙ୍କ ଏହି ଭଳି ପଦକ୍ଷେପକୁ ସବୁ ମହଲ ରୁ ସ୍ୱାଗତ କରାଯାଇଛି। କେନ୍ଦ୍ର ରେଳବାଇ ମନ୍ତ୍ରୀ ଏହି ପ୍ରସ୍ତାବିତ ରେଳପଥ ନିର୍ମାଣ ଉପରେ ମୋହର ଲଗାଇବାକୁ ଅଞ୍ଚଳ ବାସୀ ଦାବି କରିଛନ୍ତି।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ବଟବୃକ୍ଷ ସୁରକ୍ଷା ଦାବି

**ବାଲେଶ୍ୱର, ୨୭।୫ (ସମିସ):** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରହିଛି ଐତିହ୍ୟ ସମ୍ପନ୍ନ ପୁରାତନ ବଟବୃକ୍ଷ। ଏବେ ଏହି ବଟବୃକ୍ଷର ଚାରିପଟେ ଥିବା ପିଣ୍ଡିଟି ଭାଙ୍ଗିରୁଜି ଗଲାଣି। ଏଣୁ ଏହାକୁ ମରାମତି କରିବା ପାଇଁ ଆଜି ବଟବୃକ୍ଷ ସୁରକ୍ଷା ମଞ୍ଚ ପକ୍ଷରୁ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ସାକ୍ଷାତ କରାଯାଇ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ମଂଚ ପକ୍ଷରୁ କୁହାଯାଇଛି ଯେ, ଜିଲ୍ଲାପାଳଙ୍କ ପୁରାତନ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ରହିଛି ଐତିହ ସମ୍ପନ୍ନ ବଟବୃକ୍ଷ। ଏହି ବଟ ବୃକ୍ଷର ସୁରକ୍ଷା ସହ ଏହାର ଚାରିପାଖରେ ଥିବା ପିଣ୍ଡି ଗୁଡିକ ଭାଙ୍ଗିରୁଜି ଗଲାଣି। ଏହାଛଡା ସେଠାରେ ଲାଗିଥିବା ଟାଇଲ ମଧ୍ୟ ଭାଙ୍ଗି ଗଲାଣି। ଏହି ବଟବୃକ୍ଷ ତଳେ ଦୈନିକ ହଜାର ହଜାର ଲୋକେ ଆଶ୍ରୟ ନେଉଛନ୍ତି। ଏପରିକି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ



ଆସୁଥିବା ଦୂରଦୁରାନ୍ତରୁ ଲୋକେ ଏଠାରେ ଟିକେ ବିଶ୍ରାମ ନେଉଛନ୍ତି। ଏଣୁ ଏହି ପିଣ୍ଡିକୁ ପୁନରୁଦ୍ଧାର କରାଯିବା ନୂତନ ଭାବେ ଟାଇଲ ଲଗାଇବା ପାଇଁ ଦାବି କରାଯାଇଛି। ଏଣୁ ଜନସାଧାରଣଙ୍କ ପାଇଁ ଅତିଆବଶ୍ୟକ ଥିବା ଏହି ବିଶ୍ରାମ ପିଣ୍ଡିର ସୁବନ୍ଦୋବସ୍ତ ଓ ନିର୍ମାଣ ପାଇଁ ଅନୁରୋଧ କରାଯାଇଛି। ସେହିପରି ଏହି ସୁରକ୍ଷା ମଂଚ ପୌରପରିଷଦ ଅଧ୍ୟକ୍ଷା ସବିତା ବେହେରାଙ୍କୁ ସାକ୍ଷାତ କରାଯାଇ ସେଇ ବଟ ବୃକ୍ଷ ନିକଟରେ ପ୍ରତିଦିନ ସଫେଇ କରାଯିବା ସହ ସେଠାରେ ୩ରୁ୪ଟି ଚେୟାର ପ୍ରଦାନ କରାଯିବା ପାଇଁ ଅନୁରୋଧ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀ, ଧୀରଜ ଦାସ, ତପନ ଦାସ, କଞ୍ଚମଣୀ ସ୍ୱାଇଁ, ଭାଗବତ ଚନ୍ଦ୍ର ଦାସ, ଚିତରଞ୍ଜନ ନାୟକ, ବିନାୟକ ମହାପାତ୍ର, ହିତ୍ରିକ ନାୟକ, ମନୋଜ ବିଶ୍ୱାଳ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଦକ୍ଷିଣ ଭୋଗରାଇ ଓଷ୍ଟା ପକ୍ଷରୁ ପ୍ରତିଭା ସମ୍ମାନ ସମାରୋହ

**ବାଲେଶ୍ୱର (ଉତ୍ତର), ୨୭।୫ (ସମିସ):** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଦକ୍ଷିଣ ଭୋଗରାଇ ପକ୍ଷରୁ ଏକ ପ୍ରତିଭା ସମ୍ମାନ ସମାରୋହ ବୁଧବାର ଅନୁଷ୍ଠିତ ହୋଇ ଯାଇଛି। ଏହି

**ସମ୍ବର୍ଦ୍ଧିତ ହେଲେ ୩୯ ମାଟ୍ରିକ ମହକ, ୨୩ ପ୍ରଧାନ ଶିକ୍ଷକ**

ସମାରୋହରେ ଭୋଗରାଇର ୩୯ ଜଣ ମାଟ୍ରିକ ମହକ ଓ ୨୩ ଜଣ ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। ଭୋଗରାଇ ହେରମ୍ବ ଚନ୍ଦ୍ର ଏକାଡେମୀ ପରିସରରେ ଥିବା ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳୀରେ ଆୟୋଜିତ ସଭାକୁ ଓଷ୍ଟାର ସଭାପତି ମହେଶ୍ୱର ଗିରି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ଯୋଗଦେଇ କହିଲେ, ସମ୍ପ୍ରତି ସମାଜରୁ ସମ୍ବେଦନଶୀଳତା ମରି ଯାଉଥିବା ବେଳେ ପିଲାଙ୍କ ମଧୁର ଶୈଶବକୁ ଛଡ଼ାଇ ନିଆ ଯାଉଛି। ମୁଖ୍ୟ ବକ୍ତା ବରିଷ୍ଠ ସାମ୍ବାଦିକ ତଥା ରାଜନେତା ସତ୍ୟଶିବ ଦାସ ଯୋଗଦେଇ ଶିକ୍ଷା ଏକ ଅଶାନ୍ତ ସମୁଦ୍ର ହେଲେ, ପ୍ରତିଟି ବ୍ୟକ୍ତି ସଉା ହୁଲି ଡଙ୍ଗା ବୋଲି କହିଥିଲେ। ବିଶିଷ୍ଟ ଅତିଥି ଓଷ୍ଟାର ରାଜ୍ୟ



ସଭାପତି ତଥା ସ୍ତମ୍ଭକାର ଅକ୍ଷୟ କୁମାର ମିଶ୍ର, ଭୋଗରାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଜିଲ୍ଲା ସଭାପତି ମନୋରଞ୍ଜନ ଦାସ, ପୂର୍ବତନ ଭୋଗରାଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିହାର ରଞ୍ଜନ ଦାସ, ଭୋଗରାଇ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଜ୍ୟୋତ୍ସ୍ନା ରାଣୀ ପଣ୍ଡା, ପୂର୍ବତନ ସଭାପତି ଶ୍ରୀନିବାସ ଚନ୍ଦ୍ର ପ୍ରଧାନ, ସମ୍ପାଦକ ନଟ ରଞ୍ଜନ ଘରାଇ, ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ଧଳ, ସ୍ଥାନୀୟ ସରପଞ୍ଚ ଦିଲ୍ଲୀପ କୁମାର ଦତ୍ତ ପ୍ରମୁଖ ଯୋଗଦେଇ ଅ।। ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀ ଦେବାଂଶୀ ଭଞ୍ଜ ମଞ୍ଚ ଆହ୍ୱାନ, ଜିଲ୍ଲା ଇସି ସଭ୍ୟ ଦେବ ଶଙ୍କର ଦାଶ ବେଦପାଠ, ସମ୍ପାଦକ ଶାଶ୍ୱତ କୁମାର ଜେନା ଉଦ୍ଦେଶ୍ୟ ଜ୍ଞାପନ ଓ ଶେଷରେ କୋଷାଧ୍ୟକ୍ଷ ମନୋରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ପରିଚାଳନା ସମିତିର ସଦସ୍ୟମାନେ ସହଯୋଗ କରିଥିଲେ।

# ଝିଅକୁ ବିକ୍ରି କରିଥିବା ପୀଡ଼ିତା ପରିବାର ପାଖରେ ପହଞ୍ଚିଲା ପ୍ରଶାସନ

**ଜଳେଶ୍ୱର, ୨୭।୫ (ସମିସ) :** ସରକାର ବହୁ ଜନ କଲ୍ୟାଣ ଯୋଜନା ପ୍ରଣୟନ କରିଥିଲେ ମଧ୍ୟ ତୃଣମୂଳ ସ୍ତରରେ ସଫଳ ରୂପାୟନ ହୋଇପାରୁନାହିଁ। ଫଳରେ



ବହୁ ଗରିବ ପରିବାର ଅବହେଳିତ ହୋଇ ଦୁଃଖ ଦୈନ୍ୟ ମଧ୍ୟରେ କାଳାତିପାତ କରୁଛନ୍ତି। ଜଳେଶ୍ୱର ପୌରପାଳିକାର ୮ ନଂ ୱାର୍ଡ ଫଟୁଘଣ୍ଟା ସ୍ଥିତ ଶଙ୍କର ସିଂ ଓ ସରସ୍ୱତୀ ସିଂ ପ୍ରତିପୋଷଣ କରି ନପାରି ଶିଶୁ କନ୍ୟାକୁ ବିକ୍ରି କରିଥିବା କହିଛନ୍ତି। ରୋଗାଗ୍ରସ୍ତ ଶଂକରର ସେପରି କୌଣସି ରୋଜଗାର ନ ଥିବା ବେଳେ ସ୍ୱାମୀ ସ୍ତ୍ରୀ ପରଘରେ ମୂଲ ଲାଗି ପରିବାର ପ୍ରତିପୋଷଣ କରନ୍ତି। ବୁଢ଼ୀ ମା ଓ ଦୁଇ ଝିଅ ସହ ରହୁଥିବା ବେଳେ ଦାରୁଣ ଅଭାବରୁ କୁନି ସାନ ଝିଅକୁ ଭଦ୍ରକ ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଛନ୍ତି। ଘଟଣା ପ୍ରଘଟ ପରେ ଜଳେଶ୍ୱର ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ ପିଡୀତ ପରିବାର ନିକଟରେ ପହଞ୍ଚି ସମସ୍ତ କଥା ଶୁଣୁଥିଲେ।ସରସ୍ୱତୀ ଓ ଦୁଇ ଝିଅର ରାସନ୍ ମିଳୁନଥିବା ବେଳେ ଆବାସ ଘର ଯୋଜନା ରୁ ବଞ୍ଚିତ ହୋଇ ଦଦରା କୁଡ଼ିଆ ରେ ଦୟନୀୟ ଭାବେ ରହୁଛନ୍ତି। ସନ୍ଧ୍ୟାରେ ମ୍ୟୁନିସିପାଲଟି କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ ସିଂ ପୀଡ଼ିତ ପରିବାର ନିକଟରେ ପହଞ୍ଚି ରାସାନ କାର୍ଡ ସଂଯୋଗ କରିବା ସହ ଆବାସ ଯୋଜନାରେ ସାମିଲ୍ ଓ ଭଦ୍ରକ ଯାଇ କୁନି ଝିଅକୁ ଫେରେଇ ଆଣିବାକୁ ପ୍ରୟାସ କରିବେ ବୋଲି ସାମ୍ବାଦିକ ମାନଙ୍କୁ କହିଛନ୍ତି।

# ଶୀତଳ ଭଣ୍ଡାର ନ ଥିବାରୁ ରବି ପରିବା ଚାଷରେ କ୍ଷତି ସହୁଛନ୍ତି ଚାଷୀ

**କାଳିପଦା, ୨୭।୫ (ସମିସ):** ବାଲିଆପାଳ ବ୍ଲକ ଅଞ୍ଚଳରେ କୌଣସି ଶୀତଳ ଭଣ୍ଡାର ନ ଥିବାରୁ ରବି ପରିବା ଚାଷରେ ବର୍ଷ ବର୍ଷ ଧରି ଚାଷୀ କ୍ଷତି ସହୁଛନ୍ତି। ସରକାରୀ ସ୍ତରରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ହେବା ନେଇ କୌଣସି ଯୋଜନା ନାହିଁ। ଘରୋଇ ଉଦ୍ୟମରେ ଯେଉଁ ଶୀତଳ ଭଣ୍ଡାର ହେବା କଥା ତାହା ମଧ୍ୟ ହେଉ ନାହିଁ। ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି।ବାଲିଆପାଳ ବ୍ଲକର ସୁବର୍ଣ୍ଣ ରେଖା ନଦୀ ଅବବାହିକା ଓ ବଙ୍ଗୋପ ସାଗର ଉପକୂଳରେ ଶୀତ ଦିନରେ ଚିନା ବାଦାମ, ଡାଲି ଜାତୀୟ ଫସଲ, କୋବି, ବିଲାତି ବାଇଗଣ, କଲରା, କଖାରୁ, ପୋଟଳ, ଶିମ୍ବ, ଆଳୁ, ପିଆଜ, ରସୁଣ ଆଦି ପ୍ରଚୁର ପରିମାଣରେ ଚାଷ ହୁଏ। ଅମଳ ସମୟରେ ଉତ୍ପାଦିତ ଫସଲ ଗୁଡିକର ମୂଲ୍ୟ ଅତି କମ ରହୁଛି। ମାର୍କେଟିଙ୍ଗର ସେମିତି କିଛି ସୁବିଧା ନାହିଁ। ଫଳରେ ଚାଷୀମାନେ ଅଭାବୀ ବିକ୍ରିର ସାମ୍ନା କରନ୍ତି। ଶୀତଳ ଭଣ୍ଡାର ଥିଲେ ଉତ୍ପାଦିତ



ଶସ୍ୟ ଓ ପନିପରିବାକୁ ଚାଷୀମାନେ ସାଇତି ଅନ୍ୟ ସମୟରେ ଅଧିକ ଦରରେ ବିକ୍ରି କରି ପାରନ୍ତେ। ଫଳରେ ଚାଷୀମାନେ ଅଧିକ ଲାଭବାନ ହୋଇ ପାରନ୍ତେ। ପଶ୍ଚିମବଙ୍ଗ ସରକାର ଓଡିଶାକୁ ଆଳୁ ଯୋଗାଇବା ନେଇ କଟକଣା ଲାଗୁ କରୁଥିବା ବେଳେ ଏ ଅଞ୍ଚଳର ଚାଷୀ ମାନଙ୍କ ପାଇଁ ଶୀତଳ ଭଣ୍ଡାର ହୋଇ ପାରିଲେ ସମସ୍ୟା ଅନେକାଂଶ ସମାଧାନ ହୋଇ ପାରନ୍ତା ମନମୋହନ ବେହେରା, ଗୁଣନିଧି ବିଶ୍ୱାଳ, ଫକୀର ମୋହନ ସାହୁ, ସଦାନନ୍ଦ ଦେହୁରୀ, ସୁବ୍ରତ କୁମାର ଦେବ ଦାସ, ମନ୍ମଥ କୁମାର ପାତ୍ର, ମଦନ ମୋହନ ମହାନ୍ତି, ଗଣେଶ୍ୱର ବେହେରା, ସୁବୋଧ କୁମାର ପାତ୍ର, ସନ୍ୟାସୀ କୁମାର ପ୍ରଧାନ, ଭୀଷ୍ମ ଚରଣ ସାହୁ, ପରମାନନ୍ଦ ପଟ୍ଟାୟତ, କାଳି ଚରଣ ମୁଖି ପ୍ରମୁଖ ପ୍ରକାଶ କରିଛନ୍ତି। ସରକାର ଚାଷୀଙ୍କ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଲେ ଚାଷୀ ଅଧିକ ଲାଭବାନ ହୋଇ ପାରିବେ, ସରକାରଙ୍କ ମଧ୍ୟ ରାଜସ୍ୱ ବୃଦ୍ଧି ହେବ।

# ସିଂଲାରୁ ଶ୍ରୀକ୍ଷେତ୍ର ସାଇକଲରେ ଯାତ୍ରା

**ବାଲେଶ୍ୱର, ୨୭।୫ (ସମିସ):** ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପ୍ରତି ଶ୍ରଦ୍ଧା ରଖି ଦୀର୍ଘ ୩୫ବର୍ଷ ପୂର୍ବରୁ କରିଥିବା ପରିକଳ୍ପନା ଏବେ ଶେଷ ହେବାକୁ ଯାଉଛି। ସିଂଲାରୁ ଶ୍ରୀ କ୍ଷେତ୍ର ପୁରୀ ୩ଶହରୁ କିଲୋମିଟରରୁ ଅଧିକ ରାସ୍ତା ସାଇକେଲରେ ଯିବେ ବୋଲି ଆଜି ଶ୍ରୀ ଜଗନ୍ନାଥଙ୍କ ଜଣେ ଭକ୍ତ ଜିଲ୍ଲାପାଳଙ୍କୁ ଜଣାଇଛନ୍ତି। ସେ ହେଉଛନ୍ତି ସଦର ବ୍ଲକ



ସିଂଲା ଥାନା ଅର୍ନ୍ତଗତ ଆଳମଦା ଗ୍ରାମର ସ୍ୱର୍ଗତ ଲକ୍ଷ୍ମୀଧର ଦାସଙ୍କ ପୁଅ କୈଳାସ ଦାସ। ବୟସ ଏବେ ତାଙ୍କୁ ୬୧ଛୁଇଁ ଲାଣି। ହେଲେ ଭଗବାନଙ୍କୁ ଟିକିଏ ଦେଖିବା ପାଇଁ ସେ ଅଭିନବ ଉପାୟ ତଥା ସାଇକେଲ ଯୋଗେ ୨୮ ତାରିଖ ଠାରୁ ପୁରୀ ଶ୍ରୀକ୍ଷେତ୍ର ଅଭିମୁଖେ ତାଙ୍କ ଘର ଠାରୁ ବାହାରିବେ। ଆଉ ତାହା ପୁଣି ୩ଶହରୁ ଅଧିକ କିଲୋମିଟର ରାସ୍ତା। ସେ କହିଛନ୍ତି ଯେ, ୩୫ବର୍ଷ ତଳେ ସେ ଇଛା ପ୍ରକାଶ କରିଥିଲେ ଯେ ପୁରୀ ଯିବେ ସେ ପୁଣି ସାଇକେଲ ଯୋଗେ। ଏବେ ବୟସ ୬୧ହୋଇଥିଲେ ମଧ୍ୟ ସେ ନିଜକୁ ନିଜେ ଦୁର୍ବଳ ନଭାବି ସେଇ ଠାକୁରଙ୍କ ଡାକି ଶ୍ରୀକ୍ଷେତ୍ର ଅଭିମୁଖେ ବାହାରିବେ। ସାଙ୍ଗରେ ନିଜର ଆବଶ୍ୟକ ସାମଗ୍ରୀ ସହ ଖାଦ୍ୟ ପ୍ରଦାର୍ଥ ମଧ୍ୟ ସାଙ୍ଗରେ ନେଇ ଯିବେ ବୋଲି କହିଛନ୍ତି।

# ଓସିଏସ୍ ପରୀକ୍ଷାରେ ଆଦିତ୍ୟ ସିଂଦେଓଙ୍କ ସଫଳତା

**ନୀଳଗିରି, ୨୭।୫ (ସମିସ):** ଓସିଏସ୍ ପରୀକ୍ଷାରେ ନାତୁଣୀର ୫୩ ରାଙ୍କ ରହିଥିବା ଶୁଣି ନୀଳଗିରି ଘାଟଘରସାହି ଗ୍ରାମର ଅଜା ସତ୍ୟପ୍ରକାଶ ବୀରବର ଖୁସିରେ ବିଭୋର ହୋଇଛନ୍ତି। ନାତୁଣୀର ଖୁସିରେ ଘରେ ଘରେ ମିଠା ଖୁଆଇ ଥିବାର ଦେଖିବାକୁ ମିଳିଛି। ନୀଳଗିରି ଘାଟଘରସାହି ଗ୍ରାମର ସତ୍ୟ ପ୍ରକାଶ ବୀରବରଙ୍କର ଝିଅ



ରତ୍ନକାନ୍ତିଙ୍କୁ କେନ୍ଦୁଝରେ ର ମାଇନିଙ୍ଗ କଲୋନୀ ନିବାସୀ ଜଗନ୍ନାଥ ସିଂଦେଓଙ୍କୁ ବିବାହ ଦେଉଥିଲେ। ତାଙ୍କର ଝିଅ ଆଦିତ୍ୟ ସିଂଦେଓ ୨୦୨୪ମସିହାରେ ଓ.ଏ.ଏସ ପରୀକ୍ଷା ଦେଇଥଲେ। ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଆଦିତ୍ୟ ୫୩ରେଙ୍କ୍ ରେ ରହିଥିବା ବେଳେ ପରିବାର ମଧ୍ୟରେ ଆନନ୍ଦର ଲହରୀ ଖେଳି ଯାଇଛି। ନାତୁଣୀର ସଫଳତା ଖବର ପାଇ ଅଜା ଘର ଲୋକେ ଖୁସିର ଲହରୀ ଖେଳିଯାଇଛି। ଏହି ସଫଳତା ପାଇଁ ବାପା ମାଆ ଅଜା, ଆଇ, ମାମୁଁ ମାଇଁ ଙ୍କ ଆଶୀର୍ବାଦ, ମୋର ପରିଶ୍ରମ ହିଁ ସଫଳତା ଆଣି ଦେଇଛି ବୋଲି ଆଦିତ୍ୟ ସିଂଦେଓ ପ୍ରକାଶ କରିଛନ୍ତି।

# ବିଷପିଇ ଯୁବକର ଆତ୍ମହତ୍ୟା

**ଚନ୍ଦନେଶ୍ୱର, ୨୭।୫ (ସମିସ):** ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅନ୍ତର୍ଗତ ହୁଗୁଳି ଗ୍ରାମପଞ୍ଚାୟତର ବରବରିଆ ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ଗ୍ରାମର ଗୋପାଳ ଚନ୍ଦ୍ର ମଲ୍ଲିକ (୪୦) ବିଷ ପାନ କରି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୂଚନା ଅନୁଯାୟୀ, ଗୋପାଳ କୌଣସି କାରଣବଶତଃ ଘରେ ବିଷ ପାନ କରିଥିଲେ। ପରିବାର ଲୋକେ ଏହା ଜାଣିବା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ସଙ୍ଗେସଙ୍ଗେ ଚନ୍ଦନେଶ୍ୱର ପ୍ରାଥମିକ ଚିକିତ୍ସା କେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରଥମିକ ଚିକିତ୍ସା ପରେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଅଧିକ ସଙ୍କଟାପନ୍ନ ହୋଇପଡ଼ିଥିବାରୁ ଡାକ୍ତରମାନେ ତାଙ୍କୁ ତୁରନ୍ତ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ। ମାତ୍ର ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧୀନ ଅବସ୍ଥାରେ ଗୋପାଳଙ୍କର ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ପରେ ଆଜି ମୃତଦେହ ଗାଁକୁ ଆଣାଯାଇଥିଲା। ଗୋପାଳଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ପରିବାର ଓ ଆତ୍ମୀୟସ୍ୱଜନଙ୍କ ମଧ୍ୟରେ ହୃଦୟବିଦାରକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଗ୍ରାମବାସୀମାନେ ମଧ୍ୟ ଏହି ଘଟଣାକୁ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ଶ୍ରୀରାମ କଲେଜରେ ରବୀନ୍ଦ୍ରଙ୍କୁ ସମ୍ବର୍ଦ୍ଧନା




**ସୋର, ୨୭।୫ (ସମିସ):** ସୋର ବ୍ଲକ ନିଶ୍ଚିନ୍ତପୁର ପଞ୍ଚାୟତ ନୂଆପାଟଣା ଗ୍ରାମର ରବୀନ୍ଦ୍ର ରାଉତ ଚଳିତ ଓସିଏସ ପରୀକ୍ଷାରେ ୧୦୭ ରେଙ୍କରେ ଉତ୍ତୀର୍ଣ୍ଣ ହୋଇଥିବାରୁ ସୋରସ୍ଥିତ ଶ୍ରୀରାମ ଯୁକ୍ତ ୨ ବିଜ୍ଞାନ ଆବାସିକ କଲେଜ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କଲେଜ ଚେୟାରମ୍ୟାନ ଇଂ. ଇନ୍ଦ୍ରଜିତ ଦେ ତାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ସମୟରେ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀଙ୍କ ସମେତ ରବିନ୍ଦ୍ରଙ୍କ ବାପା ଓ ମା ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ସୋର ବ୍ଲକ ନିଶ୍ଚିନ୍ତପୁର ପଞ୍ଚାୟତ ନୂଆପାଟଣା ଗ୍ରାମର କୈଳାସ ରାଉତ ଏବଂ ଅମ୍ବିକା ରାଉତଙ୍କ ପୁଅ ରବୀନ୍ଦ୍ର ଗତ ୨୦୧୫ ମସିହାରେ ସୋରସ୍ଥ ଶ୍ରୀରାମ ଯୁକ୍ତ ଦୁଇ ବିଜ୍ଞାନ କଲେଜରେ ପଢୁଥିଲେ। ଯୁକ୍ତ ଦୁଇ ବିଜ୍ଞାନରେ ସେ ୮୦ ପ୍ରତିଶତ ନମ୍ବର ରଖିବା ସହିତ ପରବର୍ତ୍ତୀ ସମୟରେ ରେଭେନ୍ସା ୟୁନିଭରସିଟିରୁ ଫିଜିକ୍ସରେ ଏମଏସସି ହାସଲ କରିଥିଲେ। ଏବେ ରବୀନ୍ଦ୍ର ଷ୍ଟାଫ ସିଲେକ୍ସନ ପରୀକ୍ଷାରେ ଉତୀର୍ଣ୍ଣ ହୋଇ ତିନି ବର୍ଷ ହେଲା କେଉଁଝର ସରକାରୀ ମହିଳା ମହାବିଦ୍ୟାଳୟରେ ଲେବରେଟୋରି ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟରତ ଅଛନ୍ତି। ତାଙ୍କ ବାପା ଜଣେ ଚାଷୀ ହୋଇଥିବା ବେଳେ ଅନେକ ଅଭାବ ଅସୁବିଧାକୁ ସମ୍ମୁଖୀନ ହୋଇ ସେ ପାଠପଢ଼ା ଜାରି ରଖିଥିଲେ। ସେତେବେଳେ ଶ୍ରୀରାମ ଯୁକ୍ତ ୨ ବିଜ୍ଞାନ କଲେଜର ଚେୟାରମେନ ଇନ୍ଦ୍ରଜିତ ଦେ ତାଙ୍କୁ ପାଠ ପଢିବାରେ ଅନେକ ସାହାଯ୍ୟ କରିଥିବାରୁ ଓଏଏସ ପାଇବା ପରେ ରବୀନ୍ଦ୍ର ତାଙ୍କୁ ଆର୍ଶୀବାଦ ଭିକ୍ଷା କରିବା ସହିତ ଧନ୍ୟବାଦ ଜ୍ଞାପନ କରିଥିଲେ। ଆଜି କଲେଜର ଚେୟାରମେନ ଶ୍ରୀ ଦେ ତାଙ୍କୁ ସମ୍ବର୍ଦ୍ଧିତ କରି ରବିନ୍ଦ୍ରଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିବା ସହିତ ଶୁଭେଚ୍ଛା ଜଣାଇଛନ୍ତି।ଚାକିରୀ କରିଥିଲେ ବି ସେ କଲେଜ ଡ୍ୟୁଟି ସମୟରେ ଫୁରସତ ମିଳିଲେ ପାଠ ପଢ଼ନ୍ତି। କଲେଜରୁ ଆସି ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରନ୍ତି।ତାଙ୍କର ଏହି ସଫଳତାର ଶ୍ରେୟ ପ୍ରଭୁ ଜଗନ୍ନାଥ, ବାପା, ମାଆ, ଗୁରୁ, ଗୁରୁଜନ ଏବଂ ବିଶେଷ କରି ତାଙ୍କର ପାଞ୍ଚ ଜଣ ସାଙ୍ଗଙ୍କୁ ଦେଇଛନ୍ତି। ଭବିଷ୍ୟତରେ ଆଇଏଏସ ହେବାର ଲକ୍ଷ୍ୟ ରଖିଥିବା ରବିନ୍ଦ୍ର କହିଛନ୍ତି। ସରକାରୀ ଯୋଜନା ଗରିବ ସାଧାରଣ ଜନତା ଯେମିତି ପାଇବେ ସେ ଦିଗରେ ବିଶେଷ ଭାବେ କାର୍ଯ୍ୟ କରିବେ ବୋଲି କହିଛନ୍ତି।

# ଅଧପନ୍ତରିଆ ପାନୀୟ ଜଳ ପ୍ରକଳ୍ପ, ଲୋକେ ହନ୍ତସନ୍ତ

ନୀଳଗିରି, ୨୭।୫ (ସମିସ)

ବର୍ତ୍ତମାନ ତାତିର ପ୍ରକୋପ ଜନଜୀବନ କୁ ଅସ୍ତବ୍ୟସ୍ତ କରି ପକାଉଛି। କେବଳ ବାହାରେ ନୁହେଁ, ଘରେ ରହିଲେ ମଧ୍ୟ ଜୀବନ ଦହଗଞ୍ଜ ହୋଇ ପଡୁଛି। ଏଭଳି ସ୍ଥିତିରେ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଛତ୍ରପୁର ପଞ୍ଚାୟତ ର ସରୁଚମ୍ପା, ଟିକିରିବିଲ୍, ଭୁଡରୁବଣି, ସୟମ୍ବରଡୁବା, ମାଙ୍କିଡିଆସାହି, ଭଗାବନ୍ଧ ଓ ଚତ୍ରୀପଡା ରେ ପାନୀୟ ଜଳ ଘୋର ସଙ୍କଟ ଦେଖାଦେଇଛି। ସୂଚନା ଅନୁଯାୟୀ ସରୁଚମ୍ପା, ଟିକିରିବିଲ୍, ଭୁଡରୁବଣି, ସୟମ୍ବରଡୁବା, ମାଙ୍କିଡିଆସାହି, ଭଗାବନ୍ଧ ଓ ଚତ୍ରୀପଡା ଗ୍ରାମରେ ଆନୁମାନିକ ୪୦୦ ରୁ ଉଦ୍ଧ୍ୱର୍ ପରିବାରରେ ୧୬୦୦ ଲୋକ ବାସ କରନ୍ତି। କିଛି ବର୍ଷ ପୂର୍ବେ ବସୁଧା ଯୋଜନାରେ ଗାଁ ଭିତରକୁ ପାଇପ୍ ପାଣି ଆସୁଥିଲା। ହେଲେ ଗତ ୩ ବର୍ଷ ହେବ ଗାଁକୁ ଯେଉଁ ପାଣି ଆସୁଛି ତାହା ସୂତା ଧାରରେ ପାଣି ବାହାରୁଥିଲା। ଫଳରେ ଗୋଟିଏ ଗରା ପାଣି ପାଇଁ ଦୀର୍ଘ





ସମୟଅପେକ୍ଷା କରିବାକୁ ପଡୁଥିଲା ତୋ ଆଉ କିଛି ଲୋକଙ୍କ ଘରେ ପହଞ୍ଚୁ ନଥିଲା। ଏଭଳି ଜଳ ସଙ୍କଟକୁ ଏଡ଼ାଇବା ପାଇଁ ଗ୍ରାମବାସୀଙ୍କ ବାରମ୍ବାର ଦାବି ପରେ ପାନୀୟଜଳ ଯୋଗାଣ ପାଇଁ ଛତ୍ରପୁର ପଞ୍ଚାୟତରେ ରାଜ୍ୟ ସରକାରଙ୍କ ଉଦ୍ୟମରେ ୪ କୋଟି ଟଙ୍କାର ବିନିଯୋଗରେ ପାନୀୟ ଜଳ ପ୍ରକଳ୍ପ ଜିନ୍ଦଲ ଆସୋସିଏଟ ନାମକ ଠିକାସଂସ୍ଥା ଓ ପ୍ରକଳ୍ପର ଦେଖରେଖ ପାଇଁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିଲା। ଏହି ପ୍ରକଳ୍ପରୁ ଭଲ ଭାବେ ପାଣି ମିଳିବ ଏବଂ

**ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଶୂନ୍**

ଗ୍ରାମବାସୀଙ୍କୁ ଆଉ ଜଳକଷ୍ଟରେ ରହିବାକୁ ପଡ଼ିବ ନାହିଁ ବୋଲି ଭାବିଥିଲେ। ହେଲେ ଜିନ୍ଦଲ ଆସୋସିଏଟ ପକ୍ଷରୁ କିଛି ଗତ କିଛି ବର୍ଷ ଭିତରେ ପାଞ୍ଚଟି ପାଣିଟାଙ୍କିରୁ ତିନୋଟି ପାଣିଟାଙ୍କି କରିଥିବା ବେଳେ କିଛି ଗାଁ ଭିତରେ ପାଇପ୍ ବିଛାଯାଇ ବାଡ ଉପରେ ପାଇପ୍ ଝୁଲାଇ ଦେଇ ଠିକାସଂସ୍ଥା ଦେଖା ନାହିଁ। ପ୍ରକଳ୍ପ ନାଁରେ ଥରକୁ ଥର ଲକ୍ଷାଧିକ ଟଙ୍କା ଠିକାଦାର ନେଇଗଲାଣି। ହେଲେ ଆଜିକୁ ତିନିବର୍ଷ ବିତି ଯାଇଥିଲେ ମଧ୍ୟ ଗ୍ରାମରେ ପାନୀୟଜଳ ସମସ୍ୟା ନିତିଦିନିଆଁ ଘଟଣାରେ ପରିଣତ ହୋଇଛି। ତେବେ ଏହି ସମସ୍ୟା ସ୍ଥାନୀୟ ବିଧାୟକ ଓ ସାଂସଦ ଙ୍କୁ ଅଜଣା ଅଛପା ନାହିଁ, ତା ପରେ ମଧ୍ୟ ନେତା ଚେଇଁ ଶୋଇଛନ୍ତି । ସ୍ଥାନୀୟ ଲୋକେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିସାରିଛନ୍ତି। ଏ ନେଇ ପ୍ରଶାସନ ଏବଂ ବିଭାଗୀୟ ଅଧିକାରୀଙ୍କ ଠାରେ ଅଭିଯୋଗ ହୋଇଆସୁଥିଲେ ମଧ୍ୟ ଏହାର କୌଣସି ଠୋସ ପଦକ୍ଷେପ ଗ୍ରହଣ କରାଯାଇ ପାରିନାହିଁ। ଅଧାପନ୍ତରିଆ ହୋଇ ପଡିରହିଥିବା ପ୍ରକଳ୍ପ କେବେ କାର୍ଯ୍ୟକାରୀ ହେବ ଓ ଲୋକଙ୍କୁ କେବେ ମିଳିବ ପାଣି ଚାହିଁ ବସିଛନ୍ତି ଲୋକମାନେ। ଏବେ ଗାଁରେ ଥିବା ପୋଖରୀ ଶୁଖିଗଲାଣି, ଶୌଚ ସ୍ନାନ ଦୂର କଥା ନିତ୍ୟ ବ୍ୟବହାର ପାଇଁ ପାଣି ମିଳୁନାହିଁ। ଏବାବଦରେ ଗ୍ରାମ୍ୟ ଜଳ ବିଭାଗ ର ଏସ୍.ଡି.ଓ ପୁଣ୍ୟମୟୀ ପଟ୍ଟନାୟକ, ଅଧପନ୍ତରିଆ ବିଷୟ ସେ ମାନିବା ସହ ଯଥା ସିଘ୍ର କିପରି ପାନୀୟ ଜଳ ପ୍ରକଳ୍ପ ଆଗେଇ ନେଇ ହେବ ଚେଷ୍ଟା କରିବା ସହ, ଉକ୍ତ ଠିକାସଂସ୍ଥା ଜିନ୍ଦଲ ଆସୋସିଏଟ ବିରୁଦ୍ଧରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ।

# ବ୍ୟାସନଗରରେ ବିଜେଡିର ନାରୀ ଅଧିକାର ଅଭିଯାନ



ବ୍ୟାସନଗର,୨୭।୫(ସମିସ):

ଯାଜପୁର ଜିଲ୍ଲା ବ୍ୟାସନଗର ସହରର ବ୍ୟାସଦେବ ଟାଉନ ହଲଠାରେ ଅନୁଷ୍ଠିତ ନାରୀ ଅଧିକାର ଅଭିଯାନ ମାଧମରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅପାରଗତା ଏବଂ ଅପରିଣାମଦର୍ଶିତା ଉପରେ ବର୍ଷିଛନ୍ତି ମହିଳା ବିଜେଡି ନେତ୍ରୀ। ରାଜ୍ୟରେ ଡବଲ ଇଞ୍ଜିନ ଡବଲ ବିକାଶର ମିଛ ପ୍ରତିଶ୍ରୁତି ଦେଇ ରାଜ୍ୟବାସୀଙ୍କ ଭାବନା ସହିତ ଖେଳ ଖେଳିବା ସହିତ ଏବର ବିଜେପି ସରକାର ନାରୀ ନିର୍ଯାତନାରେ ଏକ ନମ୍ବର ହୋଇଛି। ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ଖାଉଟି ଆଦି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପାଇଁ ହନ୍ତସନ୍ତ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ କୋରେଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବ୍ୟାସନଗର ପୌରାଞ୍ଚଳ ଟାଉନ ହଲଠାରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ଆୟୋଜିତ ନାରୀ ଅଧିକାର ଅଭିଯାନ ସମାବେଶରେ ଯୋଗ ଦେଇ ରାଜ୍ୟସଭା ସାଂସଦ ସୁଲତା ଦେଓ, ଯାଜପୁର ବିଧାୟିକା ସୁଜାତା ସାହୁ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ଭବ ପ୍ରସାଦ ଦାସ, ପ୍ରାକ୍ତନ ବ୍ୟାସନଗର ନଗରପାଳିକା ତଥା ଏବର ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ସବିତା ରାଉତ୍ ପ୍ରମୁଖ ଯୋଗ ଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିବା ସହିତ କେନ୍ଦ୍ର ସରକାର ଶତକଡ଼ା ୩୩ ଭାଗ ମହିଳା ସଂରକ୍ଷଣ ବିଲକୁ ନେଇ ଲୋକମାନଙ୍କୁ ଭୂଆଁ ବୁଲାଉଥିବା ମତବ୍ୟକ୍ତ କରିଥିଲେ।

ରାଜ୍ୟସଭା ସାଂସଦ ସୁଲତା କହିଥିଲେ କି ପ୍ରଭାବୀ ରାଜ୍ୟକୁ ଆଜି ବିଜେପି ସରକାର ଅଭାବୀ କରିଦେଲେ। ପ୍ରାକ୍ତନ ସାଂସଦ ଶର୍ମିଷ୍ଠା କହିଥିଲେ କି ମୋଦି ସରକାର ନାରୀକୁ ସମ୍ମାନ ଦେବା ପାଇଁ ଏକ ନାଟକ ଚଲାଇଛନ୍ତି। ଯେଉଁଠିକି ନବୀନ ସରକାର ନାରୀକୁ ସମ୍ମାନ ଦେଇ ସଂରକ୍ଷଣ କରିଛନ୍ତି। ଅଭିଯାନରେ ହଜାର ହଜାର ସଂଖ୍ୟାର ମହିଳା ଯୋଗ ଦେଇଥିବା ବେଳେ ଟାଉନହଲରୁ ଏକ ଶୋଭାଯାତ୍ରାରେ ବାହାରି ଏଡିଏମ କଳିଙ୍ଗନଗର କାର୍ଯ୍ୟାଳୟରେ ପହଞ୍ଚି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ବ୍ୟାସନଗର ନଗର ସଭାପତି ଅମୂଲ୍ୟ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନାରୀ ଅଧିକାର ସମାବେଶରେ ନଗର ମହିଳା ସଭାନେତ୍ରୀ ଇନ୍ଦିରା ପ୍ରିୟଦର୍ଶୀନୀ ମହାନ୍ତି, ସଂପାଦିକା ମଞ୍ଜୁଶ୍ରୀ ପଣ୍ଡା, ତପସ୍ୱିନୀ ଶତପଥୀ, ରଶ୍ମିତା ପଣ୍ଡା, ବ୍ୟାସନଗର ପୌରପାଳ ସୁବାସ ଚନ୍ଦ୍ର ବଳ, କାଉନସିଲର ଇଂ ମୋନାଲିସା ସାହୁ, କୁନି ହସଁଦା, ରଶ୍ମିତା ଖୁଣ୍ଟିଆ, ସୁଜାତା ପ୍ରିୟଦର୍ଶିନୀ ପରିଡ଼ା, ସରିତା ଜେନା, ବୁଦୁନି ଦରାଇ, ଉର୍ମିଳା ପରିଡ଼ା, କୁମୁଦୁନୀ ରାଉତ, ବିଜୟ ଜେନା, ସିଦ୍ଧାର୍ଥ ଶଙ୍କର ସାମଲ, ଅଶୋକ ଦାସ, ଶିବାନନ୍ଦ ନାୟକ, ପାର୍ଥସାରଥୀ ନାୟକ, ଦିଲୀପ ସେଠୀ, ମନୋଜ ରାଉତ୍, ବିକାଶ ଆଏଚ, ମନୋଜ ପରିଡ଼ା, ପ୍ରଭାତ ରାଉତ୍, ପ୍ରଶାନ୍ତ ଖୁଣ୍ଟିଆ, କୋରେଇ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଳେଇ, ଜିଲା ପରିଷଦ ସଭ୍ୟ ସସ୍ମିତା ତରେଇ, ଉମାକାନ୍ତ ମାଝୀ, କୋରେଇ ବ୍ଲକ ବିଜେଡି ସଭାପତି ସୌଭାଗ୍ୟ ମହାନ୍ତି, ଭକ୍ତବତ୍ସଳ ସ୍ୱାଇଁ, ତାରକେଶ୍ୱର ମହାନ୍ତି, ପ୍ରତାପ ମହାନ୍ତି, ସନ୍ତୋଷ ସ୍ୱାଇଁ, ପ୍ରଫୁଲ୍ଲ କୁମାର ଆଏଚ, ରସୁଲପୁର ବ୍ଲକ ସଭାପତି ବିଜୟ ଘଡ଼ାଇ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଓସିଏସ୍ ପରୀକ୍ଷାରେ ସଫଳତା



**ବିଞ୍ଝାରପୁର,୨୭।୫(ସମିସ):** ବିଞ୍ଝାରପୁର ବ୍ଲକ ଅରେଇ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗୋପାଳପୁର ଗ୍ରାମର ଶିକ୍ଷାବିତ୍ ଲଳିତ କୁମାର ରାଉତ ଓ ଯାଜପୁର ଜିଲ୍ଲା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ପରିଡାଙ୍କ ଝିଅ ଅନ୍ୱେଷା ରାଉତ ଚଳିତ ବର୍ଷର ଓସିଏସ୍ ପରୀକ୍ଷାରେ ୯୯ତମ ସ୍ଥାନ ହାସଲ କରି ସଫଳତା ଅର୍ଜନ କରିଛନ୍ତି। ଅନ୍ୱେଷା ବର୍ତ୍ତମାନ ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାରରେ ଜୀବବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷା ଗ୍ରହଣ କରୁଛନ୍ତି। ତାଙ୍କର ଏହି ସଫଳତା ପରେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ସରପଞ୍ଚ ସ୍ମୃତିସମୀକ୍ଷା ମଲ୍ଲିକ, ସାମାଜିକ କର୍ମୀ ରବୀନ୍ଦ୍ର କୁମାର ପରିଡା, କୈଳାସ ସେଠୀ, ପଦ୍ମାକର ଗୁରୁ, ବଟକୃଷ୍ଣ ନାୟକ, ସରପଞ୍ଚ କାର୍ତ୍ତିକ ଧଳ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଓସିଏ ପାଇଲେ ସତ୍ୟବ୍ରତ



**ଦାନଗଦି,୨୭।୫(ସମିସ):** ଯାଜପୁର ଜିଲ୍ଲା ଦାନଗଦି ବ୍ଲକ ଅନ୍ତର୍ଗତ ଗୋବର୍ଦ୍ଧନପୁର ପଞ୍ଚାୟତ ଯଆଁର ଗ୍ରାମର ସତ୍ୟବ୍ରତ ବଳ ଓପିଏସ୍‌ସି ପରୀକ୍ଷାରେ ୭୭ତମ ସ୍ଥାନ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ପିତା ଗୋପବନ୍ଧୁ ବଳ ଓ ମାତା ସରୋଜିନୀ ବଳଙ୍କ ଆଶୀର୍ବାଦ ଯୋଗୁ ସେ ଆଜି କୃତକାର୍ଯ୍ୟ ହୋଇ ଦେଶବାସୀଙ୍କ ସେବା କରିବାର ସୁଯୋଗ ପାଇଛନ୍ତି ବୋଲି କହିଛନ୍ତି। ଦାନଗଦି ତଥା ଟମକା ଅଞ୍ଚଳର ଗର୍ବ ଓ ଗୌରବ ମାଟିର ମହକକୁ ମହାଗିରି ପ୍ରେସ୍ କ୍ଲବ ଏବଂ କଳିଙ୍ଗନଗର ପ୍ରେସ୍ କ୍ଲବ ତରଫରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ଦୃଷ୍ଟିବାଧିତ ଛାତ୍ର ଓସିଏସ୍‌ରେ ସଫଳ



**ଦାନଗଦି, ୨୭।୫(ସମିସ):** ଦାନଗଦି ବ୍ଲକ ରାମ୍ପିଲୋ ସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ପ୍ରାକ୍ତନ ଛାତ୍ର କୃଷ୍ଣଚନ୍ଦ୍ର ହେମ୍ବ୍ରମ୍ ପ୍ରକାଶିତ ଓପିଏସ୍‌ସି ପରୀକ୍ଷା ତାଲିକାରେ ୧୮୫ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। କୃଷ୍ଣଙ୍କ ଘର କେନ୍ଦୁଝର ଜିଲ୍ଲା ଖାଳିଆମେଣ୍ଟା ପାଞ୍ଚଗୋଛିଆ ଗ୍ରାମରେ ଓ ସେ ଜଣେ ଦୃଷ୍ଟିବାଧିତ। ସାମାନ୍ୟ ଦୃଷ୍ଟି ଶକ୍ତି ପାଇଁ ସେ କେବଳ ପାଠ ଶୁଣିଶୁଣି ମନେ ରଖୁଥିଲେ। ଅତ୍ୟନ୍ତ ଗରୀବ ପରିବାରର କୃଷ୍ଣଙ୍କ ପିତାମାତାଙ୍କ ପରଲୋକ ଘଟିଛି। ଉଚ୍ଚଶିକ୍ଷା ପାଇଁ କୃଷ୍ଣ କେନ୍ଦୁଝର ଜିଲ୍ଲାପାଳଙ୍କ ନିକଟରେ ଗୁହାରି କରିବା ପରେ ତାଙ୍କୁ ପ୍ରଶାସନ ସହାୟତାର ହାତ ବଢାଇଥିଲା। ଓପିଏସସିରେ କୃଷ୍ଣ ସଫଳତା ପାଇବା ପରେ ଏକଲବ୍ୟ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଶିକ୍ଷକ କର୍ମଚାରୀ ଖୁସି ମନାଇଛନ୍ତି।

## ସିରିଜ ଟ୍ରକ୍ ଦୁର୍ଘଟଣା,୨ ଗୁରୁତର

**ପାଣିକୋଇଲି,୨୭।୫(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଶର୍ମା ଟାଙ୍କି ନିକଟରେ ସିରିଜ ଟ୍ରକ୍ ଦୁର୍ଘଟଣା ଘଟିଛି। ରାଜପଥରେ ଏକ ଟ୍ରକ୍ ଛିଡା ହୋଇଥିବା ବେଳେ ଭଦ୍ରକରୁ ଭୁବନେଶ୍ୱର ଯାଉଥିବା ଏକ ଆଇଚର ଟ୍ରକ୍ ତାର ପଛ ପଟେ ଧକ୍କା ଦେଇଥିଲା। ଫଳରେ ଆଇଚର ସମ୍ମୁଖ ସାମନ୍ୟ ଭାଙ୍ଗିଥିବା ବେଳେ ଆଗ ଟ୍ରକ୍‌ଟି ଦୁର୍ଘଟଣା ଦେଖି ଫେରାର ହୋଇଯାଇଥିଲା। ଆଇଚର ପଛରେ ଆସାମରୁ ଆନ୍ଧ୍ରପ୍ରଦେଶ ଅଭିମୁଖେ ଯାଉଥିବା ଅନ୍ୟ ଏକ ଟ୍ରକ୍ ଦ୍ରୁତଗତିରେ ଧକ୍କା ହୋଇଥିଲା। ଫଳରେ ଗାଡିର ସମ୍ମୁଖ ଭାଗ ଚୁରମାର ହେବା ସହ ଚାଳକ ଓ ଖଲାସୀ ଗାଡ଼ି ଭିତରେ ଚାପି ହୋଇ ରହିଯାଇଥିଲେ। ଘଟଣାସ୍ଥଳେ ପୁଲିସ ପହଞ୍ଚି ଚାଳକ ଆସାମ କେକ୍ରୋଝରର ରଫିକୁଲ ଅଲ୍ଲୀ ଓ ଖଲାସୀ ଆସିକ ହୁସେନକୁ ଉଦ୍ଧାର କରି ଗୁରୁତର ଦ୍ୱୟଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟ ପଠାଇଥିଲା। ପରେ ପୁଲିସ ଗାଡି ଦୁଇଟିକୁ ଜବତ କରି ତଦନ୍ତ ଜାରି ରଖିଛି।

## ମହିଳାଙ୍କୁ ଆକ୍ରମଣ ଓ ଦୁଇ ଯୁବକଙ୍କୁ ପୁଲିସ ଉଠେଇ ଆଣିବା ବିରୋଧରେ ଧାରଣା

**ବଡଚଣା,୨୭।୫(ସମିସ):** ବଡ଼ଚଣା ଥାନା ଅନ୍ତର୍ଗତ ସିହା ପଞ୍ଚାୟତର କମ୍ପିରା ଗ୍ରାମରେ ଜଣ ମହିଳାକୁ ସଂଘବଦ୍ଧ ଆକ୍ରମଣ ସହିତ ୨ ଜଣ ଯୁବକଙ୍କୁ ବଡ଼ଚଣା ପୁଲିସ ବେଆଇନ୍ ଭାବେ ଉଠାଇ ଆଣିବା ପ୍ରତିବାଦରେ ଗ୍ରାମବାସୀ ଆଜି ବଡ଼ଚଣା ଥାନା ଆଗରେ ଧାରଣା ଦେଇଛନ୍ତି। ଖବରରୁ ପ୍ରକାଶ ଗ୍ରାମରେ ଥିବା ଗୋଚର ଜମିରେ ଖେଳପଡ଼ିଆ ନିର୍ମାଣକୁ ଗ୍ରାମବାସୀ ବିରୋଧ କରିବାରୁ ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ଉତ୍ତେଜନ ପ୍ରକାଶ ପାଇଥିଲା। ଗ୍ରାମରେ ଥିବା ଗ୍ରାମ୍ୟ ଜଙ୍ଗଲ ଖାତା ନମ୍ବର ୧୭୭, ପ୍ଲଟ ନଂ ୧୮୭ରେ ଗ୍ରାମର ସିପୁନ ସ୍ୱାଇଁ କେତେ ଜଣ ଯୁବକଙ୍କୁ ଧରି ବ୍ୟକ୍ତିଗତ ଜମିରୁ ମାଟି ଉଠାଇ ଖେଳପଡ଼ିଆ ପକାଉଥିଲେ। ଏହାକୁ ଗ୍ରାମର କିଛି ଯୁବକ ବିରୋଧ କରିଥିଲେ। ଏ ସମ୍ପର୍କରେ ଦୁଇ ଗୋଷ୍ଠୀ ବଡ଼ଚଣା ଥାନାର ଅଭିଯୋଗ କରିଥିଲେ। ଆଜି ଭୋରରୁ ବଡ଼ଚଣା ପୁଲିସ ଗ୍ରାମର ଅଶୋକ ସାମଲ ଓ ନରେଶ ବେହେରାଙ୍କୁ ଆଣି ଥାନାରେ ଅଟକ ରଖିଥିଲେ। ପରେ ଗ୍ରାମର ସିପୁନ ସ୍ୱାଇଁ, ଚକ ସ୍ୱାଇଁ, ଶରତ ବିଶ୍ୱାଳ, ହେମନ୍ତ ବିଶ୍ୱାଳ, ସଞ୍ଜୟ ବିଶ୍ୱାଳ, ପପିଲ ସାମଲ, ଅଭିମନ୍ୟୁ ସାମଲ ସମେତ ୧୦ରୁ ଊର୍ଦ୍ଧ୍ୱ ଯୁବକ ସଂଘବଦ୍ଧ ଭାବରେ ଗ୍ରାମର ପାର୍ବତୀ ବେହେରା (୬୨)ଙ୍କୁ ଆକ୍ରମଣ କରିବା ସହିତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା, ହତ୍ୟା ଧମକ ଦେବା ସହିତ ତାଙ୍କର ସମ୍ବେଦନଶିଳ ସ୍ଥାନରେ ମାଡ଼ ମାରିବା ସହିତ ପିନ୍ଧିଥିବା ଶାଢ଼ିକୁ ଟଣା ଓଟରା କରିଥିଲେ। ଫଳରେ ପାର୍ବତୀ ଗୁରୁତର ଆହତ ହୋଇଥିଲେ। ପ୍ରଥମେ ବଡ଼ଚଣା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଓ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଏହାର ପ୍ରତିବାଦ କରିବା ସହିତ ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ଆଜି କମ୍ପୀରା ଗ୍ରାମର ମହିଳା ଓ ପୁରୁଷମାନେ ବଡ଼ଚଣା ଥାନାରେ ଧାରଣ ଦେଇଥିଲେ। ପରେ ବଡ଼ଚଣା ପୁଲିସ୍ ଅଟକ ରଖିଥିବା ଦୁଇ ଜଣ ଯୁବକଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛାଡିଥିଲା। ଗ୍ରାମରେ ଏକ ଶାନ୍ତି କମିଟି ଗଠନ କରାଯାଇ ସମସ୍ୟାର ସମାଧାନ କରାଯିବ ବୋଲି ବଡ଼ଚଣା ପୁଲିସ୍ ଠାରୁ ସୂଚନା ମିଳିଛି।

## କାର୍ ସହ ବାଇକ୍ ଧକ୍କା, ଚାଳକ ଗୁରୁତର

**ପାଣିକୋଇଲି,୨୭।୫(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସଠିପୁର ପଥପ୍ରାନ୍ତ ସୁବିଧା କେନ୍ଦ୍ର ସମ୍ମୁଖରେ କାର ସହ ବାଇକ୍ ଦୁର୍ଘଟଣା ହେବାରୁ ବାଇକ ଚାଳକ ଗୁରୁତର ଆହତ ହୋଇଛନ୍ତି। ଯାଜପୁର ଟାଉନରୁ ଆସୁଥବା ଏକ କାର ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିକଟରେ ରାଜପଥକୁ ଉଠୁଥିବା ବେଳେ ଭଦ୍ରକରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ବାଇକ୍ ପଛ ପଟେ ଧକ୍କା ହୋଇଥିଲା। କାର୍‌ଟି ଘଟଣାସ୍ଥଳୁ ଫେରାର ହୋଇଯାଇଥିବା ବେଳେ ବାଇକ ଚାଳକ ଭଦ୍ରକ ତିରିଡିର ଅକ୍ଷୟ କୁମାର ଦାସ ଗୁରୁତର ଆହତ ହୋଇଥିଲେ। ଖବର ପାଇ ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ ବଳ ସଦଳବଳେ ପହଞ୍ଚି ଗୁରୁତର ଆହତ ଅକ୍ଷୟଙ୍କୁ ଯାଜପୁର ମୁଖ୍ୟ ଚକିତ୍ସାଳୟକୁ ପଠାଇଥିଲେ।

## ଟ୍ରମା କେୟାର ଟ୍ରାନ୍ସଫର୍ମର ଚୋରି

**ପାଣିକୋଇଲି,୨୭।୫(ସମିସ):** ବର୍ଷକ ତଳେ ପାଣିକୋଇଲି ଟ୍ରମା କେୟାରେ ଲାଗିଥିବା ବିଦ୍ୟୁତ ଟ୍ରାନ୍ସଫରରୁ କଏଲ ଚୋରି ହୋଇ ହେବା ସହ ଥାନାରେ ମାମଲା ମଧ ରୁଜୁ କରାଯାଇଥିଲା। ପୁଣି ଟ୍ରମା କେୟାରରେ ଲାଗିଥିବା ଏକ ୭୫୦ କେଭି ଟ୍ରାନ୍ସଫରରୁ କପର କଏଲ ଚୋରି ହୋଇଛି। ଏନେଇ ପାଣିକୋଇଲି ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ କୋମଳ କୁମାର ସ୍ୱାଇଁ ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଚୋରିରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତ ରହିଛି। ଥାନାର ଅନତୀ ଦୂରରେ ଥିବା ଟ୍ରମା କେୟାରରେ ଜଗୁଆଳି ଥିବା ସତ୍ତ୍ୱେ ଚୋରି କିପର ବାରମ୍ବାର ହେଉଛି ତାହା ବଡ ପ୍ରଶ୍ନବାଚୀ ହୋଇଛି।

## ବେଦାନ୍ତ ଫେକର କ୍ରୋମ ବିଶୋଧନ କାରଖାନାକୁ ବିରୋଧ




**ଦାନଗଦୀ,୨୭।୫(ସମିସ):** ଦାନଗଦୀ ତହସିଲ ଅନ୍ତର୍ଗତ ଟମକା ଥାନା ଅଧିନସ୍ଥ ଦେଉଳକଣ ପଞ୍ଚାୟତର ପାଟବାଲି ମୌଜାରେ ହେବାକୁ ଥିବା ବେଦାନ୍ତ ଫେକର କ୍ରୋମ ବିଶୋଧନ କାରଖାନାକୁ ନେଇ ଦିନକୁ ଦିନ ବିରୋଧର ସ୍ୱର ତୀବ୍ର ହେବାକୁ ଲାଗିଛି। ବୁଧବାର ଜମିହରା କ୍ଷତିଗ୍ରସ୍ତ ଆଞ୍ଚଳିକ ସୁରକ୍ଷା ମଞ୍ଚ ତରଫରୁ ଏକ ପ୍ରତିବାଦ ଶୋଭାଯାତ୍ରା ସହ ସଭା କରାଯାଇ ବେଦାନ୍ତ କମ୍ପାନୀ ଗୋବ୍ୟାକର ନାରା ଦିଆଯାଇଛି। ପୂର୍ବାହ୍ନରେ ମଞ୍ଚର ବରିଷ୍ଠ ନେତା ପଞ୍ଚାନନ ଜେନା, ବିଦ୍ୟାଧର ନାୟକ, ବିପିନ୍ ପାତ୍ର, ଶୁକଦେବ ପାତ୍ରଙ୍କ ତତ୍ତ୍ୱାବଧାନରେ ଶତାଧିକ ପୁରୁଷ, ମହିଳା, ଯୁବକ ମାନେ ମା’ ଖଣ୍ଡୁରାଇଙ୍କ ପୀଠରେ ଏକତ୍ରିତ ହେବା ପରେ ପ୍ରତିବାଦ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ସେଠାରେ ଏକ ପ୍ରତିବାଦ ସଭା କରାଯାଇଥିଲା। ପରେ ମଞ୍ଚ ତରଫରୁ ଏକ ପ୍ରତିନିଧି ଦଳ ଉପସ୍ଥିତ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ ପ୍ରଦାନ କରିଥିଲେ। ଏହି ଅବସରରେ ଦାନଗଦି ଅତିରିକ୍ତ ତହସିଲଦାର ଶୁଭସ୍ମିତା ନାୟକ ଉପସ୍ଥିତ ରହିଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ଟମକା ଥାନା ଅଧିକାରିଣୀ ବିନତୀ ଦାସ, କାଳିଆପାଣି ଥାନା ଅଧିକାରୀ ପ୍ରକାଶ କୁମାର ପ୍ରଧାନଙ୍କ ସମେତ ଦୁଇ ପ୍ଲାଟୁନ ପୁଲିସ ଫୋର୍ସ ଉପସ୍ଥିତ ରହିଥିଲେ।

## ଅଶ୍ରୁମୋଚନ ପାଇବେ ରବି ଲାବଣ୍ୟ ଗୌରବ ସମ୍ମାନ

ଧର୍ମଶାଳା,୨୭।୫(ସମିସ): ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ୮୯ତମ ଜୟନ୍ତୀ ଉତ୍ସବ ଆସନ୍ତା ୩୦ ତାରିଖ ଶନିବାର ଅନୁଷ୍ଠିତ ହେବାକୁ ନେଇ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଅବସରରେ ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ ପକ୍ଷରୁ ଧର୍ମଶାଳା ବ୍ଲକ ଅନ୍ତର୍ଗତ କାଏମା ସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଛି। ଅନୁଷ୍ଠାନର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେବାକୁ ଥିବା ଶ୍ରଦ୍ଧାଞ୍ଜଳି ସଭାରେ ବହୁ ବିଶିଷ୍ଟ ରାଜନେତା, ବରିଷ୍ଠ ସାମ୍ବାଦିକ ତଥା ଶିକ୍ଷାବିତ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ କଳାକ୍ଷେତ୍ରରେ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ଅଶ୍ରୁମୋଚନ ମହାନ୍ତି ଏବଂ ଶିକ୍ଷା କ୍ଷେତ୍ରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଦ୍ମନାଭ ସାହୁଙ୍କୁ ରବି ଲାବଣ୍ୟ ଗୌରବ ସମ୍ମାନରେ ସମ୍ମାନିତ କରାଯିବ। ସେହିପରି ଧର୍ମଶାଳା ବ୍ଲକର ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଏ-୧ ପାଇଥିବା ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ରବି ଲାବଣ୍ୟ ଛାତ୍ର ପ୍ରତିଭା ସମ୍ମାନ ପ୍ରଦାନ କରାଯିବ। ଅଧାପକ ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମରେ ଉପସ୍ଥାପକ ଭାବେ ଯୋଗଦେବା ସହିତ କଟକ ନବ କଳିକା ଅନୁଷ୍ଠାନ ପକ୍ଷରୁ ବନ୍ଦେ ଉତ୍କଳ ଜନନୀ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯିବ ବୋଲି ଜଣାଯାଇଛି। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସ୍ୱର୍ଗତ ଲାବଣ୍ୟଙ୍କ ଜ୍ୟେଷ୍ଠ ପୁତ୍ର ପ୍ରାଧ୍ୟାପକ ବଳଭଦ୍ର ଦାଶ ଏବଂ କନିଷ୍ଠ ପୁତ୍ର ଆଇନଜୀବୀ ଶ୍ୟାମ ପ୍ରସାଦ ଦାଶ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

## ପଞ୍ଚାୟତ ଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ



**ବ୍ୟାସନଗର,୨୭।୫(ସମିସ):** ଯାଜପୁର ଜିଲ୍ଲା ଭୁବନେଶ୍ୱରପୁର ଗ୍ରାମ ପଞ୍ଚାୟତଠାରେ ଏକ ‘ପଞ୍ଚାୟତ ଶିକ୍ଷଣ କେନ୍ଦ୍ର’ (ପିଏଲ୍‌ସି) ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ନିର୍ବାଚିତ ପଞ୍ଚାୟତ ଜନପ୍ରତିନିଧି, ସରକାରୀ କର୍ମଚାରୀ ଏବଂ ସ୍ଥାନୀୟ ସରପଞ୍ଚ ମନିଦୀପା ରାୟ ଯୋଗଦେଇଥିଲେ। ଏହି ପଞ୍ଚାୟତ ଶିକ୍ଷଣ କେନ୍ଦ୍ରରେ ନିର୍ବାଚିତ ପଞ୍ଚାୟତ ପ୍ରତିନିଧି, ସମ୍ମୁଖ ଭାଗର କ୍ଷେତ୍ରସ୍ତରୀୟ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଯୁବପିଢି ଏବଂ ଗୋଷ୍ଠୀ ତଥା ଅନୁଷ୍ଠାନଗୁଡ଼ିକୁ ପଞ୍ଚାୟତ ପ୍ରଶାସନ, ପଞ୍ଚାୟତ ବିକାଶ ଯୋଜନା (ପିଡିପି), ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟର ସ୍ଥାନୀୟକରଣ, ସାମାଜିକ ଅନ୍ତର୍ଭୁକ୍ତିକରଣ, ଡିଜିଟାଲ୍ ଶାସନ ଏବଂ ନାଗରିକ-କେନ୍ଦ୍ରିକ ସେବା ପ୍ରଦାନ ଭଳି ବିଷୟ ଉପରେ ନିରନ୍ତର ଶିକ୍ଷା ପ୍ରଦାନ କରିବାରେ ସହାୟକ ହେବ। ଏହି କାର୍ଯ୍ୟକ୍ରମରେ ଲୋକସଭା ସାଂସଦ ରବି ନାରାୟଣ ବେହେରା, ଯାଜପୁର ବିଧାୟିକା ସୁଜାତା ସାହୁ, ସ୍ଥାନୀୟ ସରପଞ୍ଚ ମନଦିପା ରାୟ, ସମିତିସଭ୍ୟ ଜୟପ୍ରଦା ଦାସ, ଯୁବ ନେତା ଇଂ. ସୌମ୍ୟ ରଞ୍ଜନ ଧଳ ପ୍ରମୁଖ ସାମିଲ ହୋଇ ନିଜର ମତବ୍ୟକ୍ତ କରିଥିଲେ।

## ଗ୍ରାମାଞ୍ଚଳ ରାସ୍ତାରେ ବାଲିଗାଡ଼ିକୁ ବିରୋଧ

**ପାଣିକୋଇଲି,୨୭।୫(ସମିସ):** ଗ୍ରାମଞ୍ଚଳ ରାସ୍ତାରେ ବାଲି ଭାରୀଯାନ ଚଳାଚଳ ଯୋଗୁ ଗ୍ରାମାଞ୍ଚଳ ରାସ୍ତା ଭାଙ୍ଗିରୁଜି ଚୁରମାର ହୋଇଯାଉଛି। ପାଣିକୋଇଲି ଥାନା ଅନ୍ତର୍ଗତ ଅମୃତିଆ ରାସ୍ତାରେ ବାଲି ଭାରୀଯାନ ଚଳାଚଳ କରିବାରୁ ରାସ୍ତା ଖରାପ ଦେଖି ଗ୍ରାମବାସୀ ଏହାକୁ ବିରୋଧ କରି ଗାଡି ଛାଡୁନଥିଲେ। ଫଳରେ ବାଲି ଭାରୀଯାନ ଚଳାଚଳ ବନ୍ଦ ରହିଥିଲା। ଆଜି ପୁଣି ବାଲି ହାଇୱା ଅମୃତିଆ ରାସ୍ତାରେ ଚଳାଚଳ କରିବାରୁ ଗ୍ରାମାବସୀ ବାଲି ଗାଡିକୁ ଅଟକ ରଖି ପୁଲିସକୁ ଖବର ଦେଇଥିଲେ। ଫଳରେ ଗ୍ରାମାବସୀ ଅଟକ ରଖିଥିବା ସ୍ଥଳରେ ପାଣିକୋଇଲି ପୁଲିସ ଯାଇ ପହଞ୍ଚିଥିଲା। ଗ୍ରାମବାସୀ ତାଙ୍କ ଗ୍ରାମ ଉନ୍ନୟନ ବିଭାଗ ରାସ୍ତାରେ ବାଲି ଭାରୀଯାନ ଗାଡି ଛାଡି ରାସ୍ତା ନଷ୍ଟ କରିବାକୁ ଦେବେନାହିଁ ବୋଲି ଜିଦରେ ଅଟଳ ରହିଥିଲେ। ଫଳରେ ବାଲି ଭାରୀଯାନକୁ ପୁଲିସ ଉପସ୍ଥିତିରେ ସେଠାରୁ ଫେରାଇ ଦିଆଯାଇଥିଲା।

● ନାବାଳିକା ଅପହରଣ ଓ ଦୁଷ୍କର୍ମ ଘଟଣା

## ଅଭିଯୁକ୍ତଙ୍କୁ ୨୦ବର୍ଷ କାରାଦଣ୍ଡାଦେଶ



**ଯାଜପୁର,୨୭।୫(ସମିସ):** ନାବାଳିକାକୁ ଅପହରଣ କରି ଦୁଷ୍କର୍ମ ଘଟଣାରେ ୨୦ବର୍ଷ ପାଇଁ ଜେଲ ଗଲେ ଅଭିଯୁକ୍ତ। ୨୦୨୫ ମସିହା ଯାଜପୁର ରୋଡ୍ ଥାନା ଅଞ୍ଚଳର ରାହୁଲ ଘଡ଼ାଇ ଜୈନିକ ୧୬ବର୍ଷୀୟ ନାବାଳିକାକୁ ଅପହରଣ କରି ଭଦ୍ରକରେ ୨ଦିନ ରଖି ନାବାଳିକା ସହ ବାରମ୍ବାର ଦୁଷ୍କର୍ମ କରିଥିଲେ। ପଇସା ସରିଯିବାରୁ ନାବାଳିକାକୁ ଆଣି ନିଜ ଘରେ ଛାଡି ଥିଲା ଅଭିଯୁକ୍ତ। ତାଙ୍କ ଘରେ ନାବାଳିକାକୁ ଗ୍ରହଣ ନ କରି ଭଦ୍ରକର ଏକ ରାସ୍ତାରେ ଛାଡିଦେଇଥିଲେ। ପରେ ନାବାଳିକା ନିଜ ବାପା ମା’କୁ ଏହି ଘଟଣା ଜଣାଇବା ପରେ ନାବାଳିକାକୁ ଉଦ୍ଧାର କରି ଯାଜପୁର ରୋଡ୍ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଅଭିଯୁକ୍ତ ରାହୁଲକୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ଆଜି ଏହି ମାମଲାର ଶୁଣାଣି କରିଛନ୍ତି ଯାଜପୁରର ଫାଷ୍ଟ ଟ୍ରାକ୍ ସ୍ପେଶାଲ କୋର୍ଟ ଅଦାଲତ। ୬ ଜଣଙ୍କ ସାକ୍ଷ୍ୟକୁ ଗ୍ରହଣ କରି ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା ପାଇଁ ରାୟ ଶୁଣାଇଛନ୍ତି। ଏଥି ସହିତ ଅନାଦୟ ୬ ମାସ ଅଧିକ କାରାଦଣ୍ଡାଦେଶ ସହ ପୀଡ଼ିତାଙ୍କୁ ୨ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ଆଇନସେବା ପ୍ରାଧିକରଣକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ବିଚାରପତି ଶରତ କୁମାର ଦେହୁରୀ। ଏହି ମାମଲାକୁ ସରକାରୀ ଓକିଲ ଦିଲ୍ଲୀପ କୁମାର ଦାସ ପରିଚାଳନା କରିଛନ୍ତି।

## ବାଇକ ଦୁର୍ଘଟଣାରେ ଯୁବକ ଗୁରୁତର

**ପାଣିକୋଇଲି,୨୭।୫(ସମିସ):** ପାଣିକୋଇଲି ରଗଡି ରାସ୍ତାର ଅମୃତିଆ ରାସ୍ତା ଆରମ୍ଭରେ ଜଣେ ବାଇକ ଆରୋହୀ ଭାରସାମ୍ୟ ହରାଇ ଦୁର୍ଘଣାର ଶିକାର ହୋଇଛି। ଗୁରୁତର ଆହତ ପଥରପଦା ଗ୍ରାମର ଗଦାଧର ନାୟକଙ୍କ ପୁଅ ଗୌତମ ବୋଲି ଜଣାପଡିଛି। ଦୁର୍ଘଟଣାର ସଠିକ କାରଣ ଜଣାପଡିନଥିଲେ ବି ସେ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହୋଇଥିବା କୁହାଯାଉଛି। ତାକୁ ପ୍ରଥମେ ଯାଜପୁର ଓ ପରେ କଟକସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ଗୌତମ ଏକ ବାଇକରେ ଘରକୁ ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଛନ୍ତି।

## ସ୍ୱତନ୍ତ୍ର ସଘନ ସଂଶୋଧନ ତାଲିମ କାର୍ଯ୍ୟକ୍ରମ

**ଯାଜପୁର,୨୭।୫(ସମିସ):** ଯାଜପୁର ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସଆଇଆର୍ ପ୍ରକ୍ରିୟାକୁ ସୂଚାରୁ ରୂପେ ତୁଲାଇବା ପାଇଁ ଆଜି ସୁକିନ୍ଦା, ବରୀ, ଧର୍ମଶାଳା, ବିଞ୍ଝାରପୁର, ଯାଜପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦାନଗଦି, ରସୁଲପୁର, ଦଶରଥପୁର, କୋରେଇ, ବରୀ, ବିଞ୍ଝାରପୁର, ଯାଜପୁର ବ୍ଲକ, ଯାଜପୁର ମୁନିସିପାଲିଟିରେ ବୁଥ ସ୍ତରୀୟ ଅଧିକାରୀ (ବିଏଲଓ) ଏବଂ ବିଏଲଓ ସୁପରଭାଇଜରମାନଙ୍କ ଏସଆଇଆର ଭୋଟର ତାଲିକା ସଂଶୋଧନ ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଏସଆଇଆର୍ ସମୟ ସାରଣୀ, ଏନୁମେରେସନ୍ ଫର୍ମ ବିତରଣ ଓ ସଂଗ୍ରହ, ବିଏଲଓ ଏବଂ ବିଏଲଓ ସୁପରଭାଇଜରଙ୍କ ଦାୟିତ୍ୱ, ଫର୍ମ ପୂରଣ ପ୍ରକ୍ରିୟା ଇତ୍ୟାଦି ସମ୍ପର୍କରେ ତାଲିମ ଦିଆଯାଇଛି। ଏହାସହ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ମାର୍ଗଦର୍ଶିକା କ୍ରମେ ଚଳିତ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସମସ୍ତ ସତର୍କତା ନିୟମାବଳୀ ଅବଲମ୍ବନ କରି କାର୍ଯ୍ୟ ସମ୍ପାଦନ କରିବାକୁ ବିଏଲଓମାନଙ୍କୁ ପରାମର୍ଶ ଦିଆଯାଇଛି। ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ଅତିରିକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ବିଡ଼ିଓ, ତହସିଲଦାର ଏବଂ ଅତିରିକ୍ତ ତହସିଲଦାର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ତାଲିମ ପ୍ରଦାନ କରିଥିଲେ।

## ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀଙ୍କୁ ସମ୍ବର୍ଦ୍ଧନା

**ମଇଁନ୍ଦା,୨୭।୫(ସମିସ):** ବିଞ୍ଝାରପୁର ବ୍ଲକ ଶିକ୍ଷା କାର୍ଯ୍ୟାଳୟର ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ରତିକାନ୍ତ ସାମଲଙ୍କ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କାର୍ଯ୍ୟାଳୟ ପରିସରରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ସୁବାସ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକମାନେ ପୁଷ୍ପ ଗୁଚ୍ଛ ଓ ଉପଢୌକନ ଦେଇ ଶ୍ରୀଯୁକ୍ତ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ଉପସଭାପତି ରତନଲାଲ ଭୂୟାଁ, ସଂଗ୍ରାମ କେଶରୀ ସାମଲ, ବିଶ୍ୱମ୍ବର ସାମଲ, ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ସଭାପତି ରଶ୍ମି ରଞ୍ଜନ ଧଳ, ସମ୍ପାଦକ ଦେବେନ୍ଦ୍ର ନାୟକ, ସମେତ ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ମାନେ ଯୋଗଦାନ କରିଥିଲେ। ପ୍ରିୟଦର୍ଶିନୀ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଖରିଫ୍ ଧାନ ସଂଗ୍ରହ ପାଇଁ ସଚେତନତା ରଥ

ଯାଜପୁର,୨୭।୫(ସମିସ):



ଖରିଫ ୨୦୨୫-୨୬ ବିପଣନ ଋତୁରେ ରବି ଧାନ ସଂଗ୍ରହ ପାଇଁ ଚାଷୀଙ୍କ ସଚେତନତା ନିମନ୍ତେ ପ୍ରଚାର ରଥକୁ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ ଉଦ୍‌ଘାଟନ କରିଛନ୍ତି। ଚଳିତ ଖରିଫ ବିପଣନ ବର୍ଷ ନିମନ୍ତେ ପଞ୍ଜିକୃତ ଚାଷୀ ଭାଇ ଭଉଣୀମାନଙ୍କଠାରୁ ୩୦ଟି ପ୍ରାଥମିକ କୃଷି ସମବାୟ ସମିତି ଜରିଆରେ ଧାନ କ୍ରୟ କରାଯାଉଛି। ପଞ୍ଜିକୃତ ଚାଷୀମାନେ ସମ୍ପୃକ୍ତ ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକମାନଙ୍କ ସହ ଯୋଗାଯୋଗ କରି ସେମାନଙ୍କ ପଞ୍ଜିକୃତ ମୋବାଇଲ ନମ୍ବରକୁ ଧାନ କ୍ରୟ ସମ୍ବନ୍ଧରେ ଆସିଥିବା ବାର୍ତ୍ତା (ଟୋକନ ନମ୍ବର, ତାରିଖ, ଧାନର ପରିମାଣ ଇତ୍ୟାଦି) ଅନୁସାରେ ନିର୍ଦ୍ଧାରିତ ତାରିଖ ଓ ପରିମାଣ ଅନୁଯାୟୀ ବିକ୍ରିଯୋଗ୍ୟ ବଳକା ଧାନ ବିକ୍ରି କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଚଳିତ ଖରିଫ ଧାନ କ୍ରୟରେ ବଡ଼ଚଣା, ବିଞ୍ଝାରପୁର, ଦଶରଥପୁର, ଯାଜପୁର, କୋରେଇ, ସୁକିନ୍ଦା ବ୍ଲକର ପ୍ରାଥମିକ କୃଷି ସମବାୟ ସମିତି ଅଂଶଗ୍ରହଣ କରୁଛନ୍ତି। ଚଳିତ ଖରିଫ ବର୍ଷରେ ଜିଲ୍ଲାରେ ମୋଟ ୪୬୦୩ ଜଣ କୃଷକ ପଞ୍ଜୀକରଣ କରିଛନ୍ତି। ଏହି ପ୍ରଚାର ରଥ ଉଦଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ଯୋଗାଣ ଅଧିକାରୀ ଦିଲ୍ଲୀପ ପାଣିଗ୍ରାହୀ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ କୃଷ୍ଣଚନ୍ଦ୍ର ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଡିଆର୍‌ସିଏସ ଅମୂଲ୍ୟ କୁମାର ସେଠୀ, ସହକାରୀ ନିବନ୍ଧକ ନିହାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ସହରଗୁଡ଼ିକ ଠିକ୍ ଆମ ମଣିଷମାନଙ୍କ ପରି। ପୁରୁଣା ସହରମାନେ ଚରିତ୍ରବାନ ଏବଂ ନୂଆ ସହରମାନେ ସଦା ପରିବର୍ତ୍ତନଶୀଳ ଓ ଚଳଚଞ୍ଚଳ।
-ୱାଲାସ୍ ଷ୍ଟେଗ୍‌ନର

## ସୁବିଧାବାଦୀ ରାଜନୀତି

ତାମିଲ୍‌ନାଡୁର ସଦ୍ୟ ନିର୍ବାଚିତ ଏଆଇଏଡିଏମ୍‌କେର ତିନିଜଣ ବିଧାୟକ ବିଧାନସଭା ସଦସ୍ୟତା ପଦରୁ ଇସ୍ତଫା ଦେଇ ଯୋଶେଫ୍ ବିଜୟଙ୍କ ଟିଭିକେ ଦଳରେ ଯୋଗ ଦେଇଛନ୍ତି। ସେମାନେ ଇସ୍ତଫା ଦେଇଥିବା ନିର୍ବାଚନମଣ୍ଡଳିଗୁଡ଼ିକରେ ପୁଣିଥରେ ନିର୍ବାଚନ ଅନୁଷ୍ଠିତ ହେବ ଏବଂ ସମ୍ପୃକ୍ତ ନେତାମାନେ ଏଥର ଟିଭିକେ ଟିକେଟ୍‌ରେ ଲଢ଼ି ନିର୍ବାଚିତ ହେବାର ଆଶା ବାନ୍ଧିଛନ୍ତି। ସେମାନଙ୍କୁ ଭୋଟର ପୁନଃନିର୍ବାଚିତ କରିବେ କି ନାହିଁ ତାହା ଭିନ୍ନ କଥା; କିନ୍ତୁ କ୍ଷମତା ଲୋଭରେ ଭାରତୀୟ ଗଣତନ୍ତ୍ର କିଭଳି କ୍ଷତବିକ୍ଷତ ହୋଇଚାଲିଛି ତାହାର ଆଉ ଏକ ଉଦାହରଣ ସୃଷ୍ଟି ହୋଇଛି। ଏଥିସହିତ ରାଜ୍ୟସଭାରେ ମଧ୍ୟ ଦଳବଦଳ ଘଟଣାର ଆଉ ଏକ ଝଲକ ଦେଖିବାକୁ ମିଳିଛି। ବିଜେଡି ଟିକେଟ୍‌ରେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିବା ଦେବାଶିଷ ସାମନ୍ତରାୟ ଦଳର ସଦସ୍ୟତା ଓ ରାଜ୍ୟସଭା ସାଂସଦ ପଦରୁ ଇସ୍ତଫା ଦେଇ ବିଜେପିରେ ଯୋଗ ଦେଇଛନ୍ତି। ଫଳରେ ଓଡ଼ିଶାରୁ ଖାଲି ପଡ଼ିଥିବା ରାଜ୍ୟସଭା ସାଂସଦ ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି ହେବ। ଏଥିରେ ସେ ପୁଣି ଥରେ ବିଜେପି ସମର୍ଥନରେ ସାଂସଦ ଭାବେ ନିର୍ବାଚିତ ହେବା ପାଇଁ ପ୍ରାର୍ଥିପତ୍ର ଦାଖଲ କରିବେ ବୋଲି ଚର୍ଚ୍ଚା ହେଉଛି। ଏଭଳି ହେଲେ ମମତା ମହନ୍ତ ଓ ସୁଜିତ୍ କୁମାରଙ୍କ ପରେ ଦେବାଶିଷ ସାମନ୍ତରାୟ ତୃତୀୟ ସାଂସଦ ଭାବେ ଗଣତନ୍ତ୍ରର ନୂଆ ନାଟକରେ ଅଭିନୟ କରିଥିବା ଇତିହାସ ଲେଖା ହେବ।

ଜନପ୍ରତିନିଧିମାନଙ୍କର ଏଭଳି ଉପକ୍ରମ ଗଣତନ୍ତ୍ରର ସୁସ୍ଥ ଭାବନା, ମହତ୍ ଉଦ୍ଦେଶ୍ୟ ଓ ପବିତ୍ର ପରମ୍ପରାକୁ ଉପହସିତ କରୁଛି। ସ୍ୱାଧୀନୋତ୍ତର ଭାରତର ଦୀର୍ଘ ପ୍ରାୟ ୭୬ ବର୍ଷର ଲମ୍ବା ରାଜନୈତିକ ଇତିହାସରେ 'ଘୋଡ଼ା ବେପାର' ଯୋଗୁଁ ଅନେକ ବହୁମତରେ ନିର୍ବାଚିତ ସରକାର ଭାଙ୍ଗିଯାଇଛି। ଭୋଟରଙ୍କ ବିଶ୍ୱାସ ଉପରେ ଶକ୍ତ ଆଘାତ ଲାଗିଛି, ଗଣତନ୍ତ୍ର ଉପରେ ଆସ୍ଥା ଓ ଭରସା ଦୁର୍ବଳ ହୋଇଛି। କିନ୍ତୁ ସମୟସ୍ରୋତରେ ସେସବୁ ଫିକା ପଡ଼ିଯାଇଛି। 'ଘୋଡ଼ା ବେପାର'ରେ ପବିତ୍ର ଗଣତାନ୍ତ୍ରିକ ରାଜନୀତିର ମାନ, ସମ୍ମାନ, ମର୍ଯ୍ୟାଦା ଓ ଗୌରବ କ୍ଷତାକ୍ତ ହୋଇଥିଲେ ହେଁ ସେଥିରେ ସମ୍ପୃକ୍ତ ରାଜନେତାମାନେ ବିବେକ ଦଂଶନରେ କ୍ଷତାକ୍ତ ହେଉନାହାନ୍ତି, ବରଂ ଆର୍ଥିକ ଓ କ୍ଷମତା ଦୌଡ଼ରେ ସବୁଠାରୁ ଲାଭାନ୍ୱିତ ହୋଇଛନ୍ତି।

ଭାରତୀୟ ଗଣତନ୍ତ୍ର ଓ ରାଜନୈତିକ ଇତିହାସରେ ନିର୍ବାଚିତ ସଦସ୍ୟଙ୍କ ଦଳବଦଳର ମୂଳଦୁଆ ପଡ଼ିଥିଲା ୧୯୬୭ ମସିହାରେ। ହରିଆଣା ଥିଲା ଏହାର ପ୍ରଥମ ପ୍ରୟୋଗଶାଳା। ସେହିବର୍ଷ ହରିଆଣାର କଂଗ୍ରେସ ନେତା ଗୟା ଲାଲ୍ ୧୫ ଦିନରେ ତିନିଥର ଦଳବଦଳ କରିଥିଲେ। ଏହାପରେ ରାଜନୈତିକ ଘୋଡ଼ା ଦୌଡ଼ରେ 'ଆୟା ରାମ ଗୟା ରାମ୍' ପରି ରୁଢ଼ି ପ୍ରୟୋଗ ହେଲା। ସମୟକ୍ରମେ ତଥାକଥିତ 'ଆୟା ରାମ୍ ଗୟା ରାମ'ମାନଙ୍କଠାରୁ ବହୁ ଊର୍ଦ୍ଧ୍ୱକୁ ଉଠି ନୀତୀଶ କୁମାରଙ୍କ ପରି 'ପଲ୍‌ଟୁ ରାମ୍'ମାନଙ୍କର ଉଦ୍ଭବ ଘଟିଛି ଏବଂ ଭାରତୀୟ ବହୁଦଳୀୟ ଗଣତାନ୍ତ୍ରିକ ରାଜନୀତିକୁ କଳଙ୍କିତ କରିବାର ଏକପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇସାରିଛି।

ଭାରତରେ ଗଣତନ୍ତ୍ର ଏକ ବହୁଦଳୀୟ ରାଜନୈତିକ ବ୍ୟବସ୍ଥା ସହିତ ସଂଶ୍ଳିଷ୍ଟ। ତେଣୁ ଦଳବଦଳ ଏକ ସ୍ୱାଭାବିକ ଘଟଣା, କିନ୍ତୁ ଏହା ଯେପରି ଅନୈତିକ ଭାବରେ ହେଉଛି ତାହା ହିଁ ଗଣତନ୍ତ୍ରର ମର୍ଯ୍ୟାଦା ଓ ଗରିମାକୁ ଭୂଲୁଣ୍ଠିତ କରୁଛି। ତେଣୁ ନିର୍ବାଚିତ ସଦସ୍ୟଙ୍କ ଦଳବଦଳ ରୋକିବା ପାଇଁ ଅତୀତରେ ଅନେକ ଥର ଉଦ୍ୟମ ହୋଇଛି ଓ ଏଥିପାଇଁ କମିଶନ୍ ମଧ୍ୟ ଗଠନ ହୋଇଛି। ଶେଷରେ ୧୯୮୫ରେ ୫୨ତମ ସମ୍ବିଧାନ ସଂଶୋଧନ ବିଲ୍ ସହିତ ଦଳବଦଳ ଆଇନ୍ ପାରିତ ହୋଇ ସମ୍ବିଧାନରେ ୧୦ମ ସେଡ୍ୟୁଲ୍ ଯୋଗ କରାଯିବା ସହିତ ଧାରା୧୦୧, ୧୯୦, ୧୯୧ରେ ସଂଶୋଧନ କରାଯାଇଛି। ୨୦୦୪ରେ ସମ୍ବିଧାନର ୯୧ତମ ସଂଶୋଧନ ବେଳେ ଦଳବଦଳ ଆଇନରେ ମଧ୍ୟ କେତେକ ସଂଶୋଧନ କରାଯାଇଛି। ଭୋଟରଙ୍କ ବିଶ୍ୱାସ ହନନ ଓ ନୈତିକତାର ଉଲ୍ଲଙ୍ଘନକୁ ରୋକିବା ଉଦ୍ଦେଶ୍ୟରେ ଦଳବଦଳ କରୁଥିବା ନିର୍ବାଚିତ ଜନପ୍ରତିନିଧିଙ୍କୁ ଅଯୋଗ୍ୟ ଘୋଷଣା କରିବା ବା ଗୃହରେ ସଦସ୍ୟ ପଦ ରଦ୍ଦ କରାଯିବା ପାଇଁ ଏବଂ ତାଙ୍କଠାରୁ ଦଳୀୟ ଚିହ୍ନ ଓ ମାନ୍ୟତା ପ୍ରତ୍ୟାହାର ପାଇଁ ବ୍ୟବସ୍ଥା ରହିଛି। କିନ୍ତୁ ଏଥିରେ ଗଳାବାଟ ବା ଛିଦ୍ରଟିଏ ଉଦ୍ଦେଶ୍ୟମୂଳକ ଭାବେ ରଖାଯାଇଥିବା ପରି ମନେ ହୁଏ। ଏହି ଛିଦ୍ରଟି ହେଉଛି ଦୁଇ-ତୃତୀୟାଂଶ ସଦସ୍ୟ ଯଦି କୌଣସି ଦଳ ତ୍ୟାଗ କରନ୍ତି କିମ୍ବା ନୂଆ ଦଳ ଗଠନ କରନ୍ତି କିମ୍ବା ଦଳ ତ୍ୟାଗ କରନ୍ତି ତେବେ ସେମାନଙ୍କ ସଦସ୍ୟତା ଆଇନତଃ ରଦ୍ଦ ହେବ ନାହିଁ। ଆଇନର ଏହି ଫାଙ୍କ ଦେଇ 'ଘୋଡ଼ାବେପାର' ଧାରା ଜାରି ରହିଛି। ଯେଉଁଠାରେ ଦୁଇ-ତୃତୀୟାଂଶ ନିର୍ବାଚିତ ଜନପ୍ରତିନିଧିଙ୍କୁ କିଣା ଯାଇପାରୁନାହିଁ ସେଠାରେ ଦଳୀୟ ବିଶ୍ୱାସଘାତକମାନଙ୍କୁ ପ୍ରଲୋଭିତ କରି ନୂଆ ଦଳ ଗଢ଼ିବାର ଉଦ୍ୟମ କରାଯାଉଛି ଏବଂ ଏହିକ୍ରମରେ ସରକାରକୁ ଭାଙ୍ଗି ଦିଆଯାଇ ପୁଣି ନିର୍ବାଚନ କରାଯାଉଛି। ପ୍ରାୟତଃ କ୍ଷମତାସୀନ ଦଳମାନେ ଏହି ରଣନୀତିର ପ୍ରୟୋଗ ଅନ୍ଧେବହୁତ କରିଥିବାର ଉଦାହରଣ ଭାରତୀୟ ଗଣତାନ୍ତ୍ରିକ ଇତିହାସରେ ଲିପିବଦ୍ଧ ରହିଛି।

ବିଶେଷଜ୍ଞମାନଙ୍କ ମତରେ କେବଳ ଆଇନ ଦଳବଦଳକୁ ରୋକିପାରିବ ନାହିଁ। ଏଥିପାଇଁ ଲୋଡ଼ା ରାଜନୈତିକ ନେତା ବା ନିର୍ବାଚିତ ସଦସ୍ୟଙ୍କ ନୈତିକ ସଂସ୍କାର, ଯାହା ଭାରତରେ ବିରଳ। ଗଣତନ୍ତ୍ରକୁ ଏହି କଳଙ୍କିତ ଧାରାରୁ ସୁରକ୍ଷିତ ରଖିବାକୁ ହେଲେ ରାଷ୍ଟ୍ରପତି ଓ ଭାରତର ନିର୍ବାଚନ ଆୟୋଗ ଗୁରୁତ୍ୱର ସହିତ ଚିନ୍ତା କରିବାର ବେଳ ଏବେ ଉପନୀତ। ଏହି ପୃଷ୍ଠଭୂମିରେ କକ୍ରୋଚ୍ ଜନତା ପାର୍ଟି(ସିଜେପି)ର ନିର୍ବାଚନ ଇସ୍ତାହାର ପ୍ରାସଙ୍ଗିକ ମନେ ହୁଏ। ଏଭଳି ଦଳବଦଳ ଉଦ୍ୟମ କରୁଥିବା ଜନପ୍ରତିନିଧିମାନଙ୍କୁ ଅନ୍ତତଃ ୨୦ ବର୍ଷ ପର୍ଯ୍ୟନ୍ତ ନିର୍ବାଚନ ଲଢ଼ିବାକୁ ନିଷେଧ କରିବା ବା ଅଯୋଗ୍ୟ ଘୋଷଣା କରିବା ଭଳି ଆଇନଟିଏ ଆଣିଲେ ହୁଏତ ଭାରତୀୟ ଗଣତନ୍ତ୍ରରେ ଘୋଡ଼ାବେପାର ବନ୍ଦ ହୋଇପାରନ୍ତା। କିନ୍ତୁ ଏହା ବିରାଡ଼ି ବେକରେ ଘଣ୍ଟି ବାନ୍ଧିବା ଭଳି କଥା। ଗଣତନ୍ତ୍ରକୁ ସୁବିଧାନବାଦୀ ରାଜନୀତିର ଏଭଳି କଳଙ୍କିତ ଅଧ୍ୟାୟମାନ ଆହୁରି ଅପବିତ୍ର କରିବା ଆଗରୁ ଏହାର ନିରାକରଣ ଲୋଡ଼ା। ●

# ଭାରତୀୟ ରେଳ ଓ ଉପେକ୍ଷିତ ଓଡ଼ିଶା

**ଡ. ନିରଞ୍ଜନ ସାହୁ**

ନିକଟରେ ରେଳ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଏକ ବିଜ୍ଞପ୍ତି ଅନୁଯାୟୀ ଇଷ୍ଟକୋଷ୍ଟ ରେଲୱେରୁ ପଲାସା-ଇଚ୍ଛାପୁର ସେକ୍‌ସନ୍‌କୁ ବାଦ ଦିଆଯାଇ ସଦର୍ଣ୍ଣ କୋଷ୍ଟ ରେଲ୍‌ୱେରେ ବିଶାଖାପାଟଣା ଡିଭିଜନ ସହିତ ଯୋଡ଼ି ଦିଆଯାଇଛି। ଏହା ରାଜନୈତିକ ସ୍ତରର କିଛି ଉତ୍ତେଜନା ସୃଷ୍ଟି କରିଛି ଏବଂ ଓଡ଼ିଶାର ସ୍ୱାର୍ଥ ଏହାଦ୍ୱାରା ଉପେକ୍ଷିତ ହୋଇଛି ବୋଲି ବିରୋଧୀ ଦଳ ତରଫରୁ କୁହାଯାଇ କେନ୍ଦ୍ର ଶାସନାଧୀନ ସରକାର ତଥା ରାଜ୍ୟରେ ଥିବା ସମାନ ଦଳର ସରକାରକୁ ଭର୍ତ୍ସନା କରାଯାଇଛି। ଏହା କେବଳ ଗୋଟିଏ ଘଟଣା ନୁହେଁ, ବରଂ ଶାନ୍ତିପ୍ରିୟ ଓଡ଼ିଶାର ଲୋକଙ୍କୁ ବାରମ୍ବାର ଉପେକ୍ଷାର ଶିକାର ହେବାକୁ ପଡ଼ିଛି ଏବଂ ଏହି ଐତିହାସିକ ଉପେକ୍ଷାର ଫର୍ଦ୍ଦ ବେଶ ଲମ୍ବା।

ସମଗ୍ର ରାଜ୍ୟରେ ରେଳପଥର ଘନତ୍ୱ ହେଉଛି ହାରାହାରି ୧୦୦୦ ବର୍ଗକିଲୋମିଟରରେ ୧୫.୦୩ କିଲୋମିଟର। ବିହାରରେ ରେଳପଥର ଘନତା ପ୍ରତି ୧୦୦୦ ବର୍ଗକିଲୋମିଟରରେ ୩୯.୬ କିଲୋମିଟର ହୋଇଥିବା ବେଳେ ପଶ୍ଚିମବଙ୍ଗରେ ତା'ର ପରିମାଣ ୪୬.୫୯ କିଲୋମିଟର। ଏଥିରୁ ଅନୁମାନ କରାଯାଇ ପାରିବ ବିହାର- ବେଙ୍ଗଲ-ଓଡ଼ିଶା ଏକଦା ଗୋଟିଏ ରାଜ୍ୟ ଥିଲା ବେଳେ ବର୍ତ୍ତମାନ ଓଡ଼ିଶାର ଅବସ୍ଥା କେମିତି। ଅନେକ ପଢ଼ାଶୁଣା ଲୋକଙ୍କର ବିଶ୍ୱାସ ଏହି ଦୁଇ ରାଜ୍ୟରୁ ଅତୀତରେ ଅନେକ ରେଳମନ୍ତ୍ରୀ ଥିବାରୁ ସେଠାରେ ରେଳ ଚଳାଚଳର ବ୍ୟବସ୍ଥା ଅନ୍ୟରାଜ୍ୟ ତୁଳନାରେ ଅଧିକ। ଅବଶ୍ୟ ଯେ ବିଷୟରେ ଅଧିକ ଅଧ୍ୟୟନର ଆବଶ୍ୟକତା ରହିଛି। ମାତ୍ର ବିହାରରୁ ଏକଦା ରେଳବାଇ ମନ୍ତ୍ରୀ ଥିବା ଜଣେ ମହାମହିମ ତାଙ୍କର ଶ୍ୱଶୁର ଘର ନିକଟକୁ ଏକ ରେଳପଥ ଯୋଡ଼ିବା ସହିତ ସେଠାକୁ ଯାତ୍ରୀବାହୀ ଟ୍ରେନ୍ ସଂଯୋଗ କରିଥିଲେ। ଏହା ସୂଚେଇ ଦିଏ ଯେ ଅନେକ ନିଷ୍ପତ୍ତି ମନମୁଖି ଭାବରେ ନିଆ ଯାଉଥିଲା। ଏବେ ଯେ ନିଆଯାଉନାହିଁ ସେ କଥା କିଏ କହିବ?

ଏବର କଥାଟି ଆଲୋଚନା କରାଯାଉ। ଓଡ଼ିଶା ଭିତରେ ଇଷ୍ଟକୋଷ୍ଟ ରେଲୱେ ୧୯୯୬ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଏଚ୍.ଡି.ଦେବେଗୌଡ଼ାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ୨୦୦୩ ମସିହାରେ ଏହାର ମୁଖ୍ୟାଳୟ ଭୁବନେଶ୍ୱରଠାରେ କାର୍ଯ୍ୟକାରୀ ହେବା ପରେ ଓଡ଼ିଶାରେ ରେଳ ସଂଯୋଗୀକରଣ ବୃଦ୍ଧି ପାଇବ ବୋଲି ଆଶା କରାଯାଇଥିଲା। ଅଧୁନା ପଲାସା-ଇଚ୍ଛାପୁର ସେକସନ୍ ଆନ୍ଧ୍ର ଅଧୀନସ୍ଥ ଭାଇଜାଗାପଟ୍ଟନମ୍ ଡିଭିଜନକୁ ସ୍ଥାନାନ୍ତରିତ ହେଲା ପରେ ମାତ୍ର ପଚାଶ କିଲୋମିଟର ଆମ ଠାରୁ କମିଗଲା କହିଦେଲେ ଯଥେଷ୍ଟ ହେବ ନାହିଁ। ପ୍ରଥମ କଥା ହେଲା, ରେଳବାଇ ବିଭାଗ କେନ୍ଦ୍ରସରକାରଙ୍କ ଅଧୀନ ଏବଂ ଏହାକୁ ରାଜ୍ୟଭିତ୍ତିରେ ଭାଗଭାଗ କରିବା ଅନୁଚିତ ଏବଂ କେତେକ କ୍ଷେତ୍ରରେ କାର୍ଯ୍ୟସୂଚୀ ଅନୁଯାୟୀ କାର୍ଯ୍ୟକରିବା ଏକରକମର ଅସମ୍ଭବ ବ୍ୟାପାର ମଧ୍ୟ। ଓଡ଼ିଶାରେ ବୁଦ୍ଧିଜୀବୀ ମହଲରେ ଏବଂ ରାଜନୈତିକ ବାୟୁମଣ୍ଡଳରେ ଏହି ନିଷ୍ପତ୍ତିର ବିରୋଧ ହେବା ପରେ ତତ୍‌କ୍ଷଣାତ୍ ଭାରତୀୟ ରେଳବିଭାଗ ତରଫରୁ ସ୍ପଷ୍ଟୀକରଣ ଦିଆଯାଇଛି ଯେ ଏହା ମାତ୍ର ପଚାଶ କିଲୋମିଟର ଦୂର ଭିତରେ ସୀମିତ, ମାତ୍ର ଛୋଟଛୋଟ ସାତଗୋଟି ଷ୍ଟେସନ ଭିତରେ ଏହାର ସ୍ଥିତି ଏବଂ ଏଠାରୁ ବିଶେଷ ବାଣିଜ୍ୟିକ ପରିବହନ ହେଉ ନ ଥିବାରୁ ଏଥିରେ ଓଡ଼ିଶାର କ୍ଷତି ହେବାର ଆଶଙ୍କା ନାହିଁ। ଏହା କେତେ ଅବାନ୍ତର ଓ ଲୋକହସା କଥା ଆପଣ ଚିନ୍ତା କରନ୍ତୁ।

ଆଜି ଦିନରେ ଭଦ୍ରକ-ଲକ୍ଷ୍ମଣନାଥ ସେକ୍‌ସନ, ଯାହା ପ୍ରାୟ ୧୪୦ କିଲୋମିଟର ଲମ୍ବ ବିଶିଷ୍ଟ, ତାହା ଦକ୍ଷିଣପୂର୍ବ ରେଳପଥ ଅଧୀନରେ ରହିଛି। ଯଦି ପଲାସା-ଇଚ୍ଛାପୁର ସେକ୍‌ସନ୍‌କୁ ଆନ୍ଧ୍ରକୁ ପଠେଇ ଦିଆଗଲା, ସେଇ ଆଧାରରେ ଭଦ୍ରକ-ଲକ୍ଷ୍ମଣନାମ ସେକ୍‌ସନକୁ ଓଡ଼ିଶାରୁ ଇଷ୍ଟକୋଷ୍ଟ ରେଲୱେ ହସ୍ତାନ୍ତରିତ କରିବାରେ ଅସୁବିଧା କେଉଁଠି? ଏଥିରୁ ଜଣାପଡୁଛି କୌଣସି ନୀତି ନିୟମ ଆଧାରରେ ଏହା ହେଉନାହିଁ। ହୁଏତ ଆନ୍ଧ୍ର ପ୍ରଦେଶର ବର୍ତ୍ତମାନ ମୁଖ୍ୟମନ୍ତ୍ରୀଙ୍କୁ ସନ୍ତୁଷ୍ଟ କରିବାକୁ ଏପରି ନିଷ୍ପତ୍ତି ନିଆଯାଇଥାଇପାରେ। ମାତ୍ର ଭଦ୍ରକ-ଲକ୍ଷ୍ମଣନାଥ ସେକ୍‌ସନ୍‌କୁ ହାୱଡାଠାରୁ ଆଣି ଓଡ଼ିଶାରେ ମିଶେଇଲେ କାଳେ ସେ ପଟରେ ଚାଲିଥିବା ରାଜ୍ୟ ନିର୍ବାଚନକୁ ତାହା ପ୍ରଭାବିତ କରିବ ଏହା ମଧ୍ୟ ଏକ କାରଣ ହୋଇଥିବା ସମ୍ଭବ। ତା'ଛଡ଼ା ବିରୋଧ କରିବା କାମରେ ଆମର ପଡ଼ୋଶୀମାନେ ଆମଠାରୁ କାହିଁ କେତେ ଆଗରେ।

ରେଳ ବିଭାଗ କେନ୍ଦ୍ର ସରକାରଙ୍କ ଅଧୀନ। ରେଳ ଚଳାଚଳରେ ପ୍ରାଦେଶିକ ସରକାରଙ୍କର ବିଶେଷ ଅଧିକାର ନଥାଏ। ଯଦିଓ ଶାନ୍ତି ଶୃଙ୍ଖଳା ରକ୍ଷା ରାଜ୍ୟର ଅଧିକାର ପରିସରଭୁକ୍ତ, କେନ୍ଦ୍ର ଓ ରାଜ୍ୟର ସହମତିରେ ସେ ପରିସ୍ଥିତିର ସମାଧାନ ହୋଇଥାଏ। ଆଗରୁ କେନ୍ଦ୍ର ସରକାର ସହିତ ରାଜ୍ୟ ସରକାରମାନଙ୍କ ସହିତ ଆଖିଦୃଷ୍ଟିଆ ଶତ୍ରୁତା ନଥିଲା। ଏଇ କିଛିବର୍ଷ ହେଲାଣି ସେଇ ଅବସ୍ଥା ଏତେ ଖରାପ ସ୍ତରକୁ ଆସିଛି ଯେ ଯେଉଁଠି ରାଜ୍ୟରେ କେନ୍ଦ୍ର ବିରୋଧୀ ଦଳର ସରକାର ରହିଛି ସେମାନେ ରେଳବାଇକୁ ସେମାନଙ୍କର ଶତ୍ରୁରୂପେ ଦେଖୁଛନ୍ତି ଏବଂ ବିଭିନ୍ନ ସମୟରେ ରେଳବାଇ ସଂପତ୍ତି ନଷ୍ଟ କରୁଛନ୍ତି। ଏହା ଏକ ବିପଜ୍ଜନକ ଭବିଷ୍ୟତର ସୂଚନା ଦିଏ।

ସ୍ୱାଧୀନତା ପରଠାରୁ ରେଳ ମନ୍ତ୍ରାଳୟ ତରଫରୁ ଓଡ଼ିଶା ଅଧୀନସ୍ଥ ଅଞ୍ଚଳ ପାଇଁ ଯାହା ବାର୍ଷିକ ବ୍ୟୟ ବରାଦ ହୋଇଛି ତାହା ଅତ୍ୟନ୍ତ ନଗଣ୍ୟ। ଏଇ କିଛିବର୍ଷ ହେଲା ଅବଶ୍ୟ ସେଥିରେ ପରିବର୍ତ୍ତନ ଘଟିଛି। ମାତ୍ର ଯେତିକି ଟଙ୍କା ବ୍ୟୟମଞ୍ଜୁରୀ ବଜେଟରେ ହେଉଛି ତାହା ଖର୍ଚ୍ଚ ହୋଇପାରୁନାହିଁ। ଓଡ଼ିଶାର ବିଭିନ୍ନ ପ୍ରକଳ୍ପ କିପରି ପ୍ରଲମ୍ବିତ ହେଉଛି ତାହା ଆପଣଙ୍କୁ ଅଜଣା ନାହିଁ। ଖୋର୍ଦ୍ଧା-ବଲାଙ୍ଗିର ରାଜପଥ ସ୍ୱାଧୀନତା ପ୍ରାପ୍ତି ସମୟରୁ ସର୍ଭେ କରାଯାଇ ଥିଲେ ମଧ୍ୟ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା ୨୦୦୩ ଏବଂ ୨୦୧୫ ପରେ ଏଥିରେ ଅଗ୍ରଗତି ପରିଲକ୍ଷିତ ହୋଇଥିଲା। ୨୦୨୬ ଶେଷ ସୁଦ୍ଧା ଏହା କାର୍ଯ୍ୟକ୍ଷମ ହେବ ବୋଲି ସରକାରୀ ସୂତ୍ରରୁ ପ୍ରକାଶ।

ଆଉ ଗୋଟିଏ ଅପେକ୍ଷାକୃତ ଛୋଟ ରେଳଲାଇନ ହେଉଛି ବିମଳାଗଡ଼-ତାଳଚେର। ଏହା ଆମର ରାଉରକେଲା ଓ ଭୁବନେଶ୍ୱର ଭିତରର ଦୂରତା ପ୍ରାୟ ଶହେକୋଡ଼ିଏ କିଲୋମିଟର କମେଇଦେଇ ପାରିବ। ତେଣୁ ଲୁହାପଥର, କୋଇଲା ପରି ପ୍ରଭୂତ ଖଣିଜଦ୍ରବ୍ୟ ଥିବା ଭିତ୍ତିଭୂମିକୁ ଏହା ଅନେକ ଉପକାର କରିବ। ଏହି ପ୍ରକଳ୍ପ ଆଜକୁ ପ୍ରାୟ ତେଇଶି ବର୍ଷ ପୂର୍ବରୁ ମଞ୍ଜୁରି ପାଇଥିଲେ ମଧ୍ୟ ମୋଟ ୧୪୯ କିଲୋମିଟର ଦୂରତା ବିଶିଷ୍ଟ ଏହି ରେଳପଥ ଲିଙ୍କ୍ ମଧ୍ୟରୁ ମାତ୍ର ୩୪ କିଲୋମିଟର ଏପର୍ଯ୍ୟନ୍ତ ନିର୍ମାଣ ହୋଇଛି। ଆମର ଦୃଢ଼ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଏଇ ପ୍ରକଳ୍ପ ବିଳମ୍ବିତ ହେବାର ପ୍ରମୁଖ କାରଣ।

ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ପ୍ରକଳ୍ପଗୁଡ଼ିକ ଅପେକ୍ଷାକୃତ ଅଧିକ ବିଳମ୍ବ ଦେଇ ଗତି କରୁଛନ୍ତି। ତେଣୁ ଜଙ୍ଗଲ ଜମିକୁ ଅଣଜଂଗଲରେ ପରିବର୍ତ୍ତନ ସମୟସାପେକ୍ଷ କିମ୍ବା ଜମି ଅଧିଗ୍ରହଣରେ ସିଭିଲ୍ କେଶ୍ ହୋଇ ପରିସ୍ଥିତିକୁ ବିଳମ୍ବିତ କରୁଛି ଭଳି ମାମୁଲି କାରଣ ଦର୍ଶାଇବା କେବଳ ଆମର ଦୁର୍ବଳତାକୁ ଦୃଢ଼ୀଭୂତ କରିବ। କାରଣ ସମାନ ପରିସ୍ଥିତି ଦେଇ ଗତି କଲେ ମଧ୍ୟ ଅନ୍ୟ ରାଜ୍ୟମାନେ ଦ୍ରୁତ ପ୍ରଗତି କରିପାରୁଛନ୍ତି। ତେଣୁ ଏକ ତୁଳନାତ୍ମକ ଅଧ୍ୟୟନ କରି ଦୋଷତ୍ରୁଟିଗୁଡ଼ିକର ସମାଧାନ କରାଯିବା ଜରୁରୀ।

ରାଉରକେଲା ଓଡ଼ିଶାର ଏକ ପ୍ରମୁଖ ଶିଳ୍ପନଗରୀ। ଏହାର ମୁଖ୍ୟଦପ୍ତର ରାଉରକେଲା ହେଲେ ମଧ୍ୟ ଏପର୍ଯ୍ୟନ୍ତ ଏକ ଡିଭିଜନ ହେଡ୍‌କ୍ୱାର୍ଟର୍ସ ହୋଇ ନ ପାରି ଚକ୍ରଧରପୁର ଡିଭିଜନ ଅଧୀନରେ ଅଛି। ଏହାକୁ ସ୍ୱତନ୍ତ୍ର ଡିଭିଜନର ମାନ୍ୟତା ଦେଲେ ଓଡ଼ିଶା ପ୍ରତି ସହୃଦୟ ଦୃଷ୍ଟିକୋଣ ପ୍ରତିଫଳିତ ହୁଅନ୍ତା।

ଏବର ରେଳମନ୍ତ୍ରୀ ଅଶ୍ୱିନୀ କୁମାର ବୈଷ୍ଣବ ରାଜସ୍ଥାନର ବାସିନ୍ଦା ହେଲେ ମଧ୍ୟ ବହୁବର୍ଷ ଧରି ଓଡ଼ିଶା କ୍ୟାଡର ଆଇ.ଏ.ଏସ୍ ଭାବରେ କାର୍ଯ୍ୟ କରିଥିଲେ। ଏବେ ଓଡ଼ିଶାରୁ ରାଜ୍ୟସଭାର ସଦସ୍ୟ ରହିଛନ୍ତି। ଶ୍ରୀଯୁକ୍ତ ବୈଷ୍ଣବ ଓଡ଼ିଶା ପ୍ରକଳ୍ପଗୁଡ଼ିକର କ୍ରମାଗତ ନିରୀକ୍ଷଣ ପାଇଁ ଏକ ସେଲ୍‌ଫ ଗଠନ କଲେ ବିଭିନ୍ନ ସମସ୍ୟାର ଆଶୁ ସମାଧାନ ହୋଇପାରିବ। ●

(ପୂର୍ବତନ ପ୍ରଶାସନିକ ଅଧିକାରୀ)
ଭୁବନେଶ୍ୱର, ମୋ: ୯୪୩୮୪୮୨୯୧୧

# ତିସ୍ତା ପ୍ରକଳ୍ପରୁ ଚୀନର ଫାଇଦା

**ଡ. ପ୍ରଦୀପ କୁମାର ନାୟକ**



ଭାରତର ସ୍ଥଳଭାଗର କିଛି ସଂକୀର୍ଣ୍ଣ ଅଂଶ, ଯାହାକି ପଶ୍ଚିମବଙ୍ଗ ସହ ଭୁଟାନକୁ ଏବଂ ଚୀନକୁ ସଂଯୋଗ କରେ, ତାହା 'ସିଲଗୁଡ଼ି କରିଡର' ନାମରେ ସୁପରିଚିତ। ଏହି ସଂକୀର୍ଣ୍ଣ ସ୍ଥଳଭାଗର ଚଉଡ଼ା ୧୭ ରୁ ୨୨ କି.ମି। ଏହି କରିଡରକୁ 'ଚିକେନ ନେକ' ମଧ୍ୟ କୁହାଯାଏ। ଭାରତକୁ ପଡ଼ୋଶୀ ଦେଶମାନଙ୍କରୁ ଅନୁପ୍ରବେଶ କରିବା ପାଇଁ ଏହି ସ୍ଥାନ ଏକ ସହଜ ଓ ସମ୍ଭାବିତ ରାସ୍ତା। ଏହି ସଂକୀର୍ଣ୍ଣ ସ୍ଥଳଭାଗ ହିଁ ପଶ୍ଚିମବଙ୍ଗକୁ ଉତ୍ତର-ପୂର୍ବ ଭାରତର ଅନ୍ୟ ସାତଟି ରାଜ୍ୟକୁ ସଂଯୋଗ କରିଥାଏ। ଗତ ଫେବୃଆରୀ ୧୭ ତାରିଖରେ ପ୍ରଧାନମନ୍ତ୍ରୀ ତାରିକ ରେହମାନଙ୍କ ନେତୃତ୍ୱରେ ବିଏନ୍‌ପି(ବାଂଲାଦେଶ ନ୍ୟାଶ୍‌ନାଲିଷ୍ଟ ପାର୍ଟି) ବାଂଲାଦେଶରେ ସରକାର ଗଠନ କରିବା ପରେ ସିଲଗୁଡ଼ି କରିଡର ନିକଟସ୍ଥ ତିସ୍ତା ନଦୀ ଉପରେ ନିର୍ମାଣାଧୀନ ଜଳ ପ୍ରକଳ୍ପ ଚୀନର ଆର୍ଥିକ ସହାୟତାରେ ସମ୍ପୂର୍ଣ୍ଣ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଛି। ଚୀନ ସରକାର ଏହି ଉଦ୍ଦେଶ୍ୟରେ ୧ କୋଟି ଟଙ୍କା ଅଗ୍ରୀମ ଦେଇ ସାରିଲେଣି। ଏଠାରେ କହିବା ଆବଶ୍ୟକ ଯେ ତିସ୍ତା ନଦୀ ସିକ୍କିମ ନିକଟସ୍ଥ ହିମାଳୟ ପର୍ବତାଞ୍ଚଳରୁ ଉତ୍ପତ୍ତି ହୋଇ ଭାରତ ଦେଇ ପ୍ରବାହିତ ହୋଇ ବାଂଲାଦେଶରେ ପ୍ରବେଶ କରିଛି। ଏହାର ୪୧୪ କି.ମି ଦୀର୍ଘ ଗତିପଥରୁ ବାଂଲାଦେଶ ଦେଇ ୧୦୯ କି.ମି ପ୍ରବାହିତ ହୋଇ ନିଲଫାମାରି, ଲାଲମୋହନିରହାତ, ରଙ୍ଗପୁର, କୁଡିଗ୍ରାମ ଓ ଗାଇବନ୍ଧ ଜିଲ୍ଲାମାନଙ୍କ ଦେଇ ଗତି କରି ଶେଷରେ ବ୍ରହ୍ମପୁତ୍ର ନଦୀରେ (ଯାହାକୁ ବାଂଲାଦେଶରେ ଯମୁନା କୁହାଯାଏ) ମିଶିଛି।

ତିସ୍ତା ନଦୀ ବାଂଲାଦେଶର ଜୀବନରେଖା ରୂପେ ସେଠିକାର ନାଗରିକମାନେ ବିଶ୍ୱାସ କରନ୍ତି। ମୌସୁମୀ ସମୟରେ ଏହା ଭୟାବହ କ୍ଷତି କରିଥାଏ। ବାରମ୍ବାର ବନ୍ୟାଜଳ ଗାଁଗଣ୍ଡାରେ ପଶି ଯାଇ ଅନେକ ଧନଜୀବନ ନଷ୍ଟ କରିଥାଏ। ଗ୍ରୀଷ୍ମପ୍ରବାହ ସମୟରେ ନଦୀ ଶୁଖିଯାଇ ମରୁଡ଼ି ହୁଏ। ୧୯୭୫ ମସିହାରେ ଭାରତରେ ତିସ୍ତା ନଦୀ ଜଳ ପ୍ରକଳ୍ପ ଆମ ଦେଶ ଆରମ୍ଭ କରିଥିଲା ପଶ୍ଚିମବଙ୍ଗର ଜଳକଷ୍ଟର ମୁକାବିଲା କରିବା ପାଇଁ। କିନ୍ତୁ ୧୯୭୯ରେ ବାଂଲାଦେଶ ଡାଲିଆଠାରେ ଏକ ଜଳ ବାରେଜ ଆରମ୍ଭ କରିଥିଲା, ଯାହାର କାର୍ଯ୍ୟ ୧୯୯୭ରେ ସମ୍ପୂର୍ଣ୍ଣ ହୋଇଥିଲା। ୨୦୧୧ ମସିହାରେ ଭାରତ ଓ ବାଂଲାଦେଶ ମଧ୍ୟରେ ତିସ୍ତା ଜଳ ଆବଣ୍ଟନ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା, ଯାହାର ସର୍ତ୍ତ ଅନୁଯାୟୀ ଭାରତ ଗ୍ରୀଷ୍ମ ଋତୁରେ ଏହି ନଦୀ ଜଳର ୩୭.୫% ବାଂଲାଦେଶକୁ ଦେବ। କିନ୍ତୁ ପଶ୍ଚିମବଙ୍ଗ ଏହି ଚୁକ୍ତିର ସର୍ତ୍ତାବଳୀ ପାଳନ କରିବାରେ ଅଧିକାଂଶ ସମୟରେ ପ୍ରତିବନ୍ଧକ ସୃଷ୍ଟି କରି ଆସିଛି।

ଏହି ସମସ୍ୟାର ସମାଧାନ ପାଇଁ ବାଂଲାଦେଶ ନିଜର ବ୍ୟାରେଜ, ଜଳ ଭଣ୍ଡାର ଓ ନଦୀ ଉଭୟ ପାର୍ଶ୍ୱରେ ପଥର ହୁଡ଼ା ଆଦି ବ୍ୟବସ୍ଥା କରିବା ପାଇଁ ପ୍ରୟାସ ଆରମ୍ଭ କରିଛି। ଯେହେତୁ ଏହି ପ୍ରକଳ୍ପ ପଶ୍ଚିମବଙ୍ଗର ସିଲଗୁଡ଼ି କରିଡର ନିକଟରେ କାର୍ଯ୍ୟକାରୀ ହେଉଛି ସେଥିପାଇଁ ଭାରତ ଉଦ୍‌ବିଗ୍ନ ହେବା ସ୍ୱାଭାବିକ। ଏହି ବିଶାଳ ପ୍ରକଳ୍ପ ପାଇଁ ବାଂଲାଦେଶ ୭୫୦ ନିୟୁତ ଡଲାର ବା ପ୍ରାୟ ୭୨୨୨ କୋଟି ଟଙ୍କା ଖର୍ଚ୍ଚ କରିବ ବୋଲି ଅଟକଳ କରିଛି ଏବଂ ଚୀନକୁ ଅଗ୍ରୀମ ଆକାରରେ ୫୫୦ ନିୟୁତ ଡଲାର ବା ୫୨୫୭ କୋଟି ଟଙ୍କାର ଋଣ ସହାୟତା ମାଗିଛି। 'ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ', ଯାହାକି ଚୀନର ବ୍ୟବସାୟିକ ଓ ସାମରିକ ପ୍ରଭାବ ବିସ୍ତାର ପାଇଁ ଉଦ୍ଦିଷ୍ଟ, ସେଥିରେ ବାଂଲାଦେଶ ଏକ ସକ୍ରିୟ ସହଯୋଗୀ ରହିଛି। ସେଥିପାଇଁ ଚୀନ ବାଂଲାଦେଶର ଏହି ମେଗା-ପ୍ରକଳ୍ପରେ ସବୁପ୍ରକାର ସାହାଯ୍ୟ କରିବାକୁ ଆଗେଇ ଆସିଛି।

ଗତ ଏପ୍ରିଲ ମାସରେ ବାଂଲାଦେଶର ଜଳ ବିକାଶ ବିଭାଗ ଏହି ଜଳ ପ୍ରକଳ୍ପ ଅନୁଯାୟୀ ନଦୀଶଯ୍ୟାର ୧୧୦ କି.ମି ପର୍ଯ୍ୟନ୍ତ ଖୋଳିବା ପାଇଁ ନିଷ୍ପତ୍ତି ନେଇଛି। ନଦୀର ଉଭୟ ପାର୍ଶ୍ୱରେ ବନ୍ଧ ବା ପ୍ରାଚୀର ନିର୍ମାଣ କରାଯିବ। ଜଳ ସଂରକ୍ଷଣ ପାଇଁ ବ୍ୟାରେଜ ନିର୍ମାଣ କରାଯିବ, ଯେପରିକି ଭାରତ ଉପରେ ଆଉ ନିର୍ଭର କରିବାକୁ ପଡ଼ିବ ନାହିଁ। ଏହି ପ୍ରକଳ୍ପ ୨୦୨୯ ମସିହା ସୁଦ୍ଧା ସମ୍ପୂର୍ଣ୍ଣ କରିବାର ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକଳ୍ପରେ ଚୀନର ଇଂଜିନିୟର, ସର୍ଭେୟର, ବୈଜ୍ଞାନିକ, ପ୍ରକଳ୍ପ ଅଧିକାରୀ ଓ ରାଜନୈତିକ ନେତା ବାଂଲାଦେଶକୁ ସାହାଯ୍ୟ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହା ଭାରତର ନିରାପତ୍ତା ପ୍ରତି ବିପଦ ସୃଷ୍ଟି କରିବ। ଯେହେତୁ ଭାରତର ଅରୁଣାଚଳ ପ୍ରଦେଶ ଓ ଉତ୍ତର-ପୂର୍ବ ଭାରତୀୟ ରାଜ୍ୟମାନଙ୍କ ଉପରେ ଚୀନର ଲୋଲୁପ ଦୃଷ୍ଟି ରହିଛି, ବାଂଲାଦେଶର ତିସ୍ତା ପ୍ରକଳ୍ପରେ ଚୀନର ଉପସ୍ଥିତି ଭାରତ ପାଇଁ ଶୁଭଙ୍କର ନୁହେଁ। ●

(ଅବସରପ୍ରାପ୍ତ ଅଧ୍ୟକ୍ଷ)
ଭୁବନେଶ୍ୱର, ମୋ: ୯୪୩୭୬୪୪୩୪୧

# ଯୁଗୋତ୍ତୀର୍ଣ୍ଣ ଶାନ୍ତିର ଉଦ୍‌ଗାତା: ଯୁଗ ଦାସ

**ସାହିତ୍ୟ ସରିତ୍**

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ଯେକୌଣସି ସମୟର ମହାନ ସାହିତ୍ୟ ସ୍ରଷ୍ଟା ନିଜସ୍ୱ କୃତି ମଧ୍ୟରେ ମାନବ ଜାତି ସକାଶେ ଯେଉଁ ସନ୍ଦେଶ ସଂରକ୍ଷିତ କରି ରଖି ଯାଇଥା'ନ୍ତି, ତାହା କୌଣସି ସୁନିର୍ଦ୍ଦିଷ୍ଟ ଯୁଗଟିଏ ପ୍ରତି କେବଳ ଉଦ୍ଦିଷ୍ଟ ନଥାଏ। କନ୍ଧକବି ସନ୍ଥ ଭୀମ ଭୋଇଙ୍କ କୀର୍ତ୍ତି ଆଜି ସମ୍ପ୍ରସାରିତ ହୋଇଯାଇଛି ପୃଥିବୀର କୋଣ-ଅନୁକୋଣକୁ। ସେହିପରି ଆଉ ଜଣେ କନ୍ଧକବିଙ୍କ କାହାଣୀ ପାଠକମାନଙ୍କ ହୃଦୟରେ ସମାନ କରୁଣାର ନିର୍ଝର ସୃଷ୍ଟି କରିଦେବାରେ କିପରି ସମର୍ଥ ତାହା ଅନୁଭୂତ ହୁଏ ଗଭୀର ଭାବରେ ତାଙ୍କ ଅନ୍ତର ସହିତ ଏକାତ୍ମ ହୋଇପାରିଲେ। ସେ ବହୁ କାବ୍ୟକବିତାର ସ୍ରଷ୍ଟା ନୁହନ୍ତି। ତାଙ୍କର ସୁଖ୍ୟାତି ମଧ୍ୟ ଆଶାନୁରୂପ ଭାବରେ ପରିବ୍ୟାପ୍ତ ହୋଇଯାଇ ପାରିନାହିଁ। ତଥାପି ଯେଉଁମାନେ ତାଙ୍କ ଦ୍ୱାରା ରଚିତ 'ନୃସିଂହ ଚରିତ' ପାଠ କରିଛନ୍ତି, ସେମାନେ କେବେହେଲେ ତାଙ୍କୁ ବିସ୍ମରି ଯିବା ସମ୍ଭବ ହିଁ ନୁହେଁ। ଏହି ପୁସ୍ତକ ଯାହାଙ୍କ ସମ୍ପାଦନାରେ ଲୋକଲୋଚନକୁ ଆସି ପାରିଥିଲା ସେ ହେଉଛନ୍ତି ଓଡ଼ିଆ ସାରସ୍ୱତ ଜଗତର ଜଣେ ବିଶିଷ୍ଟ ସାଧକ ନାରାୟଣ ପୃଷ୍ଟେଠ। ତାଙ୍କ ନିର୍ଣ୍ଣୟ ଅନୁଯାୟୀ ଯୁଗ ଦାସ ହୋଇ ପାରନ୍ତି ଅଷ୍ଟାଦଶ ଶତାବ୍ଦୀର କବି।

'ନୃସିଂହନାଥ'- ଏଇ ନାମ ଉଚ୍ଚାରଣ ମାତ୍ରକେ ଛାତି ଭିତରେ ଶୁଣିହୁଏ ଗନ୍ଧମାର୍ଦ୍ଦନ ପର୍ବତରୁ ଝରି ଆସୁଥିବା କେତେ ନିର୍ଝରର ମଧୁର ସଂଗୀତ। ଏହି ନିଘଞ୍ଚ ଅରଣ୍ୟାଞ୍ଚଳରେ ହିଁ ଦିନେ ଭୂମିଷ୍ଠ ହୋଇଥିଲେ କବି ଯୁଗ ଦାସ। ସ୍ୱରଚିତ କାବ୍ୟରେ ସେ ବର୍ଣ୍ଣନା କରିଛନ୍ତି ନୃସିଂହନାଥଙ୍କ ଗାଥା, ଯାହା ଲୋକକଥା, ଜନଶ୍ରୁତି, କିମ୍ବଦନ୍ତୀ ଆଧାରିତ। କେଉଁ ବିଚିତ୍ର ପରିସ୍ଥିତିରେ ମୂଷିକଦୈତ୍ୟର ଆବିର୍ଭାବ ଘଟିଛି ଓ ତା'ର ନିଧନ ପାଇଁ ନୃସିଂହ ମହାପ୍ରଭୁ ମାର୍ଜାରାକେଶରୀ ରୂପ ଧାରଣ କରି କିପରି ଜାଗ୍ରତ ହୋଇ ରହିଛନ୍ତି ପ୍ରତିଟି ମୁହୂର୍ତ୍ତ, ତାହାର ବର୍ଣ୍ଣନା ବହୁଦୃଷ୍ଟିରୁ ଅର୍ଥପୂର୍ଣ୍ଣ। ଏ ପୃଥିବୀରେ କାହା ମନରେ ବାସ କରେ ନାହିଁ ମୂଷିକ ଦୈତ୍ୟ ବା କାହା ହୃଦୟ ହୁହେଁ ନୃସିଂହ ମନ୍ଦିର? ଯେତେ ସୁପ୍ରତିଷ୍ଠିତ, ଲୋକପ୍ରିୟ ଖ୍ୟାତିସମ୍ପନ୍ନ ବ୍ୟକ୍ତି ହୁଅନ୍ତୁ ନା କାହିଁକି କାହା ଭିତରେ ଲୁଚି ରହିନାହିଁ ତୀବ୍ର କାମନା ବାସନା, ହିଂସା ଓ ଈର୍ଷା ଆଦି ଦୈତ୍ୟ ନାନାବିଧ ବୀଭତ୍ସ ରୂପ ନେଇ? ମୂଷିକ ଦୈତ୍ୟ ତେଣୁ ଏକ ପ୍ରତୀକ ହୋଇପାରେ ଆମ ପାଇଁ। ସେଇଭଳି ପ୍ରତ୍ୟେକଙ୍କ ଅନ୍ତରାତ୍ମାରେ ବିଷ୍ଣୁଙ୍କ ମାର୍ଜାରକେଶରୀ ରୂପ ଚିରଜାଗ୍ରତ। ଦାନବୀୟ ଦୁଷ୍ଟବୃତ୍ତିକୁ ଦୁର୍ବିନୀତ ଭାବରେ ବିଦାରିତ କରିବା ପାଇଁ ସେ ପରିହାର କରିଛନ୍ତି ନିଦ୍ରାଭିଭୂତ ହୋଇ ରହିବାର ନିଶ୍ଚିନ୍ତତା। ଗୋଟିଏ କାହାଣୀ ବିବୃତ କରିବା ମାଧ୍ୟମରେ ଯୁଗ ଦାସ ଚାହିଁଛନ୍ତି ପାଠକ ମଧ୍ୟରେ ହିଁ ନିର୍ମାଣ କରିଦେବାକୁ ଈଶ୍ୱରଙ୍କ ମନ୍ଦିର।

ଆମେ ଏହି ଏକବିଂଶ ଶତାବ୍ଦୀରେ ଅନୁଭବ କରୁଛୁ ସମାଜ କିପରି ହୋଇଯାଉଛି କଳୁଷିତ, ମଣିଷ କିପରି ଦିଗଭ୍ରଷ୍ଟ, ଜୀବନ କିପରି ହା ହୁତାଶମୟ। ଭୀମ ଭୋଇ ତାଙ୍କ ସମୟର ଅନ୍ୟାୟ, ଅନାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଛନ୍ତି। ଯୁଗ ଦାସ ମଧ୍ୟ ନିଜ ଚତୁର୍ଦ୍ଦିଗରେ ଯେଉଁ ଅଶାନ୍ତି, ଅବିଶ୍ୱାସ, ଅବିବେକିତା ଲକ୍ଷ୍ୟ କରିଛନ୍ତି ତାହା ବର୍ଣ୍ଣନା କରିଛନ୍ତି ବେଦନାହତ କଣ୍ଠରେ। ଏହି ଅନୈତିକତା, ଅବିଚାର, ଶଠତାକୁ ରୂପାୟିତ କରି ତାଙ୍କ କଲମମୁନ ଅଟକି ଯାଇନାହିଁ କେବେ। ସଂସାରର ପ୍ରତିଟି ମଣିଷ ପାଇଁ ତାଙ୍କ ଶୁଭାର୍ଥୀ ଅନ୍ତରର ନିବିଡ଼ ପ୍ରାର୍ଥନା ମଧ୍ୟ ଅଙ୍କିତ ହୋଇଛି ତାଳପତ୍ର ପୋଥିରେ। ଜଗତର ସୁରକ୍ଷା ପାଇଁ, ଭବିଷ୍ୟତ ପୃଥିବୀର କଲ୍ୟାଣ ପାଇଁ ନୃସିଂହନାଥଙ୍କ ନିକଟରେ ତାଙ୍କ ପ୍ରାର୍ଥନାର ସ୍ୱର କେତେ ଅନ୍ତର୍ଭେଦୀ ତାହା ହିଁ ଉପଲବ୍ଧି କରିହୁଏ ନିବିଡ଼ ଭାବରେ। ତାଙ୍କ ଲେଖନୀ ନିଃସୃତ ଏକାଧିକ ପଦପଂକ୍ତି ଏ ପ୍ରସଙ୍ଗରେ ଉଦ୍ଧାର କରାଯାଇପାରେ -'ସ୍ୱଧର୍ମ ପାସୋରି ଅମୃତ ତନୟ, ଅସାର ବିଷୟେ ହୁଅଇ ତନ୍ମୟ / ବେଳୁବେଳ ବୃଦ୍ଧି ପାଉଛି ଦୁର୍ଦ୍ଦଶା, ବାନ୍ଧୁଛି ବୈଷମ୍ୟ ବ୍ୟାଧି ବିଶ୍ୱେ ବସା।' 'ନୃସିଂହ ଚରିତ' ବ୍ୟତୀତ କବିଙ୍କ ଅନ୍ୟ କୌଣସି ରଚନା ଆଉ ଆବିଷ୍କୃତ ହୋଇପାରିନି। ଜଣେ ପ୍ରାଣବନ୍ତ ସ୍ରଷ୍ଟାର ଜୀବନ ଓ ବାର୍ତ୍ତାକୁ ଯଥାର୍ଥ ଭାବରେ ବୁଝିବା ପାଇଁ ଏପରି ଗୋଟିଏ କାବ୍ୟ ମଧ୍ୟ ଯଥେଷ୍ଟ ନିଶ୍ଚିତ ଭାବରେ। ଜନଜୀବନର ଶାନ୍ତି ପାଇଁ ସେ ରଚନା କରିଥିବା ପଂକ୍ତିରେ ମନ୍ତ୍ରପୂତ ବାଣୀ ଅନ୍ତର୍ଗୁଞ୍ଜିତ। ଆଜି ବି ସକଳ ଦୈତ୍ୟ-ଦୌରାତ୍ମ୍ୟରୁ ଜୀବନକୁ ରକ୍ଷା କରିବା ସକାଶେ 'ନୃସିଂହ ଚରିତ' ଉନ୍ମୁଖ। ଏ ସମାଜରେ ଯେତେ ଭ୍ରଷ୍ଟାଚାର ଭୀତି ସଂଚାର କରୁଥିଲେ ବି ଯୁଗ ଦାସଙ୍କ ଆହ୍ୱାନ ପ୍ରତିଧ୍ୱନିତ ହେଉଥାଏ ଗାନ୍ଧମାର୍ଦ୍ଦନ ପର୍ବତମାଳାରେ - 'ଅଜ୍ଞାନ-ଅନ୍ଧାରେ ନୋହି ମୁହ୍ୟମାନ, ହେ ମାନବେ କର ଅମୃତ ସନ୍ଧାନ।' ଯାହା ଦ୍ୱାରା ଯେତିକି ଉପକାର କରିବା ସମ୍ଭବ, ସେତିକି ଅନ୍ତତଃ ସମ୍ପାଦନ କରି ଶୋକସନ୍ତପ୍ତ ହୃଦୟରେ ଶାନ୍ତି ସଂଚାର ପାଇଁ ତାଙ୍କ ଦିଗଦର୍ଶନ ନରସିଂହନାଥଙ୍କ ପ୍ରତ୍ୟକ୍ଷ ଦର୍ଶନ ସହ କ'ଣ ସମାନ ନୁହେଁ? ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଟଙ୍କା ନଦେବାରୁ ବାପାକୁ ହତ୍ୟା

ସିନାପାଲି,୨୭।୫(ସମିସ):ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ଲିଆଡ ଗ୍ରାମରେ ଅଭାବନୀୟ ଘଟଣା ଘଟିଛି। ଟଙ୍କା ନଦେବାରୁ ବାପାକୁ ହତ୍ୟା କରିଛି ପୁଅ। ଘଟଣାରୁ ପ୍ରକାଶ ଯେ, ମଙ୍ଗଳବାର ରାତି ପ୍ରାୟ ୨ଟା ବେଳେ ଘରେ ସମସ୍ତେ ଖାଇପିଇ ଶୋଇ ପଡ଼ିଥିଲେ।ରାତି ପ୍ରାୟ ଦୁଇଟା ସମୟରେ ପୁଅ ହଠାତ ଟାଙ୍ଗିଆରେ ଚୋଟମାରି ବାପାକୁ ନିର୍ମମ ଭାବରେ ହତ୍ୟା କହିଛି। ଘଟଣା ସଂପର୍କରେ ସିନାପାଲି ଥାନାରେ ମୃତକର ବଡ ପୁଅ ମୁରଲୀ ଭୋଇ ଲିଖିତ ଅଭିଯୋଗ କରିବା ପରେ ସିନାପାଲି ପୁଲିସ ସଦଳ ବଳେ ପହଞ୍ଚି ଅଭିଯୁକ୍ତ ଭବାନୀ ଭୋଇ (୨୨)କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି। ମୃତକ ବାପା ଧୀର ଭୋଇକୁ ପୁଅ ଭବାନୀ ପ୍ରତ୍ୟେକ ଦିନ ଖର୍ଚ୍ଚ କରିବା ପାଇଁ ଟଙ୍କା ମାଗେ ହେଲେ ମଙ୍ଗଳବାର ଦିନ ବାପା ଟଙ୍କା ନ ଦେବାରୁ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ଶୋଇ ଥିବା ଅବସ୍ଥାରେ ପୁଅ ଭବାନୀ ବାପାକୁ ଟାଙ୍ଗିଆରେ ନିର୍ମମ ଭାବରେ ହାଣି ହତ୍ୟା କରିଥିବା ପୁଲିସ ସୂତ୍ରରୁ ପ୍ରକାଶ। ଖଡିଆଳ ଏସ୍‌ଡିପିଓ ଉପେନ୍ଦ୍ର ପ୍ରଧାନ, ଥାନା ଅଧିକାରୀ ଦୁର୍ଗାମାଧବ ବାଗ ସମେତ ସାଇଣ୍ଟିଫିକ୍ ଦଳ ପହଞ୍ଚି ତଦନ୍ତ କରିବା ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅଭିଯୋଗକୁ ଭିତ୍ତିକରି ସିନାପାଲି ଥାନାରେ କେସ ନଂ ୧୫୪/୨୬ ଅନୁସାରେ ମାମଲା ରୁଜୁ କରଯାଇଛି।ପୁଲିସ ଘଟଣାର ତଦନ୍ତ ଚଳାଇଛି।

■ ଡେଣ୍ଟାଲ ସର୍ଜନ ନିଯୁକ୍ତିରେ ଏସ୍‌ଇବିସି ସଂରକ୍ଷଣ ନ ରହିବା ପ୍ରସଂଗ

## ଆବେଦନକାରୀଙ୍କୁ ନିଯୁକ୍ତି ଦେବା ପାଇଁ ଓପିଏସ୍‌ସି ଓ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୨୭।୫(ସମିସ): ୨୦୧୭-୧୮ ମସିହାର ଓଡିଶା ଲୋକ ସେବା ଆୟୋଗ (ଓପିଏସସି) ପକ୍ଷରୁ ଓଡ଼ିଶା ମେଡିକାଲ ସର୍ଭିସ (ଡେଣ୍ଟାଲ) କ୍ୟାଡର ଗ୍ରୁପ୍-ଏ' (ଜୁନିୟର) ଡେଣ୍ଟାଲ ସର୍ଜନ ନିଯୁକ୍ତି ପ୍ରକ୍ରିୟାରେ ଏସଇବିସି ବର୍ଗଙ୍କ ପାଇଁ ସଂରକ୍ଷଣ ନ ଦେବା ପ୍ରସଂଗରେ ରୁଜୁ ଆବେଦନକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ୪ଜଣ ଆବେଦନକାରୀ ଡାକ୍ତରଙ୍କୁ ସଂରକ୍ଷିତ ପଦବୀରେ ନିଯୁକ୍ତି ଦେବା ପାଇଁ ସରକାର ଓ ଓପିଏସସିକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଡାକ୍ତର ଦୁର୍ଗେଶୀ ବାରିକ ଓ ଅନ୍ୟ ମାନଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏହି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆଦେଶ ମିଳିବାର ୩ ସପ୍ତାହ ମଧ୍ୟରେ ରାଜ୍ୟ ସରକାରଙ୍କୁ ୪ ଜଣ ପ୍ରାର୍ଥୀଙ୍କ ନାମ ସୁପାରିସ କରିବ ଓପିଏସସି। ଓପିଏସସିଠାରୁ ସୁପାରିଶ ମିଳିବାର ୪ ସପ୍ତାହ ମଧ୍ୟରେ ସରକାର ସମସ୍ତ ଆବେଦନକାରୀଙ୍କୁ ଡେଣ୍ଟାଲ ସର୍ଜନ ଭାବେ ଔପଚାରିକ ନିଯୁକ୍ତି ପତ୍ର ପ୍ରଦାନ କରିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ୨୦୧୭-୧୮ ମସିହାରେ ଓପିଏସସି ପକ୍ଷରୁ ୧୯୮ଟି ଡେଣ୍ଟାଲ ସର୍ଜନ ପଦ ପାଇଁ ବିଜ୍ଞାପନ ପ୍ରକାଶ ପାଇଥିଲା। ରାଜ୍ୟର ସଂରକ୍ଷଣ ନିୟମ ଅନୁଯାୟୀ ଏସଇବିସି ବର୍ଗ ପାଇଁ ୧୧.୨୫% ଆସନ ସଂରକ୍ଷିତ ରହିବା କଥା, ମାତ୍ର ଏହି ନିଯୁକ୍ତିରେ ଏସଇବିସି ପାଇଁ ଗୋଟିଏ ହେଲେ ବି ପଦ ରଖାଯାଇ ନଥିଲା। ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଥିଲା ଯେ ଏସଇବିସି କ୍ୟାଡରରେ ନିର୍ଦ୍ଧାରିତ ସଂଖ୍ୟା (୪୮)ଠାରୁ ଅଧିକ ୫୦ ଜଣ ଡାକ୍ତର ପୂର୍ବରୁ କାର୍ଯ୍ୟରତ ଥିବାରୁ ଏହି ନିଯୁକ୍ତିରେ କୌଣସି ପଦବୀ ଖାଲି ନାହିଁ। ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଏବଂ ଅନ୍ୟ ପ୍ରାର୍ଥୀମାନେ ପୂର୍ବରୁ ଟ୍ରିବ୍ୟୁନାଲ ଓ ପରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା ଯେ ୨୦୧୩-୧୪ ମସିହା ନିଯୁକ୍ତିରେ ୨୬ ଜଣ ଏସଇବିସି ବର୍ଗର ପ୍ରାର୍ଥୀ ନିଜ ଯୋଗ୍ୟତା ବଳରେ ସାଧାରଣ ବର୍ଗର କଟ୍-ଅଫ୍ ମାର୍କଠାରୁ ଅଧିକ ରଖି ସିଟ୍ ପାଇଥିଲେ। ସରକାର ସେହି ୨୬ ଜଣଙ୍କୁ ଭୁଲ୍ ବଶତଃ ଏସଇବିସି କୋଟା ମଧ୍ୟରେ ଗଣନା କରି ୨୦୧୭-୧୮ ରେ ସଂରକ୍ଷଣ ପଦ ଶୂନ୍ୟ କରିଦେଇଥିଲେ। ଅଦାଲତ ଦର୍ଶାଇଛନ୍ତି ଯେ ସମାନ ନିଯୁକ୍ତି ପ୍ରକ୍ରିୟାରେ ଜଣେ ପ୍ରାର୍ଥୀଙ୍କୁ ପରବର୍ତ୍ତୀ ସମୟରେ ୧୧.୦୭.୨୦୨୩ରେ ସରକାର ନିଯୁକ୍ତି ପ୍ରଦାନ କରିଥିଲେ। ତେଣୁ ଆବେଦନକାରୀମାନେ ମଧ୍ୟ ସମାନ ସୁବିଧା ପାଇବାକୁ ହକଦାର ବୋଲି ଅଦାଲତ କହିଛନ୍ତି। ଆବେଦନକାରୀଙ୍କ ମଧ୍ୟରୁ ଜଣେ ସାଧାରଣ ବର୍ଗର କଟ୍-ଅଫ୍ ମାର୍କଠାରୁ ଅଧିକ ମାର୍କ ରଖିଥିଲେ ମଧ୍ୟ କେବଳ ବୟସାଧିକ୍ୟ କାରଣରୁ ତାଙ୍କୁ ବାଦ୍ ଦିଆଯାଇଥିଲା। କୋର୍ଟ କହିଛନ୍ତି ଯେ ୪ ବର୍ଷ ଧରି କୌଣସି ସରକାରୀ ନିଯୁକ୍ତି ବାହାରି ନ ଥିବାରୁ ପ୍ରାର୍ଥୀଙ୍କୁ ବୟସ ସୀମା କୋହଳର ସୁବିଧା ମିଳିବା ଉଚିତ। ଗତ ୨୦୨୪ ମାର୍ଚ୍ଚ ୩୦ ଏବଂ ମେ୬ରେ ଓପିଏସସି (ଦ୍ୱାରା ପ୍ରାର୍ଥୀଙ୍କ ଆବେଦନ ଖାରଜ କରାଯାଇଥିବା ଆଦେଶକୁ ହାଇକୋର୍ଟ ସମ୍ପୂର୍ଣ୍ଣ ରଦ୍ଦ କରିଛନ୍ତି। ଏଥିସହିତ ପୂର୍ବରୁ କୋର୍ଟଙ୍କ ଅନ୍ତରୀଣ ନିର୍ଦ୍ଦେଶ ବଳରେ ସଂରକ୍ଷିତ ରଖାଯାଇଥିବା ୪ଟି ଡେଣ୍ଟାଲ ସର୍ଜନ ପଦବୀରେ ଆବେଦନକାରୀଙ୍କ ନାମ ସୁପାରିସ କରିବାକୁ ଓପିଏସସିକୁ ନିର୍ଦ୍ଦେଶ ଦେଇଛନ୍ତି।

## କାଳବୈଶାଖୀ; ଗଛ ପଡ଼ି ମହିଳା ମୃତ

କିଶୋରନଗର,୨୭।୫(ସମିସ): ଆଠମଲ୍ଲିକ ଅଞ୍ଚଳରେ ବୁଧବାର ଅପରାହ୍ନରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ନାରାୟଣପୁରରେ ଗଛ ପଡ଼ି ଜଣେ ମହିଳା ମୃତ୍ୟୁ ହୋଇଛି। ସେ ହେଲେ ଗ୍ରାମର ଶୋଭାଗିନୀ ପ୍ରଧାନ। ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ ଓ ଅନେକ ଗ୍ରାମରେ ଶହ ଶହ ଅଜବେଷ୍ଟସ ଘରର ଛାତ ଉଡ଼ିଯାଇଛି। ରାସ୍ତା ଉପରେ ଅନେକ ଗଛ ପଡ଼ିଯିବାରୁ ଅନେକ ସ୍ଥାନରେ ଗାଡ଼ିମଟର ଅଟକି ରହିଛି। ଅନେକ ସ୍ଥାନରେ କୁଆପଥର ପଡ଼ି ବ୍ୟାପକ ଫସଲ ମଧ୍ୟ ନଷ୍ଟ ହୋଇଛି। ସେହିପରି ଆଠମଲ୍ଲିକ ବେଲାଦୁଲା ଗ୍ରାମର ବୁଣାକାରଙ୍କ ଦୁଃଖ ଦ୍ୱିଗୁଣିତ କରିଛି କାଳବୈଶାଖୀ। ଗ୍ରାମର ୧୫ରୁ ଉର୍ଦ୍ଧ୍ୱ ବୁଣାକାର ପ୍ରଭାବିତ ହୋଇଛନ୍ତି। ସେମାନଙ୍କ ଘରର ଆଜବେଷ୍ଟସ ଛାତ ଉଡ଼ି ଯାଇଥିବା ବେଳେ ତନ୍ତଶାଳାଗୁଡ଼ିକ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି।

## ଭିଜିଲାନ୍ସ ଜାଲରେ ସୁନ୍ଦରଗଡ ଏନଏଚଏମ କନିଷ୍ଠ ଯନ୍ତ୍ରୀ

ରାଉରକେଲା,୨୭।୫(ସମିସ): ଜମା ରାଶି ଫେରସ୍ତ ପାଇଁ ଠିକାଦାରଙ୍କ ଠାରୁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସୁନ୍ଦରଗଡ଼ର ସିଡିଏମ୍ ଏବଂ ପିଏଚ୍‌ଓ କାର୍ଯ୍ୟାଳୟର ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନଏଚଏମ) ବିଭାଗ କନିଷ୍ଠ ଯନ୍ତ୍ରୀ ସୁମନ୍ତ ନାୟକଙ୍କୁ ସୁନ୍ଦରଗଡ ଭିଜିଲାନ୍ସ ଗିରଫ କରିଥିବା ସୂଚନା ମିଳିଛି। ସୂଚନାନୁଯାୟୀ, ସୁନ୍ଦରଗଡ଼ ଜିଲ୍ଲାର ପ୍ରାଥମିକ

**ଜମା ଟଙ୍କା ଫେରସ୍ତ ପାଇଁ ୫ ହଜାର ଲାଞ୍ଚ ନେଉଥିଲେ**

ସ୍ୱାସ୍ଥ୍ୟ କେନ୍ଦ୍ର(ପିଏଚ୍‌ସି) କୋଠା ଏବଂ ଷ୍ଟାଫ୍ କ୍ୱାର୍ଟରଗୁଡ଼ିକର ମରାମତି ଏବଂ ନବୀକରଣ ପାଇଁ ଠିକାଦାର ଆଇଏସ୍‌ଡି ରାଶି (ପ୍ରାରମ୍ଭିକ ସୁରକ୍ଷା ଜମା) ବିଭାଗରେ ଜମା କରିଥିଲେ। ତେବେ ଉକ୍ତ ଜମା ରାଶି ସମ୍ପୃକ୍ତ ଠିକାଦାର ଫେରସ୍ତ ପାଇଁ ପିଏଚ୍‌ଓ କାର୍ଯ୍ୟାଳୟର ଏନଏଚଏମ ବିଭାଗରେ ଆବେଦନ କରିଥିଲେ। କିନ୍ତୁ ଏହି ଜମା ରାଶି ଫେରସ୍ତ କରିବା ପାଇଁ ଠିକାଦାରଙ୍କ ଠାରୁ ୫୦୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସୁମନ୍ତ ନାୟକ। ଏନେଇ ଠିକାଦାର ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ପୂର୍ବ ଯୋଜନା ମୁତାବକ ଆଜି ଏହି ଲାଞ୍ଚ ଟଙ୍କା କାର୍ଯ୍ୟାଳୟ ପରିସରରେ ଠିକାଦାରଙ୍କ ଠାରୁ ନେଉଥିବା ବେଳେ ସୁନ୍ଦରଗଡ ଭିଜିଲାନ୍ସ ଅଧିକାରୀଙ୍କ ହାତରେ କନିଷ୍ଠ ଯନ୍ତ୍ରୀ ଶ୍ରୀ ନାୟକ ଧରା ପଡି ଗିରଫ ହୋଇଛନ୍ତି। କନିଷ୍ଠ ଯନ୍ତ୍ରୀ ଶ୍ରୀ ନାୟକଙ୍କ



ନିକଟରୁ ଭିଜିଲାନ୍ସ ଟିମ୍ ରଙ୍ଗ ବୋଳା ୫ ହଜାର ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଥିବା ଜଣାପଡିଛି। ଏହାସହ ଭିଜିଲାନ୍ସ ଟିମ୍ ତାଙ୍କ କାର୍ଯ୍ୟାଳୟ, ସରକାରୀ ବାସଭବନ ସମେତ ୩ଟି ସ୍ଥାନରେ ଚଢ଼ଉ ଜାରି ରଖିଥିବା ସୂଚନା ମିଳିଛି। ଏ ସମ୍ପର୍କରେ ରାଉରକେଲା ଭିଜିଲାନ୍ସ କାର୍ଯ୍ୟାଳୟରେ ମାମଲା ରୁଜୁ ହୋଇଥିବା ବେଳେ ତଦନ୍ତ ଜାରି ରହିଛି।

## ଓୟୁଏସ୍‌ଏସ୍‌ଏସ୍‌ସି କରିବ ଏସ୍‌ଆଇ ପରୀକ୍ଷା

ଭୁବନେଶ୍ୱର, ୨୭।୫(ସମିସ): ପ୍ରଶ୍ନପତ୍ର ବିକ୍ରି ଅଭିଯୋଗ ପରେ ବାତିଲ୍ ହୋଇଥିବା ପୁଲିସ୍ ଏସ୍‌ଆଇ ପରୀକ୍ଷା ପୁନଃ କରିବା ପାଇଁ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡ (ଓପିଆର୍‌ବି) ବଦଳରେ ନବଗଠିତ ଓଡ଼ିଶା ୟୁନିଫର୍ମ ସର୍ଭିସେସ୍ ଷ୍ଟାଫ୍ ସିଲେକ୍ସନ କମିଶନ (ଓୟୁଏସ୍‌ଏସ୍‌ଏସ୍‌ସି) ୯୩୩ ପଦ ପାଇଁ ପରୀକ୍ଷା ପରିଚାଳନା କରିବ। ପୂର୍ବରୁ ଆବେଦନ କରିଥିବା ଛାତ୍ରଛାତ୍ରୀମାନେ ଏହି ପରୀକ୍ଷା ଦେଇପାରିବେ। ପୂର୍ବରୁ ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଓପିଆର୍‌ବି ପାଖରେ ଆବେଦନକାରୀଙ୍କ ସମସ୍ତ ତଥ୍ୟ ରହିଛି। ସେସବୁ ତଥ୍ୟ ଓୟୁଏସ୍‌ଏସ୍‌ଏସ୍‌ସିକୁ ପ୍ରଦାନ କରିବା ପାଇଁ ଗୃହ ବିଭାଗ ଓପିଆର୍‌ବିକୁ ନିର୍ଦ୍ଦେଶ ଦେଇଛି। ସମ୍ପ୍ରତି ଓୟୁଏସ୍‌ଏସ୍‌ଏସ୍‌ସିରେ ଅଧ୍ୟକ୍ଷଙ୍କ ସମେତ ଅଧିକାରୀ ଓ କର୍ମଚାରୀଙ୍କ ନିଯୁକ୍ତି ସରିଥିବାବେଳେ ଜୁଲାଇରେ ପରୀକ୍ଷା କରିବାକୁ ଲକ୍ଷ୍ୟ ରଖାଯାଇଥିବା ବିଭାଗ ସୂତ୍ରରୁ ଜଣାପଡ଼ିଛି।

## ଭିଜିଲାନ୍ସ ଜାଲରେ ସହକାରୀ ଯୋଗାଣ ଅଧିକାରୀ

ଚମ୍ପୁଆ, ୨୭।୫(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡରେ କାର୍ଯ୍ୟରତ ସହକାରୀ ଯୋଗାଣ ଅଧିକାରୀ ଧୁମାରାମ ମୁର୍ମୁ ଜଣେ ଲ୍ୟାମ୍ପ୍‌ସ ଏମ୍‌ଡିଙ୍କଠାରୁ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ତାଙ୍କୁ ଭିଜିଲାନ୍‌ସର ଏକ ଟିମ୍ ସିଧାସଳଖ ଭାବେ ଟଙ୍କା ନେଉଥିବା ବେଳେ, ତାଙ୍କ କାର୍ଯ୍ୟାଳୟ ଭିତରୁ ଧରିଛି। ଏନେଇ ତଦନ୍ତ ଜାରି ରହିଛି। ଭିଜିଲାନ୍ସ ଡିଏସପି ସୁଧାଂଶୁ ଶେଖର ପୂଜାରୀଙ୍କଠାରୁ ସୂଚନା ଅନୁଯାୟୀ, ଚମ୍ପୁଆ ବ୍ଲକ ଭୂଇଁପୁର ଲ୍ୟାମ୍ପର ଏମଡି ହୀରାମୋହନ ନାଏକଙ୍କଠାରୁ ଶ୍ରୀ ମୁର୍ମୁ ୨୬ ହଜାର ୫ ଶହ



କ୍ୱିଣ୍ଟାଲ ଧାନ କିଣାବିକାକୁ ନେଇ ୧୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଆଜି ଦିନ ୧୧ଟା ସମୟରେ ଧୁମାରାମ ମୁର୍ମୁ ହୀରାମୋହନଙ୍କଠାରୁ ଉକ୍ତ ଲାଞ୍ଚ ଟଙ୍କା ଗ୍ରହଣ କରି ମନିପର୍ସରେ ରଖୁଥିବା ବେଳେ ଭିଜିଲାନ୍ସ ଟିମ୍ ମାଡ଼ି ବସିଥିଲେ। ଟଙ୍କାରେ ଲାଗିଥିବା କେମିକାଲ ଓ ହାତରେ ଲାଗିଥିବା କେମିକାଲ ଆଧାରରେ ଶ୍ରୀ ମୁର୍ମୁଙ୍କୁ ଭିଜିଲାନସ ଟିମ୍ ଅଧିକ ପଚରାଉଚରା କରୁଛି। ଏହି ଚଢ଼ଉରେ ବାଲେଶ୍ୱର ଭିଜିଲାନ୍ସ ଇନସପେକ୍ଟର ଦଶରଥ ହେମ୍ବ୍ରମ, ଚିତରଂଜନ ଚାମ୍ପିଆ, କେନ୍ଦୁଝର ଭିଜିଲାନ୍ସ ସବଇନସପେକ୍ଟର ସୁଶାନ୍ତ ସେଠୀ ଓ ଭିଜିଲାନ୍ସ କର୍ମଚାରୀ ଭୁବେନ୍ଦ୍ର ପାତ୍ର, ସର୍ବେଶ୍ୱର ସାହୁ, ମଳୟ କୁମାର ବାରିକ ସମେତ ବିଭିନ୍ନ ସରକାରୀ ସାକ୍ଷୀ ଉପସ୍ଥିତ ଥିଲେ।


### ତହସିଲ କାର୍ଯ୍ୟାଳୟ ବାଣପୁର, ଜିଲ୍ଲା- ଖୋର୍ଦ୍ଧା

24001/188/2627

**ନୋଟିସ**

ଏତଦ୍ୱାରା ବାଣପୁର ତହସିଲ କାର୍ଯ୍ୟାଳୟର ଅଧୀନରେ ଥିବା ସମସ୍ତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଚିଟ୍ ଫଣ୍ଡ (OPID) ସମ୍ବନ୍ଧିତ କାର୍ଯ୍ୟ ଆପଣଙ୍କ ନିକଟସ୍ଥ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ଚାଲୁଅଛି।

ଏଣୁ ଆପଣଙ୍କୁ ଅନୁରୋଧ କରାଯାଉଅଛି କି ଆଗାମୀ ୧୫ ଦିନ ମଧ୍ୟରେ (୨୦.୦୬.୨୦୨୬ ପର୍ଯ୍ୟନ୍ତ) ଚିଟ୍ ଫଣ୍ଡ (OPID) ସମ୍ବନ୍ଧିତ କାଗଜାତ ଯଥା - ଜମି ରାଶିର ଅସଲ ରସିଦ (Original Money Receipt) ଆପଣଙ୍କ ନିକଟସ୍ଥ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ଦାଖଲ କରନ୍ତୁ। ଧାର୍ଯ୍ୟ ତାରିଖ ଗତେ କୌଣସି କାଗଜାତ ଗ୍ରହଣ କରାଯିବ ନାହିଁ ଓ ଆଇନାନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ।

OIPR-24001/24115/1/26-27/0001

ସ୍ୱା/- ତହସିଲଦାର, ବାଣପୁର

### ଅଭିଯୁକ୍ତ ବ୍ୟକ୍ତିଙ୍କ ଉପସ୍ଥିତି ପାଇଁ ଘୋଷଣା

**ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୮୪ ଦେଖନ୍ତୁ**

ଯେହେତୁ ମୋର ସମ୍ମୁଖରେ ଏହି ଅଭିଯୋଗ ଆସିଛି ଯେ, ଅଭିଯୁକ୍ତ ଅଜିତ କୁମାର ସାହୁ, ପିତା – ଡ଼ା. ନୃସିଂହ ଚରଣ ସାହୁ, ଗ୍ରାମ – ଦିଙ୍କୋଡ଼, ଥାନା – ପରଜଙ୍ଗ, ଜିଲ୍ଲା – ଢେଙ୍କାନାଳ, ଓଡ଼ିଶା, FIR No. 181/2024 U/s 406/420 IPC ଅନୁଯାୟୀ ଥାନା ତୁଗଲକ ରୋଡ଼, ନୂଆଦିଲ୍ଲୀ ଅଧୀନରେ ଦଣ୍ଡନୀୟ ଅପରାଧ କରିଛନ୍ତି (କିମ୍ବା ସନ୍ଦେହ ଅଛି ଯେ ସେ କରିଛନ୍ତି)। ତାଙ୍କ ବିରୋଧରେ ଜାରି ହୋଇଥିବା ଗିରଫ ୱାରେଣ୍ଟ ଫେରାଇ ଦିଆଯାଇଛି ଏହି ମତ ସହିତ ଯେ, ଉକ୍ତ ଅଜିତ କୁମାର ସାହୁ ମିଳୁନାହାନ୍ତି ଏବଂ ମୋତେ ସନ୍ତୋଷଜନକ ଭାବେ ଦର୍ଶାଇ ଦିଆଯାଇଛି ଯେ, ଉକ୍ତ ଅଜିତ କୁମାର ସାହୁ ଫେରାର ହୋଇଯାଇଛନ୍ତି କିମ୍ବା ଗିରଫ ୱାରେଣ୍ଟକୁ ଏଡ଼ାଇବା ପାଇଁ ନିଜକୁ ଲୁଚାଇ ରଖିଛନ୍ତି।

ଏହି ପରିସ୍ଥିତିରେ ଏହା ଦ୍ୱାରା ଉଦ୍‌ଘୋଷଣା କରାଯାଉଛି ଯେ, FIR No. 181/2024 U/s 406/420 IPC, ଥାନା - ତୁଗଲକ ରୋଡ଼, ନୂଆଦିଲ୍ଲୀର ଉକ୍ତ ଅଭିଯୁକ୍ତ ଅଜିତ କୁମାର ସାହୁଙ୍କୁ ଏହି ନ୍ୟାୟାଳୟ ସମ୍ମୁଖରେ ଉପସ୍ଥିତ ହୋଇ ଉକ୍ତ ପରିବାଦର ଉତ୍ତର ଦେବା ପାଇଁ ତାରିଖ 04.07.2026 କିମ୍ବା ତାହା ପୂର୍ବରୁ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଉଛି।

ଆଦେଶକ୍ରମେ

ଶ୍ରୀମତୀ ଅରିଦମନ ସିଂହ ଚିମା

JMFC-03, କକ୍ଷ ନଂ 18, ପ୍ରଥମ ତଳ, ମୁଖ୍ୟ ଭବନ, ପଟିଆଲା ହାଉସ କୋର୍ଟ, ନୂଆଦିଲ୍ଲୀ

DP/6756/NDD/2026 (ଅଦାଲତୀ ସୂଚନା)


## ଜେଏସଡବ୍ଲୁ ପ୍ଲାଣ୍ଟର ପୁନଃ ଶିଳାନ୍ୟାସ ରାଜ୍ୟବାସୀଙ୍କୁ ଭୁଆଁ ବୁଲାଇବାକୁ ଉଦ୍ଦିଷ୍ଟ: ବିଜେଡି

■ ନବୀନ ସରକାର ଅମଳରେ ଜେଏସଡବ୍ଲୁ ପ୍ଲାଣ୍ଟର ଶୁଭାରମ୍ଭ ହୋଇସାରିଛି

■ ବିଜେପି ସରକାର ଅମଳରେ କେତେ ପୁଞ୍ଜି ନିବେଶ ଆସିଛି ତଥ୍ୟ ରଖନ୍ତୁ

ଭୁବନେଶ୍ୱର,୨୭।୫(ସମିସ): ପାରାଦୀପ ନିର୍ବାଚନ ମଣ୍ଡଳୀର ଢିଙ୍କିଆ- ନୂଆଗାଁର ଗଡକୁଜଙ୍ଗରେ ନବୀନ ସରକାର ଅମଳରେ ଜେଏସ୍ଡବ୍ଲୁ ପ୍ଲାଣ୍ଟର ଭିତ୍ତିପ୍ରସ୍ତର କରାଯାଇଥିଲା। ବର୍ତ୍ତମାନର ବିଜେପି ସରକାର ପୁଣି ସେହି ପ୍ରକଳ୍ପର ଆଉଥରେ ଶିଳାନ୍ୟାସ କରିଛନ୍ତି। ଯେଉଁ ପୁଞ୍ଜିନିବେଶ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଣିଥିଲେ, ସେହି ଜେଏସଡବ୍ଲୁ ପ୍ଲାଣ୍ଟର ପୁନଃ ଶିଳାନ୍ୟାସ କରି ସରକାର ରାଜ୍ୟବାସୀଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି କହିଛି ବିଜେଡି।

ବୁଧବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଲେନିନ ମହାନ୍ତି କହିଛନ୍ତି ଯେ ନବୀନ ସରକାର ଅମଳରେ 'ମେକ୍ ଇନ୍ ଓଡ଼ିଶା' କାର୍ଯ୍ୟକ୍ରମରେ ପାରାଦୀପ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଢିଙ୍କିଆ ନୂଆଗାଁର ଗଡକୁଜଙ୍ଗରେ ଜେଏସଡବ୍ଲୁ ପ୍ଲାଣ୍ଟ ପ୍ରତିଷ୍ଠା କରିବା ପାଇଁ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜେଏସଡବ୍ଲୁର ପ୍ଲାଣ୍ଟର ଭିତ୍ତିପ୍ରସ୍ତର ସ୍ଥାପନ କରି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ପୂର୍ବ ସରକାର କରିଥିବା କାମକୁ ବର୍ତ୍ତମାନର ବିଜେପି ସରକାର ନିଜ କାମ କହି ଡିଣ୍ଡିମ ପିଟିବା ଅତ୍ୟନ୍ତ ହାସ୍ୟାସ୍ପଦ। ରାଜ୍ୟକୁ ଲକ୍ଷ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଆସୁଥିବା କଥା ସରକାର କହୁଛନ୍ତି, ମାତ୍ର ବାସ୍ତବରେ କେତେ ପୁଞ୍ଜିନିବେଶ ଆସିଛି ଓ କେତେ ପୁଞ୍ଜି ଗ୍ରାଉଣ୍ଡେଡ୍ ହୋଇଛି, ତାହା ଓଡ଼ିଶାବାସୀଙ୍କ ନିକଟରେ ଉପସ୍ଥାପନା କରନ୍ତୁ। ନିଯୁକ୍ତି ସୃଷ୍ଟି ନାଁରେ ଯୁବବର୍ଗଙ୍କୁ ହତାଶ କରି ତାଙ୍କ ଭାବନା ସହିତ ସରକାର ନ ଖେଳନ୍ତୁ। ପ୍ରକଳ୍ପ ପ୍ରତିଷ୍ଠା ନାଁରେ ମିଛ କହିବାରୁ ସରକାର ନିବୃତ୍ତ ରୁହନ୍ତୁ। ରାଜ୍ୟରେ କଞ୍ଚାମାଲ, ଭଲ ନେତୃତ୍ୱ ଓ ଆଇନଶୃଙ୍ଖଳା ପରିସ୍ଥିତି ଠିକ୍ ଥିଲେ ନିବେଶ ଆସେ; କିନ୍ତୁ ରାଜ୍ୟରେ ବିଗିଡ଼ିଯାଇଥିବା ଆଇନଶୃଙ୍ଖଳା ପରିସ୍ଥିତି ଯୋଗୁଁ ନୂତନ ପୁଞ୍ଜିନିବେଶ ପାଇଁ ଶିଳ୍ପପତିମାନେ ମନ ବଳାଉ ନାହାନ୍ତି। ଅପରପକ୍ଷରେ ରାଜ୍ୟକୁ ନୂତନ ପୁଞ୍ଜି ଆଣିବା ବାହାନାରେ ରାଜ୍ୟ ତହବିଲରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ, ଦେଶ ବିଦେଶ ଭ୍ରମଣ କରିବାରେ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ସଚିବମାନେ ମାତିଛନ୍ତି। ଗଲା ୨ ବର୍ଷ ଭିତରେ ରାଜ୍ୟରେ ଦୁଷ୍କର୍ମ, ଗଣଦୁଷ୍କର୍ମ, ନାରୀ ନିର୍ଯାତନା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି। ପୁଲିସର ନିଷ୍କ୍ରିୟତା ଯୋଗୁଁ ଭିଡ଼ ହିଂସା ଘଟି ନିରୀହ ଜୀବନ ଯାଉଛି। ଏନସିଆରବି ରିପୋର୍ଟ ଅନୁଯାୟୀ ଓଡ଼ିଶା ଏବେ ଅପରାଧରେ ୧ ନମ୍ବର ସ୍ଥାନରେ ରହିଛି। ପୂର୍ବ ସରକାର କରିଥିବା କାମକୁ ପୁଣିଥରେ କରି ମୁଖ୍ୟମନ୍ତ୍ରୀ ବାହାବା ନେବା ପରିବର୍ତ୍ତେ, ପ୍ରଥମେ ରାଜ୍ୟରେ ଆଇନଶୃଙ୍ଖଳା ଠିକ୍ କରନ୍ତୁ ବୋଲି ଡ. ମହାନ୍ତି କହିଛନ୍ତି।

## ଅବଶିଷ୍ଟାଂଶ...

### ଆଶ୍ୱସ୍ତି...

ସକାରାତ୍ମକ ପ୍ରଭାବ ଦେଖାଯାଇଛି। ହର୍ମୁଜ୍ ସମୁଦ୍ରପଥ ବିଶ୍ୱ ତେଲ ବାଣିଜ୍ୟ କ୍ଷେତ୍ରରେ ବହୁ ଗୁରୁତ୍ୱ ବହନ କରିଥାଏ ଓ ସାରା ବିଶ୍ୱର ଏକ ଚତୁର୍ଥାଂଶ ତୈଳ ଏହି ପଥ ଦେଇ ନିର୍ଗମନ ହୋଇଥାଏ। ଗତ ୩ ମାସ ଧରି ଆମେରିକା-ଇରାନ ସଂଘର୍ଷ ଏବଂ ଆମେରିକୀୟ ନୌସେନାର ଅବରୋଧ ଯୋଗୁଁ ଏହି ପଥ ଦେଇ ଆନ୍ତର୍ଜାତିକ ଜାହାଜ ଚଳାଚଳ ଗୁରୁତର ଭାବେ ପ୍ରଭାବିତ ହୋଇଛି ଓ ପରିଣତିସ୍ୱରୂପ ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ପାଇଛି।

### ଓଡ଼ିଶା ହେବ...

ଖୁବ୍ ଶୀଘ୍ର ନୂତନ ଷ୍ଟିଲ୍ ପ୍ଲାଣ୍ଟମାନ ଗଢ଼ିଉଠିବ। ଗତ ୨ ବର୍ଷ ମଧ୍ୟରେ ସରକାର ୪୩୩ଟି ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି ଓ ଏହା ଦ୍ୱାରା ୮ ଲକ୍ଷ ୫୦ ହଜାର କୋଟି ଟଙ୍କାର ନିବେଶ ସହ ୫ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ବର୍ତ୍ତମାନ ସୁଦ୍ଧା ୧୪୮ଟି ପ୍ରକଳ୍ପର ଭୂମିପୂଜା ସରିଛି, ଯାହା ମାଧ୍ୟମରେ ପ୍ରାୟ ୨ ଲକ୍ଷ ୩୭ ହଜାର ଯୁବକଯୁବତୀ ନିଯୁକ୍ତି ପାଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ 'ପୂର୍ବୋଦୟ' କଳ୍ପନାରେ ପାରାଦୀପ, ଧାମରା ଓ ଗୋପାଳପୁର ବନ୍ଦର ପ୍ରମୁଖ ଭୂମିକା ଗ୍ରହଣ କରିବେ ଏବଂ ଏଥିରେ ପାରାଦ୍ୱୀପ ଶୀର୍ଷରେ ରହିବ।

ଏହି ଅବସରରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଆଜିର ଦିନକୁ ପାରାଦ୍ୱୀପ ଓ ସମଗ୍ର ଜଗତସିଂହପୁର ଜିଲ୍ଲାର ବିକାଶରେ ଐତିହାସିକ ମୁହୂର୍ତ୍ତ ଭାବେ ଅଭିହିତ କରିଛନ୍ତି।ସେ କହିଛନ୍ତି ଯେ ସ୍ଥାନୀୟ ଜନସାଧାରଣ ଯେଉଁ ସ୍ୱପ୍ନ ଦୀର୍ଘ ଦୁଇ ଦଶନ୍ଧି ଧରି ଦେଖିଥିଲେ, ତାହା ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାରଙ୍କ ଦ୍ରୁତ ଏବଂ ସ୍ପଷ୍ଟ ନୀତି ଯୋଗୁଁ ବାସ୍ତବ ରୂପ ନେବାକୁ ଯାଉଛି। ରାଜ୍ୟରେ ଶିଳ୍ପାୟନର ବାତାବରଣକୁ ଅଧିକ ସୁଦୃଢ଼ କରିବା ସହ ନିବେଶକମାନଙ୍କୁ ସମସ୍ତ ପ୍ରକାର ଆନୁଷଙ୍ଗିକ ସହାୟତା ଏବଂ ସୁରକ୍ଷା ଯୋଗାଇ ଦେବା ପାଇଁ ଶିଳ୍ପ ବିଭାଗ ଦିନରାତି କାର୍ଯ୍ୟ କରୁଛି ବୋଲି ସେ ପ୍ରକାଶ କରିଛନ୍ତି।

ଏହି ସମାରୋହରେ ସାଂସଦ ବିଭୁପ୍ରସାଦ ତରାଇ, ବିଧାୟକ ସାରଦା ପ୍ରସନ୍ନ ଜେନା, ଅମରେନ୍ଦ୍ର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଜଗତସିଂହପୁର ଜିଲ୍ଲାପାଳ ଜେ. ସୋନାଲ, ଜେଏସ୍‌ଡବ୍ଲ୍ୟୁର ସିଇଓ ଜୟନ୍ତ ଆଚାର୍ଯ୍ୟ, ଜେଏସ୍‌ଡବ୍ଲ୍ୟୁର ଭାଇସ୍ ପ୍ରେସିଡେଣ୍ଟ ଅନିଲ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

### ରାଜ୍ୟସଭା ଉପନିର୍ବାଚନ...

ଯାଞ୍ଚ କରାଯିବ। ଜୁନ୍ ୧୧ ତାରିଖ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିନ ରହିଛି। ଆବଶ୍ୟକସ୍ଥଳେ ଜୁନ୍ ୧୮ ତାରିଖରେ ଭୋଟ୍ ଗ୍ରହଣ କରାଯିବ। ଜୁନ୍ ୨୦ ତାରିଖ ପୂର୍ବରୁ ଏହି ଉପନିର୍ବାଚନ ପ୍ରକ୍ରିୟା ଶେଷ ହେବ। ସୂଚନାଯୋଗ୍ୟ, ବିଜେଡି ସାଂସଦ ପଦରୁ ଦେବାଶିଷ ସାମନ୍ତରାୟ ଇସ୍ତଫା ଦେବା ପରେ ଏହି ଆସନ ପାଇଁ ଉପନିର୍ବାଚନ ହେବ।

### କଲେଜ ଆକାଉଣ୍ଟରୁ...

ଅଗ୍ରୱାଲ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ପରିଦର୍ଶନରେ ଯାଇଥିଲେ। ମହାବିଦ୍ୟାଳୟର କ୍ୟାସ ବୁକ୍ ରେକର୍ଡ ଯାଞ୍ଚ କରିଥିଲେ। ତଥାପି ସେ ବି ଏହି ବଡଧରଣର ଘୋଟାଲାକୁ କିପରି ଜାଣି ପାରି ନଥିଲେ ତାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଏପରିକି ମହାବିଦ୍ୟାଳୟର ଅଧ୍ୟକ୍ଷା ମଧ୍ୟ ଏନେଇ ସେତେବେଳେ ସଚିବଙ୍କ ଦୃଷ୍ଟିକୁ ନ ଆଣିବା ଅଧ୍ୟକ୍ଷାଙ୍କ ଏହି ଆତ୍ମସାତ ଘଟଣାରେ ସମ୍ପୃକ୍ତି ସମ୍ଭାବନାକୁ ଦୃଢ଼ିଭୂତ କରୁଥିବା ସାଧାରଣରେ ଆଲୋଚନା ହେଉଛି। ଏହି ଘଟଣାର ଭିଜିଲାନ୍ସ ତଦନ୍ତ କରିବାକୁ ଦାବି ହୋଇଛି। ଏନେଇ ଅଧ୍ୟକ୍ଷା ସସ୍ମିତା ସାମଲଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ନ ଉଠାଇବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।


GOVERNMENT OF ODISHA
OFFICE OF SUPERINTENDING ENGINEER
MINOR IRRIGATION DIVISION, MALKANGIRI
E-mail ID: - midivmalkangiri@gmail.com

32001/291/2627

**NOTICE INVITING TENDER**
E-Procurement Notice
Bid Identification No. **SEMIDMKG - 02/2026-27**
Letter No. **938** Dt. **22-05-2026**

The Superintending Engineer, Minor Irrigation Division, Malkangiri on behalf of Governor of Odisha invites Percentage rate bids in Double cover system through Online Mode. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal https://tendersodisha.gov.in

1. **Name of the work** : Construction of 08 nos. Check Dam in different Blocks of Malkangiri District under MATY 3.0 Scheme for the year 2026-27.
2. **Total Number of work** : 08 (Eight) Nos.
3. **Estimated cost** : Approximately from Rs. 52.94 to Rs. 78.05 lakh.
4. **Period of completion** : 06(Six) Calendar Months
5. **Class of Contractor** : "B" Class Contractor
6. **Date and time of availability of bid documents in the portal** : From 10.00 A.M of 29.05.2026 to 5.00 PM of 12.06.2026
7. **Last date /time for receipt of bids in the portal** : 5.00 pm on 12.06.2026
8. **Date of opening of bid** : At 11.00 am on 16.06.2026 in website (www.tendersorissa.gov.in)
9. **Submission of Bids** : Online mode
10. **Name of the Officer inviting Bid** : Superintending Engineer, Minor Irrigation Division, Malkangiri
11. Further details can be seen from the Government of Odisha Web-site: www.tendersorissa.gov.in

OIPR-32001/32556/1/26-27/0002

Superintending Engineer
M.I. Division, Malkangiri

GOVT. OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-I, KEONJHAR
"e" Procurement Notice for Road Works
Identification No Online NCB – 01/2026-27.

25001/260/2627

1. Name of the Work : 1 No. Roads Work
2. Total Number of Work : 1 No.
3. Estimated Cost : Rs. 62.96 Lakhs .
4. Class of Contractor : "B" Class
5. Period of Completion : As per annexure of e-Procurement Notice No. 01 of 2026-27.
6. Other Details :

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division, Keonjhar. |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division-I, Keonjhar | Road Online NCB No. 01 | Dt.01.06.2026 at 11.00 A.M. | Dt.09.06.2026 up to 5.00 P.M. | Dt.08.06.2026 up to 5.00 P.M. | Dt.10.06.2026 at 11.00 A.M. |

Further details can be seen from the Website www.tenderorissa.gov.in

Sd/-
Superintending Engineer
R.W. Division-I, Keonjhar

OIPR-25001/25110/1/26-27/0001

ZILLA SWASTHYA SAMITI
O/o CHIEF DISTRICT MEDICAL & P.H.O , JAJPUR
Pin – 755001
INHOUSE RECRUITMENT NOTICE
Adv. No. 3954/Dt.26/05/2026

10001/197/2627

Applications are invited from the working professionals of Health & F.W Society/NHM of other district who wish to be engaged as such in this District of Jajpur against the vacancies as mentioned below

| Srl. No. | Name of the Post | No. of Vacancy | Monthly Consolidated Remuneration |
|---|---|---|---|
| 1 | Block Program Manager (BPM) | 01 | As per Society Norm |
| 2 | Case Registry Assistant (CRA) | 01 | |

The application form and other details can be downloaded from the district website i.e **http://jajpur.odisha.gov.in.** The last date of submission of application form is Dtd.09/06/2026 by 01:00 P.M through Registered Post/Speed Post/Courier only by mentioning on the top left hand corner of the envelop POST APPLYING FOR "___________" without mentioning which the application shall be rejected. The applications received after last date of submission shall not be considered. Incomplete application in any form & non submission of required documents is subject to rejection. No documents shall be accepted or considered after submission of application form and if the application submitted more than once then the application received first (1st) shall be taken into evaluation. No personal communications shall be entertained till the completion of the entire selection process and the above mentioned district website must be periodically visited for latest update .The undersigned is not responsible for any postal/courier /transport delay and reserves all the rights to accept or reject any or all application or cancel without assigning any reason thereof . Any typographical error may be exempted.

OIPR-10001/10042/1/26-27/0003

Sd/- C.D.M & Public Health Officer , Jajpur

**FOR SALE**

1 Number of TRACTOR – TAFE/MF 7250 TRACTOR WITH TRAILER, Registration No.- OD-11-AA-3104, Model- 2023, ENGINE NO – S3255M75197, CHASSIS NO - MEAA30E9HN2438809, For Details, contact –8895219438, SUNDARAM FINANCE LTD. 2ND FLOOR, PLOT NO 454 & 518, NH-6, MADHAPUR, IN FRONT OF MOCHIBANDHA HIGH SCHOOL, KEONJHAR KENDUJHAR - 758001

**AFFIDAVIT**

By virtue of an affidavit no. 196 before the Advocate Bolangir, Dt. 27.05.2026, I, Madhumita Khamari, resident of At/Po-Nagaon(A), P.S.- Agalpur,Dist-Balangir, hereby declare that my correct name is Madhumita Khamari. In my Aadhaar Card my name has been wrongly mentioned as Mita Bhoi. That both names refer to one & the same person i.e myself. Henceforth, I shall be known as **Madhumita Khamari** for all purposes.

**AFFIDAVIT**

**I Shib Charan Agrawala S/o Satyanarayan Agrawal, Aged-56 Residence of Ramachandra Pur Bazar, Jatni, Dist- Khorda. I have change My name from Shiv Kumar S/o Satya Narayn to Shib Charan Agarwala S/o Satyanarayn Agrawala as per affidavit Dt. 20/05/2026 before Executive Magistarte, Jatni, this is reqired for Policy No. 588933719 Dt. 28/05/2010 Issued by L.I.C of India, Khurda Branch**

**Sd- Shib Charan Agrawala**

**AFFIDAVIT**

I, SMT. SUNITA KUMARI SAHOO, D/o. Sri Krushna Chandra Sahoo, Resident of Village/PO - UMURI, PS - Jeypore Sadar, District - Koraput, Odisha, Pin - 764002, have changed my name and henceforth I shall be known as SUNITA BAGH, W/o. Sri Kartik Bagh as declared and sworn before the Executive Magistrate at Jeypore, District - Koraput, Odisha vide Affidavit No. 421, Dated 18.05.2026. **SUNITA KUMARI SAHOO and SUNITA BAGH** both are same and identical person i.e. myself.

**AFFIDAVIT**

By virtue of an affidavit No-09, sworn before the Executive Magistrate, Keonjhar on dtd-19/05/2026, I **MD Ejaj Hussain**, S/o- Mohammad Jauwad, permanent resident of Vill-Magurgadia, Po-Keonjhargarh, Ps- Town, Odisha, Pin- 758001 declare that I have changed my name from **Ijaj Hussain** (old name) to **Md Ijaj Hussain** (new name). Henceforth, I shall be known as **Md Ijaj Hussain** for all future purposes

**Md Ijaj Hussain**

**AFFIDAVIT**

I, Sikha Sakunia, aged about 42 years, W/o- Amit Kumar Sakunia, resident of In front of Jharsuguda Head Post Office, Marwaripara, Jharsuguda, PO/PS/Dist: Jharsuguda, State: Odisha, PIN-768201 declared by this affidavit No. 03, dtd- 20/05/2026 that now onwards I shall be known as **SIKHA RANI SAKUNIA** for all future purposes.

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated- 27/05/2026. I, **Tulasi Banchhor** (applicant name), S/o Nakula Banchhor, permanent & current resident of AT: Mahangaon, PO: Parasara, PS: Sindhekela, Dist: Balangir, State: Odisha, PIN: 767035 declare that I have changed my minor son's name from **Babli Banchhor** (old name) to **Dablu Banchhor** (new name). Henceforth, he shall be known as **Dablu Banchhor** (new name) for all future purposes.

**Tulasi Banchhor**

**AFFIDAVIT**

I, Amit Sakunia, aged about 44 years, S/o- Balkishan Sakunia, resident of In front of Jharsuguda Head Post Office, Marwaripara, Jharsuguda, PO/PS/Dist: Jharsuguda, State: Odisha, PIN-768201 declared by this affidavit No.10, dtd- 20/05/2026 that now onwards I shall be known as **AMIT KUMAR SAKUNIA** for all future purposes.

## ବାଟବଣା ହେଉଛି ମାଗଣା ଉଜ୍ୱଳା ଗ୍ୟାସ୍ ଯୋଜନା

# ହିତାଧିକାରୀଙ୍କଠାରୁ ୨୫୦୦ ଟଙ୍କା ଶୋଷଣ

- ଗ୍ୟାସ୍ ଗ୍ରାମୀଣ ବିତରକ ନାମରେ ଆସିଲା ସଙ୍ଗୀନ ଅଭିଯୋଗ
- ପୁଲିସ ଉପସ୍ଥିତିରେ ମହିଳାଙ୍କୁ ଦୁର୍ବ୍ୟବହାର; ୩ ଅଟକ
- ଡହଡହ ଖରାରେ ମହିଳା ହିତାଧିକାରୀଙ୍କ ହୋ-ହାଲ୍ଲା

ବାସୁଦେବପୁର,୨୭।୫(ସମିସ): ସରକାରଙ୍କ ଯୋଜନାକୁ ଫୁ କରୁଛନ୍ତି ଗ୍ୟାସ୍ ବିତରକ। ପୁଲିସ ଉପସ୍ଥିତିରେ ମହିଳାଙ୍କୁ ଗ୍ୟାସ୍ କର୍ମଚାରୀଙ୍କ ନାଲି ଆଖି। ହିତାଧିକାରୀଙ୍କ ପାଖରେ ପହଞ୍ଚିବା ପୂର୍ବରୁ ଶୋଷଣ କରୁଛନ୍ତି ଗ୍ୟାସ୍ ଗ୍ରାମୀଣ ବିତରକ। ମାଗଣା ଉଜ୍ୱଳା ଯୋଜନାର ଗ୍ୟାସ୍‌କୁ ହିତାଧିକାରୀଙ୍କଠାରୁ ୨୫୦୦ ଟଙ୍କା ଆଦାୟ କରୁଛନ୍ତି। ୨୫୦୦ ନ ଦେଲେ ଗ୍ୟାସ୍ ମିଳିବନି କହି ବିଭିନ୍ନ ଆଳ ଦେଖାଉଛନ୍ତି। ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି ମହିଳା ହିତାଧିକାରୀମାନଙ୍କୁ। ଡହଡହ ଖରାରେ ହିତାଧିକାରୀଙ୍କୁ ଡକାଇ ବିଭିନ୍ନ ଆଳ ଦେଖାଇ ଫେରାଇ ଦେଉଛନ୍ତି। ହିତାଧିକାରୀ ଜାଣିବା ପୂର୍ବରୁ ତିନି ଗ୍ୟାସ୍ ବ୍ଲାକ୍‌ରେ ବିକ୍ରି ହୋଇ ସବ୍‌ସିଡି ଟଙ୍କା ଖାତାକୁ ଆସୁଛି। ମୋବାଇଲ୍‌କୁ ଆସିବା ପରେ ଗ୍ୟାସ୍ ବିତରକର ଅସଲି କଳାକାରନାମା ପଦାକୁ ଆସିଲା। ଏମିତି ଅଭିଯୋଗ ଆସିଛି ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ରାଜଘରପୋଖରୀ ପଞ୍ଚାୟତର ଭାସ୍କର ଇଣ୍ଡେନ୍ ଗ୍ୟାସ୍ ଗ୍ରାମୀଣ ବିତରକଙ୍କ ନାମରେ।




ଡହଡହ ଖରାରେ ଠିଆ କରାଇ ଲୁଟିଲେ ଉଜ୍ୱଳା ଗ୍ୟାସ୍ ହିତାଧିକାରୀଙ୍କୁ। ନା ଅଛି ପାଣିର ବ୍ୟବସ୍ଥା ନା ଅଛି ଉପରେ ପଙ୍ଖା। କହିଥିଲେ ମାଗଣାରେ ଯୋଗାଇ ଦେବେ ଗ୍ୟାସ୍। ଏବେ ଗ୍ୟାସ୍ ବଣ୍ଟନ ନାମରେ ହିତାଧିକାରୀଙ୍କୁ ଡକାଇ ୨୫୦୦ ଟଙ୍କା ଦାବି କରୁଛନ୍ତି ଭାସ୍କର ଇଣ୍ଡେନ ଗ୍ୟାସ୍ ଗ୍ରାମୀଣ ବିତରଣ ସଂସ୍ଥା। ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍‌ର ରାଜଘରପୋଖରୀ ପଞ୍ଚାୟତର ଭାସ୍କର ଇଣ୍ଡେନ ଗ୍ୟାସ୍ ଗ୍ରାମୀଣ ବିତରକ। ହେଲେ ଗୋଦାମ ଘର ବିଦେଇପୁର କଣ୍ଠିଆନାଳୀରେ କରି ବଣ୍ଟନ କରୁଛନ୍ତି ଗ୍ୟାସ୍। କିଏ ଆସିଛି ୪୦ କି.ମି. ଦୂର ଧାମରାରୁ ତ ପୁଣି କିଏ ୩୦ କି.ମି. ଦୂରରୁ। ଛୋଟଛୋଟ ଛୁଆ ଧରି ମୁଣ୍ଡଫଟା ଖରାରେ ଅପେକ୍ଷା କରିଛନ୍ତି ମହିଳା। ଡହଡହ ଖରାରେ ହୋ-ହାଲ୍ଲା କରି ଧାରଣା ଦେଇଛନ୍ତି ମହିଳାମାନେ। ଛୁଆ ପିଲା ଧରି ସକାଳୁ ମହିଳାମାନେ ଆସିଥିଲେ। କିନ୍ତୁ ମାଗଣାରେ ଉଜ୍ୱଳା ଗ୍ୟାସ୍ ପାଇବା ଆଶା ମଉଳିଗଲା। ମହିଳାମାନେ ଅଭିଯୋଗ କଲେ କର୍ମଚାରୀ ଦୁର୍ବ୍ୟବହାର କରୁଛନ୍ତି ବୋଲି କହିଛନ୍ତି। ମହିଳାଙ୍କଠାରୁ ଅର୍ଥ ନେଇ ଗ୍ୟାସ୍ ନ ଦେବାରୁ ମହିଳାମାନେ ଗୋଦାମ ଆଗରେ ହୋ-ହାଲ୍ଲା କରିଥିଲେ। ହିତାଧିକାରୀ ପାଇନାହାନ୍ତି ଗ୍ୟାସ୍ କାର୍ଡ। ସେହି କାର୍ଡରୁ ପ୍ରତି ମାସ ଗ୍ୟାସ୍ ସିଲିଣ୍ଡର ଉଠାଇ ବ୍ଲାକ୍‌ରେ ବିକୁଛନ୍ତି ବୋଲି ଅଭିଯୋଗ କରିଛନ୍ତି ହିତାଧିକାରୀ। ଖବର ପାଇ କସିଆ ସାମୁଦ୍ରିକ ଥାନାର ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅଫିସରୁ କର୍ମଚାରୀଙ୍କୁ ପଚରାଉଚରା ପାଇଁ ନେଇ ଥାନାରେ ଅଟକ ରଖିଛନ୍ତି।

## ଆଶ୍ୱସ୍ତି ଦେଲା କାଳବୈଶାଖୀ

ବାରିକପୁର,୨୭।୫(ସମିସ): ଗତ ୧୫ ଦିନ ଧରି ସାରା ଓଡ଼ିଶା ଗରମ ଗୁଳୁଗୁଳିରେ ସିଝୁଛି। ପ୍ରବଳ ରୌଦ୍ରତାପ ଓ ଝାଞ୍ଜି ପବନ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଇଛି। ସକାଳ ୮ଟା ପରେ ଲୋକେ ଘରୁ ବାହାରିବାକୁ ଭୟ କରୁଛନ୍ତି। ଏଥିଯୋଗୁଁ ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରେ ମଧ୍ୟ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବାବେଳେ ଲୋକେ ଏକପ୍ରକାର ତ୍ରାହି ତ୍ରାହି ଡାକୁଛନ୍ତି। ବାହାରକୁ ଗଲେ ଝାଞ୍ଜି ପବନ, ଘରେ ରହିଲେ ଗୁଳୁଗୁଳି ସାଙ୍ଗକୁ ପ୍ରବଳ ତାତି। ନଦୀ, ନାଳ, ବଡ଼ବଡ଼ ପୁଷ୍କରିଣୀ ଏକପ୍ରକାର ଶୁଷ୍କ ହୋଇ ଯାଇଥିବାବେଳେ ବୁଲା ଗାଈଗୋରୁ ପାଣି ଟୋପାଏ ପାଉନାହାନ୍ତି। ଏହାରି ଭିତରେ ବୁଧବାର ଅପରାହ୍ଣରେ ବ୍ଲକ୍ ଅଞ୍ଚଳରେ କାଳବୈଶାଖୀ ଦେଖାଦେଇଛି। ଅପରାହ୍ଣ ୫ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ରହଣିଆ, ମାଳଦା, ଷୋଳମପୁର, କୁରିଗାଁ, ଦକ୍ଷିଣବାଡ଼, ରଣଜିତ, ବାଲିପୋଖରୀ, ନପଙ୍ଗ, ମଞ୍ଜୁରୀରୋଡ୍, ଆଖୁଆପଦା, ବିଷ୍ଣୁପୁର, ଛତାବର, ଷୋଳମପୁର, ନପଙ୍ଗ, ବାରିକପୁର, ପାଟୁଳି ପ୍ରମୁଖ ଅଞ୍ଚଳରେ ପବନ ଓ ବର୍ଷା ହୋଇଛି। ପବନର ବେଗ ସାମାନ୍ୟ ଅଧିକ ଥିବାରୁ କେତେକ ଅଞ୍ଚଳରେ ଗଛ ଡାଳ ମଧ୍ୟ ଭାଙ୍ଗିଯାଇଥିବା ଖବର ହସ୍ତଗତ ହୋଇଛି। ପ୍ରାୟ ସମସ୍ତ ସ୍ଥାନରେ ବର୍ଷା ବେଳେ ଝାଞ୍ଜିରେ ଆଉଟୁପାଉଟୁ ହେଉଥିବା ଲୋକେ ଆଶ୍ୱସ୍ତି ଅନୁଭବ କରିଛନ୍ତି।

## ମିଳୁନି ଆବାସ ନିର୍ମାଣ ଅର୍ଥ

ଦୋଳସାହି,୨୭।୫(ସମିସ): ସରକାରଙ୍କ ତରଫରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ୍ କରାଯାଉଥିବା ହିତାଧିକାରୀଙ୍କୁ ନିର୍ମାଣ ଅର୍ଥ ମିଳୁ ନ ଥିବା ନେଇ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ତିହିଡ଼ି ବ୍ଲକ୍‌ର ୩୧ ପଞ୍ଚାୟତରେ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀ ପ୍ରଥମ କିସ୍ତି ପାଇ ଗୃହ ନିର୍ମାଣ କରିଥିବା ହିତାଧିକାରୀଙ୍କ ମଧ୍ୟରୁ ୧୩୧ ଜଣ ପ୍ରଥମ କିସ୍ତି ପାଇ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିଲେ। ଏହି ହିତାଧିକାରୀଙ୍କୁ ୨ ମାସରୁ ଅଧିକ ସମୟ ଧରି ନିର୍ମାଣ ଅର୍ଥ ମିଳୁ ନ ଥିବା ନେଇ ହିତାଧିକାରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ଏହି ହିତାଧିକାରୀଙ୍କୁ ବକେୟା ପାଉଣା ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି।

## କଂକ୍ରିଟ୍ ୱାଲ୍ ନିର୍ମାଣ ନାଁରେ କେନାଲ ରାସ୍ତା ନଷ୍ଟ



ବାରିକପୁର,୨୭।୫(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଆଖୁଆପଦା ଜଳ ସମ୍ପଦ ବିଭାଗ ପକ୍ଷରୁ ୪ ନମ୍ବର କେନାଲ ଗର୍ଭରେ କଂକ୍ରିଟ ୱାଲ୍ ନିର୍ମାଣ କାର୍ଯ୍ୟ ହେଉଛି। କେନାଲ ଆରମ୍ଭରୁ ପ୍ରାୟ ୫୦୦ ମିଟର ଯାଏଁ ଚଳିତ ବର୍ଷ ୱାଲ୍ ନିର୍ମାଣ ହେଉଥିବା ସୂଚନା ମିଳିଛି। ଦୁଃଖ ଓ ପରିତାପର ବିଷୟ ଏଥିଯୋଗୁଁ ନବନିର୍ମିତ କେନାଲ ରାସ୍ତାଟି ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ଯାଉଛି।

ଗତବର୍ଷ ପ୍ରାୟ ୨୯ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇ କେନାଲ ରାସ୍ତାର ୧୨୦୦ ମିଟର ପିଚୁ ନିର୍ମାଣ ହୋଇଥିଲା। ଏହି ରାସ୍ତା ଦେଇ ବାହାଦଲପୁର, ବଣସାହି, ଡଗରପଡ଼ା, ପାଟୁଳି, ଜୋରାଗଡ଼ିଆ ପ୍ରମୁଖ ଗ୍ରାମର ହଜାର ହଜାର ଜନସାଧାରଣ ଦୈନିକ ଗମନାଗମନ କରିଥା'ନ୍ତି। ବିଶେଷ କରି ଏହି ବାଟ ଦେଇ ଲୋକେ ଜାତୀୟ ରାଜପଥକୁ ଯାଇ ନିଜନିଜ ଗନ୍ତବ୍ୟସ୍ଥଳକୁ ଗମନ କରନ୍ତି। ଏହାଛଡ଼ା ଭଣ୍ଡାରିପୋଖରୀ ସରକାରୀ ଶିଳ୍ପ ଶିକ୍ଷାନୁଷ୍ଠାନ ସମେତ ବାରିକପୁର କଲେଜ ଛାତ୍ରଛାତ୍ରୀମାନେ ମଧ୍ୟ ଯାତାୟାତ କରିଥା'ନ୍ତି। ଏବର୍ଷ କେନାଲ ଭିତରେ ୱାଲ୍ ନିର୍ମାଣ ହେବା ପାଇଁ ଦୀର୍ଘ ଦୁଇ ମାସ ହେବ ପିଚୁ ରାସ୍ତାରେ ବାଲି ଓ ଚିପ୍ସ ବୋଝେଇ ଭାରିଯାନ ଟ୍ରକ୍ ଯାତାୟାତ କରୁଛି। ଯେଉଁଥିପାଇଁ ପିଚୁ ରାସ୍ତା ଏବେ ଜରାଜୀର୍ଣ୍ଣ ପାଲଟିଛି। ରାସ୍ତାରେ ଖାଲଖମା ସୃଷ୍ଟି ହୋଇଥିବାବେଳେ ପିଚୁ ଓ ଡଷ୍ଟ ମେଣ୍ଟାଲ ଉଠିଯାଇ ପାଣି କାଦୁଅରେ ପଥଟି ପରିପୂର୍ଣ୍ଣ ହୋଇଛି। କେନାଲ ରାସ୍ତାର ଅର୍ଦ୍ଧାଧିକ ଭାଗ ଅତ୍ୟନ୍ତ ଖରାପ ହୋଇଛି। ୱାଲ୍ ନିର୍ମାଣ କାର୍ଯ୍ୟ ଶେଷ ବେଳକୁ ସମ୍ପୂର୍ଣ୍ଣ ରାସ୍ତା ନଷ୍ଟ ହେବ ବୋଲି ସ୍ଥାନୀୟ ଲୋକମାନେ ଜଣାଇଛନ୍ତି। ଏହାଛଡ଼ା ୱାଲ୍ ନିର୍ମାଣ କାର୍ଯ୍ୟର ମାନକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଗୋଦଡ଼ା ହାଣେ ଯେତେ ମାଡ଼େ ସେତେ ନ୍ୟାୟରେ ଜଳସମ୍ପଦ ବିଭାଗ ଗୋଟିଏ ପଟେ କିଛି ଉନ୍ନୟନମୂଳକ କାର୍ଯ୍ୟ କରୁଥିବାବେଳେ ଅନ୍ୟପଟେ ନବନିର୍ମିତ କେନାଲ ରାସ୍ତାଟି ସମ୍ପୂର୍ଣ୍ଣ ନଷ୍ଟ ହେଉଛି। ତେଣୁ ଏହା ଉପରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

● ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକ ଫଳ ପ୍ରକାଶ

## ମନସ୍ତତ୍ୱ ବିଭାଗ ଛାତ୍ରୀ ଅଭିଲିପ୍ସା ନାୟକ ଶ୍ରେଷ୍ଠ ସ୍ନାତକ



ଭଦ୍ରକ,୨୭।୫(ସମିସ): ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକ ବାର୍ଷିକ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଚଳିତ ବର୍ଷ ସ୍ନାତକୋତ୍ତରରେ ମୋଟ୍ ୧୦୯୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲାବେଳେ ୮୬୩ ଜଣ କୃତକାର୍ଯ୍ୟ ହୋଇଥିବା ଜଣାଯାଇଛି। ଚଳିତ ବର୍ଷର ପାସ୍‌ହାର ୭୯.୧ପ୍ରତିଶତ। କଳା ବିଭାଗରେ ପାସ୍‌ହାର ୮୮.୬ ପ୍ରତିଶତ, ବିଜ୍ଞାନରେ ୭୦.୨ ପ୍ରତିଶତ, ବାଣିଜ୍ୟରେ ୭୩.୪ ପ୍ରତିଶତ ଓ ସେଲ୍ଫ ଫାଇନାନ୍ସରେ ପାସ୍‌ହାର ୮୦.୪ ପ୍ରତିଶତ। ସାଇକୋଲୋଜିରେ ଛାତ୍ରୀ ଅଭିଲିପ୍‌ସା ନାୟକ, କମ୍ପ୍ୟୁଟର ସାଇନ୍ସରେ ଛାତ୍ର ପ୍ରୀତିଶ ପୀୟୂଷ ରଞ୍ଜନ ନାୟକ, ବାଣିଜ୍ୟରେ ଗୀତାଞ୍ଜଳି ପୃଷ୍ଟି, ସେଲ୍ଫ ଫାଇନାନ୍ସରେ ଅଶ୍ୱିନୀ କୁମାର ସାହୁ କଲେଜ ଟପ୍ପର ହୋଇଛନ୍ତି। ଉକ୍ତ ମହାବିଦ୍ୟାଳୟର ଶ୍ରେଷ୍ଠ ସ୍ନାତକ ଭାବେ ମନସ୍ତତ୍ୱ ବିଭାଗ ଛାତ୍ରୀ ଅଭିଲିପ୍ସା ନାୟକ ବିବେଚିତ ହୋଇଛନ୍ତି ବୋଲି ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଲଳିତ ରଞ୍ଜନ ସାହୁ ସୂଚନା ଦେଇଛନ୍ତି। ପରୀକ୍ଷା ନିୟନ୍ତ୍ରକ ଡ. ଅଜିତ କୁମାର ଦାସ, ଡ. ପ୍ରତାପ ଚନ୍ଦ୍ର ସାହୁ, ଡ. ପଦ୍ମାକର ମହାନ୍ତି, ଡ. ସନ୍ତୋଷ କୁମାର ସେଠୀ, ଡ. ଲକ୍ଷ୍ମୀକାନ୍ତ ନାୟକ, ଡ. ସରୋଜ କୁମାର ଦାସ, ଡ. ମନୋରଞ୍ଜନ ସେଠୀ, ଡ. ବ୍ରହ୍ମାନନ୍ଦ ପଣ୍ଡା ପ୍ରମୁଖ ପରୀକ୍ଷା ଫଳ ପ୍ରକାଶ କରିଥିଲେ।

## ଯୁବ ସମାଜକୁ କବଳିତ କରି ରଖିଛି ଧଳାଜହର

ଅସୁରାଳି,୨୭।୫(ସମିସ): ଧାମନଗର ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ଚୋରା ନିଶା ବେପାରୀଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଛି। ଅବକାରୀ ବିଭାଗର ସ୍ଥାଣୁତାର ସୁଯୋଗ ନେଇ ଏହି ନିଶା ବେପାରୀମାନେ ସେମାନଙ୍କ କାରବାର ବଢ଼ାଇ ଚାଲିଛନ୍ତି। ଯୁବପିଢ଼ିଙ୍କୁ ପ୍ରଭାବିତ କରି ସେମାନଙ୍କ କାରବାର ଖୁଲମ୍‌ଖୁଲା ଚଳାଉଛନ୍ତି। ଫଳରେ ଏହି ସ୍ଥାନ ଏବେ ଅସାମାଜିକଙ୍କ ଚରାଭୂଇଁ ପାଲଟିଲାଣି। ସରକାର ଅନୁମତି ଥାଉ କି ନ ଥାଉ, ବିନା ଲାଇସେନ୍ସରେ ବୋତାଳି ଗାଁ, ଧୂଷୁରୀ, ନନ୍ଦବଜାର, କୋଠାର, ଶ୍ରୀରାମପୁର, ମାଙ୍କିଡ଼ିଆ, ନଦୀଗାଁ ଆଦି ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଏକାଧିକ ଚୋରା ମଦ ଦୋକାନ ଖୋଲିଛି। ଏହାଛଡ଼ା ବ୍ରାଉନ୍‌ସୁଗର କାରବାର ମଧ୍ୟ ବିଭିନ୍ନ ସ୍ଥାନରେ ଚାଲିଥିବା ଅଭିଯୋଗ ହୋଇଛି। ଶିକ୍ଷିତ ଯୁବକ, ଦିନମଜୁରିଆ, ଏମିତିକି ବହୁ ନାବାଳକ ମଧ୍ୟ ଏହାର ଶିକାର ପାଲଟିଛନ୍ତି। ଅଭାବଗ୍ରସ୍ତ ନିଶା ସେବନକାରୀ ଯୁବକମାନେ ନିଶା କବଳିତ ହେବା ପରେ ଆଉ ପଛକୁ ଫେରିପାରୁନାହାନ୍ତି। ଅର୍ଥାଭାବରୁ ବାଧ୍ୟ ହୋଇ ବିଭିନ୍ନ ପ୍ରକାର ଅସାମାଜିକ କାର୍ଯ୍ୟ ଯଥା- ରାହାଜାନୀ, ଚୋରି ଆଦି କରିବାକୁ ପଛାଉ ନାହାନ୍ତି। ଦୋକାନଠାରୁ ଆରମ୍ଭ କରି ମନ୍ଦିର ପର୍ଯ୍ୟନ୍ତ ଚୋରି ହେବା ଏ ଅଞ୍ଚଳରେ ନିତିଦିନିଆ ଘଟଣା ପାଲଟିଛି। ମନ୍ଦିରର କଂସା, ପିତ୍ତଳ ପୂଜା ସାମଗ୍ରୀ, ଠାକୁରଙ୍କ ଗହଣା, ହୁଣ୍ଡିରୁ ଟଙ୍କା ଚୋରି, ହାଟବଜାର ଓ ଭିଡ଼ ସ୍ଥାନରୁ ମୋବାଇଲ୍, ମନିପର୍ସ ଆଦି ଲୁଟ୍ ହେଉଛି। ଏହି ନିଶା ପାଇଁ ପାରିବାରିକ ବିବାଦ ଏବେ ଏକ ମୁଖ୍ୟ ପ୍ରସଙ୍ଗ ପାଲଟିଛି। ଅବକାରୀ ବିଭାଗ କିମ୍ବା ପୁଲିସ କାହାରି ଏଥିପ୍ରତି ସାମାନ୍ୟ ଗୁରୁତ୍ୱ ମଧ୍ୟ ନାହିଁ। ମଝିରେ ମଝିରେ ଅବକାରୀ ବିଭାଗ ପକ୍ଷରୁ ନିଜର ଉପସ୍ଥିତି ଜାହିର୍ କରିବା ପାଇଁ କିଛି ଛୋଟମୋଟ ମଦ ବେପାରୀଙ୍କୁ ଧରି ନିଜର ବାହାଦୁରି ଦେଖାଇ ପ୍ରଶଂସା ସାଉଁଟିବାକୁ ପ୍ରୟାସ କରୁଛନ୍ତି ଓ ସେମାନଙ୍କୁ ଧରି ନେଇ ଥାନାରେ କିଛି ସମୟ ଅଟକାଇ ପୁଣି ଛାଡ଼ି ଦିଆଯାଉଛି। ଏ ଦିଗରେ ଉଚ୍ଚ ପଦାଧିକାରୀ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହେଉଛି।

## ୨୩ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ; ଜଣେ ଗିରଫ




ଧାମନଗର,୨୭।୫(ସମିସ): ଧାମନଗର ଥାନା ଅଧୀନ କଲ୍ୟାଣୀ ନଗରୀ ଅଞ୍ଚଳରେ ପୁଲିସ ଜଣେ ଯୁବକକୁ ଗିରଫ କରିବା ସହ ତା' ନିକଟରୁ ୨୩ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ କରିଛି। ଯାହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ୪୦ ହଜାର ଟଙ୍କା ହେବ। ଏଥିସହ ନଗଦ ୪୩୦୦ ଟଙ୍କା, ଗୋଟିଏ ବାଇକ୍ ଓ ଗୋଟିଏ ମୋବାଇଲ୍ ଜବତ କରାଯାଇଥିବା ନେଇ ଧାମନଗର ଥାନାରେ ଆଇଆଇସି ସୁଭ୍ରଜିତ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ଅନିରୁଦ୍ଧ ମୁଦୁଲି, ଏଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଅତିରିକ୍ତ ତହସିଲ୍‌ଦାର ପଲ୍ଲୀଭାରତ ମାହାଳିକ ପ୍ରକାଶ କରିଛନ୍ତି। ଏସ୍‌ଆଇ ନାରାୟଣ ନାୟକଙ୍କ ଅଭିଯୋଗ ମୂଳେ ଏକ ମାମଲା ରୁଜୁ ହୋଇ ଅଭିଯୁକ୍ତକୁ କୋର୍ଟଚାଲାଣ କରାଯିବା ସହ ଏସ୍‌ଆଇ ମହେଶ୍ୱର ପ୍ରଧାନକୁ ଏହାର ତଦନ୍ତ ଦାୟିତ୍ୱ ଦିଆଯାଇଛି ବୋଲି ଏଏସ୍‌ପି ଶ୍ରୀ ଦ୍ୱିବେଦୀ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ଜଣକ ହେଲେ ଧୂଷୁରୀ ଥାନା ଅଧୀନ ଖପରାପଦା ଗାଁର ମଣିଭଦ୍ର ସାହୁ(୫୩)। ମେଙ୍ଗଳବାର ଗାବିନ୍ଦପୁର ଅଞ୍ଚଳ ଆଡୁ ବ୍ରାଉନ୍‌ସୁଗର ନେଇକି ଆସୁଥିବା ବେଳେ ପୁଲିସକୁ ଦେଖି ଦ୍ରୁତଗତିରେ ପଳାଇବାକୁ ଉଦ୍ୟମ କରିଥିଲେ। ପରେ ପୁଲିସ ପିଛା କରି କଲ୍ୟାଣୀନଗରୀ କେଶସାହି ପଡ଼ିଆ ନିକଟରେ ତାଙ୍କୁ କାବୁ କରିଥିଲା। ପଚରାଉଚରାବେଳେ ସେ ଭଦ୍ରକ ବଉଳପୋଖରୀ ଗ୍ରାମର ରାଜା ମଲ୍ଲିକଙ୍କ ନିକଟରୁ ବ୍ରାଉନ୍‌ସୁଗର କିଣିଥିବା ପୁଲିସ ପାଖରେ ସ୍ୱୀକାର କରିଥିବା ସୂଚନା ମିଳିଛି।

● ଭଦ୍ରକ ଜିଲ୍ଲା କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

## ଗାନ୍ଧୀ ପରିବାରର ତ୍ୟାଗ, ବଳିଦାନ ଅବିସ୍ମରଣୀୟ: ଏସ୍ ଜୟକୁମାର

ଭଦ୍ରକ,୨୭।୫(ସମିସ): ଜିଲ୍ଲା, ବ୍ଲକ୍, ନଗର, ପଞ୍ଚାୟତ ଓ ସର୍ବୋପରି ବୁଥ୍ କଂଗ୍ରେସ କମିଟିକୁ ସଂଗଠିତ କରି ଅଧିକ କ୍ରିୟାଶୀଳ ଓ ମଜଭୁତ୍ କରିବାକୁ ଭଦ୍ରକ ଜିଲ୍ଲା ପରିବର୍ଦ୍ଧିତ କମିଟିର କାର୍ଯ୍ୟକାରିଣୀ ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏଆଇସିସି ସମ୍ପାଦକ ତଥା ପିସିସିର ସହପ୍ରଭାରୀ ମୟୂର ଏସ୍ ଜୟକୁମାର ଆହ୍ୱାନ ଦେଇଛନ୍ତି। ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଓ ପିସିସି ଉପସଭାପତି ତଥା ଭଦ୍ରକ ପ୍ରଭାରୀ ଦେବାଶିଷ ପଟ୍ଟନାୟକ, ଉପସଭାପତି ସସ୍ମିତା ବେହେରାଙ୍କ ଉପସ୍ଥିତିରେ ଭଦ୍ରକ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟଠାରେ ବୁଧବାର ଅପରାହ୍ଣରେ ଅନୁଷ୍ଠିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଶ୍ରୀ ଜୟକୁମାର ଆଗାମୀ ପଞ୍ଚାୟତ, ପୌର ନିର୍ବାଚନ ପାଇଁ ପ୍ରସ୍ତୁତ ହେବା ସହ ଦଳକୁ ଅଧିକ ସୁଦୃଢ଼ ଓ ଶକ୍ତିଶାଳୀ କରିବାକୁ ପରାମର୍ଶ ଦେଇଥିଲେ। ଦଳୀୟ ପଦାଧିକାରୀଙ୍କୁ ସମ୍ବୋଧନ କରି ନିଜ ବକ୍ତବ୍ୟରେ ଶ୍ରୀ ଜୟକୁମାର କହିଥିଲେ ଯେ, ଗାନ୍ଧୀ ପରିବାରର ଦେଶ ପ୍ରତି ତ୍ୟାଗ ଓ ବଳିଦାନ ଅବିସ୍ମରଣୀୟ। କିନ୍ତୁ ଆଜିର ବିଜେପି ସରକାର କେବଳ କ୍ଷମତାକୁ ଉପଭୋଗ କରିବାରେ ବ୍ୟସ୍ତ। ବିଜେପି କିମ୍ବା ଆର୍‌ଏସ୍‌ଏସ୍‌ର ସଦସ୍ୟମାନେ କୌଣସି ସ୍ୱାଧୀନତା ସଂଗ୍ରାମ ଓ ସ୍ୱତନ୍ତ୍ର ସେନାନୀରେ ଯୋଗଦେଇ ନ ଥିଲେ। ଏପରିକି ଆର୍‌ଏସ୍‌ଏସ୍ କାର୍ଯ୍ୟାଳୟରେ ଜାତୀୟ ପତାକା ଉଡ଼ାଉ ନ ଥିଲେ। କଂଗ୍ରେସର ତ୍ୟାଗ, ବଳିଦାନ ଓ ବାବା ସାହେବ ଆମ୍ବେଦକରଙ୍କ ସମ୍ବିଧାନକୁ ବିଜେପି ନଷ୍ଟଭ୍ରଷ୍ଟ କରି ଚାଲିଛି। ବୈଠକରେ ସଭାପତିତ୍ୱ କରୁଥିବା ଜିଲ୍ଲା ସଭାପତି ଶ୍ରୀ ମହାନ୍ତି ତାଙ୍କ ବକ୍ତବ୍ୟରେ ରାହୁଲଙ୍କ ନୀତି ଆଦର୍ଶରେ ଆମେ ସମସ୍ତେ ଏକଜୁଟ ହୋଇ କାର୍ଯ୍ୟ କରିବା ସହ ଦଳକୁ ଶକ୍ତିଶାଳୀ କରିବାକୁ ଆହ୍ୱାନ ଦେଇଥିଲେ। ଆଗାମୀ ପଞ୍ଚାୟତ ଓ ନଗର ନିର୍ବାଚନରେ ସମସ୍ତ କର୍ମୀ ବୁଥ୍‌ସ୍ତରରୁ ଦଳକୁ ବିଜୟର ଟିକା ପିନ୍ଧାଇବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ସାଂସଦ ମୁରଲୀଧର ଜେନା, ପ୍ରାକ୍ତନ ବିଧାୟକ ପଞ୍ଚାନନ ମଣ୍ଡଳ, ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ରାଜ୍ୟ ଏସ୍‌ସି ସେଲ ସାଧାରଣ ସମ୍ପାଦକ ରାଜେନ୍ଦ୍ର ଜେନା, ପିତବାସ ଧଳ, ଅବ୍‌ଦୁଲ ମୁକିତ ଖାନ, ପିତାମ୍ବର ନାୟକ, ଗୋଲକ ଚନ୍ଦ୍ର ବେହେରା, ରଜନୀକାନ୍ତ ଚାନ୍ଦ, ସତ୍ୟବାନ ଦାସ, କାର୍ତ୍ତିକ ଚରଣ ଜେନା, ପ୍ରଦ୍ୟୁମ୍ନ ଦାସ, ବ୍ଲକ୍ ସଭାପତି ଅଜୟ ସାହୁ, ସୁଭାଶିଷ ମଲ୍ଲିକ, ରମେଶ ଚନ୍ଦ୍ର ବେହେରା, ମନୋଜ ବିଶ୍ୱାଳ, ଅଭିଷେକ ରାଉତ, ଦେବବ୍ରତ ମହାନ୍ତି, ଦିଗମ୍ବର ଦାସ, ଅକ୍ଷୟ ମଲ୍ଲିକ, ଜିଲ୍ଲା କୋଷାଧ୍ୟକ୍ଷ ବିଜୟ ବାରିକ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ବଳରାମ ରାଉତ, ମହିଳା ସଭାପତି ଅମିତାବାଳା ଆଚାର୍ଯ୍ୟ, ସବିତା ଚାନ୍ଦ, ଶର୍ମିଷ୍ଠା ପଣ୍ଡା, ବିଦ୍ୟାଧର ଜେନା, ରାଜୁ ପ୍ରସାଦ ରାୟ, ସୁଶାନ୍ତ ବାରିକ, ପ୍ରସନ୍ନ ଧଳ, ରଞ୍ଜନ ଜେନା, ରାଜକିଶୋର ପଣ୍ଡା, ଇଲିୟାସ ଅଲ୍ଲୀ ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ।




## ରାସ୍ତା, ବାଇପାସ୍ ପ୍ରକଳ୍ପ ପରିଦର୍ଶନ କଲେ ମନ୍ତ୍ରୀ ଓ ମୁଖ୍ୟ ଯନ୍ତ୍ରୀ



ଧୂଷୁରୀ/କୋଠାର,୨୭।୫(ସମିସ): ବୁଧବାର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଧାମନଗର ଗସ୍ତ କାର୍ଯ୍ୟକ୍ରମରେ ପୂର୍ତ୍ତ ବିଭାଗର ବିଭିନ୍ନ ରାସ୍ତା ଓ ବାଇପାସ୍ ପ୍ରକଳ୍ପର ସମୀକ୍ଷା କରିଥିଲେ। ଚିଫ୍ ଇଞ୍ଜିନିୟର ଧାନଚାନ୍ଦ ନାୟକ, ଇଞ୍ଜିନିୟର ଦେବୀପ୍ରସନ୍ନ ଘୋଷ ଓ ବିଭାଗୀୟ ଅଧିକାରୀମାନଙ୍କ ସହ ଧାମନଗର ଅଞ୍ଚଳର ଦୀର୍ଘଦିନର ରାସ୍ତା ସମସ୍ୟା ଓ ଯାତାୟାତ ବ୍ୟବସ୍ଥା ସୁଧାର ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ସମୀକ୍ଷା ହୋଇଥିବା ପ୍ରମୁଖ ପ୍ରକଳ୍ପ ମଧ୍ୟରେ କୋଠାର ବାଇପାସ୍, କୋଠାର-ଧାମନଗର ରାସ୍ତା, ଧାମନଗର-ବାରିକପୁର ରାସ୍ତା (ଧାମନଗର ଛକ) ଓ ଧାମନଗର-ଫଳପୁର ରାସ୍ତା ଓ ବେତାଳିଗାଁଠାରେ ପୂର୍ତ୍ତ ବିଭାଗ ଡାକବଙ୍ଗଳାର ପୁନଃ ଉଦ୍ଧାର ରହିଥିଲା। ବିଶେଷକରି କୋଠାର-ନସଲାପୁର ବାଇପାସ୍ ରାସ୍ତା ଦୀର୍ଘଦିନ ଧରି ଲୋକଙ୍କ ମୁଖ୍ୟ ଦାବି ହୋଇଆସୁଥିଲା। ରାସ୍ତାର ସାଧାରଣ ଲୋକ ଓ ଯାତ୍ରୀମାନେ ବହୁତ ହଇରାଣ ହେଉଥିବା ବେଳେ, ଏହି ବାଇପାସ୍ ନିର୍ମାଣ ପାଇଁ ସ୍ଥାନୀୟ ଲୋକଙ୍କ ଦୀର୍ଘଦିନର ଦାବି ରହିଥିଲା। ମନ୍ତ୍ରୀ ଶ୍ରୀ ସୂରଜ ସୂଚନା ଦେଇଥିଲେ ଯେ, ବିଭିନ୍ନ ରାସ୍ତା ପ୍ରକଳ୍ପର ଡିପିଆର୍ ପ୍ରସ୍ତୁତି କାମ ସରିଛି। ଜମି ଅଧିଗ୍ରହଣ ପ୍ରକ୍ରିୟା ସମାପ୍ତ ହେବା ପରେ ଖୁବ୍‌ଶୀଘ୍ର ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯାଇ କାମ ଆରମ୍ଭ କରାଯିବ ବୋଲି ସେ କହିଥିଲେ। ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରିତା ହେଲେ ଧାମନଗର ଅଞ୍ଚଳର ଯାତାୟାତ ବ୍ୟବସ୍ଥାରେ ବଡ଼ ପରିବର୍ତ୍ତନ ଆସିବା ସହ ସାଧାରଣ ଲୋକଙ୍କ ଦୀର୍ଘଦିନର ସମସ୍ୟାର ସମାଧାନ ହେବ ବୋଲି ଆଶା କରାଯାଉଛି। ଏହି ସମୀକ୍ଷା ବୈଠକରେ ବରିଷ୍ଠ ନେତା ଚତୁର୍ଭୁଜ ନାୟକ, ରାଜେନ୍ଦ୍ର ସାହୁ, ସରପଞ୍ଚ ମହେଶ୍ୱତା ମହାଳିକ, ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ସଭ୍ୟ ହିମାଦ୍ରୀ ଦାସ, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, ସାଂସଦ ପ୍ରତିନିଧି ମନୋଜ ମଲ୍ଲିକ, ଅନିରୁଦ୍ଧ ସାହୁ, ରାମଚନ୍ଦ୍ର ମିଶ୍ର, ମନୋଜ ଦାସ, ରଞ୍ଜନ ମହାନ୍ତ, ସୁଶାନ୍ତ ନାୟକ ଓ ହିତେଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଅଙ୍ଗନବାଡ଼ି ମରାମତି କାମକୁ ନେଇ ବିବାଦ; ଥାନାରେ ଅଭିଯୋଗ



ଦୋବଲ,୨୭।୫(ସମିସ): ମୁସ୍ତଫାପୁର ପଞ୍ଚାୟତ ଅଧୀନ ଗୋବିନ୍ଦାଗଡ଼ିଆ ଅଙ୍ଗନବାଡ଼ି ଘର ମରାମତି କାମକୁ ନେଇ ବିବାଦ ଦେଖାଦେଇଛି। ଏହି ଘଟଣାରେ ଜଗବନ୍ଧୁ ପ୍ରଧାନଙ୍କ ନାମରେ ମଙ୍ଗଳବାର ଧାମନଗର ଥାନାରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, ପ୍ରାୟ ୨ବର୍ଷ ପୂର୍ବରୁ ଗୋବିନ୍ଦାଗଡ଼ିଆ ଅଙ୍ଗନବାଡ଼ି କେନ୍ଦ୍ରର ଘର ନିର୍ମାଣ କାମ ଆରମ୍ଭ ହୋଇଥିଲେ ମଧ୍ୟ ତାହା ସମ୍ପୂର୍ଣ୍ଣ ହୋଇ ନ ଥିଲା। ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିରହିଥିବା ଘରଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ଗ୍ରାମବାସୀମାନେ ବାରମ୍ବାର ଦାବି କରିଆସୁଥିଲେ। ପରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ନିର୍ଦ୍ଦେଶକ୍ରମେ ବିଭାଗ ପକ୍ଷରୁ ଅବଶିଷ୍ଟ କାମ ଆରମ୍ଭ ପାଇଁ ପଦକ୍ଷେପ ନିଆଯାଇଥିଲା। ସ୍ଥାନୀୟ ଲୋକଙ୍କ ଜରିଆରେ ମାଲ୍‌ମ୍ୟାଟେରିଆଲ ଢଳାଯାଇ କାମ ଚାଲିଥିବାବେଳେ ଜଗବନ୍ଧୁ ପ୍ରଧାନ କାମ ବନ୍ଦ କରିଥିବା ଅଭିଯୋଗ ହୋଇଛି। ଏହାସହ ଅଙ୍ଗନବାଡ଼ି କେନ୍ଦ୍ର ଚାରିପାଖରେ ବାଡ଼ ଘେରାଇ ଜବରଦଖଲ କରି ରଖାଯାଇଥିବା ନେଇ ମଧ୍ୟ ଅଭିଯୋଗରେ ଉଲ୍ଲେଖ ରହିଛି। ଏନେଇ ଗ୍ରାମର ଗୌରାଙ୍ଗ ରାଉତ ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଜଗବନ୍ଧୁ ପ୍ରଧାନ କହିଛନ୍ତି ଯେ, ପୂର୍ବରୁ ସେ ନିଜେ ଏଷ୍ଟିମେଣ୍ଟ ଅନୁଯାୟୀ କାମ ଆରମ୍ଭ କରିଥିଲେ ଓ ମିଳିଥିବା ଅର୍ଥ ଅନୁଯାୟୀ କାର୍ଯ୍ୟ କରାଯାଇଥିଲା। ହେଲେ କାମ ସମ୍ପୂର୍ଣ୍ଣ ହୋଇ ନ ଥିଲା। ବର୍ତ୍ତମାନ ଅବଶିଷ୍ଟ କାମ ପାଇଁ ପୁଣି ମାଲ୍‌ମ୍ୟାଟେରିଆଲ ଢଳାଯାଉଥିବା ବେଳେ ପୂର୍ବରୁ ପଡ଼ିଥିବା ସାମଗ୍ରୀ ଉଠାଯାଇ ନ ଥିବାରୁ ସମସ୍ୟା ଉପୁଜିଥିବା ସେ କହିଛନ୍ତି। ଘଟଣାକୁ ନେଇ ଉଭୟ ପକ୍ଷ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିବାବେଳେ ବୁଧବାର ଧାମନଗର ଥାନାଧିକାରୀଙ୍କ ଉପସ୍ଥିତିରେ ଆଲୋଚନା ମାଧ୍ୟମରେ ସମାଧାନ ହୋଇଥିବା ଜଣାପଡ଼ିଛି।

### ୧୭.୫୦ କୋଟି ଟଙ୍କାର ଅଟଳ ମାର୍ଗ ଓ ୪କୋଟି ଟଙ୍କାର ଚରମ୍ପା ଫିଡର ରୋଡ୍ କାର୍ଯ୍ୟ

# ନିମ୍ନମାନର ଓ ବିଳମ୍ବିତା ନେଇ ଜନଅସନ୍ତୋଷ

**ଭଦ୍ରକ ବିଧାୟକ, ମୁଖ୍ୟଯନ୍ତ୍ରୀ ଓ ଜିଲ୍ଲା ପ୍ରଶାସନର କ୍ଷେତ୍ରୀୟ ପରିଦର୍ଶନ**



ଭଦ୍ରକ,୨୭।୫(ସମିସ)

କଚେରୀ ବଜାର ମୁଖ୍ୟରାସ୍ତା "ଅଟଳ ମାର୍ଗ' (ମହତାବ ଛକରୁ ଶନିମନ୍ଦିର ଛକ) ଓ ଭଦ୍ରକ ଷ୍ଟେସନକୁ ସଂଯୋଗ କରୁଥିବା ଚରମ୍ପା ଫିଡର୍ ରୋଡ୍‌ର ସମ୍ପ୍ରସାରଣ, ସୌନ୍ଦର୍ଯ୍ୟକରଣ ଓ ଡ୍ରେନେଜ୍ (ଜଳ ନିଷ୍କାସନ) କାର୍ଯ୍ୟ ଅତି ନିମ୍ନମାନର ହେବା ଓ ବିଳମ୍ବିତା ନେଇ ଜନଅସନ୍ତୋଷ ତେଜିଛି। ବିଶେଷ କରି ଏହି ୨ଟି ମୁଖ୍ୟ କାର୍ଯ୍ୟକୁ ପୂର୍ତ୍ତ (ଆର୍‌ଏଣ୍ଡବି) ବିଭାଗ ପକ୍ଷରୁ କରାଯାଉଥିବାବେଳେ କାର୍ଯ୍ୟାଦେଶ ପାଇଥିବା ଠିକାଦାରଙ୍କ ମନୋମୁଖୀ କାର୍ଯ୍ୟ ନେଇ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଥିଲା। ଆଉ ଏହି ଜନଅସନ୍ତୋଷ ପରେ ଉକ୍ତ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ପୂର୍ତ୍ତ ବିଭାଗର ଇଆଇସି (ସର୍ବୋଚ୍ଚ ଯନ୍ତ୍ରୀ) ଧାନଚାନ୍ଦ ନାୟକ, ଅଧୀକ୍ଷଣ ଯନ୍ତ୍ରୀ ଦେବୀପ୍ରସନ୍ନ ଘୋଷ, କନିଷ୍ଠ ଯନ୍ତ୍ରୀ ଉତ୍ତମ ନାୟକଙ୍କ ସହ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଓ ତହସିଲ୍‌ଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ ଓ କାର୍ଯ୍ୟାଦେଶ ପାଇଥିବା ଠିକାଦାର କ୍ଷେତ୍ରୀୟ ପରିଦର୍ଶନ କରିଥିଲେ।

ସୂଚନାଯୋଗ୍ୟ, ସହରରେ ଜବରଦଖଲ ଉଚ୍ଛେଦ ପରେ ଏବେ ସହରର ମୁଖ୍ୟ ରାସ୍ତା କାମ ଆରମ୍ଭ ହୋଇଥିଲା। ୧୭ କୋଟି ୫୦ ଲକ୍ଷ ଟଙ୍କାର ରାସ୍ତା କାମ ପାଇଁ ଗତ ୬ ମାସ ତଳେ ଟେଣ୍ଡର ହୋଇ କାମ ଆରମ୍ଭ ହେଉଛି। ନିର୍ମାଣ କାମ ନେଇ ଲୋକେ ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି। ଲୋକଙ୍କ ଅଭିଯୋଗ ହେଉଛି ଯେ, ଭଦ୍ରକ ସହରର ମୁଖ୍ୟ ରାସ୍ତାକୁ ବହୁ ବର୍ଷ ଧରି ଜବରଦଖଲ କରି କିଛି ମୁଷ୍ଟିମେୟ ଲୋକ ରଖିବା ପରେ ସରକାରଙ୍କ ନିର୍ଦ୍ଦେଶ ପରେ ଏହି ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଜବରଦଖଲ ହଟିବା ପରେ ଏବେ ରାସ୍ତା କାମ ଆରମ୍ଭ ହୋଇଥିଲା। ଯେଉଁ ଠିକାଦାର କାମ ଆରମ୍ଭ କରୁଛନ୍ତି, ସେହି କାମ ଆରମ୍ଭରୁ ବାଟବଣା ହୋଇଛି। ସାଢ଼େ ୧୭ କୋଟିର କାମ ଯେଭଳି ଢଙ୍ଗରେ ଆରମ୍ଭ ହେବା କଥା ତାହା ହେଉନାହିଁ ବୋଲି ଅଭିଯୋଗ ଫର୍ଦ୍ଦ ଲମ୍ବିବାରେ ଲାଗିଛି। ସ୍ଥାନୀୟ ଲୋକ ଓ ଭଦ୍ରକର ବୁଦ୍ଧିଜୀବୀ ଏଭଳି ରାସ୍ତା କାମକୁ ନାପସନ୍ଦ କରିଛନ୍ତି। ନିମ୍ନମାନର କାମ ଓ ବିଳମ୍ବିତା ନେଇ ଲୋକେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ରାସ୍ତା କାମ ପାଇଁ ମୁଖ୍ୟ ରାସ୍ତା ମଝିରେ ଥିବା ବହୁ ବଡ଼ବଡ଼ ଗଛ ସବୁ କଟାଯାଇଛି। ରାସ୍ତା ପାଇଁ ଗଛ କଟା ଯାଉଥିବାବେଳେ ରାସ୍ତା ଉପରେ ଥିବା ପୁରୁଣା ବିଦ୍ୟୁତ୍ ଖୁଣ୍ଟ ଅଦ୍ୟାବଧି ଉଠାଯାଉନାହିଁ। ରାସ୍ତାରୁ ମାଟି ଖୋଳାଯାଇ ବାଲି ଫିଲିଂ ହେବା ଜାଗାରେ ଡଷ୍ଟ ପକାଯାଉଛି। ରାସ୍ତାକାମରେ ପ୍ରଥମେ ବାଲି ଓ ପରେ ମୋରମ୍ ପକାଯାଇ ରୋଲିଂ କରାଯିବା କଥା ଏହାପରେ ମେଣ୍ଟାଲ ପକାଯାଇ ରୋଲିଂ କରାଯିବା କଥା। ମାତ୍ର ଏହାର ବ୍ୟତିକ୍ରମ କରାଯାଇ ନିମ୍ନମାନର କାମକୁ ନେଇ ସହରବାସୀ ନିଜର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

ସେହିଭଳି ଚରମ୍ପା ଷ୍ଟେସନକୁ ଯାଇଥିବା ଫିଡର ରାସ୍ତା କାମ ପାଇଁ ୪ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହି କାର୍ଯ୍ୟରେ ନିର୍ମିତ ଡ୍ରେନ୍ କାର୍ଯ୍ୟ ଅତି ନିମ୍ନମାନର ହୋଇଥିବା ନେଇ ବଣିକ ସଂଘ ସଭାପତି ଗୌରଚନ୍ଦ୍ର ପଣ୍ଡା ଖୋଦ୍ ଅଭିଯୋଗ କରିଛନ୍ତି। ଶ୍ରୀ ପଣ୍ଡାଙ୍କ ଅଭିଯୋଗ ଅନୁଯାୟୀ, ନିମ୍ନମାନର କଳା ସିମେଣ୍ଟ ଓ ଅନ୍ୟ ମ୍ୟାଟେରିଆଲ ବ୍ୟବହାର କରି କାର୍ଯ୍ୟ ହେଉଛି। ଗୁଣବତ୍ତା ନ ଥିବା ସରଞ୍ଜାମରେ ହେଉଛି ନିର୍ମାଣ। ୧୦ କଡ଼େଇ ବାଲିରେ ଗୋଟିଏ ବସ୍ତା ସିମେଣ୍ଟରେ କାମ ହେବା ସହ ୧୦ ଫୁଟ୍‌ର ସରକାରୀ ଜମିକୁ ବାଦ୍ ଦେଇ ଡ୍ରେନ୍‌କୁ ବଙ୍କା କରି ନିର୍ମାଣ କରାଯାଉଥିବା ଭଳି ଅଭିଯୋଗ ଆଗତ କରିଥିଲେ। ଏନେଇ ବିଧାୟକ ଶ୍ରୀ ମହାପାତ୍ର ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କୁ ତୁରନ୍ତ କାମ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସମ୍ପୃକ୍ତ ଠିକାଦାର ୫ ମାସ ମଧ୍ୟରେ କାମ ଶେଷ କରିବେ ବୋଲି ପ୍ରକାଶ କରିଥିବା ଜଣାଯାଇଛି। ତେବେ ଏହି ୨ଟି ପ୍ରମୁଖ କାର୍ଯ୍ୟରେ ବିଳମ୍ବିତା ଓ ନିମ୍ନମାନର କାର୍ଯ୍ୟକୁ ନେଇ ସହରବାସୀ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠାଇଛନ୍ତି।

## ଅଞ୍ଜଳି ପଣ୍ଡାଙ୍କ ଗଳ୍ପ ସଂକଳନ 'ଅଦିନ ଝଡ଼' ଲୋକାର୍ପିତ




ବାଲେଶ୍ୱର,୨୭।୫ (ସମିସ): ସମାଜସେବୀ ସୁଧାସିନ୍ଧୁ ପଣ୍ଡାଙ୍କ ସହଧର୍ମିଣୀ ତଥା ସାରସ୍ୱତ ସାଧିକା, କବୟିତ୍ରୀ ଓ ସମାଜସେବୀ ଅଞ୍ଜଳି ପଣ୍ଡାଙ୍କ ଗଳ୍ପ ସଂକଳନ "ଅଦିନ ଝଡ଼' ସ୍ଥାନୀୟ ଏକ ହୋଟେଲ ପରିସରରେ ଲୋକାର୍ପିତ ହୋଇଯାଇଛି। ବାଲେଶ୍ୱରର ଅକ୍ଷାଂଶ ପ୍ରକାଶନୀ ଆନୁକୁଲ୍ୟରେ ଆୟୋଜିତ ଏହି ଲୋକାର୍ପଣ ଉତ୍ସବରେ ଫକୀର ମୋହନ ସାହିତ୍ୟ ପରିଷଦର ପୂର୍ବତନ ସଭାପତି ଡକ୍ଟର ହରିଶ୍ଚନ୍ଦ୍ର ବେହେରା ପୌରହିତ୍ୱ କରିଥିଲେ। ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ସନ୍ତୋଷ କୁମାର ତ୍ରିପାଠୀ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁସ୍ତକକୁ ଉନ୍ମୋଚନ କରିବା ସହିତ ଶ୍ରୀମତୀ ପଣ୍ଡାଙ୍କ ଲେଖନୀ ଶୈଳୀକୁ ପ୍ରଶଂସା କରିଥିଲେ। ସାହିତ୍ୟ ପରିଷଦର ସଭାପତି ଡକ୍ଟର ସୁବାସ ଚନ୍ଦ୍ର ପାତ୍ର ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମ୍ପ୍ରତିକ ସମାଜର ପ୍ରତିଛବି ସମ୍ବଳିତ ବିଷୟବସ୍ତୁ ପାଠକଙ୍କ ମନକୁ ବେଶ ଛୁଇଁବ ବୋଲି ଆଶାପ୍ରକାଶ କରିଥିଲେ। ଗଳ୍ପଗ୍ରନ୍ଥ "ଅଦିନ ଝଡ଼' ରଚୟିତା ଅଞ୍ଜଳି ପଣ୍ଡା ଏଥିରେ ମଞ୍ଚାସୀନ ନିଜର ଲେଖକୀୟ ଅଭିଜ୍ଞତା ଓ ଅନୁଭୂତି ସମ୍ପର୍କରେ ବର୍ଣ୍ଣନା କରିଥିଲେ। ପୁସ୍ତକକୁ ପ୍ରକାଶିତ କରିଥିବା ବାଲେଶ୍ୱରର ଅକ୍ଷାଂଶ ପ୍ରକାଶନୀର ଡକ୍ଟର ସାରଙ୍ଗଧର ତ୍ରିପାଠୀ ଏଥିରେ ପ୍ରକାଶକୀୟ ମତ ରଖିଥିଲେ। ପ୍ରାରମ୍ଭରେ ସାହିତ୍ୟ ପରିଷଦର ପୂର୍ବତନ ସମ୍ପାଦକ କବି ଦୀପକ ବୋଷ ପ୍ରାକ କଥନ ସହ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ଏହି ଅବସରରେ ଉପସ୍ଥିତି ଅତିଥି ଓ ବିଶିଷ୍ଟ ବ୍ୟକ୍ତିମାନେ ସୁଧାସିନ୍ଧୁ ପଣ୍ଡାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ। ଏଥିପାଇଁ ଶ୍ରୀ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଶେଷରେ ଶୃତିଶ୍ରୀ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବହୁ ସାରସ୍ୱତ ସାଧକ, କବି, ଗାଳ୍ପିକ, ଲେଖକ, ସମାଜସେବୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ପାଉଁଶକୁଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ ଡିଜି ଉଦ୍‌ଘାଟିତ

ରାଜଘାଟ, ୨୭।୫ (ସମିସ): ବସ୍ତା ବ୍ଲକ ପାଉଁଶକୁଲି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଦ୍ୟୁତ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ନୂତନ ୧୫କେଭିଏ କ୍ଷମତା ବିଶିଷ୍ଟ ଡିଜେଲ ଜେନେରେଟର ବୁଧବାର ଅପରାହ୍ନରେ ବିଧାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଲୋକାର୍ପିତ କରିଛନ୍ତି। ୧୬ ନମ୍ବର ଜିଲ୍ଲା ପରିଷଦ ଅନୁଦ୍ୱାରା ବିବି ସ୍ଥାନୀୟ ଅଞ୍ଚଳ ବିକାଶ ପାଣ୍ଠିରୁ ୫ ଲକ୍ଷ ଟଙ୍କା ବ୍ୟୟରେ ଏହି ଜେନେରେଟର ପ୍ରଦାନ କରିଛନ୍ତି। ଦୀର୍ଘ ଦିନ ଧରି ପାଉଁଶକୁଲି ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଘୋଷିତ ବିଦ୍ୟୁତ କାଟ ଯୋଗୁଁ ରୋଗୀ ସେବା, ପ୍ରସୂତି, ଟିକା ସଂରକ୍ଷଣ ଓ ଜରୁରୀକାଳୀନ ଚିକିତ୍ସାରେ ବାଧା ଉପୁଜୁଥିଲା। ଉକ୍ତ ଜେନେରେଟର ଲାଗିବା ପରେ ଅଞ୍ଚଳବାସୀ ଉପକୃତ ହେବେ। ଉକ୍ତ ଉଦଘାଟନୀ ଉତ୍ସବରେ ବିଧାୟକ ଅଶ୍ୱିନୀ କୁମାର ପାତ୍ର, ବସ୍ତା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ମହାପାତ୍ର, କୁଳିଦା ସରପଞ୍ଚ ଅନ୍ନପୂର୍ଣ୍ଣା ସେନାପତି, କରୁଆ ସରପଞ୍ଚ ଜୟନ୍ତ ରଣା, ସମିତି ସଭ୍ୟ ଅନାଦି ଦାସ, ୧୬ନମ୍ବର ଜିଲ୍ଲା ପରିଷଦ ପ୍ରତିନିଧି ସେକ ଅବଦୁଲ ଗନୀ, ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର କୌଶିକ ରାୟ, ସମାଜସେବୀ ଧୀରେନ୍ଦ୍ର ସାହୁ ସହ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମଚାରୀ ସହ ବହୁ ଅଞ୍ଚଳବାସୀ ଯୋଗ ଦେଇଥିଲେ।

## ବିପୁଳ ମଦ ଜବତ, ୨ ଗିରଫ

ସୋର, ୨୭।୫ (ସମିସ): ବାଲେଶ୍ୱର ଅବକାରୀ ଅଧିକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଓ ନୀଳଗିରି ଅବକାରୀ ନିରୀକ୍ଷକ କେଶବ ଚନ୍ଦ୍ର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୋର ଆଦର୍ଶ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ସାମଲଙ୍କ ନେତୃତ୍ୱରେ ଏକ ଟିମ ସୋର ଥାନା ଅନ୍ତର୍ଗତ ନୂଆଗାଁ, ବନ୍ଧସାହି, ମୂଳିସିଙ୍ଗ ଓ ଦହିପୁର ଗ୍ରାମରେ ଚଢ଼ଉ କରାଯାଇ ୩୨୦ ଲିଟର ଦେଶୀ ରନ୍ଧା ମଦ, ୯.୧୦୦ ଲିଟର ବିଅର ଓ ୨୭୦୦ ଲିଟର ଗୁଡ଼ ପୋଚ ଜବତ କରାଯିବା ସହିତ ମୂଳିସିଙ୍ଗ ଗ୍ରାମର ସପନ ଆହାଡ଼ି ଓ ଦହିପୁର ଗ୍ରାମର ଗଜେନ୍ଦ୍ର ନାୟକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜବତ ଦେଶୀ ରନ୍ଧା ମଦ ଓ ମହୁଲ ପୋଚର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଉକ୍ତ ଚଢ଼ଉରେ ସହ ଉପ-ନିରୀକ୍ଷକ କ୍ଷୀରୋଦ କୁମାର ସାହୁ ଓ ଦୀପିକା ପରିଡ଼ା, କନେଷ୍ଟବଳ ଦେବାଶିଷ ମଲ୍ଲିକ, ମିନତୀ ପରିଡ଼ା ପ୍ରମୁଖ ସାମିଲ ଥିଲେ। ଏ ନେଇ ସୋର ଆଦର୍ଶ ଅବକାରୀ ଥାନା ପକ୍ଷରୁ ୩ଟି ମାମଲା ରୁଜୁ କରାଯାଇଛି।

## ୭ଟି ଚୋରା ମାଟି ବୋଝେଇ ଟ୍ରାକ୍ଟର ଜବତ

ଜଳେଶ୍ୱର, ୨୭।୫ (ସମିସ) : ଶାନ୍ତିଆ ମୌଜାର ରେଳଲାଇନ୍ ନିକଟରୁ ୭ଟି ବେଆଇନ୍ ମାଟି ବୋଝେଇ ଟ୍ରାକ୍ଟରକୁ ଜଳେଶ୍ୱର ତହସିଲ ପକ୍ଷରୁ ଜବତ୍ କରାଯାଇଛି। ଜବତ ଟ୍ରାକ୍ଟରଗୁଡ଼ିକୁ ତହସିଲ କାର୍ଯ୍ୟାଳୟ ନିକଟରେ ରଖାଯାଇଛି। ମାଫିଆମାନେ ବେଆଇନ୍ ବାଲି ପରିବହନ ସହିତ ମାଟି ଉପରେ



ନଜର ପକାଉଥିବା ଜଣାଯାଇଛି। ତହସିଲଦାର ସତ୍ୟଜିତ୍ ମହାନ୍ତିଙ୍କ ନିର୍ଦ୍ଦେଶରେ ସୁପରଭାଇଜର ଶରତ ବେହେରା ଓ ଏନ୍‌ଫୋର୍ସମେ ଟିମ୍ ଚଢ଼ଉ କରିଥିବା ଜଣାଯାଇଛି।

## ଟ୍ରେନ ଦୁର୍ଘଟଣାରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ଚନ୍ଦନେଶ୍ୱର, ୨୭।୫ (ସମିସ)

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ଟୁକୁରୀହାଜିରା ପଞ୍ଚାୟତର ବାରବାଟିଆ (ଛୁଞ୍ଚିଆ) ଗ୍ରାମର ଜଣେ ଦାଦନ ଶ୍ରମିକଙ୍କ ଟ୍ରେନ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ଖବର ପ୍ରକାଶ ପାଇବା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ ଯୁବକ ହେଲେ ହରିହର ମିର୍ଦ୍ଧାଙ୍କ ଏକମାତ୍ର ପୁତ୍ର ଗୋବିନ୍ଦ ଗୋପାଳ ମିର୍ଦ୍ଧା (୨୬)। ସୂଚନା ଅନୁଯାୟୀ, ଆର୍ଥିକ ଅନଟନ ଓ ପରିବାର ପ୍ରତିପୋଷଣର ଚାପ ଯୋଗୁଁ ଗୋବିନ୍ଦ ଦାଦନ ଖଟିବା ପାଇଁ ଟ୍ରେନ ଯୋଗେ ତାମିଲନାଡୁ ଯାଉଥିଲେ। ମାତ୍ର ଯାତ୍ରାପଥରେ କେରଳର ପାଲକ୍କଡ଼ ରେଲୱେ ଜଙ୍କସନ ନିକଟରେ ଘଟିଥିବା ଏକ ଦୁର୍ଘଟଣାରେ ତାଙ୍କର ଅକାଳ ମୃତ୍ୟୁ ଘଟିଥିଲା। ଏହି ଦୁଃଖଦ ଖବର ପରିବାର ଲୋକଙ୍କ ନିକଟରେ ପହଞ୍ଚିବା ପରେ ଘରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଗୋବିନ୍ଦଙ୍କ ପରିବାର ଆଗରୁ ଦୁଃଖ ଓ ଅଭାବ ମଧ୍ୟରେ ଜୀବନ କାଟୁଥିଲା। ପ୍ରାୟ ୯ ମାସ ପୂର୍ବରୁ ତାଙ୍କ ମା ଜ୍ୟୋତ୍ସ୍ନା ରାଣୀ ମିର୍ଦ୍ଧାଙ୍କର ମୃତ୍ୟୁ ଘଟିଥିଲା। ପରିବାରରେ ବୃଦ୍ଧ ବାପାଙ୍କ ସହ ଜଣେ ଅବିବାହିତା ଭଉଣୀ ରହିଥିବା ବେଳେ ଅନ୍ୟ ଜଣେ ଭଉଣୀ ବିବାହ ପରେ ସ୍ୱାମୀଙ୍କ ସହ ମୁମ୍ବାଇରେ ଦାଦନ ଖଟୁଛନ୍ତି। ଏଭଳି ପରିସ୍ଥିତିରେ ପରିବାରର ସମସ୍ତ ଦାୟିତ୍ୱ ଗୋବିନ୍ଦଙ୍କ ଉପରେ ରହିଥିଲା। ସେ ନିଜେ ଅବିବାହିତ ଥିବା ସତ୍ତ୍ୱେ ପରିବାରର



ଭରଣପୋଷଣ ପାଇଁ ବାହାର ରାଜ୍ୟକୁ ଯିବାକୁ ବାଧ୍ୟ ହୋଇଥିଲେ। ଏକମାତ୍ର ପୁଅର ମୃତ୍ୟୁ ଖବର ପାଇ ବୃଦ୍ଧ ବାପା ହରିହର ମିର୍ଦ୍ଧା ଭାଙ୍ଗିପଡ଼ିଛନ୍ତି। ପୁଅର ସ୍ମୃତିକୁ ମନେପକାଇ ସେ ଭୋ ଭୋ ହୋଇ କାନ୍ଦୁଥିବା ଦେଖିବାକୁ ମିଳିଛି। ଆର୍ଥିକ ଅଭାବ ଯୋଗୁଁ ସେ କେରଳକୁ ଯାଇ ପୁଅର ମୃତଦେହ ଆଣିବାକୁ ଅସମର୍ଥ ହୋଇପଡ଼ିଛନ୍ତି। ପରିବାରର ଅସହାୟ ପରିସ୍ଥିତିକୁ ବ୍ୟକ୍ତ କରି ସେ କୋହଭରା କଣ୍ଠରେ କହିଛନ୍ତି, ଥିଲାବାଲାଙ୍କୁ ସମସ୍ତେ ସାହା, ଗରିବକୁ କିଏ ପଚାରେ। ସେ କେବେ ବାହାର ରାଜ୍ୟକୁ ଯାଇନଥିବାରୁ କିପରି ପୁଅର ମୃତଦେହ ଘରକୁ ଆଣିବେ ତାହା ନେଇ ସେ ଚିନ୍ତାରେ ପଡ଼ିଛନ୍ତି। ଏହି ପରିସ୍ଥିତିରେ ସେ ସରକାର ଓ ପ୍ରଶାସନଙ୍କ ନିକଟରେ ପୁଅର ମୃତଦେହ ଘରକୁ ଆଣିବା ସହ ସରକାରୀ ସହାୟତା ପ୍ରଦାନ ପାଇଁ ଗୁହାରି କରିଛନ୍ତି। ଘଟଣାଟି ଅଞ୍ଚଳରେ ଦାଦନ ଶ୍ରମିକମାନଙ୍କ ଦୟନୀୟ ଅବସ୍ଥାକୁ ପୁଣିଥରେ ସାମ୍ନାକୁ ଆଣିଛି। ଗରିବ ପରିବାରର ଯୁବକମାନେ ଜୀବିକା ପାଇଁ ବାହାର ରାଜ୍ୟକୁ ଯାଇ ବିଭିନ୍ନ ଦୁର୍ଘଟଣାରେ ପ୍ରାଣ ହରାଉଥିବା ବେଳେ ସେମାନଙ୍କ ପରିବାର ଅସହାୟ ଅବସ୍ଥାରେ ଜୀବନ କାଟୁଛନ୍ତି।

**ପୁଅର ମୃତଦେହ ଘରକୁ ଆଣିବା ପାଇଁ ସରକାରୀ ସହାୟତା ଲୋଡ଼ିଲେ ବୃଦ୍ଧ ବାପ**

● ଓସଙ୍ଗ ସେବା ସମବାୟ ସମିତିରେ ଅନଲାଇନ ପଞ୍ଜୀକରଣରେ ଅବ୍ୟବସ୍ଥା

## ସମିତିରେ ତାଲା ଦେଇ ଧାରଣାରେ ବସିଲେ ଚାଷୀ

ଖଇରା,୨୭।୫ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧିନ ଓସଙ୍ଗ ସେବା ସମବାୟ ସମିତିରେ ରବି ଧାନ ବିକ୍ରି ପାଇଁ ଅନଲାଇନ ପଞ୍ଜୀକରଣ ମାର୍ଚ୍ଚ ୨୫ ତାରିଖରୁ ଶେଷ ହୋଇ ଯାଇଥିବା ବେଳେ ଏଥିରୁ ବଞ୍ଚିତ ହୋଇଥିବା ୭୦ରୁ ଉର୍ଦ୍ଧ ଚାଷୀ ବୁଧବାର ଠାରୁ ସମିତି କାର୍ଯ୍ୟାଳୟ ସମ୍ମୁଖରେ ତାଲା ଦେଇ ଧାରଣା ଦେଇଛନ୍ତି। ସେମାନଙ୍କର ଧାନ ବିକ୍ରି ପାଇଁ ଅନଲାଇନ କରାନଯିବା ପର୍ଯ୍ୟନ୍ତ ଏହି ଧାରଣା ଚାଲୁ ରହିବ ବୋଲି ଧାରଣାରେ ବସିଥିବା ଚାଷୀ ମହେନ୍ଦ୍ର ପଣ୍ଡା,ଉଦୟ କୁମାର ଦାସ, ସନାତନ ପରିଡା, ପ୍ରକାଶ କୁମାର ପଣ୍ଡା, ଗୋପବନ୍ଧୁ ଦାଶ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ଚେତାବନୀ ଦେଇଛନ୍ତି। ଚାଷୀ ମାନଙ୍କର ଅଭିଯୋଗ ଅନୁଯାୟୀ ରବିଧାନ ବିକ୍ରି ପାଇଁ ମାର୍ଚ୍ଚ ୧୦ତାରିଖରୁ ମାର୍ଚ୍ଚ



୨୫ ତାରିଖ ପର୍ଯ୍ୟନ୍ତ ସମୟସୀମା ଧାର୍ଯ୍ୟ କରାଯାଇଥିଲା।ଏଥିପାଇଁ ୧୦୮ ଜଣ ଚାଷୀ ଅନଲାଇନରେ ପଞ୍ଜୀକରଣ ପାଇଁ ଆବେଦନ କରିଥିଲେ। ହେଲେ ସମ୍ପାଦକ ଓ ଡାଟା ଏଣ୍ଟ୍ରି କର୍ମଚାରୀ ମାତ୍ର ୩୭ଜଣଙ୍କର ଅନଲାଇନ କରି ବିଭିନ୍ନ ଆଳରେ ଅନ୍ୟମାନଙ୍କ ଫାଇଲ ଚାପି ଦେଇଥିଲେ। ଏଭଳି କି ଏ ସମ୍ପର୍କରେ ଚାଷୀ ମାନଙ୍କୁ ବହୁ ବିଳମ୍ବରେ ସୂଚନା ଦିଆଯାଇଥିଲା। ଯେଉଁଚାଷୀ ମାନେ ସମ୍ପାଦକ ଓ ଡିଇଓଙ୍କୁ ଭୋଜି ଖାଇବାକୁ ଅର୍ଥ ଦେଇ ପାରିଲେ ରାତିଅଧିଆ ସେମାନଙ୍କର ପଞ୍ଜିକରଣ କରାଯାଇଥିବା ଅଭିଯୋଗ ହେଉଛି। ଏହି ବିଶୃଙ୍ଖଳା ପାଇଁ ଚାଷୀ ମାନେ ସମ୍ପାଦକ ଓ ଡିଇଓଙ୍କ ନିଲମ୍ବନ ଦାବି କରିଛନ୍ତି। ଏଭଳି ଅଭିଯୋଗ ସମ୍ପର୍କରେ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ସାହୁଙ୍କ ପ୍ରତିକ୍ରିୟା ନିଆଯିବାରେ ଅନଲାଇନ ପାଇଁ ଯେଉଁ କାଗଜ ଆବଶ୍ୟକ ଯେଉଁ ଚାଷୀ ସେ କାଗଜ ଦେଇ ପାରି ନାହାଁନ୍ତି ସେମାନଙ୍କର ଅନଲାଇନ ହୋଇ ପାରିନାହିଁ ବୋଲି କହିଛନ୍ତି।

## ଜଳେଶ୍ୱର ଯୁବମୋର୍ଚ୍ଚା ପକ୍ଷରୁ ସମ୍ବର୍ଦ୍ଧନା ସଭା

ଜଳେଶ୍ୱର,୨୭।୫ (ସମିସ): ଯୁବମୋର୍ଚ୍ଚା ଉତ୍ତର ବାଲେଶ୍ୱରର ସଭାପତି ଫାଲଗୁନୀ ପାଣିଗ୍ରାହୀ ୧୯ଟି ମଣ୍ଡଳରେ ପ୍ରଥମ ସଭାପତିଭାବେ ପ୍ରବାସ ସାରିଥିବା ଯୋଗୁଁ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡା ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ସଫଳତା ପାଇବା ପରେ ଜଳେଶ୍ୱର ଯୁବମୋର୍ଚ୍ଚା ପକ୍ଷରୁ ବୁଧବାର ଭଞ୍ଜଶ୍ରୀ ବିହାର ସମ୍ମିଳନୀ କକ୍ଷରେ ଆୟୋଜିତ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ନଗର ବିଜେପି ସଭାପତି ତଥା ସ୍ଥାନୀୟ କାଉନସିଲର ଶିବନାରାୟଣ ମହାପାତ୍ର ଅଧକ୍ଷତା କରିଥିଲେ। ବିଜେପି ଜଳେଶ୍ୱରର ନିର୍ବାଚିତ ପ୍ରତିନିଧି, ମଣ୍ଡଳ ସଭାପତି, ଦଳର ପଦାଧିକାରୀ ତଥା ବିଭିନ୍ନ ମୋର୍ଚ୍ଚା ତରଫରୁ ଶ୍ରୀ ପାଣିଗ୍ରାହୀଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମହିଳା ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଇନ୍ଦୁମତୀ ଗିରି, ସମର କରଣ,



ବରେନ୍ଦ୍ର ପରିଡା, ବିଶ୍ୱଭୂଷଣ ଦାସ, ଅନନ୍ତ ଦାସ, ଦେବଯାନୀ ଅଣ୍ଡିଆ ପ୍ରମୁଖ ଯୋଗ ଦେଇ ଫାଲଗୁନୀ ପାଣିଗ୍ରାହୀଙ୍କ କାର୍ଯ୍ୟ କୁଶଳତା ଓ ଦୃଢ଼ ସାଙ୍ଗଠନିକ ନେତୃତ୍ୱ ସଂପର୍କରେ ଭୂୟସୀ ପ୍ରଶଂସା କରି ତାଙ୍କର ମାର୍ଗଦର୍ଶନରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଭାରତୀୟ ଜନତା ପାର୍ଟି ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ବେଳେ ଅଞ୍ଜନ ଦାସ, ମନମୋହନ ଆଚାର୍ଯ୍ୟ, ସତ୍ୟବ୍ରତ ପଣ୍ଡା, ରଞ୍ଜନ ପାଲ, ନିହାର ରଞ୍ଜନ ଦାସ, ବାସୁଦେବ ହୁଇ, ରଞ୍ଜନ ସେଠୀ, ରାମକୃଷ୍ଣ ମାଝୀ, ରଞ୍ଜିତ ପାତ୍ର, ହେମନ୍ତ ଦାସ, ନମିତା ଦାସ, ମୁକ୍ତାରାଣୀ ପାଲ, ମାଳତିଲତା ଦତ୍ତ, ମଞ୍ଜୁଲିକା ଘୋଷ ସୁଭଦ୍ରା ବେହେରାଙ୍କ ସମେତ ବହୁ ସହରବାସୀ ଉପସ୍ଥିତ ଥିଲେ।

## ବାଲେଶ୍ୱରର ନୂଆ ସିଡିଏମ୍ ଓ ପିଏଚଓ ହେଲେ ଡା. ଦିଲ୍ଲୀପ ଜେନା

ବାଲେଶ୍ୱର,୨୭।୫ (ସମିସ): ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ୧୩ ଜଣ ବରିଷ୍ଠ ଡାକ୍ତରଙ୍କୁ ସିନିଅର ଆଡମିନିଷ୍ଟ୍ରେଟିଭ ଗ୍ରେଡ୍ (ଏସ୍‌ଏଜି)କୁ ପଦୋନ୍ନତି ଦିଆଯାଇଛି। ଏହି କ୍ରମରେ ଡା. ଦିଲ୍ଲୀପ କୁମାର ଜେନାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମ ଆଣ୍ଡ ପିଏଚଓ) ଭାବେ ନିଯୁକ୍ତି ମିଳିଛି। ବର୍ତ୍ତମାନ କଟକ ଲେପ୍ରୋସି ହୋମ ଓ ହସ୍ପିଟାଲର ଅଧୀକ୍ଷକ ଭାବେ କାର୍ଯ୍ୟରତ ଡା. ଜେନାଙ୍କୁ ପଦୋନ୍ନତି ଦେଇ ବାଲେଶ୍ୱର ସିଡିଏମ ଆଣ୍ଡ ପିଏଚଓ ଭାବେ ଅବସ୍ଥାପିତ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗର ୨୬ ତାରିଖ ବିଜ୍ଞପ୍ତି ନଂ ୧୪୬୮୬ ଅନୁଯାୟୀ, ସିଲେକ୍ସନ ଗ୍ରେଡ୍ ପାହ୍ୟାର ୧୩ ଜଣ ମେଡିକାଲ ଅଫିସରଙ୍କୁ ଆଡହକ୍ ଭିତ୍ତିରେ ସିନିଅର ଆଡମିନିଷ୍ଟ୍ରେଟିଭ ଗ୍ରେଡ୍‌କୁ ପଦୋନ୍ନତି ଦିଆଯାଇଛି। ଏହି ପଦୋନ୍ନତି ଓଆରଏସପି ନିୟମ ୨୦୧୭ ର ଲେଭେଲ-୧୬ ପେ ମ୍ୟାଟ୍ରିକ୍ସ ଅନୁଯାୟୀ ଏକ ବର୍ଷ କିମ୍ବା ଓପିଏସସି ସୁପାରିସ ମିଳିବା ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହି ତାଲିକାରେ ଡା. ସ୍ନିଗ୍ଧାମୟୀ ମହାନ୍ତିଙ୍କୁ ଜଗତସିଂହପୁର, ଡା. ଅଞ୍ଜଳି ଶତପଥୀଙ୍କୁ କନ୍ଧମାଳ, ଡା. ନମିତା ପଟ୍ଟନାୟକଙ୍କୁ କେନ୍ଦ୍ରାପଡ଼ା ଓ ଡା. ପୁଷ୍ପିତା ମହାନ୍ତିଙ୍କୁ କଟକ ସିଡିଏମ ଓ ପିଏଚଓ ଭାବେ ନିଯୁକ୍ତି ଦିଆଯାଇଛି। ନୂଆ ସିଡିଏମ ଆଣ୍ଡ ପିଏଚଓ ଭାବେ ଡା. ଜେନାଙ୍କ ନିଯୁକ୍ତି ପରେ ବାଲେଶ୍ୱର ଜିଲ୍ଲାରେ ସ୍ୱାସ୍ଥ୍ୟସେବା ଓ ପ୍ରଶାସନିକ ବ୍ୟବସ୍ଥା ଆହୁରି ସୁଦୃଢ଼ ହେବ ବୋଲି ଆଶା କରାଯାଉଛି।

## ବିଭିନ୍ନ ମିଠା ଦୋକାନରେ ଖାଦ୍ୟର ଯାଞ୍ଚ

ରାଜଘାଟ, ୨୭।୫ (ସମିସ): ବସ୍ତା ବ୍ଲକ ଅନ୍ତର୍ଗତ ସନ୍ତୋଷପୁର ପଞ୍ଚାୟତର ଟୋଲଗେଟ ବଜାରର ଆଜି ପୂର୍ବାହ୍ନରେ ଉପଭୋକ୍ତା ଅଧିକାର ଆଇନର ବାଲେଶ୍ୱର ଜିଲା ଉପସଭାପତି ଶମ୍ଭୁନାଥ ଗିରିଙ୍କର ଏକ ଟିମ୍ ବିଭିନ୍ନ ମିଠା ଦୋକାନ ବୁଲି ଖାଦ୍ୟର ମାନ ଯାଞ୍ଚ କରିଥିଲେ। ଦୋକାନୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଦୋକାନର ଲାଇସେନ୍ସ ବାଧ୍ୟତାମୂଳକ ସହିତ ପରିଷ୍କାର, ପରିଚ୍ଛନ୍ନତା, ଶୁଦ୍ଧ ପାନୀୟ ଜଳ ବ୍ୟବହାର, ମାପ ଓଜନ ମେସିନର ପ୍ରତିବର୍ଷ ନବୀକରଣ କରିବା, ଉନ୍ନତ ତେଲର ବ୍ୟବହାର ଏବଂ ଏହି ତେଲ ଦୁଇ, ତିନି ଥର ସର୍ବାଧିକ ବ୍ୟବହାର କରିବା, ଖାଦ୍ୟରେ ରଙ୍ଗ ବ୍ୟବହାର ନ କରିବା ପ୍ରଭୃତି ବିଷୟରେ ସଚେତନତା ସହ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳରେ ସାଧାରଣ ଲୋକଙ୍କୁ ସଚେତନ କରାଯିବ ବୋଲି ଶ୍ରୀ ଗିରି ପ୍ରକାଶ କରିଛନ୍ତି।

## ରଜ ମହୋତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ

ଧର୍ମଶାଳା,୨୭।୫(ସମିସ): ଧର୍ମଶାଳା ବ୍ଲକ କଦମପାଳ ଗ୍ରାମର ହରିବୋଲିଆ ମଠ ପରିସରରେ ପଞ୍ଚଦଶତମ ବାର୍ଷିକ ଆଞ୍ଚଳିକ ରଜ ମହୋତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ଅଭିମନ୍ୟୁ ଧଳଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଦିରାଇଜିଂ ଷ୍ଟାର ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଉପଦେଷ୍ଟା ନିର୍ମଳ ସାମଲ, ବନମାଳୀ ଓଝା, ବିନୋଦ ବିହାରୀ ସାହୁ, ଚିତ୍ତରଞ୍ଜନ ମହାନ୍ତି, ପ୍ରଶାନ୍ତ ମହାନ୍ତି, ସୁଶ୍ରୀ ସୁସଂଗୀତା ଦେଓ, ରଜନୀକାନ୍ତ ମହାନ୍ତି, ସନାତନ ପ୍ରଧାନ,ଦେଶବନ୍ଧୁ ଜେନା, ସରୋଜ କୁମାର ବିଶ୍ୱାଳ, ଖଗେଶ୍ୱର ବେହେରା, ଭରତ ଚନ୍ଦ୍ର ପ୍ରଧାନ, ପ୍ରମୁଖଙ୍କ ସମେତ କ୍ଲବର ସଭାପତି ଅନିଲ ପ୍ରଧାନ, ସମ୍ପାଦକ ଦେବକାନ୍ତ ଜେନା ଓ ସମସ୍ତ ସଭ୍ୟ/ସଭ୍ୟା ଯୋଗଦେଇ ମହୋତ୍ସବକୁ ସରସ ସୁନ୍ଦର ତଥା ଶୃଙ୍ଖଳିତ କରିବାନେଇ ମତାମତ ପ୍ରଦାନ କରିଥିଲେ। ପହିଲି ରଜ ଜୁନ ୧୪ରୁ ଆରମ୍ଭ ହୋଇ ଚାରିଦିନ ବ୍ୟାପୀ ମହା ଆଡମ୍ବରରେ ପାଳନ କରାଯିବାକୁ ନିଷ୍ପତି କରାଯାଇଥିଲା। ଚଳିତ ବର୍ଷ ରଜ ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ବିଭିନ୍ନ ପ୍ରକାର ଦୋଳି ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରିବାକୁ ସ୍ଥିର କରାଯାଇଛି। ବୀରେନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ପାରିବାରିକ ବିବାଦକୁ କେନ୍ଦ୍ର କରି ଗଣ୍ଡଗୋଳ ଦୁଇ ଗିରଫ

ବ୍ରହ୍ମବରଦା, ୨୭।୫(ସମିସ): ବ୍ରହ୍ମବରଦା ଥାନା ଅଧୀନସ୍ଥ ରାଉତରାପୁର ପଞ୍ଚାୟତର ରତପୁର ଗ୍ରାମରେ ପାରିବାରିକ କଳହକୁ କେନ୍ଦ୍ର କରି ଗତ ଗୁରୁବାର ସକାଳେ ଘଟିଥିବା ଗଣ୍ଡଗୋଳ ଘଟଣାରେ ବ୍ରହ୍ମବରଦା ପୁଲିସ ଆଜି ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସେହି ଗ୍ରାମର ବିନୋଦ ମଲ୍ଲିକଙ୍କ ପୁଅ ସତ୍ୟସୁନ୍ଦର ମଲ୍ଲିକ(୪୧) ଓ ଦତ୍ତ ମଲ୍ଲିକଙ୍କ ପୁଅ ଟିକେ ମଲ୍ଲିକ(୪୦)। ସୂଚନା ଅନୁଯାୟୀ, ପୂର୍ବ ଶତ୍ରୁତା ଓ ପାରିବାରିକ ବିବାଦକୁ କେନ୍ଦ୍ର କରି ଦୁଇ ପରିବାର ମଧ୍ୟରେ ବଚସା ହୋଇଥିଲା। ପରେ ପରିସ୍ଥିତି ଉଗ୍ର ରୂପ ନେଇ ଉଭୟ ପକ୍ଷ ମଧ୍ୟରେ ମାରପିଟ ଘଟିଥିଲା। ଏଥିରେ ଉଭୟ ପରିବାରର ତିନିଜଣ ଗୁରୁତର ଆହତ ହୋଇଥିଲେ। ଗ୍ରାମବାସୀ ଆହତମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଧର୍ମଶାଳା ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ବଡ଼ ମେଡିକାଲକୁ ରେଫର କରାଯାଇଥିଲା।ଏନେଇ ବ୍ରହ୍ମବରଦା ଥାନାରେ ଉଭୟପକ୍ଷ ଅଭିଯୋଗ କରିଥିବା ବେଳେ ପୋଲିସ କେସ ନଂ୧୦୩/୨୬ ଓ ୧୦୬/୨୬ ଦୁଇଟି ପୃଥକ ପୃଥକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ପରେ ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ସଂପୃକ୍ତ ବ୍ୟକ୍ତିଙ୍କୁ ଧରିବା ପାଇଁ ତଦନ୍ତ ଜାରି ରଖିଛି।

## ଅଗ୍ନିକାଣ୍ଡରେ ଜଳିଗଲା ଘର

ଦଶରଥପୁର, ୨୭।୫ (ସମିସ) : ଆଜି ଦିବା ୧୧ ଘଟିକା ସମୟରେ ଦଶରଥପୁର ବ୍ଲକ ଜୟନ୍ତରା ପଞ୍ଚାୟତ ଜୁନିଦା ଗ୍ରାମର ଗଗନ ବିହାରୀ ସାହୁଙ୍କ ବାସଗୃହ ଅଗ୍ନିକାଣ୍ଡରେ ଜଳିଯାଇଛି। ରୋଷେଇ ଚୁଲିରୁ ନିଆଁ ସଂଯୋଗ ଦ୍ୱାରା ଏହି ଭୟାବ?ହ ଅଗ୍ନି କାଣ୍ଡ ଘଟିଛି ବୋଲି ଜଣାପଡିଛି। ଖବର ପାଇ ଦଶରଥପୁର ଅଗ୍ନିଶମ ବାହିନୀ ଏବଂ ସ୍ଥାନୀୟ ଲୋକେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏହି ଅଗ୍ନିକାଣ୍ଡରେ ଘରର ବହୁ ଆସବାସ ପତ୍ର ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଯାଇଛି। ଗଗନବିହାରୀ ସାହୁ ଜଣେ ଗରିବ ପରିବାର ହୋଇଥିବାରୁ ଗ୍ରାମବାସୀ ସମେତ ଜୟନ୍ତରା ସରପଞ୍ଚ ସରକାରୀ ସହାୟତା ପାଇଁ ଦାବୀ କରିଛନ୍ତି। ସମାଜସେବୀ ଅଜିତ ସାମଲ ତାଙ୍କୁ ଏକ ପାଲ ସହ ଅନ୍ୟାନ୍ୟ ସାମଗ୍ରୀ ପ୍ରଦାନ କରିଛନ୍ତି।

## ଟ୍ରେନରେ ନିଖୋଜ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର

ଦଶରଥପୁର,୨୭।୫(ସମିସ): ପତ୍ନୀଙ୍କ କଥା ରଖି ଛତିଶଗଡ଼ ରାୟପୁରରୁ ଟ୍ରେନରେ ଘରକୁ ଫେରୁଥିବା ଦଶରଥପୁର ଥାନା କସବା ଗ୍ରାମ ହାଟସାହି ଅଞ୍ଚଳର କେଶବ ଚନ୍ଦ୍ର ବେହେରାଙ୍କ ପୁଅ ପ୍ରଶାନ୍ତ ବେହେରାଙ୍କ ଗଳିତ ମୃତଦେହକୁ ସମ୍ବଲପୁର ନିକଟ ଯୁଯୁମରା ରେଳ ଧାରଣରୁ ଜିଆର୍‌ପି ପୁଲିସ ପକ୍ଷରୁ ଉଦ୍ଧାର କରାଯାଇଛି। ଖବର ଜାଣିବା ପରେ ପ୍ରଶାନ୍ତଙ୍କ ପରିବାର ଓ ତାଙ୍କ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସୂଚନାଥାଉକି ମୃତ ପ୍ରଶାନ୍ତ ବେହେରା ଛତିଶଗଡ଼ର ରାୟପୁର ଠାରେ ଥିବା ଏକ ଘରୋଇ ସଂସ୍ଥାରେ ଶ୍ରମିକ ଭାବେ କାମ କରନ୍ତି। ଘରେ ତାଙ୍କ ପତ୍ନୀ ସସ୍ମିତା, ବାପା ମା'ଙ୍କ ସମେତ ଓ ୭ବର୍ଷର ଝିଅ ଅଛନ୍ତି। ପ୍ରଶାନ୍ତ ଯାହା ରୋଜଗାର କରନ୍ତି ସେଥିରେ ଘର ଚଳିବା ସହିତ ପକ୍ଷାଘାତ ମା'ଙ୍କ ଚିକିତ୍ସା ଓ ବୃଦ୍ଧ ବାପାଙ୍କ ଯାବତୀୟ ଖର୍ଚ୍ଚ ମେଣ୍ଟେ। ପତ୍ନୀ ସସ୍ମିତା ଗର୍ଭବତୀ ରହିଥିବା ବେଳେ ମମତା ଯୋଜନାରେ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କିତ କାର୍ଯ୍ୟ ପାଇଁ ପତ୍ନୀ ୨ଦିନ ପାଇଁ ପ୍ରଶାନ୍ତଙ୍କୁ ଘରକୁ ଆସିବାକୁ କହିବାରୁ ପ୍ରଶାନ୍ତ ଗତ ୨୦ତାରିଖ ସନ୍ଧ୍ୟା ୫ଟାରେ ପୁରୀ-ଦୁର୍ଗ ଏକ୍ସପ୍ରେସ ଟ୍ରେନରେ ଘରକୁ ଯାଉଛନ୍ତି ବୋଲି ରାୟପୁର ରେଳ ଷ୍ଟେସନରୁ ଫୋନରେ ସସ୍ମିତାଙ୍କୁ କହିଥିଲେ। ଦିନ ଗଡି ଯାଇଥିଲେ ମଧ୍ୟ ପ୍ରଶାନ୍ତ ଘରେ ପହଞ୍ଚିନଥିଲେ। ଯୋଗାଯୋଗ ପାଇଁ ସସ୍ମିତା ବାରମ୍ବାର ଫୋନ କଲେ ମଧ୍ୟ ପ୍ରଶାନ୍ତଙ୍କ ମୋବାଇଲ ସୁଇଚ ଅଫ କହୁଥିଲା। ରାୟପୁରରେ କାର୍ଯ୍ୟ କରୁଥିବା ଘରୋଇ ସଂସ୍ଥା, ସାଙ୍ଗ ସାଥିଙ୍କ ସମେତ ବିଭିନ୍ନ ସ୍ଥାନରେ ଖୋଜଖବର ନେବା ସତ୍ତ୍ୱେ ପ୍ରଶାନ୍ତଙ୍କ ପତ୍ତା ମିଳିନଥିଲା। ସ୍ୱାମୀ ନିଖୋଜ ଥିବା ନେଇ ପତ୍ନୀ ସସ୍ମିତା ଦଶରଥପୁର ଥାନାରେ ଗତ ୨୩ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ପ୍ରଶାନ୍ତଙ୍କ ଫୋଟୋ ସହିତ ସେ ନିଖୋଜ ଥିବା ନେଇ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ସମ୍ବଲପୁର ଜିଆର୍‌ପି ପୁଲିସ ତାଙ୍କ ପରିବାର ଲୋକଙ୍କ ସହ ଯୋଗାଯୋଗ କରି ରେଳ ଧାରଣରୁ ଉଦ୍ଧାର କରିଥିବା ମୃତଦେହ ଚିହ୍ନଟ ପାଇଁ ଡାକିଥିଲା। ପରିବାର ଲୋକେ ସେଠାରେ ପହଞ୍ଚି ଜିଆରପି ପୁଲିସ ନିକଟରେ ଥିବା ଉଦ୍ଧାର ସମୟର ଫୋଟୋ ଏବଂ ଭିଡିଓରୁ ମୃତ ଯୁବକ ପ୍ରଶାନ୍ତ ବୋଲି ଚିହ୍ନଟ କରିଥିଲେ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ନେଇ ଅସନ୍ତୋଷ

ଚନ୍ଦନେଶ୍ୱର, ୨୭।୫ (ସମିସ)

ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅନ୍ତର୍ଗତ କାନ୍ଥଭଉଁରୀ ପଞ୍ଚାୟତରେ ଅବସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ, କାନ୍ଥଭଉଁରୀର କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଓ ଅବହେଳାପୂର୍ଣ୍ଣ କାର୍ଯ୍ୟକଳାପକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବିଦ୍ୟାଳୟ ଫାଟକରେ ତାଲା ପକାଇ କର୍ମଚାରୀମାନେ ଘରକୁ ଫେରିଯିବା ଫଳରେ ବୁଧବାର ସ୍ଥାନୀୟ ଗ୍ରାମବାସୀଙ୍କର ତିନୋଟି ବାଛୁରୀ ଛୁଆ ସକାଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ବିଦ୍ୟାଳୟ ପରିସର ଭିତରେ ଅଟକି ରହିଥିଲେ।

କୌଣସି ପ୍ରକାରେ ତିନୋଟି ବାଛୁରୀ ଛୁଆ ବିଦ୍ୟାଳୟ ପରିସର ଭିତରକୁ ପ୍ରବେଶ



କରିଥିଲେ। ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଫାଟକରେ ତାଲା ପକାଇ ବିଦ୍ୟାଳୟ ବନ୍ଦ କରି ଚାଲିଯାଇଥିଲେ। ଫଳରେ ବାଛୁରୀ ଛୁଆ ତିନୋଟି ପରିସର ମଧ୍ୟରେ ଅଟକି ଯାଇଥିଲେ। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରଭାବ ଓ ଅସହ୍ୟ ତାତି ଯୋଗୁଁ ସେମାନେ ପାଣି ପାଇଁ ଉହଲବିକଳ ହୋଇପଡ଼ିଥିଲେ। ଘଟଣା ବିଷୟରେ ଗ୍ରାମବାସୀମାନେ ଜାଣିବା ପରେ ବାଛୁରୀ ଛୁଆଙ୍କୁ ଉଦ୍ଧାର କରିବା ପାଇଁ ବିଦ୍ୟାଳୟ ଫାଟକ ଖୋଲିବାକୁ ବହୁ ଚେଷ୍ଟା କରିଥିଲେ। ମାତ୍ର ଫାଟକରେ ତାଲା ପଡ଼ିଥିବାରୁ ସେମାନଙ୍କୁ ଉଦ୍ଧାର କରାଯାଇପାରିନଥିଲା। ସକାଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ବାଛୁରୀ ଛୁଆମାନେ ଭିତରେ ଅଟକି ରହିଥିବାରୁ ଘଟଣାସ୍ଥଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ପରେ ବିଦ୍ୟାଳୟର ପିଅନ ଘଟଣାସ୍ଥଳରେ ପହଞ୍ଚି ଫାଟକ ଖୋଲିଥିଲେ। ଏହାପରେ ଗ୍ରାମବାସୀମାନେ ତିନୋଟି ବାଛୁରୀ ଛୁଆଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ନେଇଥିଲେ। ତେବେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ଓ ଖାମଖିଆଲି ମନୋଭାବକୁ ନେଇ ସ୍ଥାନୀୟ ଲୋକମାନେ କ୍ଷୋଭ ପ୍ରକାଶ କରିଥିଲେ। ଗ୍ରାମବାସୀମାନଙ୍କ କହିବା ଅନୁଯାୟୀ, ବିଦ୍ୟାଳୟ ବନ୍ଦ ପୂର୍ବରୁ ପରିସର ଭିତରେ କୌଣସି ପଶୁ କିମ୍ବା ବ୍ୟକ୍ତି ଅଟକି ରହିଛନ୍ତି କି ନାହିଁ ତାହା ଯାଞ୍ଚ କରିବା କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ଥିଲା। ମାତ୍ର ସେହି ସାମାନ୍ୟ ସତର୍କତା ଅବଲମ୍ବନ କରାଯାଇନଥିବାରୁ ଏପରି ଅମାନବିକ ପରିସ୍ଥିତି ସୃଷ୍ଟି ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଚର୍ଚ୍ଚା ଚାଲିଥିବା ବେଳେ ବିଦ୍ୟାଳୟ ପରିଚାଳନା ବ୍ୟବସ୍ଥା ପ୍ରତି ସାଧାରଣ ଲୋକଙ୍କ ମଧ୍ୟରେ ପ୍ରଶ୍ନ ଉଠିଛି।

**ଫାଟକରେ ତାଲା ପଡିବାରୁ ସାରାଦିନ ବିଦ୍ୟାଳୟ ପରିସରରେ ଅଟକି ରହିଲେ ତିନି ବାଛୁରୀ**

ସକାଳ
THE SAKALA



## ଆଦିବାସୀ ଛାତ୍ର ସଂଘ ପକ୍ଷରୁ ଦାବିପତ୍ର



ବାଲେଶ୍ୱର,୨୭।୫ (ସମିସ): ଆଦିବାସୀ ଛାତ୍ର ସଂଘ ଓ ସାନ୍ତାଳୀ ଗାଓଁତା ବାଲେଶ୍ୱରଙ୍କ ଏକ ପ୍ରତିନିଧି ଦଳ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସହିତ ଭେଟି ସାନ୍ତାଳୀ ଭାଷାରେ ବି.ଏ ପାଠ୍ୟକ୍ରମ ଆରମ୍ଭ କରିବା ସହ ଏହି ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସମସ୍ତ ଡିଗ୍ରୀ କଲେଜରେ ସାନ୍ତାଳୀକୁ ଏମଆଇଏଲ (ମଡର୍ଣ୍ଣ ଇଣ୍ଡିଆନ ଲାଙ୍ଗୁଏଜ) ବିଷୟ ଭାବେ ଚାଲୁ କରିବାକୁ ଦାବି କରିଛନ୍ତି। ଏହି ସନ୍ଦର୍ଭରେ ଏକ ସ୍ମାରକପତ୍ର ଉପକୁଳପତିଙ୍କୁ ଦିଆଯାଇଥିଲା। ଯେଉଁଥିରେ ସାନ୍ତାଳୀ ଭାଷାର ଶିକ୍ଷାଗତ ଓ ସାଂସ୍କୃତିକ ଗୁରୁତ୍ୱକୁ ଉଲ୍ଲେଖ କରାଯାଇଛି। ପ୍ରତିନିଧିମାନେ କହିଛନ୍ତି ଯେ,ସାନ୍ତାଳୀ ଭାଷାକୁ ଉଚ୍ଚ ଶିକ୍ଷାରେ ସମ୍ମିଳିତ କରିଲେ ଆଦିବାସୀ ଛାତ୍ରଛାତ୍ରୀମାନଙ୍କୁ ବିଶେଷ ଲାଭ ମିଳିବ ଓ ସେମାନଙ୍କର ଭାଷା, ସଂସ୍କୃତି ଓ ପରିଚୟକୁ ସୁରକ୍ଷିତ ଓ ସମ୍ବର୍ଦ୍ଧିତ କରିପାରିବ। ସେମାନେ ଶୀଘ୍ର ଏହି ପଦକ୍ଷେପ ନେବାକୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆବଶ୍ୟକ କାର୍ଯ୍ୟକଳାପ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। କୁଳପତି ଏହି ଦାବିକୁ ସକାରାତ୍ମକ ଭାବେ ବିଚାର କରିବେ ବୋଲି ଆଶ୍ୱାସନ ଦେଇଛନ୍ତି। ଏହି ଅବସରରେ ବାଲେଶ୍ୱର ଆଦିବାସୀ ଛାତ୍ର ସଂଘର ସଭାପତି ଶିବରାମ ମୁର୍ମୁ, ପ୍ରଦୀପ ମାରାଣ୍ଡି, ଯମୁନା ମାଝି, ଦୁଲାରୀ ହେମ୍ବ୍ରମ, ସନତ ମାଝୀ, ଗଣେଶ ଚନ୍ଦ୍ର ସୋରେନ ଓ ସାନ୍ତାଳୀ ଗାଓଁତା ର ସଭାପତି ଯଦୁନାଥ ହାଁସଦା, ରାଇକାନ୍ ବେସ୍ରା, ଜୟକୃଷ୍ଣ କିସ୍କୁ, ରାମଚନ୍ଦ୍ର ହାଁସଦା, ମହେଶ୍ୱର ମୁର୍ମୁ, ଲଖିରମ୍ ହାଁସଦା ପ୍ରମୁଖ ଉପସ୍ଥିତ ରହିଥିଲେ।

## ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



ବାଲେଶ୍ୱର,୨୭।୫(ସମିସ): ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ପ୍ରୟାସରେ ଚିଡେଇ ଗ୍ରାମ ପଂଚାୟତ ଅନ୍ତର୍ଗତ ସଭା ଗୃହ ଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆର.ଡି.ସି ବାହାନଗା ସହଯୋଗରେ ଗ୍ରାମ୍ୟ ସ୍ୱେଚ୍ଛାସେବୀଙ୍କ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଆର.ଡି.ସି, ବାହାନଗା ଓ ବାହାନଗା ପଞ୍ଚାୟତ ସମିତିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାତ ଦିନ ବ୍ୟାପୀ ଅନୁଷ୍ଠିତ ଏହି ଶିବିର ଜିଲ୍ଲା ଜରୁରିକାଳୀନ ବିଭାଗ ଦ୍ୱାରା ଆୟୋଜିତ ହେଉଛି। ଏହି ଶିବିରରେ ବାହାନଗା ବ୍ଲକର ଚିଡେଇ ପଞ୍ଚାୟତର ୫ଟି ଗାଁର ୪୦ ଜଣ ସ୍ୱେଚ୍ଛାସେବୀ ତାଲିମ ନେଉଛନ୍ତି। ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଚିନ୍ମୟ କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପ୍ରକଳ୍ପ ସଂଯୋଜକ(ଓସଡାମା) ଅବନୀକାନ୍ତ ଭୂୟାଁ, ଆର.ଡି.ସି, ବାହାନଗା ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି ଓ ଉପ ସଭାପତି ଉପସ୍ଥିତ ଥିଲେ। ପ୍ରତ୍ୟେକ ଜୀବନ ମୂଲ୍ୟବାନ ସ୍ଲୋଗାନ ଆଧାରରେ ସରକାର ଏବେ ଗ୍ରାମାଞ୍ଚଳର ସ୍ୱେଚ୍ଛାସେବୀ ଚିହ୍ନଟ କରି ତାଲିମ ଦେବା ସହ ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା ଯୋଜନା ତିଆରି କରି ତାହାର କାର୍ଯ୍ୟାନୁଷ୍ଠାନ ଉପରେ ଗୁରୁତ୍ୱ ଦେବା ସହ ଏହା ଗ୍ରାମ ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ଉପସ୍ଥିତ ଅଧିକାରୀ ମତବ୍ୟକ୍ତ କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପ୍ରିୟ ରଞ୍ଜନ ରାଉତ, ବୁବୁନ ମହାନ୍ତି ଓ ମାଧବୀଲତା ସେନାପତି ପ୍ରଶିକ୍ଷକ ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ପ୍ରାକୃତିକ ଓ ମନୁଷ୍ୟକୃତ ବିପର୍ଯ୍ୟୟର ସମ୍ଭାବନାକୁ ଆଖି ଆଗରେ ରଖି ସନ୍ଧାନ, ଉଦ୍ଧାର ଓ ପ୍ରାଥମିକ ଉପଚାର ବିଷୟରେ କୌଶଳ ମାନ ଶିକ୍ଷାଦାନ କରୁଛନ୍ତି। ଶିବିର ଆସନ୍ତା ଜୁନ ୧ ତାରିଖ ଯାଏ ଚାଲିବ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ସରସ୍ୱତୀ ଜେନା ପରିଚାଳନା କରୁଛନ୍ତି।

### ଜିଲ୍ଲାର ୮ଟି ନିର୍ବାଚନ ମଣ୍ଡଳୀରେ ବିଧାୟକ ଉନ୍ନୟନ ପାଣ୍ଠିର ସ୍ଥିତି

# ଅଧିକାଂଶ ପ୍ରକଳ୍ପ ଖାତା ଖୋଲିନି

ବାଲେଶ୍ୱର,୨୭।୫(ସମିସ)

ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାର ୮ଟି ନିର୍ବାଚନ ମଣ୍ଡଳୀରେ ଚଳିତ ମାସ ୨୨ତାରିଖ ସୁଦ୍ଧା ବିଧାୟକ ଉନ୍ନୟନ ପାଣ୍ଠିର ତାଲିକା ପ୍ରଦାନ କରାଯାଇଛି। ଏହି ତାଲିକା ଅନୁସାରେ ଅଧିକାଂଶ ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ପ୍ରକଳ୍ପର ଖାତା ଖୋଲାଯାଇ ପାରି ନଥିବା ବେଳେ କିଛି ନିର୍ବାଚନ ମଣ୍ଡଳୀରେ କାଁ ଭାଁ ପ୍ରକଳ୍ପ ନିର୍ମାଣ ଶେଷ ହୋଇଥିବା ନେଇ ତଥ୍ୟ ପ୍ରଦାନ କରାଯାଇଛି।

ତାଲିକା ଅନୁସାରେ, ବସ୍ତା ନିର୍ବାଚନ ମଣ୍ଡଳୀ ଅର୍ନ୍ତଗତ ବସ୍ତା ବିଡିଓଙ୍କ ଜରିଆରେ ଏମଏଲଏ ଲ୍ୟାଡରୁ୨୧ଟି ପ୍ରକଳ୍ପ ପାଇଁ ଚିଠା ପ୍ରଦାନ କରାଯାଇଥିବା ବେଳେ ଏହାର ମୂଲ୍ୟ ୪୪.୫୦କୋଟି ଟଙ୍କା ରହିଛି। ସେଥିରୁ ୨ଟି ପ୍ରକଳ୍ପ ବାତିଲ ହୋଇଥିବା ୧୯ଟି ପ୍ରକଳ୍ପର ଫିଜିବିଲିଟି ଟେଷ୍ଟ ପାଇଁ ପଠାଯାଇଥିଲା। ସେଥିରୁ ଦୁଇଟି ପ୍ରକଳ୍ପର ଫିଜିବିଲିଟି ରିପୋର୍ଟ ଆସିଥିବା ବେଳେ୧୭ଟି ପ୍ରକଳ୍ପ ଏ ପର୍ଯ୍ୟନ୍ତ ଝୁଲି ରହିଥିବା ବେଳେ ମାତ୍ର ଦୁଇଟି ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ହେଲେ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରି ନାହିଁ। ବାଲିଆପାଳ ବିଡିଓ ଜରିଆରେ ଏମଏଲଏ ଲ୍ୟାଡରୁ ୮ଟି ପ୍ରକଳ୍ପ ପାଇଁ ଚିଠା ପ୍ରଦାନ କରାଯାଇଥିବା ବେଳେ ଏହାର ମୂଲ୍ୟ୨୫କୋଟି ଟଙ୍କା ରହିଛି। ସେଥିରୁ୨ଟି ପ୍ରକଳ୍ପ ବାତିଲ ହୋଇଥିବା ୮ଟି ପ୍ରକଳ୍ପର ଫିଜିବିଲିଟି ଟେଷ୍ଟ ପାଇଁ ପଠାଯାଇଥିଲା। ସେଥିରୁ ୪ଟି ପ୍ରକଳ୍ପର ଫିଜିବିଲିଟି ରିପୋର୍ଟ ଆସିଥିବା ବେଳେ ୪ଟି ପ୍ରକଳ୍ପ ଏ ପର୍ଯ୍ୟନ୍ତ ଝୁଲି ରହିଥିବା ବେଳେ ୪ଟି ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ହେଲେ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରି ନାହିଁ। ସେହିପରି ଭୋଗରାଇ ନିର୍ବାଚନ ମଣ୍ଡଳୀ ଅର୍ନ୍ତଗତ ଭୋଗରାଇ ବିଡିଓ ଜରିଆରେ ଏମଏଲଏ ଲ୍ୟାଡରୁ ୨୪୪ଟି ପ୍ରକଳ୍ପ ପାଇଁ ଚିଠା ପ୍ରଦାନ କରାଯାଇଥିବା ବେଳେ ଏହାର ମୂଲ୍ୟ ୪୧୩.୨୦କୋଟି ଟଙ୍କା ରହିଛି। ସେଥିରୁ ୩୦ଟି ପ୍ରକଳ୍ପ ବାତିଲ ହୋଇଥିବା ୨୧୪ଟି ପ୍ରକଳ୍ପର ଫିଜିବିଲିଟି ଟେଷ୍ଟ ପାଇଁ ପଠାଯାଇଥିଲା। ସେଥିରୁ ୭୦ଟି ପ୍ରକଳ୍ପର ଫିଜିବିଲିଟି ରିପୋର୍ଟ ଆସିଥିବା ବେଳେ ୧୪୪ଟି ପ୍ରକଳ୍ପ ବର୍ତମାନ ପର୍ଯ୍ୟନ୍ତ ଝୁଲି ରହିଥିବା ବେଳେ ୧୯ଟି ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ହେଲେ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରି ନାହିଁ। ସେହିପରି ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅର୍ନ୍ତଗତ ଜଳେଶ୍ୱର ବିଡିଓଙ୍କ ଜରିଆରେ ଏମଏଲଏ ଲ୍ୟାଡରୁ୧୧୯ଟି ପ୍ରକଳ୍ପ ପାଇଁ ଚିଠା ପ୍ରଦାନ କରାଯାଇଥିବା ବେଳେ ଏହାର ମୂଲ୍ୟ ୩୦୬.୭୫କୋଟି ଟଙ୍କା ରହିଛି। ସେଥିରୁ ଦୁଇଟି ପ୍ରକଳ୍ପ ବାତିଲ ହୋଇଥିବା ୧୧୭ଟି ପ୍ରକଳ୍ପର ଫିଜିବିଲିଟି ଟେଷ୍ଟ ପାଇଁ ପଠାଯାଇଥିଲା। ସେଥିରୁ ୯୫ଟି ପ୍ରକଳ୍ପର ଫିଜିବିଲିଟି ରିପୋର୍ଟ ଆସିଥିବା ବେଳେ ୨୨ଟି ପ୍ରକଳ୍ପ ବର୍ତମାନ ପର୍ଯ୍ୟନ୍ତ ଝୁଲି ରହିଥିବା ବେଳେ ୯୫ଟି ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ହେଲେ ଆଜି ପର୍ଯ୍ୟନ୍ତ କେବଳ ୧୯.୫୦କୋଟି ଟଙ୍କାର ଦୁଇଟି ପ୍ରକଳ୍ପର କାର୍ଯ୍ୟ ଶେଷ ହୋଇଛି। ସେହିପରି ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅର୍ନ୍ତଗତ ବସ୍ତା ବ୍ଲକର କିଛି ଅଂଶରେ ବିଡ଼ିଓଙ୍କ ଜରିଆରେ ଏମଏଲଏ ଲ୍ୟାଡରୁ ୪୫ଟି ପ୍ରକଳ୍ପ ପାଇଁ ଚିଠା ପ୍ରଦାନ କରାଯାଇଥିବା ବେଳେ ଏହାର ମୂଲ୍ୟ ୧୩୨.୨୫କୋଟି ଟଙ୍କା ରହିଛି। ସେଥିରୁ ୪ପ୍ରକଳ୍ପ ବାତିଲ ହୋଇଥିବା ୪୧ଟି ପ୍ରକଳ୍ପର ଫିଜିବିଲିଟି ଟେଷ୍ଟ ପାଇଁ ପଠାଯାଇଥିଲା। ସେଥିରୁ ୨୧ଟି ପ୍ରକଳ୍ପର ଫିଜିବିଲିଟି ରିପୋର୍ଟ ଆସିଥିବା ବେଳେ ୨୦ଟି ପ୍ରକଳ୍ପ ବର୍ତମାନ ପର୍ଯ୍ୟନ୍ତ ଝୁଲି ରହିଥିବା ବେଳେ ୨୧ଟି ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ହେଲେ ଗୋଟିଏ ବି ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ସେହିପରି ନୀଳଗିରି ନିର୍ବାଚନ ମଣ୍ଡଳୀରେ ଏମଏଲଏ ଲ୍ୟାଡରୁ ମୋଟ ୧୭୫ଟି ପ୍ରକଳ୍ପ ପାଇଁ ଚିଠା ପ୍ରଦାନ କରାଯାଇଥିବା ବେଳେ ଏହାର ମୂଲ୍ୟ ୩୯୬.୮୮କୋଟି ଟଙ୍କା ରହିଛି। ସେଥିରୁ ୧୪ଟି ପ୍ରକଳ୍ପ ବାତିଲ ହୋଇଥିବା ୧୬୦ଟି ପ୍ରକଳ୍ପର ଫିଜିବିଲିଟି ଟେଷ୍ଟ ପାଇଁ ପଠାଯାଇଥିଲା। ସେଥିରୁ ୯୧ଟି ପ୍ରକଳ୍ପର ଫିଜିବିଲିଟି ରିପୋର୍ଟ ଆସିଥିବା ବେଳେ ୬୯ଟି ପ୍ରକଳ୍ପ ବର୍ତମାନ ପର୍ଯ୍ୟନ୍ତ ଝୁଲି ରହିଥିବା ବେଳେ ୯୧ଟି ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ହେଲେ ଆଜି ପର୍ଯ୍ୟନ୍ତ କେବଳ ୧୦କୋଟି ଟଙ୍କାର ଦୁଇଟି ପ୍ରକଳ୍ପର କାର୍ଯ୍ୟ ଶେଷ ହୋଇଛି। ସେହିପରି ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀରେ ଏମଏଲଏ ଲ୍ୟାଡରୁ ମୋଟ ୧୯୬ଟି ପ୍ରକଳ୍ପ ପାଇଁ ଚିଠା ପ୍ରଦାନ କରାଯାଇଥିବା ବେଳେ ଏହାର ମୂଲ୍ୟ ୩୨୯.୫୦କୋଟି ଟଙ୍କା ରହିଛି। ସେଥିରୁ ୯ଟି ପ୍ରକଳ୍ପ ବାତିଲ ହୋଇଥିବା ୧୮୭ଟି ପ୍ରକଳ୍ପର ଫିଜିବିଲିଟି ଟେଷ୍ଟ ପାଇଁ ପଠାଯାଇଥିଲା। ସେଥିରୁ ୧୫୯ଟି ପ୍ରକଳ୍ପର ଫିଜିବିଲିଟି ରିପୋର୍ଟ ଆସିଥିବା ବେଳେ୨୮ଟି ପ୍ରକଳ୍ପ ବର୍ତମାନ ପର୍ଯ୍ୟନ୍ତ ଝୁଲି ରହିଥିବା ବେଳେ ୧୪୮ଟି ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ହେଲେ ଆଜି ପର୍ଯ୍ୟନ୍ତ ଗୋଟିଏ ବି ପ୍ରକଳ୍ପର କାର୍ଯ୍ୟ ଆରମ୍ଭ କରାଯାଇପାରି ନାହିଁ। ସେହିପରି ସିମୁଳିଆ ନିର୍ବାଚନ ମଣ୍ଡଳୀରେ ଏମଏଲଏ ଲ୍ୟାଡରୁ ମୋଟ ୮ଟି ପ୍ରକଳ୍ପ ପାଇଁ ଚିଠା ପ୍ରଦାନ କରାଯାଇଥିବା ବେଳେ ଏହାର ମୂଲ୍ୟ ୫୧କୋଟି ଟଙ୍କା ରହିଛି। ସେଥିରୁ ୭ଟି ପ୍ରକଳ୍ପର ଫିଜିବିଲିଟି ଟେଷ୍ଟ ପାଇଁ ପଠାଯାଇଥିବା ବେଳେ ୨ଟି ପ୍ରକଳ୍ପର ରିପୋର୍ଟ ଆସିଛି। ୫ଟି ପ୍ରକଳ୍ପ ବର୍ତମାନ ପର୍ଯ୍ୟନ୍ତ ଝୁଲି ରହିଥିବା ବେଳେ ୨ଟି ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ହେଲେ ୧୦କୋଟି ଟଙ୍କା ମୂଲ୍ୟର ଗୋଟିଏ ପ୍ରକଳ୍ପ ଶେଷ ହୋଇଛି। ସେହିପରି ସୋର ନିର୍ବାଚନ ମଣ୍ଡଳୀରେ ଏମଏଲଏ ଲ୍ୟାଡରୁ ମୋଟ ୧୯୫ଟି ପ୍ରକଳ୍ପ ପାଇଁ ଚିଠା ପ୍ରଦାନ କରାଯାଇଥିବା ବେଳେ ଏହାର ମୂଲ୍ୟ ୫୦୭.୫୯କୋଟି ଟଙ୍କା ରହିଛି। ସେଥିରୁ ୭ଟି ପ୍ରକଳ୍ପ ବାତିଲ ହୋଇଥିବା ବେଳେ୧୮୮ଟି ପ୍ରକଳ୍ପର ଫିଜିବିଲିଟି ଟେଷ୍ଟ ପାଇଁ ପଠାଯାଇଛି। ସେଥିମଧ୍ୟରୁ ୧୦୨ଟି ପ୍ରକଳ୍ପର ରିପୋର୍ଟ ଆସିଛି। ୮୬ଟି ପ୍ରକଳ୍ପ ବର୍ତମାନ ପର୍ଯ୍ୟନ୍ତ ଝୁଲି ରହିଥିବା ବେଳେ ୧୦୨ଟି ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ହେଲେ ୧୧କୋଟି ଟଙ୍କା ମୂଲ୍ୟର ଦୁଇଟି ପ୍ରକଳ୍ପ ଶେଷ ହୋଇଛି। ସେହିପରି ରେମୁଣା ନିର୍ବାଚନ ମଣ୍ଡଳୀରେ ଏମଏଲଏ ଲ୍ୟାଡରୁ ମୋଟ ୧୬୯ଟି ପ୍ରକଳ୍ପ ପାଇଁ ଚିଠା ପ୍ରଦାନ କରାଯାଇଥିବା ବେଳେ ଏହାର ମୂଲ୍ୟ ୩୫୨.୭କୋଟି ଟଙ୍କା ରହିଛି। ସେଥିରୁ ୧୧ଟି ପ୍ରକଳ୍ପ ବାତିଲ ହୋଇଥିବା ବେଳେ୧୫୮ଟି ପ୍ରକଳ୍ପର ଫିଜିବିଲିଟି ଟେଷ୍ଟ ପାଇଁ ପଠାଯାଇଛି। ସେଥିମଧ୍ୟରୁ ୪୦ଟି ପ୍ରକଳ୍ପର ରିପୋର୍ଟ ଆସିଛି। ୧୧୮ଟି ପ୍ରକଳ୍ପ ବର୍ତମାନ ପର୍ଯ୍ୟନ୍ତ ଝୁଲି ରହିଥିବା ବେଳେ ୨୨ଟି ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ହେଲେ ଗୋଟିଏ ବି ପ୍ରକଳ୍ପର କାର୍ଯ୍ୟ ଆରମ୍ଭ କରାଯାଇ ପାରି ନାହିଁ।

## ଆରପିଟି ପୁରସ୍କାର କାର୍ଯ୍ୟକ୍ରମ



ବାଲେଶ୍ୱର,୨୭।୫(ସମିସ): ଜିଲ୍ଲା ଶିକ୍ଷାଅଧିକାରୀ ବସନ୍ତ କୁମାର ନାୟକ,ଡିପିଇଓ ଚନ୍ଦ୍ରକାନ୍ତ ଘୋଡାଇ ଏବଂ ଏମପିଏସର ଗାଇଡ କ୍ୟାପଟେନ ଜ୍ୟୋତ୍ସ୍ନାରାଣୀ ପାଣିଗ୍ରାହୀଙ୍କ ମାର୍ଗଦର୍ଶନରେ ଗତ ୨୧ତାରିଖରେ ଭୁବନେଶ୍ୱର ସ୍ଥିତ ଲୋକସେବା ଭବନରେ ଅନୁଷ୍ଠିତ ରାଜ୍ୟପାଳଙ୍କ ଆରପିଟି ପୁରସ୍କାର ବିତରଣୀ ଉତ୍ସବରେ ପ୍ରତିନିଧିତ୍ୱ ଏବଂ ପୁରସ୍କାର ଗ୍ରହଣ କରିବା ପାଇଁ ସମଗ୍ର ଜିଲ୍ଲାରୁ ୫୨୬ଜଣ ରାଜ୍ୟ ପୁରସ୍କାର ପରୀକ୍ଷାରେ ଉତିର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ମଡର୍ଣ୍ଣ ପବ୍ଲିକ ସ୍କୁଲର ୧୩ଜଣ ମଡର୍ଣ୍ଣାଇଟ ସ୍କାଉଟ ଏବଂ ଗାଇଡର ଛାତ୍ରଛାତ୍ରୀଙ୍କୁ ମନୋନିତ କରାଯାଇଥିଲା। ସେମାନେ ହେଲେ ଚନ୍ଦନ ପଟ୍ଟନାୟକ, ଧ୍ରୁବ ସଙ୍କଳ୍ପ ମଲ୍ଲିକ, ଖୀରୋଦ ବେହେରା, ସୌମ୍ୟରଞ୍ଜନ ଦାସ,ସିଦ୍ଧାର୍ଥ ବେହେରା,ସୃଜଲ ଦାଶ,ସ୍ୱାଧୀନଦାସ ସ୍ୱାଇଁ,ସ୍ୱାଧୀନ ସ୍ପନ୍ଦନ ପଣ୍ଡା,ଆକାଂକ୍ଷା ଗୌଧୁରୀ, ପଦ୍ମଜା ବିଶ୍ୱାଳ,ରାଜଲକ୍ଷ୍ମୀ ମହାପାତ୍ର,ଶ୍ରେୟାସି ରାଉତ ଏବଂ ସୁକନ୍ୟା ଦାସ। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ଡକ୍ଟର ହରିବାବୁ କାମ୍ଭମ୍ପତି ମୁଖ୍ୟ ଅତିଥିଭାବେ ଯୋଗଦେଇ ଅଧ୍ୟକ୍ଷତା କରିଥିଲେ। ଏଥିରେ ଗଣଶିକ୍ଷାମନ୍ତ୍ରୀ ନିତ୍ୟନନ୍ଦ ଗଣ୍ଡ ଏବଂ ସ୍କାଉଟ୍ସ ଓ ଗାଇଡ୍ସର ମୁଖ୍ୟ କମିଶନର କାଳିପ୍ରସାଦ ମିଶ୍ର ଉପସ୍ଥିତ ଥିଲେ। ପରେ ରାଜ୍ୟପାଳ ମଡର୍ଣ୍ଣ ପବ୍ଲିକ ସ୍କୁଲର ମଡର୍ଣ୍ଣାଇଟ ସ୍କାଉଟ୍ସ ଓ ଗାଇଡ୍ସର ପାଟ୍ରୋଲ ଲିଡର ସ୍ୱାଧୀନ ସ୍ପନ୍ଦନ ପଣ୍ଡା ଏବଂ ସୁକନ୍ୟା ଦାସଙ୍କ ହାତରେ ରାଜ୍ୟ ପୁରସ୍କାର ଏବଂ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ସ୍କୁଲର ଅଧ୍ୟକ୍ଷା ନୀତା ଖଣ୍ଡେଲୱାଲ ବ୍ୟକ୍ତିଗତ ଭାବେ ତାଙ୍କ ଦଳକୁ ଭେଟିବା ସହ ସେମାନଙ୍କୁ ଉତ୍ସାହିତ କରିଥିଲେ।

## ଟ୍ରେନରୁ ଖସିପଡ଼ି ଯୁବକ ମୃତ

ରାଜଘାଟ, ୨୭।୫ (ସମିସ): ଦକ୍ଷିଣପୂର୍ବ ରେଳପଥର ରାଜଘାଟ ରେଳ ଷ୍ଟେସନ ଅନତି ଦୂର ଗଳାପୋଲ ନିକଟରେ ଟ୍ରେନରୁ ଖସିପଡ଼ି ଜନୈକ ଯୁବକର ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ପଶ୍ଚିମବଙ୍ଗ ରାୟପୁର ବାଙ୍କୁରା ଅଞ୍ଚଳର ସୁଶାନ୍ତ ହାଁସଦା(୧୮)। ସୁଶାନ୍ତ ଚେନ୍ନାଇ-ହାୱଡ଼ା କରମଣ୍ଡଳ ଏକ୍ସପ୍ରେସ୍ ଟ୍ରେନରେ ଘରକୁ ଫେରୁଥିଲେ। ଆଜି ସକାଳେ ଟ୍ରେନଟି ରାଜଘାଟ ଷ୍ଟେସନ ଅତିକ୍ରମ କରିବା ପରେ ସୁଶାନ୍ତ ଉକ୍ତ ଗଳାପୋଲ ନିକଟରେ ଅସାବଧାନତା ବସତଃ ଟ୍ରେନରୁ ଖସିପଡ଼ିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବସ୍ତା ହସ୍ପିଟାଲକୁ ନିଆଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜିଆରପି ପୁଲିସ ପହଞ୍ଚି ଅପମୃତ୍ୟୁ ମାମଲା ୪୬/୨୬ ରୁଜୁ କରି ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଭାସ୍କର୍ଯ୍ୟ ଶିଳ୍ପୀ ଉପେନ୍ଦ୍ରଙ୍କ ନାମରେ ବ୍ୟବସାୟ କରୁଛନ୍ତି ଅନ୍ୟ ଶିଳ୍ପୀ

ରେମୁଣା, ୨୭।୫ (ସମିସ): ରାଷ୍ଟ୍ରପତି ଓ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଭାସ୍କର୍ଯ୍ୟ ଶିଳ୍ପୀ ଉପେନ୍ଦ୍ର ଗିରିଙ୍କ ନାମ ଧରି ବ୍ୟବସାୟ କରୁଛନ୍ତି ଅନ୍ୟ ଶିଳ୍ପୀ, ଏମିତି ଏକ ଅଭିଯୋଗ ହେଇଛି ସଦର ଥାନାରେ। ଉପେନ୍ଦ୍ର କୁରୁଡ଼ାସ୍ଥିତ ନୋଡି ଠାରେ ଏକ ପଥର ଖୋଦେଇ କାରଖାନା କରିଛନ୍ତି। ସେ ତାଙ୍କର ବହୁ ଦିନର ପରିଶ୍ରମ କଷ୍ଟ ଫଳରେ ସେ ଆଜି ପଥର ଖୋଦେଇ ବ୍ୟବସାୟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଏହାର ଫାଇଦା ଉଠାଉଛନ୍ତି ତାଙ୍କର ପରିଚୟ ଦେଇ ଅନ୍ୟ ବ୍ୟବସାୟୀ। ଉପେନ୍ଦ୍ରଙ୍କ ଅଭିଯୋଗ ଅନୁସାରେ କୁରୁଡ଼ା ପେଟ୍ରୋଲ ପମ୍ପ ସମ୍ମୁଖରେ ଥିବା ଅନ୍ୟ ଏକ ପଥର ଖୋଦେଇ କାରଖାନାର ମାଲିକ ଉପେନ୍ଦ୍ରଙ୍କ ଗ୍ରହକଙ୍କୁ ଫୋନ୍ କରି ନିଜ ଭାଇ ବୋଲି ପରିଚୟ ଦେଇ ମୋତେ କାମ ଦିଅନ୍ତୁ ବୋଲି କହୁଛନ୍ତି। କିଛି ଗ୍ରାହକ ମାନେ ସତ ଜାଣିପାରି ଉପେନ୍ଦ୍ରଙ୍କ ଉପରେ ବିରକ୍ତି ପ୍ରକାଶ କରୁଛନ୍ତି। ଯାହା ଫଳରେ ଉପେନ୍ଦ୍ରଙ୍କ ବହୁ ଗ୍ରାହକ ଭାଙ୍ଗି ଯାଉଥିବାବେଳେ ଆଉ କିଛି ଠକାମୀର ଶିକାର ହେଉଥିବାର ଜଣାପଡୁଛି। ଏ ନେଇ ଉପେନ୍ଦ୍ର ଆଜି ସଦର ଥାନାରେ ଏକ ଲିଖିତ ଏତଲା ଦେଇଛନ୍ତି। ଏ ନେଇ ସଦର ଥାନା ଆଇ ଆଇ ସି ଅଜୟ ମୁର୍ମୁଙ୍କୁ ପଚାରିବାରୁ ପ୍ରାଥମିକ ସ୍ତରରେ ଆପୋଷ ବୁଝାମଣା କରାଯିବାର ପ୍ରୟାସ ରହିଥିବାବେଳେ ଯଦି ଏଥିରେ ସମାଧାନ ନ ହୁଏ ତେବେ ପରବର୍ତ୍ତୀ ମୁହୂର୍ତ୍ତରେ କେଶ କରାଯାଇ ତଦନ୍ତ କରାଯିବ ବୋଲି କହିଛନ୍ତି।

## ମୋଟର ସାଇକଲ ଚୋରି ଅଭିଯୋଗ

ବାଲେଶ୍ୱର,୨୭।୫(ସମିସ): ବାଲେଶ୍ୱର ସହରରେ ଏବେ ଦିନକୁ ଦିନ ଚୋରି ବୃଦ୍ଧି ପାଇବାରେ ଲାଗିଛି। ଆଜି ମଧ୍ୟାହ୍ନରେ ଫାଣ୍ଡିଛକ ସ୍ଥିତ ଜିଲ୍ଲା ଦୌରାଜଜଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଏକ ବାଇକ ଚୋରି ହୋଇଛି। ଏ ନେଇ ସହଦେବଖୁଂଟା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅନନ୍ତପୁର ଥାନା ଅର୍ନ୍ତଗତ ଗୋପାଳପୁର ଅଂଚଳର ଅକ୍ଷୟ କୁମାର ନାୟକ କୋର୍ଟ ସମ୍ମୁଖରେ ଓଡ଼ି୦୧ଏଏଫ ୩୧୫୨ନମ୍ବର ବିଶିଷ୍ଟ ତାଙ୍କର ବାଇକ ରଖି କୋର୍ଟକୁ କୌଣସି ଏକ କାର୍ଯ୍ୟରେ ଯାଇଥିଲେ। କୋର୍ଟ କାର୍ଯ୍ୟ ସାରି ଫେରିବା ପରେ ସେଠାରେ ତାଙ୍କ ଗାଡି ନଥିବା ଦେଖିବାକୁ ପାଇଥିଲେ। ବହୁ ଖୋଜାଖୋଜି କରିବା ପରେ ସେ ତାଙ୍କୁ ଗାଡି ନପାଇବାରୁ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

### ଛାତ୍ରଙ୍କ କୃତିତ୍ୱ



ଶ୍ରୀ ମାନସ ରଂଜନ ସାହୁ ବାଲେଶ୍ୱର ଜିଲ୍ଲା, ବସ୍ତା ବ୍ଲକ, ଚଣ୍ଡିପୁର ଗ୍ରାମର ପ୍ରଥମ ଛାତ୍ର ହିସାବରେ ସର୍ବ ଭାରତୀୟ ସ୍ତରରେ IIT JAM ପରୀକ୍ଷାରେ ୩୦୮ Rank ରଖି IIT Madras ରେ ପଢ଼ିବା ପାଇଁ ମନୋନୀତ ହୋଇଛନ୍ତି। ଏହା ପୂର୍ବରୁ ସେ ରାଉରକେଲା N I T ରେ ଅଧ୍ୟୟନରତ ଥିଲେ। ଶ୍ରୀ ମାନସ ରଂଜନ ସାହୁ ଏକ ମଧ୍ୟବିତ ପରିବାରରୁ ଆସି ଏହି ସଫଳତା ଅର୍ଜନ କରିଛନ୍ତି। ସେ ବାଲେଶ୍ୱର ଜିଲ୍ଲା, ବସ୍ତା ବ୍ଲକ ଚଣ୍ଡିପୁର ଗ୍ରାମନିବାସୀ ଶ୍ରୀଯୁକ୍ତ ବଂଶୀଧର ସାହୁଙ୍କ ନାତି (ବଡ଼ପୁଅ ଭାନୁ ଚରଣ ସାହୁ ଏବଂ ସସ୍ମିତାରାଣୀ ସାହୁଙ୍କ ଏକମାତ୍ର ପୁତ୍ର) ଅଟନ୍ତି। ତାଙ୍କର ଏହି ସଫଳତା ପାଇଁ ନିଜର ଅଧ୍ୟବସାୟ, ପରିଶ୍ରମ ଏବଂ ଜେଜେ ବାପା-ଜେଜେମା, ଅଜା-ଆଈ, ଦାଦା-ଖୁଡ଼ୀ, ମାମୁଁ-ମାଇଁ ଏବଂ ସର୍ବୋପରି ଶିକ୍ଷାନୁଷ୍ଠାନର ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ଶ୍ରେୟ ଦେଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ଅଂଚଳବାସୀ ଗର୍ବଅନୁଭବ କରିଛନ୍ତି।

# ଅସହାୟଙ୍କ ମୁହଁରେ ଆହାର ଯୋଗାଉଛନ୍ତି ମନୋରଞ୍ଜନ

ବାଲେଶ୍ୱର,୨୭।୫ (ସମିସ)



"ମାନବ ସେବା ହିଁ ପରମ ଧର୍ମ'। ଏହି ଉକ୍ତିକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଛନ୍ତି ବାଲେଶ୍ୱର ବାଲିଆ ଅଞ୍ଚଳର ମନୋରଞ୍ଜନ ସ୍ୱାଇଁ। ଦୀର୍ଘ ୧୫ ବର୍ଷ ହେବ ନିଜର ଏକ ଛୋଟ ପୋଷାକ ଦୋକାନରୁ ଯାହା କିଛି ରୋଜଗାର ହୁଏ, ସେଥିରୁ ପ୍ରତିଦିନ ରାସ୍ତା କଡ଼ରେ ଥିବା ଅସହାୟ, ବୃଦ୍ଧ, ଭିନ୍ନକ୍ଷମ ଏବଂ କ୍ଷୁଧାର୍ଥ ଲୋକଙ୍କ ପାଇଁ ଅନ୍ନ ସଂସ୍ଥାନ କରିଆସୁଛନ୍ତି ଏହି ବ୍ୟକ୍ତି। ୨୦୧୧ ମସିହାରୁ ଆରମ୍ଭ ହୋଇଥିବା ଏହି ମହତ କାର୍ଯ୍ୟ ଆଜି ବି ନିରନ୍ତର ଜାରି ରହିଛି। ମନୋରଞ୍ଜନଙ୍କ ଏହି ସେବା କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ କରନ୍ତି ତାଙ୍କ ଧର୍ମପତ୍ନୀ ମାଣିକମାଳା ସ୍ୱାଇଁ। ପ୍ରତିଦିନ ସେ ବଜାରରୁ ତାଜା ପନିପରିବା ଆଣିବା ପରେ, ତାଙ୍କ ପତ୍ନୀ ଅତି ଶ୍ରଦ୍ଧାର ସହ ପ୍ରାୟ ୩୦ ରୁ ୪୦ ଜଣଙ୍କ ପାଇଁ ସ୍ୱାଦିଷ୍ଟ ଡାଲମା ଏବଂ ଭାତ ପ୍ରସ୍ତୁତ କରନ୍ତି। ଦ୍ୱିପ୍ରହର ୧୨ଟାରୁ ୧ଟା ମଧ୍ୟରେ ରୋଷେଇ ସରିବା ପରେ ମନୋରଞ୍ଜନ ନିଜ ବାଇକ୍‌ରେ ବାହାରି ପଡ଼ନ୍ତି ସେହି ଅସହାୟମାନଙ୍କ ସନ୍ଧାନରେ ଯେଉଁମାନଙ୍କର ଏ ଦୁନିଆରେ କେହି ନାହାନ୍ତି। ସହରର ବିଭିନ୍ନ ଛକ, ଓଭରବ୍ରିଜ୍ ତଳ ଏବଂ କୁଡ଼ିଆ ଘରେ ରହୁଥିବା ଅତି ଗରିବ, ଚାଲିବାକୁ ଅକ୍ଷମ ଥିବା ବୃଦ୍ଧା ଏବଂ କୋଳରେ ଶିଶୁ ଧରି ବସିଥିବା ମାଆମାନଙ୍କ ପାଖକୁ ଯାଇ ସେ ନିଜ ହାତରେ ଗରମ ଗରମ ଅନ୍ନ ପରଷି ଦିଅନ୍ତି। ଏନେଇ ସେ କହିଛନ୍ତି ଯେ,ଏସବୁ ମହାପ୍ରଭୁ ଜଗନ୍ନାଥଙ୍କ ଇଚ୍ଛାରେ ହିଁ ଚାଲିଛି। ଯେପର୍ଯ୍ୟନ୍ତ ମୋ ଶରୀରରେ ଶକ୍ତି ଅଛି, ମୁଁ ଏହି ସେବା କାର୍ଯ୍ୟ ଜାରି ରଖିବି। ଏଥିରେ ମୁଁ କେବେ ହେଲେ କ୍ଲାନ୍ତି ଅନୁଭବ କରେନାହିଁ, ବରଂ ଏହା ମୋତେ ଆଗକୁ ବଢ଼ିବା ପାଇଁ ଆଇବଳ ଦିଏ। ପରିବାରର ସମସ୍ତେ ମୋତେ ଏଥିରେ ସାହାଯ୍ୟ କରନ୍ତି। ମନୋରଞ୍ଜନଙ୍କ ପତ୍ନୀ ମାଣିକମାଳାଙ୍କ କହିବା ଅନୁସାରେ, ରାସ୍ତା କଡ଼ରେ ଥିବା ଅସହାୟ ଲୋକମାନେ ଖାଇବାକୁ ପାଉ ନଥିବା ବେଳେ, ସେମାନଙ୍କ ପାଇଁ ନିଜ ହାତରେ ରୋଷେଇ କରି ଅନ୍ନ ଯୋଗାଇବାରେ ମୋତେ ଅଶେଷ ସନ୍ତୋଷ ଓ ଖୁସି ମିଳିଥାଏ। ଆମର ଏହି ପ୍ରୟାସରେ କେବେ ବି କୌଣସି ଅଭାବ କିମ୍ବା ଅସୁବିଧା ଦେଖାଦେଇ ନାହିଁ। ଏହିଭଳି ନିସ୍ୱାର୍ଥପର କାର୍ଯ୍ୟ ପାଇଁ ମନୋରଞ୍ଜନଙ୍କୁ ପୂର୍ବରୁ 'ହେଲୋ କିଡ୍‌ଜ ସାଇ କୃଷ୍ଣା ସ୍କୁଲ୍' ପକ୍ଷରୁ "ଅନ୍ନ ସେବା ସମ୍ମାନ'ରେ ମଧ ସମ୍ମାନିତ କରାଯାଇଛି। ଆଜିର ସ୍ୱାର୍ଥପର ସମାଜରେ ମନୋରଞ୍ଜନ ଏବଂ ତାଙ୍କ ପରିବାରର ଏହି ମହତ ପ୍ରୟାସ ସତରେ ସମସ୍ତଙ୍କ ପାଇଁ ଏକ ପ୍ରେରଣା।







## ମଞ୍ଜୁରୀପ୍ରାପ୍ତ ସମନ୍ୱିତ ବହୁମୁଖୀ ପ୍ରକଳ୍ପ ପୂର୍ବ ନିର୍ଦ୍ଧାରିତ ସ୍ଥାନରେ ନିର୍ମାଣ ଦାବି

ବାଲେଶ୍ୱର,୨୭।୫(ସମିସ): ବାଲେଶ୍ୱରରେ ମଞ୍ଜୁରୀପ୍ରାପ୍ତ ସମନ୍ୱିତ ବହୁମୁଖୀ ପ୍ରକଳ୍ପ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ରେମୁଣା ତହସିଲ ଅଧିନ ଦହପଡା ମୌଜାର ଖାତା ନମ୍ବର ୧୪୫,ପ୍ଲଟ ନମ୍ବର ୩୪୮/୯୭୦ରେ ୯ଏକର ଏବଂ ପ୍ଲଟ ନମ୍ବର ୩୮୭/୯୭୧ରେ ୧୧ଏକରକୁ ମିଶାଇ ମୋଟ ୨୦ଏକର ପରିମିତ ଜମିକୁ ବାଲେଶ୍ୱର ସବଡିଭିଜନସ୍ତରୀୟ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ୨୦୧୯ମସିହା ଜୁନ ମାସ ୨୦ତାରିଖରେ ତାହା ଉପଯୁକ୍ତ ବୋଲି ଦର୍ଶାଇବା ସହ ଏହାକୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ନାମରେ ୨୦୧୯ମସିହାରେ କରାଯାଇଥିଲା। ହେଲେ ତାହା ଏବେ ନୀଳଗିରିକୁ ସ୍ଥାନାନ୍ତରିତ କରାଯାଉଛି। ଏହାକୁ ବିରୋଧ କରି ଆଜି ଜିଲ୍ଲା ବରିଷ୍ଠ ନାଗରିକ ମଂଚ ପକ୍ଷରୁ ଜିଲ୍ଲାପାଳଙ୍କୁ ଭେଟି ଆଲୋଚନା କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ କୁହାଯାଇଛି ଯେ,୨୦୨୦ମସିହା ଜୁଲାଇ ମାସ ୫ତାରିଖରେ ରେମୁଣା ତହସିଲଦାରଙ୍କୁ ଜମିର ସୀମା ନିର୍ଦ୍ଧାରଣ ଓ ହସ୍ତାନ୍ତର ଏବଂ ଇଡକୋ ବାଲେଶ୍ୱର ଡିଭିଜନର ମୁଖ୍ୟଙ୍କୁ ଜମିର ଅଧିକାର ଦେବା ପାଇଁ କୁହାଯାଇଥିଲା। ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗର ପତ୍ରସଂଖ୍ୟା ୬୮୧୦ ଅନୁସାରେ ତାହା ଜିଲ୍ଲା ଖଣି ପାଣ୍ଠି ଉପଯୋଗ କରି ଏହି ପ୍ରକଳ୍ପ ନିର୍ମାଣ କରିବାକୁ ଜିଲ୍ଲାପାଳଙ୍କୁ କୁହାଯାଇଥିଲା। ଏପରିକି ତତକାଳୀନ ଜିଲ୍ଲାପାଳ ଉକ୍ତ ପାଣ୍ଠିରେ ଆବଶକୀୟ ଅର୍ଥ ନଥିବାରୁ ପ୍ରକଳ୍ପ ନିର୍ମାଣ ପାଇଁ ପାଣ୍ଠି ଯୋଗାଇଦେବାକୁ ଅନୁରୋଧ କରିଥିଲେ। ହେଲେ ପରବର୍ତି ସମୟରେ ବିଭିନ୍ନ କାରଣ ଦର୍ଶାଇ ଦହପଡା ଜମି ଅନୁପଯୁକ୍ତ ଦର୍ଶାଇ ସମଲପୁରରେ ପ୍ରକଳ୍ପ ପାଇଁ ୧୨ଏକର ୫୦ଡିସିମିଲ ଚୟନ କରାଯାଇଥିଲା। ପରବର୍ତି ସମୟରେ ତାହାକୁ ମଧ ଅନୁପଯୁକ୍ତ ଦର୍ଶାଇ ଏବେ ନୀଳଗିରି ସବଡିଭିଜନର ନୀଳଗିରି ତହସିଲ ଅର୍ନ୍ତଗତ ସଜନାଗଡ ଆରଆଇ ସର୍କଲର ଜାମୁଡିହା ଗ୍ରାମରେ ପ୍ରକଳ୍ପ ପାଇଁ ଜିଲ୍ଲାପ୍ରଶାସନ ନିଷ୍ପତି ନେଇଛି। ଦହପଡା ଠାରେ ଏହି ପ୍ରକଳ୍ପଟି ଉପଯୁକ୍ତ ହୋଇଥିବା ବେଳେ ନୀଳଗିରିରେ ହେଲେ ବରିଷ୍ଠ ନାଗରିକ,ଭିନ୍ନକ୍ଷମମାନଙ୍କ ସହିତ ଅନ୍ୟାନ୍ୟ ବର୍ଗର ହିତାଧିକାରୀମାନେ ଏବଂ ସେମାନଙ୍କ ପରିବାର ବହୁ ଅସୁବିଧାରେ ସମ୍ମୁଖିନ ହେବେ ବୋଲି କୁହାଯାଇଛି। ଏଣୁ ତୁରନ୍ତ ପୂର୍ବ ନିର୍ଦ୍ଧାରିତ ସ୍ଥାନରେ ଏହି ପ୍ରକଳ୍ପ ନିର୍ମାଣ କରାଯିବାକୁ ବରିଷ୍ଠ ନାଗରିକ ମଂଚର କାର୍ଯ୍ୟକାରୀ ସଭାପତି ଗୌରାଙ୍ଗ ପାଣିଗ୍ରାହୀ, ସାଧାରଣ ସମ୍ପାଦକ ଦାମୋଦର ନାୟକ, ସୁଦର୍ଶନ ଦାସ, କାମିନିକାନ୍ତ ପାଢ଼ୀ, ଶରତ କୁମାର ବିଶ୍ୱାଳ, ଶଶାଙ୍କ ଶେଖର ଦତ୍ତ, ଦେବେନ୍ଦ୍ରନାଥ ଚୌଧୁରୀ, ରବିନାରାୟଣ ବେହେରା, ରବି କୁମାର ପାଣିଗ୍ରାହୀ, ଶ୍ୟାମସୁନ୍ଦର ଜେନା, ଭରତଚନ୍ଦ୍ର ସେଠୀ ପ୍ରମୁଖଙ୍କ ସହ ଅନ୍ୟମାନେ ଦାବି କରିଛନ୍ତି।



## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ପରିବାର ସଦସ୍ୟଙ୍କ ସହଯୋଗ ମିଳିବ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ପ୍ରେମ ଜୀବନ ସୁଖମୟ ହେବ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରିବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୮୮୩- ମହାନ୍ କ୍ରାନ୍ତିକାରୀ ବିନାୟକ ଦାମୋଦର ସାବରକରଙ୍କ ଜନ୍ମ।
- ୧୯୫୯ - ଦୁଇଟି ଆମେରିକୀୟ ମାଙ୍କଡ଼ ମହାକାଶକୁ ଯାତ୍ରା କଲେ।
- ୧୯୯୬- ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ଅଟଳ ବିହାରୀ ବାଜପେୟୀ।
- ୧୯୯୮ -ପାକିସ୍ତାନ ପାଞ୍ଚଟି ଭୂମିକଗତ ପରମାଣୁ ପରୀକ୍ଷା କଲା।
- ୨୦୦୮ - ନେପାଳରେ ୨୪୦ ବର୍ଷ ଧରି ଚାଲି ଆସୁଥିବା ରାଜତନ୍ତ୍ରର ବିଲୋପ।

# 'ଲଗାନ୍' ଯୋଡ଼ି ଏକାଠି କାମ କରିବା ନେଇ ଅନିଶ୍ଚିତତା



ବଲିଉଡ୍‌ର ମିଷ୍ଟର ପରଫେକ୍ଟନିଷ୍ଟ ଅମିର୍ ଖାନ୍ ଏବେ ସନ୍ନି ଦେଓ୍ୱଲଙ୍କ ଫିଲ୍ମ 'ଲାହୋର ୧୯୪୭'ର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି। ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ରାଜକୁମାର ହିରାନୀ ଅଛନ୍ତି। କିଛି ଦିନ ପୂର୍ବରୁ ଅମିର୍, ଦୀର୍ଘ ୨୫ ବର୍ଷ ପରେ ଆଶୁତୋଷ ଗୋଆରିକରଙ୍କ ସହ କାମ କରିବେ ବୋଲି ଖବର ପ୍ରକାଶ ପାଇଥିଲା। କ୍ରିକେଟର୍ ଲାଲା ଅମରନାଥଙ୍କ ବାୟୋପିକ୍ ପାଇଁ ଆଶୁତୋଷ, ଅମିର୍‌ଙ୍କୁ ସାଇନ୍ କରିଥିବା କୁହାଯାଉଥିଲା। ଫରହାନ୍ ଅଖତର୍ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିପାରନ୍ତି ବୋଲି ସୂଚନା ଦିଆଯାଇଥିଲା। ଏହାପୂର୍ବରୁ ଆଶୁତୋଷ ଓ ଅମିର୍ ୨୦୦୧ ମସିହାରେ ଏକାଠି 'ଲଗାନ୍' ଫିଲ୍ମରେ କାମ କରିଥିଲେ। ହେଲେ ଏବେ ଏହି କଥା ଉପରେ ଖୋଦ୍ ଆଶୁତୋଷ ତାଙ୍କର ପ୍ରତିକ୍ରିୟା ରଖିଛନ୍ତି। ଆଶୁତୋଷ କହିଛନ୍ତି, 'ଫିଲ୍ମର କାହାଣୀ ଲେଖା ସରିଛି, ହେଲେ ଏଯାବତ୍ ଆମେ କଳାକାର ଫାଇନାଲ କରିନୁ। ଏହାର କାହାଣୀ ଯେପରି ଲେଖାଯାଇଛି, ସେମିତି କଳାକାର ମୋତେ ମିଳୁନାହାନ୍ତି।' ତେବେ ଆଶୁତୋଷଙ୍କ କଥାରୁ ଏହି ଫିଲ୍ମ ପାଇଁ ଅମିର୍‌ଙ୍କୁ ଏଯାବତ୍ ଫାଇନାଲ କରାଯାଇ ନାହିଁ ବୋଲି ଏକପ୍ରକାର ସ୍ପଷ୍ଟ ହୋଇଛି।

# ଏଆଇ ସରକାର




ଫିଲିପାଇନ୍ସର ଏକ ଛୋଟ ଦ୍ୱୀପରେ ଏଆଇ ସରକାର ଗଠନ ପାଇଁ ପ୍ରସ୍ତୁତି ଚାଲିଛି। ଭବିଷ୍ୟତର ସରକାର ମାନବ ବଦଳରେ ଏଆଇ ସିଷ୍ଟମ ମାଧ୍ୟମରେ ଅଧିକ ସଚ୍ଚୋଟତା, ଦ୍ରୁତ ଏବଂ ନିରପେକ୍ଷ ଭାବେ କାମ କରିବ ବୋଲି ଏହି ପ୍ରୋଜେକ୍ଟରେ ଦାବି କରାଯାଉଛି। ତେଣୁ ଏହି ଗବେଷଣା ପୂରା ବିଶ୍ୱରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଏହି ନିଆରା ପ୍ରୋଜେକ୍ଟର ଆରମ୍ଭ ବ୍ରିଟେନର ଟେକ୍ ଉଦ୍ୟୋଗୀ ଡେନ୍ ଥମସନ୍ କରିଛନ୍ତି। ସେ ଫିଲିପାଇନ୍ସର ପ୍ଲାଭାନ ଦ୍ୱୀପପୁଞ୍ଜ ପାଖରେ ଏକ ୩.୬ ବର୍ଗ କିଲୋମିଟରର ଏକ ଛୋଟ ଅଞ୍ଚଳକୁ ମାଇକ୍ରୋନେସନ ତଥା ଛୋଟ ସ୍ୱାଧୀନ ଅଞ୍ଚଳ ଭାବେ ବିକଶିତ କରିଥିବା ଦାବି କରିଛନ୍ତି। ତେବେ ଏଠାକାର ଶାସନ ବ୍ୟବସ୍ଥାକୁ ଏଆଇ ମାଧ୍ୟମରେ ପରିଚାଳିତ କରିବା ପାଇଁ ଯୋଜନା କରାଯାଇଛି। ଏଠାରେ ଏଆଇ ଆଧାରିତ ଡିଜିଟାଲ କ୍ୟାବିନେଟ୍ ତିଆରି କରାଯିବ। ଏହି ଡିଜିଟାଲ ନେତାମାନେ ବିଶ୍ୱର ଲୋକପ୍ରିୟ ବ୍ୟକ୍ତିତ୍ୱଙ୍କ ଦ୍ୱାରା ପ୍ରେରିତ ବୋଲି କୁହାଯାଉଛି। ଏଆଇ କ୍ୟାବିନେଟ୍‌ରେ ମହାତ୍ମା ଗାନ୍ଧୀ, ନେଲସନ ମଣ୍ଡେଲା, ୱିଷ୍ଟନ ଚର୍ଚ୍ଚିଲ ଏବଂ ଅନ୍ୟ ଚର୍ଚ୍ଚିତ ନେତାଙ୍କ ବିଚାର ଆଧାରରେ ପ୍ରସ୍ତୁତ ଡିଜିଟାଲ ଅବତାର ପ୍ରସ୍ତୁତ କରାଯିବ। ସେହିପରି ଏହି ଏଆଇ ମଡେଲ କୌଣସି ନୀତି ଉପରେ ଚର୍ଚ୍ଚା କରିବ, ପରାମର୍ଶ ଦେବ ଏବଂ ନିଷ୍ପତ୍ତି ନେବାରେ ସାହାଯ୍ୟ କରିବ। ଏଆଇ ଆଧାରିତ ସରକାର ମାନବ ରାଜନୀତିର ଅନେକ ସମସ୍ୟାକୁ କମ୍ କରିପାରିବ ବୋଲି ଏହି ପ୍ରୋଜେକ୍ଟ ଦାବି କରୁଛି। ଏଥିରେ ଭ୍ରଷ୍ଟାଚାର, ରାଜନୈତିକ ଚାପ, ବ୍ୟକ୍ତିଗତ ସ୍ୱାର୍ଥ ହ୍ରାସ ପାଇବ ବୋଲି କୁହାଯାଉଛି। ଏହି ଏଆଇ ସିଷ୍ଟମ ଡାଟା ଏବଂ ତଥ୍ୟ ଆଧାରରେ ନିଷ୍ପତ୍ତି ନେବାକୁ ଚେଷ୍ଟା କରିବ। ତେବେ ପ୍ରୋଜେକ୍ଟ ସହ ଜଡ଼ିତ ଲୋକେ ଭାବୁଛନ୍ତି, ଭବିଷ୍ୟତରେ ଅନେକ ଦେଶ ସେମାନଙ୍କର ପ୍ରଶାସନରେ ଏଆଇର ସାହାଯ୍ୟ ନେବେ। ଏହାବାଦ୍ ଏଆଇ ଲଗାତାର ଶିଖିପାରିବ ଏବଂ ଶୀଘ୍ର କାମ କରିବ। ଅବଶ୍ୟ ଏହି ପ୍ରୋଜେକ୍ଟକୁ ନେଇ ସମସ୍ତେ ଉତ୍ସାହିତ ନାହାନ୍ତି। ଅନେକ ବିଶେଷଜ୍ଞ ଏବଂ ସମାଲୋଚକ ଏହାକୁ ବିପଜ୍ଜନକ ବୋଲି କହିଛନ୍ତି। ସରକାର ଚଳାଇବା କେବଳ ଡାଟା କିମ୍ବା ଆଲଗରଦିମ୍‌ର କାମ ନୁହେଁ, ଏଥିରେ ମାନବ ସମ୍ବେଦନା ଏବଂ ସାମାଜିକ ବୁଝାମଣା ଜରୁରି ବୋଲି ଏହାକୁ ବିରୋଧ କରୁଥିବା ଲୋକେ କୁହନ୍ତି। ରୋଚକୀୟ ବିଷୟ ହେଉଛି, ହଜାର ହଜାର ଲୋକ ଏହି ପ୍ରୋଜେକ୍ଟ ଉପରେ ଆଗ୍ରହ ଦେଖାଇଛନ୍ତି। ୧୨ ହଜାର ଲୋକ ଇନାଗରିକ ହେବା ପାଇଁ ପ୍ରସ୍ତୁତ ଥିବା ଜଣାପଡ଼ିଛି। ଅନେକ ଲୋକ ପାରମ୍ପରିକ ରାଜନୀତିରେ ଦେଖାଯାଉଥିବା ଦୁର୍ନୀତି ଓ ଭ୍ରଷ୍ଟାଚାରରେ ଅତିଷ୍ଠ ହୋଇ ଏହି ଏଆଇ ଆଧାରିତ ସରକାରକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ଅନ୍ୟପଟେ ଏହି ଗବେଷଣା ଏବେ ପ୍ରାରମ୍ଭିକ ପର୍ଯ୍ୟାୟରେ ଅଛି। ଭବିଷ୍ୟତରେ ରାଜନୀତି ଓ ଶାସନ ଚଳାଇବା ଦାୟିତ୍ୱ ମଧ୍ୟ ଏଆଇ ନେଇପାରେ ବୋଲି ଫିଲିପାଇନ୍ସର ଏହି ଛୋଟ ଦ୍ୱୀପଟି ସାରା ବିଶ୍ୱକୁ ଜଣାଇ ଦେଇଛି।

# ବାହୁବଳୀ କୁଲର୍



ହରିଆନାର ଜଣେ ମିସ୍ତ୍ରୀ ଭୀଷଣ ଗରମକୁ ଦୃଷ୍ଟିରେ ରଖି ଏମିତି ଏକ ଯୋଗାଡ଼ିଆ ବ୍ୟବସ୍ଥା ବାହାର କରିଛନ୍ତି, ଯାହାକି ସଭିଙ୍କ ଦୃଷ୍ଟିଆକର୍ଷଣ କରିଛି। ହରିଆନା-ରାଜସ୍ଥାନ ସୀମାରେ ରହନ୍ତି ଅଜୟ। ସେ ଏକ ବିଶାଳକାୟ କୁଲର୍ ତିଆରି କରି ଏବେ ଚର୍ଚ୍ଚାରେ। ଏହାର ଆକାର ୭.୭.୭ ଫୁଟ। କୁଲର୍‌ଟି ଏକ ୱାନ୍ ବିଏଚ୍‌କେ ଫ୍ଲାଟ୍ ଭଳି ଲାଗୁଛି। ଏହା ଏତେ ବିଶାଳକାୟ ଯେ, ଏହା ଭିତରେ ଜଣେ ବ୍ୟକ୍ତି ବେଶ୍ ଆରାମରେ ଛିଡ଼ା ହୋଇପାରିବେ। ସେହିପରି ଏହି କୁଲର୍‌ରେ ୨୫୦୦ ଲିଟର ପାଣି ଧରେ। ତେଣୁ ଏହାକୁ ବାଲ୍‌ଟି କିମ୍ବା ପାଇପ୍‌ରେ ପୂର୍ଣ୍ଣ କରିବା କଷ୍ଟକର। ଅପରପକ୍ଷେ ଏହି କୁଲର୍‌କୁ ଭରିବା ପାଇଁ ଟ୍ୟାଙ୍କରର ଆବଶ୍ୟକତା ପଡ଼ିବ। ତେବେ ଉକ୍ତ କୁଲର୍ ବଡ଼ ବଡ଼ କାରଖାନା ଏବଂ ଟେଣ୍ଟ ହାଉସ୍ ଲାଗି ଉପଯୁକ୍ତ। ଏହା ୧୬୦ ଫୁଟ ଲମ୍ବ ଓ ୬୦ ଫୁଟ ଚଉଡ଼ା ଏକ ବଡ଼ ହଲ୍‌କୁ ଆଖି ପିଛୁଳାକେ ଥଣ୍ଡା କରିଦେଇ ପାରେ। ସେହିପରି ଏହି ବାହୁବଳୀ କୁଲର୍‌ର ଚାହିଦା ଏତେ ବେଶି ବଢ଼ି ଯାଇଛି ଯେ, ରାଜସ୍ଥାନଠୁ ଆରମ୍ଭ କରି ପଞ୍ଜାବରୁ ଲୋକେ ଏହାକୁ ଅର୍ଡର କରୁଛନ୍ତି। ଅନ୍ୟପଟେ ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର ହେବା ପରେ ସମସ୍ତଙ୍କ ନଜରକୁ ଆସିଛି।

# ଭ୍ରୂଲତା ଦିଶିବ ଘନ

**ସାଧାରଣତଃ ଭ୍ରୂଲତାକୁ ଘନ କରିବା ପାଇଁ ଅନେକେ ଆଇବ୍ରୋ ପେନ୍‌ସିଲ୍ ଲଗାଇଥାନ୍ତି। ଏହା କିଛି ସେକେଣ୍ଡ ମଧ୍ୟରେ ଭ୍ରୂଲତାକୁ ଘନ କରିଥାଏ। ହେଲେ ପ୍ରାକୃତିକ ଉପାୟରେ ଭ୍ରୂଲତାକୁ ଘନ ଏବଂ ଆକର୍ଷଣୀୟ କରିବାକୁ ଚାହୁଁଥିଲେ, ଘରୋଇ ଜିନିଷ ଆପଣାଇପାରିବେ।**



- କଫି ଭ୍ରୂଲତାକୁ ଆକର୍ଷଣୀୟ କରିବାରେ ସହାୟକ ହୋଇଥାଏ। ଏଥିପାଇଁ ଦୁଇ ବଡ଼ଚାମଚ କଫି ନେଇ ସେଥିରେ ମହୁ କିମ୍ବା ତେଲ ଦେଇ ଏକ ଗାଢ଼ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ଆଇବ୍ରୋରେ ଲଗାଇ ୨୦ ମିନିଟ୍ ପରେ ଧୋଇ ଦିଅନ୍ତୁ।
- ସେହିପରି ଭ୍ରୂଲତାକୁ ଅଧିକ ଘନ କଳାରଙ୍ଗ କରିବାକୁ ଚାହୁଁଥିଲେ ଚାର୍‌କୋଲ୍ ଭଲ ବିକଳ୍ପ ହୋଇଥାଏ। ଏଥିପାଇଁ ଆଲୋଭେରା ଜେଲ୍ ନେଇ କୋକୋଆ ପାଉଡର୍, ଭିଟାମିନ୍ - ଇ ଅଏଲ୍ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ପରେ ନିଜ ଆବଶ୍ୟକତା ଅନୁସାରେ ଚାର୍‌କୋଲ୍ ପାଉଡର୍ ମିଶାନ୍ତୁ। ଏହାକୁ ମସ୍କାରା ବ୍ରଶ୍‌ରେ ଭ୍ରୂଲତାରେ ଲଗାନ୍ତୁ। କିଛି ସମୟ ରଖି ଧୋଇ ଦିଅନ୍ତୁ।

## ହଜିଯାଉଥିବା ସ୍ୱାଦ

# କନ୍ଦମୂଳ କ୍ଷୀର ପିଠା



ସିଝା କନ୍ଦମୂଳ – ୫୦୦ ଗ୍ରାମ୍, ମଇଦା– ଅଧାକପ୍, ପାନମଧୁରୀ– ଏକ ଚାମଚ, ଗୋଲମରିଚ ଗୁଣ୍ଡ – ଅଧା ଚାମଚ, କଟା କାଜୁ – ଅଧା କପ୍, ଗୁଜରାତି ଗୁଣ୍ଡ – ଅଧା ଚାମଚ, ଚିନି – ମିଠା ଅନୁସାରେ, କ୍ଷୀର – ଅଧା କପ୍, ଲୁଣ – ସ୍ୱାଦ ଅନୁସାରେ, ତେଲ- ଆବଶ୍ୟକତାନୁସାରେ।

**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ କନ୍ଦମୂଳରୁ ଚୋପା ଛଡ଼େଇ ଏହାକୁ ବାଉଲ୍‌ରେ ରଖି ଚକଟନ୍ତୁ। ଏହାପରେ ମଇଦା ଦେଇ ଚକଟନ୍ତୁ। କନ୍ଦମୂଳ ମଇଦାରେ ମିଶିଯିବା ପରେ ସେଥିରେ ତେଲ, ପାନମଧୁରୀ, ଗୋଲମରିଚ, ଗୁଜରାତି ଗୁଣ୍ଡ, କଟା କାଜୁ, ଚିନି ସମେତ ଲୁଣ ଦେଇ ଚକଟନ୍ତୁ। ଏହାପରେ ସାମାନ୍ୟ କ୍ଷୀର ଦେଇ ଅଟା ଭଳି ଚକଟନ୍ତୁ। ରୁଟିପଟା ନେଇ ଏହାକୁ ବେଲଣା କାଠିରେ ମୋଟା କରି ବେଲନ୍ତୁ। ଏହାପରେ ମଝିରୁ କାଟନ୍ତୁ। ଗ୍ୟାସ୍ ଲଗାଇ ପ୍ୟାନ୍ ବସାଇ ତେଲ ଦିଅନ୍ତୁ। ତେଲ ଗରମ ହୋଇଗଲେ ପ୍ରସ୍ତୁତ କରିଥିବା ପିଠାକୁ ଦେଇ ସେକନ୍ତୁ। ଦୁଇପାଖ ନାଲି ରଙ୍ଗ ହୋଇଗଲେ ଏହାକୁ ପ୍ଲେଟ୍‌କୁ କାଢ଼ି ପରଷନ୍ତୁ ସ୍ୱାଦିଷ୍ଟ 'କନ୍ଦମୂଳ କ୍ଷୀର ପିଠା'।

# ସୁଶ୍ରୀ

# ମଟର ମାଳା ଜୁଏଲାରୀ

ଅନେକ ସାଧା, ହାଲ୍‌କା ଅଳଙ୍କାର ପିନ୍ଧିବାକୁ ପସନ୍ଦ କରନ୍ତି। ଏହା ସୁନ୍ଦର, ଆରାମଦାୟକ ହେବା ସହ ଏଥିରୁ ଏକ ଆକର୍ଷଣୀୟ ଲୁକ୍ ମିଳିଥାଏ। ତେବେ ମହିଳାଙ୍କ ପସନ୍ଦ ଅନୁସାରେ ଏବେ ମଟର ମାଳା ଜୁଏଲାରୀ ଟ୍ରେଣ୍ଡରେ ରହିଛି। ଜାଣିବା ସେ ବିଷୟରେ।

**ରଙ୍ଗିନ୍ ମଟରମାଳା**

ଲୁକ୍‌କୁ ଭିନ୍ନ କରିବାକୁ ଚାହୁଁଥିଲେ, ରଙ୍ଗିନ୍ ମଟରମାଳା ହାର ପିନ୍ଧିପାରିବେ। ଏହା ବେକକୁ ସୁନ୍ଦର ଦିଶିବା ସହ ସବୁ ଆଉଟ୍‌ଫିଟ୍‌କୁ ଭଲ ମାନିଥାଏ। ଏହା ବଜାରରେ ସହଜରେ ଉପଲବ୍ଧ।

**ଛୋଟ ଡିଜାଇନ୍ ମଟରମାଳା**

ଅଫିସ୍ ଯାଉଥିଲେ ଛୋଟ ମଟର ମାଳା ଡିଜାଇନ୍ ଚେନ୍ ପିନ୍ଧିପାରିବେ। ଏହା ଆରାମଦାୟକ ହେବା ସହ ଏଥିରୁ ଏକ ଫର୍ମାଲ୍ ଲୁକ୍ ମିଳିଥାଏ। ଏହାର ଛୋଟ ଡିଜାଇନ୍ ଲୁକ୍‌କୁ ଭିନ୍ନ କରିଥାଏ। ଏହା ଶାଢ଼ି ସୁଟ୍ ବିଭିନ୍ନ ଲୁକ୍‌କୁ ଭଲ ମାନିଥାଏ।

**ଥ୍ରୀ ଲେୟାର୍ ଡିଜାଇନ୍**

ଥ୍ରୀ ଲେୟାର୍ ମଟରମାଳା ଆଖିକୁ ସୁନ୍ଦର ଏବଂ ଆକର୍ଷଣୀୟ ଦିଶିଥାଏ। କୌଣସି ପାର୍ଟି, ଫଙ୍କ୍‌ସନ୍‌କୁ ଯାଉଥିଲେ ଏହା ପିନ୍ଧିପାରିବେ। ଏହା ସୁନ୍ଦର ଦିଶିବା ସହ ଏଥିରୁ ଏକ ରାଜକୀୟ ଲୁକ୍ ମିଳିଥାଏ।



# ଡେନିମ୍ ଟ୍ୟୁବ୍ ଡ୍ରେସ୍



**ଖରାଦିନେ ଥଣ୍ଡା ଏବଂ ଆରାମଦାୟକ ଅନୁଭୂତି ପାଇଁ ଡେନିମ୍ ଟ୍ୟୁବ୍ ଡ୍ରେସ୍ ଭଲ। ଏହା ଷ୍ଟାଇଲିଶ୍ ସହ ସୁନ୍ଦର ଏବଂ ଆକର୍ଷଣୀୟ ଦିଶିଥାଏ। ଏହାକୁ ବିଭିନ୍ନ ସମୟରେ ପିନ୍ଧିପାରିବେ।**

**କାଜୁଆଲ୍ ଲୁକ୍**

ଆରାମଦାୟକ ଲୁକ୍ ଚାହୁଁଥିଲେ ଡେନିମ୍‌କୁ ଧଳାଜୋତା ସହ ପିନ୍ଧିପାରିବେ। ଏହା ସୁନ୍ଦର ଏବଂ ଷ୍ଟାଇଲିଶ୍ ଦିଶିଥାଏ। ଏଥିସହ ଚାହିଁଲେ ମୁଣ୍ଡରେ ଖୋସା ମଧ୍ୟ କରିପାରିବେ।

**ପାର୍ଟି**

ପାର୍ଟିକୁ ଯାଉଥିଲେ ଏହି ଡେନିମ୍‌କୁ ହିଲ୍‌ରେ ପିନ୍ଧିପାରିବେ। ଏଥିରେ ଡେଙ୍ଗା ଦିଶିବା ସହ ଆକର୍ଷଣୀୟ ବ୍ୟକ୍ତିତ୍ୱ ମିଳିଥାଏ। ଚାହିଁଲେ ହାଲୁକା ମେକ୍‌ଅପ୍ ମଧ୍ୟ କରିପାରିବେ।

**ୱିକେଣ୍ଡ ଆଉଟିଙ୍ଗ୍**

ସପ୍ତାହରେ କୌଣସି ଆଉଟିଙ୍ଗ୍‌କୁ ଯାଉଥିଲେ ଡେନିମ୍ ଡ୍ରେସକୁ ଫ୍ଲାଟ୍ ସାଣ୍ଡେଲ ସହ ପିନ୍ଧିପାରିବେ। ଏହା ଆରାମଦାୟକ ଅନୁଭୂତି ଦେବା ସହ ସୁନ୍ଦର ଦିଶିଥାଏ। ଏଥିସହ ଚାହିଁଲେ ଷ୍ଟାଇଲିଶ୍ ବ୍ୟାଗ୍ କ୍ୟାରି କରିପାରିବେ। ଏଥିସହ ମୁହଁରେ ହାଲୁକା ମେକ୍‌ଅପ୍ କରିବେ।

# ସ୍ୱାବଲମ୍ବୀ କରିଛି ଝୋଟ ସାମଗ୍ରୀ

**ମହିଳାମାନେ ଘରେ ବସି ନ ରହି ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ସହ ଯୋଡ଼ି ହୋଇ ରୋଜଗାର କରୁଛନ୍ତି। ହାତରେ ଭଳିକି ଭଳି ଜିନିଷ ତିଆରି ନିଜ ଖର୍ଚ୍ଚ ଉଠାଇବା ସହ ପରିବାରର ଦାୟିତ୍ୱ ହାତକୁ ନେଉଛନ୍ତି। ଏହି କ୍ରମରେ ଝୋଟରୁ ଭଳିକି ଭଳି ବ୍ୟାଗ୍, ଘରସାଜୋପକରଣ ପ୍ରସ୍ତୁତ କରି ସ୍ୱାବଲମ୍ବୀ ହୋଇଛନ୍ତି ବିହାର ଜହାନବାଦର, ଇନ୍ଦୁଦେବୀ। ଏପରି କରି ସେ ଅନ୍ୟ ମହିଳାଙ୍କୁ ରୋଜଗାରକ୍ଷମ କରିପାରିଛନ୍ତି। ଝୋଟରୁ ବିଭିନ୍ନ ସାମଗ୍ରୀ ତିଆରି ଇନ୍ଦୁଦେବୀ ଏହାକୁ ଗାଁ ଗହଳି ସମେତ ସହରରେ ବିକ୍ରିବଟା କରୁଛନ୍ତି।**



ଜହାନବାଦର ମହିଳାମାନେ ଏକତ୍ର ହୋଇ ଜୀବିକା ଗୋଷ୍ଠୀ ମାଧ୍ୟମରେ ଏହି ଝୋଟବ୍ୟାଗ୍ ପ୍ରସ୍ତୁତ କରୁଛନ୍ତି। ଗୋଷ୍ଠୀର ମୁଖ୍ୟ ଇନ୍ଦୁଦେବୀ ୨୦୧୩ ମସିହା ଯାଏ ଜଣେ ସାଧାରଣ ଗୃହିଣୀ ଭାବେ ଘରେ ରହି ରୋଷେଇ କାର୍ଯ୍ୟ କରୁଥିଲେ। ହେଲେ ଜୀବିକା ଗୋଷ୍ଠୀ ସହ ଯୋଡ଼ି ହେବାପରେ ତାଙ୍କ ଜୀବନରେ ଅନେକ ପରିବର୍ତ୍ତନ ଆସିଥିଲା।

୨୦୧୩ ମସିହାରେ ସେ ଜୀବିକା ମିଶନ ସହ ଯୋଡ଼ି ହୋଇ ୨୦୦୦୦ ଟଙ୍କା ଋଣ ନେଇ ଏକ ମେସିନ୍ କିଣିଥିଲେ। ଏହାପରେ ସେ ନାବାର୍ଡରୁ ଝୋଟ ତିଆରି ଜିନିଷ ପ୍ରଶିକ୍ଷଣ ନେଇ ଝୋଟ ସାମଗ୍ରୀ ପ୍ରସ୍ତୁତି ଆରମ୍ଭ କରିଥିଲେ। ପରେ ତାଙ୍କ ଜୀବନର ନୂଆ ଅଧ୍ୟାୟ ଆରମ୍ଭ ହୋଇଥିଲା। ବହୁ ପରିଶ୍ରମ ପରୀକ୍ଷାନିରୀକ୍ଷା କରିବା ପରେ ୨୦୨୪ ପରେ ତାଙ୍କୁ ଏଥିରେ ସଫଳତା ମିଳିଥିଲା। ଝୋଟରୁ ଭଳିକି ଭଳି ଜିନିଷ ତିଆରି ସଫଳ ହୋଇଥିଲେ। ତାଙ୍କ ସହିତ ପାଖାପାଖି ୯୦ ଜଣ ମହିଳା ଏଥିରେ ତାଲିମ୍ ନେଇଥିଲେ। ଏବେ ୩୦ ଜଣ ମହିଳା ଟିମ୍ ଏ ଦିଗରେ କାର୍ଯ୍ୟ କରୁଛନ୍ତି।

ଇନ୍ଦୁଙ୍କ କହିବାନୁଯାୟୀ, ଝୋଟଗୁଡ଼ିକ ପାଟଣା ସାହିବରୁ ମଗାଯାଏ। ଏଥିରୁ ବିଭିନ୍ନ ପ୍ରକାର ବ୍ୟାଗ୍, ପାଣିବୋତଲ ବ୍ୟାଗ୍, ଲେଡିସ୍ ପର୍ସ ଆଦି ପ୍ରସ୍ତୁତ କରାଯାଏ। ମେସିନ୍ ସାହାଯ୍ୟରେ ଗୋଟିଏ ଦିନରେ ବିଶେଷ କରି ୪୦୦-୫୦୦ ଉତ୍ପାଦ ପ୍ରସ୍ତୁତ କରାଯାଏ। ଏହାଦ୍ୱାରା ମହିଳାମାନେ ଘରେ ରହି ଦୈନିକ ୩୦୦-୪୦୦ ଟଙ୍କା ରୋଜଗାର କରିପାରୁଛନ୍ତି। ଏଠାରେ ପ୍ରସ୍ତୁତ ସାମଗ୍ରୀ ବିଭିନ୍ନ ସହରରୁ ରପ୍ତାନୀ କରାଯାଏ। ଏଥିସହ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଏବଂ ପ୍ରଦର୍ଶନୀରେ ମଧ୍ୟ ଏହି ଷ୍ଟଲ୍ ଦେଖିବାକୁ ମିଳିଥାଏ। ଏହିପରି ଭାବେ ମହିଳାମାନେ ଝୋଟରୁ ବିଭିନ୍ନ ସାମଗ୍ରୀ ତିଆରି ସ୍ୱାବଲମ୍ବୀ ହୋଇଛନ୍ତି।

# ବିଶ୍ୱ ଜିମ୍ନାଷ୍ଟିକ ଛାତ୍ରବୃତ୍ତି ପାଇବାରେ ପ୍ରୀତି ପ୍ରଥମ ଭାରତୀୟ

ଭୁବନେଶ୍ୱର, ୨୭।୫ (ସମିସ): ପ୍ରଥମ ଭାରତୀୟ ମହିଳା ଜିମ୍ନାଷ୍ଟ ଭାବରେ ଓଡ଼ିଶାର ପ୍ରୀତି ଝାଙ୍କର ସମ୍ମାନଜନକ ବିଶ୍ୱ ଜିମ୍ନାଷ୍ଟିକ୍ସ ଛାତ୍ରବୃତ୍ତି ପାଇଛନ୍ତି। ବର୍ଷ ୨୦୨୬ ଲାଗି ବିଶ୍ୱର ୨୦ଟି ଦେଶରୁ ମାତ୍ର ୧୨ ଜଣ ଅନ୍ତର୍ଜାତୀୟ ଜିମ୍ନାଷ୍ଟଙ୍କୁ ଏହି ଛାତ୍ରବୃତ୍ତି ପାଇଁ ମନୋନୀତ କରାଯାଇଛି। ଯେଉଁଥିରେ ପ୍ରୀତି ବିଶ୍ୱସ୍ତରରେ ତାଙ୍କର ଅସାଧାରଣ ପ୍ରତିଭା ଓ ସମ୍ଭାବନା ପାଇଁ ଏହି ସ୍ୱୀକୃତି ପାଇଛନ୍ତି। ଭାରତ ଓ ଓଡ଼ିଶାର ଜିମ୍ନାଷ୍ଟିକ୍ସ ପାଇଁ ଏହା ଏକ ଏହି ଉଲ୍ଲେଖନୀୟ ସଫଳତା। ପ୍ରୀତି ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମସ୍ଥିତ ଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି)ରେ ପ୍ରଶିକ୍ଷଣ ନେଉଛନ୍ତି। ଏହି ଅବସରରେ ତାଙ୍କ ନିକଟକୁ ଚାରିଆଡ଼ୁ ଶୁଭେଚ୍ଛାର ସୁଅ ଛୁଟିଛି।



# କୋଲକାତାରୁ ହଟିବ ମେସିଙ୍କ ବିଶାଳ ପ୍ରତିମୂର୍ତ୍ତି

କୋଲକାତା,୨୭।୫(ଏଜେନ୍ସି): କୋଲକାତାରେ ସ୍ଥାପିତ ଫୁଟବଲ୍ କିମ୍ବଦନ୍ତୀ ଲିଓନେଲ୍ ମେସିଙ୍କ ଏକ ୭୦ ଫୁଟ୍ ଉଚ୍ଚତାର ବିଶାଳ ପ୍ରତିମୂର୍ତ୍ତିକୁ ସୁରକ୍ଷା ଦୃଷ୍ଟିରୁ ସେଠାରୁ ହଟାଇ ଦିଆଯିବ। ପ୍ରବଳ ପବନ ଯୋଗୁଁ ଏହି ସ୍ୱର୍ଣ୍ଣ ରଙ୍ଗର ମୂର୍ତ୍ତିଟି ହଲୁଥିବା ଦେଖିବାକୁ ମିଳିଛି। ଏହା ଏକ ବ୍ୟସ୍ତବହୁଳ ରାସ୍ତା କଡ଼ରେ ଥିବାରୁ ବଡ଼ ଦୁର୍ଘଟଣାର ଆଶଙ୍କା ସୃଷ୍ଟି ହୋଇଛି। ବିଧାୟକ ଶରଦ୍‌ଦତ ମୁଖାର୍ଜୀ କହିଛନ୍ତି ଯେ, ସରକାରୀ ଯନ୍ତ୍ରୀମାନଙ୍କ ଯାଞ୍ଚ ପରେ ଏହି ପ୍ରତିମୂର୍ତ୍ତିକୁ ଅସୁରକ୍ଷିତ ଘୋଷଣା କରିଛନ୍ତି। ଏହାକୁ ଅତି ଶୀଘ୍ର ସେଠାରୁ ହଟାଇବା ପାଇଁ ଯୋଜନା ଚାଲିଛି, ମାତ୍ର ଅନ୍ୟ କେଉଁ ସ୍ଥାନରେ ସ୍ଥାପନ କରାଯିବ କି ନାହିଁ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଗତ ଡିସେମ୍ବର ମାସରେ ମେସିଙ୍କ ଭାରତ ଗସ୍ତ ସମୟରେ, ବିଶ୍ୱକପ୍ ଟ୍ରଫି ଟେକିଥିବା ତାଙ୍କର ଏହି ମୂର୍ତ୍ତିକୁ ଉନ୍ମୋଚନ କରାଯାଇଥିଲା। ଭାରତରେ କ୍ରିକେଟର ଅଧିକ କ୍ରେଜ୍ ଥିଲେ ମଧ୍ୟ କୋଲକାତାରେ ଫୁଟବଲ୍ ଏବଂ ଆର୍ଜେଣ୍ଟିନା ଦଳ ପ୍ରତି ପ୍ରବଳ ଭଲପାଇବା ରହିଛି। ଆସନ୍ତା ଜୁନ୍ ୧୭ ତାରିଖରୁ ଆର୍ଜେଣ୍ଟିନା ତାର ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବାକୁ ଯାଉଥିବା ବେଳେ ଏହି ଖବର ପ୍ରଶଂସକଙ୍କୁ ନିରାଶ କରିଛି।



**■ ସିଙ୍ଗାପୁର ଓପନ**

# ଜୋନାଥନଙ୍କୁ ହରାଇ ବିପର୍ଯ୍ୟୟ ଘଟାଇଲେ ପ୍ରଣୟ

ସିଙ୍ଗାପୁର,୨୭।୫(ଏଜେନ୍ସି): ଭାରତୀୟ ବ୍ୟାଡମିଣ୍ଟନ ତାରକା ଏଚ୍.ଏସ୍. ପ୍ରଣୟ ବୁଧବାର ସିଙ୍ଗାପୁର ଓପନ୍‌ର ପ୍ରଥମ ରାଉଣ୍ଡରେ ଏକ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ପ୍ରଣୟ ୧୦-୨୧, ୨୧-୧୨, ୨୧-୧୮ ଗେମରେ ବିଶ୍ୱର ପଞ୍ଚମ ମାନ୍ୟତାପ୍ରାପ୍ତ ଇଣ୍ଡୋନେସିଆର ଜୋନାଥନ କ୍ରିଷ୍ଟିଙ୍କୁ ହରାଇଛନ୍ତି। ତେବେ ଅନ୍ୟତମ ଭାରତୀୟ ଖେଳାଳି କିଦାମ୍ବୀ ଶ୍ରୀକାନ୍ତ ଏବଂ ମାଳବିକା ବଂଶୋଦ ପ୍ରଥମ ରାଉଣ୍ଡରୁ ହିଁ ପରାଜିତ ହୋଇ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛନ୍ତି। ଶ୍ରୀକାନ୍ତ ସିଙ୍ଗାପୁରର ଲୋ କିନ୍ ୟୁଙ୍କଠାରୁ ୨୦-୨୨, ୨୧-୧୯, ୧୭-୨୧ରେ ହାରିଯାଇଥିଲେ। ସେହିଭଳି ମହିଳା ସିଙ୍ଗଲ୍ସରେ ମାଳବିକା ବଂଶୋଦ ୨୧-୧୧, ୧୯-୨୧, ୧୨-୨୧ରେ ଚାଇନିଜ୍ ତାଇପେଇର ଲିନ୍ ସିଆଙ୍ଗ-ଟିଙ୍ଗଠାରୁ ପରାଜିତ ହୋଇଛନ୍ତି। ଭାରତର ଧ୍ରୁବ କପିଳା ଏବଂ ତନିଶା କ୍ରାଷ୍ଟୋଙ୍କ ଯୋଡ଼ି ପ୍ରଥମ ରାଉଣ୍ଡରେ ମାଲେସିଆର ୱାଙ୍ଗ ଟିଏନ୍ ସି ଏବଂ ଲିମ୍ ଚିଉ ସିଏନଙ୍କୁ ୨୧-୧୪, ୨୦-୨୨, ୨୧-୧୩ରେ ହରାଇ ବିଜୟୀ ହୋଇଛନ୍ତି।



**ରାଜସ୍ଥାନ ରୟାଲ୍ସ-ସନରାଇଜର୍ସ ହାଇଦରାବାଦ୍ ଏଲିମିନେଟର ଲଢ଼େଇ**

# ୨୯ ବଲ୍‌ରେ ୯୭ ରନ୍ | ଚଣ୍ଡିଗଡ଼ରେ ବୈଭବ ଝଡ଼

ନ୍ୟୁ ଚଣ୍ଡିଗଡ଼, ୨୭।୫ (ଏଜେନ୍ସି):

ସାରା ବିଶ୍ୱରେ ଚହଳ ପକାଇଥିବା ୧୫ ବର୍ଷୀୟ ଯୁବ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀଙ୍କ ଆଉ ଏକ ବିଧ୍ୱଂସୀ ପାଳି ବୁଧବାର ଦେଖିବାକୁ ମିଳିଛି। ସ୍ଥାନୀୟ ମହାରାଜା ଯାଦବିନ୍ଦର ସିଂହ ଇଣ୍ଟରନ୍ୟାସାନାଲ ଷ୍ଟାଡିୟମରେ ବୁଧବାର ଚଳିତ ଆଇପିଏଲ'ର ଏକମାତ୍ର ଏଲିମିନେଟର୍ ମୁକାବିଲା ରାଜସ୍ଥାନ ରୟାଲ୍ସ ଓ ସନରାଇଜର୍ସ ହାଇଦରାବାଦ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ରାଜସ୍ଥାନ ବିଶାଳ ସ୍କୋର କରିଛି। ୨୦ ଓଭରରେ ରାଜସ୍ଥାନ ୮ ୱିକେଟ୍ ହରାଇ ୨୪୩ ରନ କରିଛି। ଏହି ମ୍ୟାଚରେ ରାଜସ୍ଥାନର ବାମହାତୀ ଓପନର୍ ବୈଭବ ୯୭ ରନର ବିସ୍ଫୋରକ ପାଳି ଖେଳି ଅଳ୍ପକେ ଏକ ବିଶ୍ୱରେକର୍ଡ ଶତକରୁ ବଞ୍ଚିତ ହୋଇଥିଲେ। ୨୯ ବଲର ଏହି ପାଳିରେ ସେ ୧୨ଟି ଛକା ଓ ୫ଟି ଚୌକା ମାରି ହାଇଦରାବାଦ୍ ବୋଲିଂ ଲାଇନଅପ୍‌କୁ ଧ୍ୱସ୍ତ କରିଦେଇଥିଲେ। ଏହି ମ୍ୟାଚର ବିଜେତା ଦ୍ୱିତୀୟ କ୍ୱାଲିଫାୟରରେ ଶୁକ୍ରବାର ଗୁଜରାଟକୁ ଭେଟିବ। ସେହିଭଳି ପରାଜିତ ଦଳ ଆଇପିଏଲ୍-୧୯ରେ ଅଭିଯାନ ଶେଷ କରିବ। ପୂର୍ବରୁ ପ୍ରଥମ ଦଳ ଭାବେ ଡିଫେଣ୍ଡିଂ ଚାମ୍ପିଅନ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଫାଇନାଲରେ ସ୍ଥାନ ପକ୍କା କରିସାରିଛି। ଗତକାଲି ଖେଳାଯାଇଥିବା ପ୍ରଥମ କ୍ୱାଲିଫାୟର ମୁକାବିଲାରେ ବେଙ୍ଗାଲୁରୁ ୯୨ ରନରେ ଗୁଜରାଟ ଟାଇଟାନ୍ସକୁ ମାତ୍ ଦେଇଥିଲା।

ଏହି ହାଇଭୋଲଟେଜ ଏଲିମିନେଟର୍ ମ୍ୟାଚରେ ହାଇଦରାବାଦ୍ ଅଧିନାୟକ ପ୍ୟାଟ୍ କମିନ୍ସ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଯାହାକି ହାଇଦରାବାଦ୍ ପାଇଁ ବେଶ୍ ମହଙ୍ଗା ପଡ଼ିଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ରାଜସ୍ଥାନ ପାଇଁ ଦୁଇ ଓପନର୍ ସୂର୍ଯ୍ୟବଂଶୀ ଓ ଅନ୍ୟତମ ବାମହାତୀ ବ୍ୟାଟର୍ ଯଶସ୍ୱୀ ଜୟସ୍ୱାଲ ଦମ୍‌ଦାର ଆରମ୍ଭ କରିଥିଲେ। ଉଭୟ ହାଇଦରାବାଦ୍ ବୋଲରଙ୍କୁ ନିର୍ଦ୍ଧୁମ ପ୍ରହାର କରିଥିଲେ। ଫଳରେ ପାୱାର ପ୍ଲେ-'ର ୬ ଓଭରରେ ରାଜସ୍ଥାନ କୌଣସି ୱିକେଟ ନ ହରାଇ ୮୦ ରନ ସଂଗ୍ରହ କରିଥିଲା। ବିଶେଷ କରି ସୂର୍ଯ୍ୟବଂଶୀଙ୍କ ବ୍ୟାଟିଂ ଆଜି ବେଶ୍ ଦର୍ଶନୀୟ ଓ ଅବିଶ୍ୱସନୀୟ ଥିଲା। ୧୬ଟି ବଲରେ ଅର୍ଦ୍ଧଶତକ ପୂରଣ କରିଥିବା ସୂର୍ଯ୍ୟବଂଶୀ ୯୭ ରନ କରି ଦୁର୍ଭାଗ୍ୟଜନକ ଭାବେ ଆଉଟ୍ ହୋଇ ଶତକରୁ ବଞ୍ଚିତ ହୋଇଥିଲେ। ପ୍ରତିପକ୍ଷ ବୋଲର ପ୍ରଫୁଲ୍ଲ ହିଙ୍ଗେଙ୍କୁ ମାରିବାକୁ ଯାଇ ସେ ଲଙ୍ଗଅନ'ରେ ସ୍ଥରନ ରବିଚନ୍ଦ୍ରନଙ୍କ ହାତରେ ଧରାପଡ଼ିଥିଲେ। ୨୯ଟି ବଲର ଏହି ବିଧ୍ୱଂସୀ ପାଳିରେ ସେ ୧୨ଟି ଛକା ଓ ୫ଟି ଚୌକା ମାରିଥିଲେ। ଫଳରେ ବାଉଣ୍ଡାରୀରୁ ସେ ୯୨ ରନ ସଂଗ୍ରହ କରିଥିଲେ। ଏହିକ୍ରମରେ ସେ ଆଇପିଏଲ୍‌ର ଗୋଟିଏ ସିଜନରେ ସର୍ବାଧିକ ଛକା ମାରି କ୍ରିସ ଗେଲ୍‌ଙ୍କୁ ପଛରେ ପକାଇ ଦେଇଛନ୍ତି। ସୂର୍ଯ୍ୟବଂଶୀ ଅଦ୍ୟାବଧି ଚଳିତ ଆଇପିଏଲ୍‌ରେ ୧୫ଟି ଇନିଂସରୁ ୬୫ଟି ଛକା ମାରିଛନ୍ତି। ୨୦୧୨ ସିଜନରେ ଗେଲ୍ ୫୯ଟି ଛକା ମାରି ୧୪ ବର୍ଷ ହେବ ଏହି ରେକର୍ଡର ଅଧିକାରୀ ରହିଥିଲେ। ସେହିଭଳି ୯୭ ରନରେ ଆଉଟ୍ ହୋଇ ସୂର୍ଯ୍ୟବଂଶୀ ଅଳ୍ପକେ ଆଇପିଏଲ୍‌ର ଦ୍ରୁତତମ ଶତକ ହାସଲ ରେକର୍ଡରୁ ମଧ୍ୟ ବଞ୍ଚିତ ହୋଇଛନ୍ତି। ୨୦୧୩ ଆଇପିଏଲ୍‌ରେ ବେଙ୍ଗାଲୁରୁ ପକ୍ଷରୁ ଖେଳି ଗେଲ୍ ମାତ୍ର ୩୦ ବଲରେ ପୁନେ ୱାରିୟର୍ସ ବିପକ୍ଷରେ ଶତକ ମାରିଥିଲେ। ଯାହାକି ଆଜି ପର୍ଯ୍ୟନ୍ତ ଆଇପିଏଲ୍‌ରେ ଦ୍ରୁତତମ ଶତକ ରେକର୍ଡ ହୋଇ ରହିଛି। ଅପରପକ୍ଷରେ ଚଳିତ ଆଇପିଏଲ୍‌ରେ ସୂର୍ଯ୍ୟବଂଶୀ ବର୍ତ୍ତମାନ ସୁଦ୍ଧା ପାଖାପାଖି ୪୯ ହାରରେ ମୋଟ୍ ୬୮୦ ରନ ସଂଗ୍ରହ କରିଛନ୍ତି। ଫଳରେ ସେ ଆଇପିଏଲ୍‌ରେ ଜଣେ ଅନକ୍ୟାପଡ୍ ଖେଳାଳି ଭାବେ ଗୋଟିଏ ସିଜନରେ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍ ହୋଇଛନ୍ତି। ପୂର୍ବରୁ ଜୟସ୍ୱାଲ ୨୦୨୩ରେ ୬୨୫ ରନ କରି ଏହି ରେକର୍ଡର ଅଧିକାରୀ ରହିଥିଲେ।



- ୨୪୩: ଆଇପିଏଲ୍‌ର ଗୋଟିଏ ସିଜନରେ ଶ୍ରେଷ୍ଠ ଷ୍ଟ୍ରାଇକରେଟ
- ୬୫: ଆଇପିଏଲ୍‌ର ଗୋଟିଏ ସିଜନରେ ସର୍ବାଧିକ ଛକା
- ୬୮୦: ଅନକ୍ୟାପଡ୍ ଖେଳାଳି ଭାବେ ଗୋଟିଏ ସିଜନରେ ସର୍ବାଧିକ ରନ
- ୧୬ ବଲ: ଆଇପିଏଲ୍ ପ୍ଲେ ଅଫ୍‌ରେ ଦ୍ରୁତତମ ଅର୍ଦ୍ଧଶତକ

**■ ଏଫ୍‌ଆଇଏଚ୍ ପ୍ରୋ ଲିଗ୍**

# ନେତୃତ୍ୱକୁ ଫେରିଲେ ହରମନପ୍ରୀତ୍; ଓଡ଼ିଶାରୁ ୩

ନୂଆଦିଲ୍ଲୀ, ୨୭।୫ (ଏଜେନ୍ସି): ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଆଗାମୀ ୟୁରୋପିଆନ ପର୍ଯ୍ୟାୟ ଲାଗି ବୁଧବାର ଭାରତୀୟ ପୁରୁଷ ହକି ଦଳ ଘୋଷଣା କରାଯାଇଛି। ଅଭିଜ୍ଞ ଡିଫେଣ୍ଡର ହରମନପ୍ରୀତ୍ ସିଂହ ଅଧିନାୟକ ପଦକୁ ଫେରିଛନ୍ତି। ତାଙ୍କୁ ଘୋଷିତ ୨୪ ଜଣିଆ ଦଳର ନେତୃତ୍ୱ ଭାର ଦିଆଯାଇଛି। ହରମନପ୍ରୀତ୍ ଏଥିପୂର୍ବରୁ ହୋବାର୍ଟ ଚରଣରେ ବ୍ୟକ୍ତିଗତ କାରଣ ଦର୍ଶାଇ ବିରତି ନେଇଥିଲେ। ସେହିଭଳି ସଦ୍ୟ ଘୋଷିତ ଦଳରେ ଓଡ଼ିଶାରୁ ୩ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଡିଫେଣ୍ଡର ଅମିତ ରୋହିଦାସ, ଅମନଦୀପ୍ ଲାକ୍ରା ଓ ଯୁବ ଫରୱାର୍ଡ ଶିଳାନନ୍ଦ ଲାକ୍ରା। ଭାରତୀୟ ଦଳ ଜୁନ ୧୪ରୁ ୨୧ ତାରିଖ ପର୍ଯ୍ୟନ୍ତ ରୋଟେରଡାମରେ ଘରୋଇ ନେଦରଲାଣ୍ଡସ ଓ ଜର୍ମାନୀ ବିପକ୍ଷରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଏହାପରେ ଭାରତୀୟ ଦଳ ଲଣ୍ଡନ ଗସ୍ତ କରିବ। ସେଠାରେ ଘରୋଇ ଇଂଲଣ୍ଡ ଓ ପାକିସ୍ତାନ ବିପକ୍ଷରେ ଜୁନ ୨୩ରୁ ୨୮ ତାରିଖ ମଧ୍ୟରେ ୪ଟି ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି।







**୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍**

# କଟକ, କେନ୍ଦୁଝର, ପୁରୀ ବିଜୟୀ

ଭୁବନେଶ୍ୱର, ୨୭।୫ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା ଦିନିକିଆ କ୍ରିକେଟ୍‌ରେ ବୁଧବାର ୩ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ କଟକ-ଏ ୪୯ ରନରେ ବାଲେଶ୍ୱରକୁ, କେନ୍ଦୁଝର ୮ ୱିକେଟରେ ଜଗତସିଂହପୁରକୁ ଏବଂ ପୁରୀ ୧୨୬ ରନରେ ଭଦ୍ରକକୁ ପରାସ୍ତ କରିଛି। ପୁରୀ ପକ୍ଷରୁ ମୟଙ୍କ ପଟ୍ଟନାୟକ ୨୨ ବଲରେ ୭୩ ରନ କରିବା ସହ ୩ଟି ୱିକେଟ ନେଇ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ସେହିଭଳି କେନ୍ଦୁଝରର ଅଭୟ ପ୍ରଧାନ ୫୦ ବଲରେ ୭୩ ଓ କଟକ-ଏ ବୈଭବ ମହାନ୍ତି ୨ଟି ୱିକେଟ୍ ଓ ଆୟୁଷ ମନ୍ତ୍ରୀ ୪୪ ରନ କରି ଦଳକୁ ବିଜୟୀ କରାଇଥିଲେ।

# ଅଲିମ୍ପିଆନ ସୁଟର୍ ରଣଧୀର ସିଂହଙ୍କ ପରଲୋକ

ନୂଆଦିଲ୍ଲୀ,୨୭।୫(ଏଜେନ୍ସି): ଏସୀୟ କ୍ରୀଡ଼ାର ଶୁଟିଂ ପ୍ରତିଯୋଗିତାରେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଥିବା ପ୍ରଖ୍ୟାତ ସୁଟର ତଥା କ୍ରୀଡ଼ା ପ୍ରଶାସକ ରଣଧୀର ସିଂହଙ୍କର ବୁଧବାର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୯ ବର୍ଷ ହୋଇଥିଲା। ସେ ଦୀର୍ଘ ଦିନ ଧରି ବାର୍ଦ୍ଧକ୍ୟଜନିତ ସମସ୍ୟା ସହ ଲଢୁଥିଲେ। ରଣଧୀର ୧୯୭୮ ବ୍ୟାଙ୍କକ୍ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଥିଲେ। ଏହାବାଦ ସେ ୧୯୮୨ରେ କାଂସ୍ୟ ଏବଂ ୧୯୮୬ ସଂସ୍କରଣରେ ରୌପ୍ୟ ପଦକ ହାସଲ କରିଥିଲେ। ରଣଧୀର ଭାରତ ପକ୍ଷରୁ ୫ ଥର ଅଲିମ୍ପିକ୍ସରେ ପ୍ରତିନିଧିତ୍ୱ କରିଥିଲେ। ୧୯୭୯ରେ ତାଙ୍କୁ ଅର୍ଜୁନ ପୁରସ୍କାର ମିଳିଥିଲା। ସେ ପ୍ରଥମ ଭାରତୀୟ ଭାବେ 'ଅଲିମ୍ପିକ୍ କାଉନ୍ସିଲ୍ ଅଫ୍ ଏସିଆ' (ଓସିଏ)ର ସଭାପତି ହୋଇଥିଲେ। ସ୍ୱାସ୍ଥ୍ୟଗତ କାରଣରୁ ସେ ନିକଟରେ ଏହି ପଦରୁ ଇସ୍ତଫା ଦେଇଥିଲେ। ସେ ଭାରତୀୟ ଅଲିମ୍ପିକ୍ ସଂଘର ସାଧାରଣ ସମ୍ପାଦକ ଏବଂ ଆନ୍ତର୍ଜାତୀୟ ଅଲିମ୍ପିକ୍ କମିଟିର ସଦସ୍ୟ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ତାଙ୍କ ପରିବାରର ଅନେକ ସଦସ୍ୟ ଦେଶ ପାଇଁ ଖେଳିଛନ୍ତି। ତାଙ୍କ ଝିଅ ରାଜେଶ୍ୱରୀ ମଧ୍ୟ ଜଣେ ସୁଟର। ସେ ୨୦୨୨ ଏସୀୟ କ୍ରୀଡ଼ାରେ ରୌପ୍ୟ ପଦକ ଜିତିଥିଲେ।



# ଫ୍ରେଞ୍ଚ ଓପନ୍ ଟେନିସ୍: ୩ୟ ରାଉଣ୍ଡରେ ସିନର, ସ୍ୱିଆଟେକ

ପ୍ୟାରିସ୍,୨୭।୫(ଏଜେନ୍ସି): ଫ୍ରେଞ୍ଚ ଓପନ ଟେନିସ ଟୁର୍ଣ୍ଣାମେଣ୍ଟର ପୁରୁଷ ଓ ମହିଳା ଏକକ ବିଭାଗ ପ୍ରତିଯୋଗିତାରେ ସିଡେଡ୍ ଖେଳାଳିଙ୍କ ବିଜୟଅଭିଯାନ ଜାରି ରହିଛି। ମହିଳା ଏକକରେ ତୃତୀୟ ସିଡ୍ ପୋଲାଣ୍ଡର ଇଗା ସ୍ୱିଆଟେକ ୬-୨, ୬-୩ ସଧାସଳଖ ସେଟ୍‌ରେ ଚେକ୍ ଗଣରାଜ୍ୟର ସାରାବେଜଲେକଙ୍କୁ, ୟୁକ୍ରେନର ଏଲିନା ଭିଟୋଲିନା ୬-୦, ୬-୪ ସେଟ୍‌ରେ ସ୍ପେନର କାଇଟଲିନ୍ କ୍ୱେଭେଡୋଙ୍କୁ, ଏକାଦଶ ସିଡ୍ ସ୍ୱିଜରଲାଣ୍ଡର ବେଲିଣ୍ଡା ବେନକିକ୍ ୬-୪, ୬-୦ ସେଟ୍‌ରେ ଆମେରିକାର କ୍ୟଶଟି ମ୍ୟାକନାଲିଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପଟେ ପୁରୁଷ ଏକକରେ ଟପ୍ ସିଡ୍ ଇଟାଲୀ ଜାନିକ ସିନର ୬-୧, ୬-୩, ୬-୪ ସେଟ୍‌ରେ ଫ୍ରାନ୍ସର କ୍ଲେମେଣ୍ଟ ଟାବୁରଙ୍କୁ, ଏକାଦଶ ସିଡ୍ ରୁଷିଆର ଆନ୍ଦ୍ରେ ରବୁଲେଭ ୬-୧, ୧-୬, ୬-୩, ୭-୬ ସେଟ୍‌ରେ ଆର୍ଜେଣ୍ଟିନାର କାମିଲୋ ଉଗୋ କାରାବେଲିଙ୍କୁ, ୧୩ତମ ସିଡ୍ ରୁଷିଆର କାରେନ ଖାଚାନୋଭ ୭-୬, ୫-୭, ୬-୧, ୭-୬ ସେଟ୍‌ରେ ଆର୍ଜେଣ୍ଟିନାର ମାର୍କୋ ଟ୍ରୁଙ୍ଗେଲିଟିଙ୍କୁ ହରାଇ ତୃତୀୟ ରାଉଣ୍ଡକୁ ଉଠିଛନ୍ତି।

# କଳିଙ୍ଗରେ ହେବ ୨୦୨୮ ଏସିଆନ୍ ଇନ୍‌ଡୋର୍ ଆଥ୍‌ଲେଟିକ୍ସ

ଭୁବନେଶ୍ୱର, ୨୭।୫ (ସମିସ): କଳିଙ୍ଗ ଷ୍ଟାଡିୟମ କ୍ରୀଡ଼ା ଇତିହାସରେ ଆଉ ଏକ ଫର୍ଦ୍ଦ ଯୋଡ଼ି ହେବାକୁ ଯାଉଛି। ଏସିଆନ ଇନଡୋର ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ର ଆଗାମୀ ସଂସ୍କରଣ ଆୟୋଜନ ଅଧିକାର କଳିଙ୍ଗ ଷ୍ଟାଡିୟମକୁ ମିଳିଛି। କଳିଙ୍ଗ ଷ୍ଟାଡିୟମ ପରିସରରେ ଥିବା ଦକ୍ଷିଣ ଏସିଆର ଏକମାତ୍ର ଇନଡୋର ଆଥଲେଟିକ୍ସ ଷ୍ଟାଡିୟମରେ ଏହା ୨୦୨୮ ମସିହା ଫେବୃଆରୀ ମାସରେ ଆୟୋଜିତ ହେବ। ଏସିଆନ ଆଥଲେଟିକ୍ସ ଆସୋସିଏସନ (ଏଏଏ) ପକ୍ଷରୁ କଳିଙ୍ଗ ଷ୍ଟାଡିୟମକୁ ଏହି ଆୟୋଜନ ଅଧିକାର ମିଳିଥିବା ନେଇ ବୁଧବାର ସୂଚନା ଦିଆଯାଇଛି। ହଂକଂରେ ଏଏଏ'ର କାଉନସିଲ ବୈଠକରେ ଯୋଗ ଦେଇଥିବା ଆଦିତ୍ୟ ସୁମରିୱାଲା କହିଛନ୍ତି ଯେ ଭାରତରେ ପ୍ରଥମଥର ଲାଗି ଏସିଆନ ଇନଡୋର ଆଥ୍‌ଲେଟିକ୍ସ ଚାମ୍ପିଅନସିପ ଆୟୋଜିତ ହେବ। ଗତବର୍ଷ ଏଥିଲାଗି ଭାରତୀୟ ଆଥଲେଟିକ ମହାସଂଘ ପକ୍ଷରୁ ବିଡ୍ ଦାଖଲ କରାଯାଇଥିଲା। ପୂର୍ବରୁ ଦୁଇ ଦୁଇଥର ହକି ବିଶ୍ୱକପ୍, ଜୁନିଅର ମହିଳା ଫିଫା ବିଶ୍ୱକପ୍, ଏସିଆନ୍ ଆଥଲେଟିକ୍ସ ଚାମ୍ପିଅନସିପ୍ ଭଳି ପ୍ରମୁଖ ଇଭେଣ୍ଟ ଆୟୋଜନ କରିଥିବା କଳିଙ୍ଗରେ ଏବେ ଆଉ ଏକ ବଡ଼ ପ୍ରତିଯୋଗିତା ଦେଖିବାକୁ ମିଳିବ।

ଉଲ୍ଲେଖଯୋଗ୍ୟ ଏସିଆନ ଇନଡୋର ଆଥ୍‌ଲେଟିକ୍ସ ଚାମ୍ପିଅନସିପ ପରେ କଳିଙ୍ଗ ଷ୍ଟାଡିୟମରେ ବିଶ୍ୱ ଇନଡୋର ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ମଧ୍ୟ ଅନୁଷ୍ଠିତ ହେବ। ଏହି ମେଗା ଇଭେଣ୍ଟ ଆୟୋଜନ ଲାଗି ନିକଟରେ କଳିଙ୍ଗକୁ ଅଧିକାର ମିଳିସାରିଛି। ମାର୍ଚ୍ଚ ୩ରୁ ୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି ଇନଡୋର ଚାମ୍ପିଅନସିପରେ ବିଶ୍ୱର ପ୍ରମୁଖ ଷ୍ଟାର ଆଥଲେଟଙ୍କୁ ଦେଖିବାକୁ ମିଳିବ।

**■ ଜାତୀୟ ସବ୍‌ଜୁନିଅର ବେସ୍‌ବଲ୍**

# ବାଳିକା ସେମିରେ ଓଡ଼ିଶା



ଭୁବନେଶ୍ୱର, ୨୭।୫ (ସମିସ): କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ୩୧ତମ ଜାତୀୟ ସବ୍-ଜୁନିଅର ବେସବଲ୍ ଚାମ୍ପିଅନସିପର ସେମିଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଛି। ବାଳିକା ବିଭାଗରେ ଆନ୍ଧ୍ର ପ୍ରଦେଶ-ମହାରାଷ୍ଟ୍ର ଏବଂ ଓଡ଼ିଶା-ଛତିଶଗଡ଼ ମଧ୍ୟରେ ସେମିଫାଇନାଲ ଖେଳାଯିବ। ସେହିଭଳି ବାଳକ ବିଭାଗରେ ପଞ୍ଜାବ-ମହାରାଷ୍ଟ୍ର ଓ ଛତିଶଗଡ଼-ଦିଲ୍ଲୀ ସେମିଫାଇନାଲରେ ପରସ୍ପରକୁ ଭେଟିବେ। ବୁଧବାର ଅନୁଷ୍ଠିତ ବାଳିକା ବିଭାଗ କ୍ୱାର୍ଟର ଫାଇନାଲରେ ଓଡ଼ିଶା ୧୭-୧୧ ସ୍କୋରରେ ତେଲଙ୍ଗାନାକୁ ପରାସ୍ତ କରିଥିଲା। ସେହିଭଳି ମହାରାଷ୍ଟ୍ର ୫-୧ରେ କେରଳକୁ, ଛତିଶଗଡ଼ ୨-୦ରେ ପଞ୍ଜାବକୁ ଏବଂ ଆନ୍ଧ୍ର ପ୍ରଦେଶ ୧୬-୦ରେ ହରିୟାଣାକୁ ହରାଇ ସେମିଫାଇନାଲକୁ ପ୍ରବେଶ କରିଥିଲା। ତେବେ ବାଳକ ବିଭାଗ କ୍ୱାର୍ଟର ଫାଇନାଲରେ ଓଡ଼ିଶାକୁ ୧୩-୦ରେ ହରାଇ ମହାରାଷ୍ଟ୍ର ସେମିରେ ସ୍ଥାନ ପକ୍କା କରିଥିଲା। ଅନ୍ୟ ୩ଟି କ୍ୱାର୍ଟର ଲଢ଼େଇରେ ଦିଲ୍ଲୀ ୧୨-୦ରେ ଗୁଜରାଟକୁ, ପଞ୍ଜାବ ୯-୧ରେ ଆନ୍ଧ୍ର ପ୍ରଦେଶକୁ ଓ ଛତିଶଗଡ଼ ୧୫-୦ରେ ରାଜସ୍ଥାନକୁ ହରାଇଥିଲା। ବେସ୍‌ବଲ୍ ଆସୋସିଏସନ ଅଫ୍ ଓଡ଼ିଶା ଓ ଆମେଚର ବେସବଲ୍ ଫେଡେରେସନ ଅଫ୍ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଚାମ୍ପିଅନସିପ୍ ଶୁକ୍ରବାର ଉଦଯାପିତ ହେବ।

**ମାଇକେଲ କିଣ୍ଡୋ ସର୍ବଭାରତୀୟ ମହିଳା ହକି**

# ଦକ୍ଷିଣ-ପୂର୍ବ ରେଳବାଇ ଚାମ୍ପିଅନ

ଭୁବନେଶ୍ୱର, ୨୭।୫ (ସମିସ):

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଦ୍ୱିତୀୟ ସର୍ବଭାରତୀୟ ମାଇକେଲ କିଣ୍ଡୋ ସ୍ମାରକୀ ମହିଳା ହକି ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ସପ୍ତାହେ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ଦକ୍ଷିଣ ପୂର୍ବ ରେଳବାଇ ଚାମ୍ପିଅନ ହୋଇଛି। ଫାଇନାଲରେ ରେଳବାଇ ଦଳ ୩-୧ ଗୋଲରେ ସାଇ କୋଲକାତାକୁ ପରାସ୍ତ କରିଛି। ଏଥିପୂର୍ବରୁ ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମ୍ୟାଚରେ ଦକ୍ଷିଣ-ପୂର୍ବ ରେଳବାଇ ୪-୨ ଗୋଲ୍‌ରେ ସିଆଇଏସଏଫ'କୁ ପରାସ୍ତ କରିଥିଲା। ସେହିଭଳି ଅନ୍ୟ ଏକ ସେମିଫାଇନାଲରେ ସୁନ୍ଦରଗଡ଼ କ୍ରୀଡ଼ା ଛାତ୍ରାବାସକୁ ହରାଇ ସାଇ କୋଲକାତା ଫାଇନାଲରେ ସ୍ଥାନ ପକ୍କା କରିଥିଲା। ଚାମ୍ପିଅନ ଦକ୍ଷିଣ ପୂର୍ବ ରେଳବାଇ ଦଳକୁ ଟ୍ରଫି ସହ ଏକ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ସେହିଭଳି ରନର୍ସଅପ୍ ହୋଇଥିବା ସାଇ ମହିଳା ହକି ଦଳକୁ ୫୦ ହଜାର ଟଙ୍କା ଦିଆଯାଇଥିଲା।

ଭୁବନେଶ୍ୱର ହକି କ୍ଲବ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ଏହି ଚାମ୍ପିଅନସିପ୍‌ରେ ଦେଶର ଶ୍ରେଷ୍ଠ-୮ଟି ମହିଳା ଦଳ ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଟୁର୍ଣ୍ଣାମେଣ୍ଟର ମୁଖ୍ୟ ପରାମର୍ଶଦାତା ଅଲିମ୍ପିଆନ ଦିଲୀପ ତିର୍କୀ, ଟ୍ରଷ୍ଟର ଅଧ୍ୟକ୍ଷ କ୍ୟାପଟେନ ରତିକାନ୍ତ ନାୟକ, ସଭାପତି କ୍ୟାପଟେନ ବିଶ୍ୱବିଜୟ ସାହୁ, ସମ୍ପାଦକ ରଞ୍ଜନ କୁମାର ଦାସ, ପରାମର୍ଶଦାତା ଡ. ଶେଷ କିଶାନ ପ୍ରମୁଖ ଉପସ୍ଥିତ ରହିଥିଲେ।




**■ ସର୍ବଭାରତୀୟ ଗୋଲ୍ଡ କପ୍ କ୍ରିକେଟ୍**

# ଗୌରବଙ୍କ ଶତକ ବୃଥା; ଓଡ଼ିଶାର ହ୍ୟାଟ୍ରିକ୍ ପରାଜୟ

ଭୁବନେଶ୍ୱର, ୨୭।୫ (ସମିସ): ଓଡ଼ିଶା ଇମର୍ଜିଂ ଦଳ ଉତ୍ତରାଖଣ୍ଡରେ ଚାଲିଥିବା ସର୍ବଭାରତୀୟ ଆମନ୍ତ୍ରଣୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଗୋଲ୍ଡ କପ୍‌ରେ ଏହାର ପରାଜୟଧାରା ଜାରି ରଖିଛି। ବୁଧବାର ମହାରାଣା ପ୍ରତାପ ସ୍ପୋର୍ଟ୍ସ କଲେଜ ଗ୍ରାଉଣ୍ଡରେ ଖେଳାଯାଇଥିବା ଏକ ମ୍ୟାଚରେ ଦିଲ୍ଲୀ ଆଣ୍ଡ ଡିଷ୍ଟ୍ରିକ୍ଟ କ୍ରିକେଟ୍ ଆସୋସିଏସନ ୬ ୱିକେଟ୍‌ରେ ଓଡ଼ିଶା ଯୁବ ଦଳକୁ ପରାସ୍ତ କରିଛି। ଫଳରେ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ହ୍ୟାଟ୍ରିକ ପରାଜୟର ସମ୍ମୁଖୀନ ହୋଇଛି। ଏଥିପୂର୍ବରୁ ଓଡ଼ିଶା ୫ ୱିକେଟରେ ସିଏଜିଠାରୁ ଓ ପ୍ରଥମ ଦିବସରେ ଆୟୋଜକ ଉତ୍ତରାଖଣ୍ଡ ନିକଟରୁ ପରାସ୍ତ ହୋଇଥିଲା।

ବୁଧବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୯ ୱିକେଟ ହରାଇ ୩୦୯ ରନ କରିଥିଲା। ଗୌରବ ଚୌଧୁରୀ ୧୨୯ ବଲରେ ୧୫୪ ରନର ଦ୍ରୁତ ଶତକୀୟ ପାଳି ଖେଳିଥିଲେ। ଦିଲ୍ଲୀର ରୋନକଙ୍କୁ ୪ଟି ଓ ଉଧବ ମୋହନଙ୍କୁ ୩ଟି ୱିକେଟ୍ ମିଳିଥିଲା। ଜବାବରେ ଦିଲ୍ଲୀ ୪୬.୨ ଓଭରରେ ୪ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପକ୍ଷରୁ ଆୟୁଷ ଦୋସେଜା ୯୭ ଓ ଯଶ ଭାଟିଆ ୮୪ ରନ କରିଥିଲେ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS